ଟ.: ୨୫

ଆମରି ସତ୍ୟ

AMARI SATYA

RNI Regn. No. - 107608/2010
Postal Regd. No. : PURI-33/2019-21
ଦଶମ ବର୍ଷ, ଦଶମ, ଏକାଦଶ ଓ ଦ୍ୱାଦଶ ସଂଖ୍ୟା
ମାସିକ, ଅପ୍ରେଲ, ମଇ ଓ ଜୁନ୍ - ୨୦୨୦, ପୃଷ୍ଠା ସଂଖ୍ୟା ୫୨

କୋଭିଡ୍-୧୯

ତାଲା ବନ୍ଦ

MO Shop
All In One Shop

NOW DAILY ESSENTIALS WOULD BE DELIVERED AT YOUR DOORSTEP WITH YOUR OWN SHOP "MO SHOP " #YOURSHOP #MOSHOP

MoShop Jatani's best online Food & Grocery Store.

Selling Gorcery, Dairy, Vegetables, Chicken, Egg, Fish, Meat & Fruits

No Worry to Carry all the heavy bags, you stay at home and spend precious time with your near & dear ones

#YOURSHOF #MOSHOP

FREE HOME DELIVERY ORDER ABOVE RS 200

ORDER NOW

Mo Shop.in or you can download the application from play store You can place your order in whatsapp at - 9937532222

ପ୍ରତିଷ୍ଠାତା
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

ସମ୍ପାଦକ
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

ସହ ସମ୍ପାଦକ
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

ସଂଯୋଜକ
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

ପରିଚାଳନା ସଂଯୋଜକ
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୂପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା
ରାଜୀବ ରଥ
୭୯୭୮୭୧୫୧୪୯

ଆମରି ସତ୍ୟ

AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଦଶମ ବର୍ଷ - ଦଶମ/ଏକାଦଶ/ଦ୍ୱାଦଶ ସଂଖ୍ୟା - ଅପ୍ରେଲ୍,ମଇ ଓ ଜୁନ୍, ୨୦୨୦

ଯୋଗାଯୋଗ:

ମୁଖ୍ୟ କାର୍ଯ୍ୟାଳୟ
'ଆମରିସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

ଭୁବନେଶ୍ୱର କାର୍ଯ୍ୟାଳୟ -
ଶ୍ରୀମତୀ ରୁନା ମହାପାତ୍ର
ପ୍ଲଟ ନ-୧୦୭୧/ପି,ଲେନ ନ-୪,ଶତାବ୍ଦୀ ନଗର
ଭୁବନେଶ୍ୱର-୩ ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

ଜଟଣୀ କାର୍ଯ୍ୟାଳୟ -
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳି କଲୋନୀ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ମୋ-୯୩୩୮୨୨୧୩୭୪

ଗ୍ରାହକମାନଙ୍କ ପାଇଁ ସୂଚନା

୧. ପ୍ରତି ଖଣ୍ଡ ଦେୟ	ଟ.୨୫/-
୨. ବାର୍ଷିକ ଦେୟ	ଟ.୨୫୦/-
୩. ୨ବାର୍ଷିକ ଦେୟ	ଟ.୪୫୦/-
୪. ୩ ବାର୍ଷିକଦେୟ	ଟ.୬୫୦/-
୫. ଆଜୀବନ ସଦସ୍ୟ	ଟ.୩୦୦୦/-

(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ)

ପରାମର୍ଶଦାତା ମଣ୍ଡଳୀ
ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
ଡ. ନାରାୟଣ ରାଓ
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
ଡ. ଅଭୟ କୁମାର ନାୟକ
କୁଳସଚିବ ,ନାଇଜର, ଭୁବନେଶ୍ୱର
ଡ.ଶରଚ୍ଚନ୍ଦ୍ର ମହାପାତ୍ର
ପୂର୍ବତନ ଅଧକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
ଡା. ଧନେଶ୍ୱର ସାହୁ
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
ଶ୍ରୀ ଭୀମସେନ ପ୍ରଧାନ
ଶିକ୍ଷାବିତ୍, ଖୋରଧା।
ଶ୍ରୀ ଅନୀଲ କୁମାର ଶତପଥୀ
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
ଡ.ବିଷ୍ଣୁ ଚରଣ ସାହୁ
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର।
ଡ. ଗୌରୀ ଶଙ୍କର ପ୍ରହରାଜ
ପୂର୍ବତନ ଅଧକ୍ଷ, ଭୁବନେଶ୍ୱର୍।
ଶ୍ରୀ ଜବାହରଲାଲ ସୁବୁଦ୍ଧି
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ,
ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ
ସାହିତ୍ୟିକ, ଖୋରଧା

ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। **IFSC-SBIN0012027, MICR-752002151**

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।

AMARISATYA
AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in Email:amarisatya@gmail.com / amarisatya@rediffmail.com

ସୂଚୀପତ୍ର

କ୍ର.ସଂ.	ବିଷୟ	ଲେଖକ	ପୃଷ୍ଠା
୧.	ସକାଳ ବନ୍ଦନା :	ରମେଶ ମଙ୍ଗରାଜ	୦୪
୨.	ସମ୍ପାଦକୀୟ		୦୫
୩.	ହିତ ବାଣୀ		୦୬
୪.	ପ୍ରବାସୀ ଶ୍ରମିକ	ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ	୦୭
୫.	ବିଜ୍ଞାନ ବିଚିତ୍ରା	ଡକ୍ଟର ପ୍ରେମଚାନ୍ଦ ମହାନ୍ତି	୦୮
୬.	ସଂକଟ ନୁହେଁ ସମ୍ଭାବନା	ତୁଳସୀ ଜୈନ	୧୧
୭.	ସ୍ମୃତି	ସୌମେନ୍ଦ୍ର ମିଶ୍ର	୧୨
୮.	ଶରତଚନ୍ଦ୍ରଙ୍କ ଶ୍ୱାନପ୍ରୀତି	ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ	୧୩
୯.	ଧୈର୍ଯ୍ୟ : ଜୀବନର ଆଧାର	ଡ. ଗୁରୁପ୍ରସାଦ ମହାପାତ୍ର	୧୫
୧୦.	ସ୍ୱଚ୍ଛତା	ଆରତି ମଞ୍ଜରୀ ଦାଶ	୧୬
୧୧.	ବ୍ୟାୟାମ ଓ ରୋଗ ପ୍ରତିରୋଧକ ଶକ୍ତି	ଡକ୍ଟର ମୁରାରି ମୋହନ ଦାଶ	୧୭
୧୨.	ବହି ସାଥୀ ଆମର	ଶାନ୍ତିଲତା ସାହୁ	୧୮
୧୩.	କୃତଜ୍ଞତାର ପରିଭାଷା- ୧	ସତ୍ୟନାରାୟଣ ସାମନ୍ତରାୟ	୧୯
୧୪.	ରିଷି	ଡ. ସୁକାନ୍ତି ତ୍ରିପାଠୀ	୨୦
୧୫.	କରୋନା ଭାଇରସ	ଡା: ଧନେଶ୍ୱର ସାହୁ	୨୧
୧୬.	ତୁମକୁ ତ ଖୋଜିବାରେ	ଡ. ଲାବଣ୍ୟଚନ୍ଦ୍ର ସାହୁ	୨୩
୧୭.	ସୁଜି ଗାଜର ହାଲୁଆ	ସୌମିତ୍ରା ହରିଚନ୍ଦନ	୨୩
୧୮.	ଧୂମପାନକାରୀ ପାଆନ୍ତି କଷ୍ଟ	ବିଭୂତି ଭୂଷଣ ସେନାପତି	୨୪
୧୯.	ଉତ୍କଳର ମହାପରାକ୍ରମଶାଳୀ ଶାସକ ଗଜପତି କପିଳେନ୍ଦ୍ର ଦେବ	ସତ୍ୟବାଦୀ ବଳିଆରସିଂହ	୨୫
୨୦.	ପ୍ରତିଶ୍ରୁତି - ମାଳପାଣି	ଅଜୟ କୁମାର ସାହୁ	୨୯
୨୧.	ମୋ ଲୁହରେ “ବାପା”	ଝରଣା ନାଏକ	୨୯
୨୨.	ଚୀନା ଅସୁର “କରୋନା”	ପ୍ରିୟମ୍ବଦା ସାହୁ	୩୦
୨୩.	ଶିକ୍ଷା ଉନ୍ମେଷ	ଡ. ବିଷ୍ଣୁଚରଣ ସାହୁ	୩୧
୨୪.	ହାଣ୍ଡିଶାଳରେ ବିପ୍ଳବ	ସୁଧାଂଶୁ ମିଶ୍ର	୩୨
୨୫.	ଆମ ଓଡ଼ିଶାର ଦରଦୀ ପ୍ରଧାନମନ୍ତ୍ରୀ	ରବୀନ୍ଦ୍ରନାଥ ପ୍ରଧାନ	୩୩
୨୬.	ରୂପ ନୁହେଁ ଗୁଣହିଁ ପୂଜିତ କରେ	ଡ. ନାମଯଜ୍ଞ ମିଶ୍ର	୩୪
୨୭.	୨୦୨୦ର ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ	ଆଶିଷ କୁମାର ରାୟ	୩୧
୨୮.	**ପିଲାଙ୍କ ଆମରିସତ୍ୟ**		୩୭-୪୧
୨୯.	ଉତ୍କଳ ଗୌରବ ମଧୁସୂଦନ ଦାସ	ତ୍ରିଲୋଚନ ମହାପାତ୍ର	୩୭
୩୦.	ମାଟିଆ ଭାଲୁ	ମନୋଜ କୁମାର ମହାପାତ୍ର	୪୧
୩୧.	ସମ୍ବାଦ ବିଚିତ୍ରା		୪୨
୩୨.	ସାଧାରଣ ଜ୍ଞାନ		୪୩-୫୦



ସକାଳ ବନ୍ଦନା : ସଂଜପ୍ରାର୍ଥନା
(୪୮)

ରମେଶ ମଙ୍ଗରାଜ

ଟାଣପଣ କିଆଁ କରିବି ପ୍ରଭୁ ହେ’
ତୁମପାଖେ ମୋର ମନଟି ଥାଉ
ଟଙ୍କ ତୋରାଣିକି ଆଶରା କରିଛି
ପେଟ ରଖଣ୍ଡକ ସାଧୁଛି ଦାଉ । ॥୦॥
ଟଙ୍କା ସୁନା ମୋର ଲୋଡ଼ାନାହିଁ ପ୍ରଭୁ
ଧନ ଦଉଲତ ସବୁ ତୁଚ୍ଛ
ଟିକି ମନମୋର ଯେତିକି ଜାଣିଛି
ତମେ ସତ ଆଉ ସବୁ ମିଛ
ଟୁଙ୍ଗି ରଳିଆରେ ଭଲରେ ରହିଛି
ଉଆସ କାହିଁକି ମାଗିବି ଆଉ । ॥୧॥
ଟାଣପଣ କିଆଁ...........
ଟାହି ଟାପରାକୁ ନିଜର କରିଛି
ଯିଏ ଯାହା କହୁ ଦୁଃଖନାହିଁ
ଟାଆଁସା କଥାକୁ ଯେତେ ମୁଁ ସହିଛି
କାଳିଆ ସାଆନ୍ତେ ତମପାଇଁ
ଟେକି ଧରିଛି ମୁଁ ତମ ଯଶ ବାନା
ତମ ପାଇଁ ଏଇ ଜୀବନ ଥାଉ । ॥୨॥
ଟାଣ ପଣକିଆଁ..........

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା
ଖୋର୍ଦ୍ଧା - ୭୫୨୦୫୪
ମୋ - ୯୧୭୮୬୨୬୨୮୦

ଉତ୍ପୀଡନର ଅଗ୍ନିକଣାକୁ ଅତ୍ୟାଚାରୀ ନିଜ ପଣତରେ ଲୁଚାଇ ରଖିଥାଏ ।(ଜୟଶଙ୍କର ପ୍ରସାଦ)

ସମ୍ପାଦକୀୟ....



ବିଶ୍ୱରେ କରୋନା ମାତିଛି ! କାୟା ବିସ୍ତାରି ଚାଲିଛି କରୋନା । ଦେଶ ପରେ ଦେଶ, ମହାଦେଶରୁ ମହାଦେଶ ଏପରିକି ମହାସାଗରକୁ ମଧ୍ୟ ଗ୍ରାସ କରିବାକୁ ଧାଇଁଚାଲିଛି । କରୋନାର ଭୀଷଣ ବିଭୀଷିକା ବିଶ୍ୱର ଅସ୍ଥି ଦୋହଲେଇ ତା ଭିତରର ମଜ୍ଜାକୁ ଭେଦ କରିବାକୁ ଆଗେଇ ଚାଲିଛି । ଏପରିସ୍ଥଳେ, କରୋନାର ବର୍ତ୍ତମାନ ଆଉ ଭବିଷ୍ୟତକୁ ନେଇ ସାରା ବିଶ୍ୱରେ ଚିନ୍ତା ବଢ଼ିବଢ଼ି ଚାଲିଛି ।

କରୋନା ମହାମାରୀ ଆଜି ସାବ୍ୟସ୍ତ ହୋଇଛି କରୋନା ବିଶ୍ୱମାରୀରେ ! ସମଗ୍ର ବିଶ୍ୱରେ ଦୁଇଶହରୁ ଅଧିକ ଦେଶକୁ ଏଇ ଭୂତାଣୁ ସଂକ୍ରମିତ ହୋଇ ଜନଜୀବନକୁ ଏକ ଅଦ୍ଭୁତ ଭୟଙ୍କର ବାତାବରଣ ଭିତରକୁ ଠେଲିଦେଇଛି । ବ୍ୟକ୍ତିଠାରୁ ବ୍ୟକ୍ତି ଦୂରେଇ ଯାଇଛି । କେହି କାହାକୁ ଛୁଇଁବାକୁ, କୋଳେଇନବାକୁ, ଆତ୍ମୀୟତା ପ୍ରକାଶ କରିବାକୁ ଘୋର ପ୍ରତିବନ୍ଧ ଲାଗିଯାଇଛି । ସମସ୍ତେ ସମସ୍ତଙ୍କ ପାଇଁ ଅସ୍ପୃଶ୍ୟ ଓ ଅଦରକାରୀ ପାଲଟିଯାଇଛନ୍ତି । ସମସ୍ତେ ସମସ୍ତଙ୍କଠାରୁ ଦୂରେଇ ରହିବାକୁ ପ୍ରତିଜ୍ଞା କରିଛନ୍ତି ଯେମିତି । ଦୂରେଇ ରହିଲେ ସଭିଙ୍କ ମଙ୍ଗଳ ବୋଲି ସମସ୍ତେ ଧରିନେଇଛନ୍ତି । ସୃଷ୍ଟି ଆରମ୍ଭରୁ ବୋଧହୁଏ ମଣିଷ ସମାଜ ପାଇଁ ଏପରି ବିଡ଼ମ୍ବନା କେବେ ଦେଖାଯାଇନଥିଲା ।

ସମଗ୍ର ଜୀବଜଗତ ମଧ୍ୟରେ କେବଳ ମଣିଷ ହେଉଛି ସାମାଜିକ ଜୀବ । ସେ ସମାଜ ବାନ୍ଧି ସମାଜ ଭିତରେ ରହେ । ପାରସ୍ପରିକ ସହଯୋଗ, ସହାବସ୍ଥାନ, ସହଭାଗିତା ଓ ସହବନ୍ଧନ ହେଉଛି ସମାଜର ପରିଭାଷା । ସମାଜକୁ ବାଦ ଦେଲେ ମଣିଷ ହୋଇଯାଏ ବଣ ମଣିଷ ଓ ମଣିଷକୁ ବାଦ ଦେଲେ ସମାଜର ସ୍ଥିତି ହୋଇଯାଏ କଳ୍ପନା ରହିତ । ସମାଜ ଓ ମଣିଷ ପରସ୍ପରର ପରସ୍ପର ସହିତ ଏକ ନିସର୍ତ୍ତ ସମର୍ଥନ ଥାଏ । ଏହି ସମର୍ଥନକୁ ଆଧାରକରି ସମାଜ ଓ ମଣିଷ କାହିଁ କୋଉ ପୂରାକାଳରୁ ଅନେକ ସଭ୍ୟତାର ଉତ୍ଥାନ, ପତନ ଓ ପୁନରୁଥାପନ ସହିତ ପାଦ ମିଳାଇ ଚାଲିଆସିଛି । ଯାହା ହୋଇଛି ତାହା କେବଳ ସମାଜ ଓ ମଣିଷର ପରିପୂରକତା ପାଇଁ ।

ମାତ୍ର ଏହି ପରିପୂରକତାର ଗୋଟିଏ ନିର୍ଦ୍ଦିଷ୍ଟ ମାତ୍ରା ଥାଏ ଏବଂ ତାହା ବି କାଳ ଦ୍ୱାରା ନିର୍ଣ୍ଣିତ ହୋଇଥାଏ । ଏହି ମାତ୍ରାରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ସମାଜରେ ବିଘଟନ ସୃଷ୍ଟି ହୁଏ । ସମାଜରେ ବିଘଟନ ସୃଷ୍ଟି ହେଲେ, ତାହା ପରିବେଶକୁ ଆକ୍ରାନ୍ତ କରେ । ପରିବେଶ ବିଷାକ୍ତ ହୁଏ । ପବନର ପୀୟୂଷରୁ ବିଷ ଝରେ । ଜଳର କଲ୍ଲୋଳ କର୍ଦ୍ଦମାକ୍ତ ହୁଏ । ଆଲୋକର ଔଜ୍ଜ୍ୱଲ୍ୟରେ କାଳିମା ଜମେ ଏବଂ ମାଟିର ମହକରେ ତିକ୍ତତା ଜମାଟ ବାନ୍ଧେ । ଏହା କାଳର କାଳକାଳ ପାଇଁ ଏକ ସଚରାଚର ଓ ଚରମ ବାର୍ତ୍ତା । ଏହାକୁ କେବଳ ମଣିଷ ଜାଗତିଆର ହୋଇ ଜଗିବା କଥା ଓ ସାରା ଜୀବଜଗତର ପ୍ରାଣରକ୍ଷା କରିବା କଥା । କିନ୍ତୁ ମଣିଷ ଏହି ମାତ୍ରାକୁ ସଠିକ ଭାବେ ବିନିଯୋଗ କରିପାରେନି ଓ ନିଜ ସହିତ ଅନ୍ୟମାନଙ୍କ ପାଇଁ ବିପଦକୁ ଡାକିଆଣେ ।

କାଳେକାଳେ ମଣିଷର ଅଦୂରଦର୍ଶୀତା ମଣିଷକୁ ଧର୍ମସଂକଟରେ ପକାଇଆସିଛି । ମଣିଷ ଧର୍ମଛଡ଼ା ହୋଇଛି । ଧର୍ମ କଳୁଷିତ ହୋଇଛି । ସେହିଭଳି ଆଜି ବିଶ୍ୱର ପାରିବେଶିକ ଧର୍ମ କଳୁଷିତ ହୋଇଛି । ସେଥିରୁ ସୃଷ୍ଟି ହୋଇଛି ବ୍ରହ୍ମରାକ୍ଷସ - କରୋନା । ଏହା ବି କାଳର ନିୟମ ! ଏମିତି ବି ଘଟିଚାଲିଛି କାଳକାଳରୁ । ବିଶ୍ୱରେ ଆତଙ୍କ ଖେଳାଇଚାଲିଥିବା କୌଣସି ବି ସତ୍ତା ତାର ସ୍ଥାୟିତ୍ୱକୁ ଦୀର୍ଘସ୍ଥାୟୀ କରିପାରିନି । ଅଚିରେ ତାର ବିଲୋପ ଘଟିଛି । କରୋନାର ବି ବିଲୋପ ଘଟିବ । ବିଶ୍ୱରେ ପୁଣି ଶାନ୍ତି ଫେରିଆସିବ । ମଣିଷ ତାର ଜୀବନ ଓ ଜୀବିକାକୁ ପୁଣି ସ୍ୱାଭାବିକ କରିବ । ପରସ୍ପର ଭିତରେ ସୃଷ୍ଟି ହୋଇଥିବା ସାମୟିକ ଦୂରତ୍ୱର ଅନ୍ତ ଘଟିବ । ମାତ୍ର, ଏହା ସମାଜକୁ ଏକ ବୃହତ୍ତର ଦିଗ୍‌ଦର୍ଶନ ଦେବ, ଯାହା ମଣିଷର ସାର୍ବଭୌମ ଅଧିକାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବ !

ସେ ମଣିଷକୁ ଚେତେଇଦେବ, ରେ ମଣିଷ ! ତୁ କେବେ ବି ବିଶ୍ୱର ସାର୍ବଭୌମ ଅଧୀଶ୍ୱର ନୁହଁ । ତୋତେ ଯେତିକି ଅଧିକାର ଦିଆଯାଇଛି, ସେହି ସୀମିତ ଇଲାକାକୁ ନେଇ ପ୍ରାକୃତିକ ପରିବେଶ ଭିତରେ ନିଜକୁ ଗତିଶୀଳ କରିବାକୁ ଚେଷ୍ଟା କର । ପ୍ରକୃତି ପ୍ରତି ସହାନୁଭୂତିଶୀଳ ହୁଅ । ଅନ୍ୟ ପ୍ରତି ସମ୍ବେଦନଶୀଳ ହୁଅ । ତାରି ଭିତରୁ ଶାନ୍ତି ଖୋଜ । ଅନ୍ୟଥା, ପ୍ରକୃତିର ଭୀମକାନ୍ତ ରୂପର ଭବିଷ୍ୟତ ସମ୍ଭାବନାକୁ ଅପେକ୍ଷାକର, ଯାହା ହେବ କରୋନାଠାରୁ ଆହୁରି ଭୟଙ୍କର ଆହୁରି ମାରାତ୍ମକ ଏବଂ ଆତ୍ମଘାତୀ ବି !

ଡ. ପ୍ରସନ୍ନ କୁମାର ଜେନା

ହିତ ବାଣୀ



ଗୀତା

ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ଯଃ।
ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା । ୫/୧୦

ଯେଉଁ ପୁରୁଷ ସକଳ କର୍ମ ପରମାତ୍ମାଙ୍କଠାରେ ଅର୍ପଣ କରି ଓ ଆସକ୍ତି ତ୍ୟାଗ କରି କର୍ମ କରନ୍ତି, ପଦ୍ମପତ୍ର ଯେପରି ଜଳଦ୍ୱାରା ଲିପ୍ତ ହୁଏନାହିଁ, ସେହି ପୁରୁଷ ସେପରି ପାପଦ୍ୱାରା ଲିପ୍ତ ହୁଅନ୍ତି ନାହିଁ।

ନେଲସନ ମଣ୍ଡେଲା

ଆପଣ କୌଣସି କାମରେ ସେତେବେଳେ ସଫଳ ହୋଇପାରିବେ ଯେତେବେଳେ ସେହି କାମକୁ ନେଇ ଗର୍ବ ଅନୁଭବ କରିବେ।

ଭାଗବତ ବାଣୀ

ସ୍ୱଧର୍ମେ ଯାର ନିଷ୍ଠା ଥିବ
ସେ ପରନିନ୍ଦା ନ କରିବ॥

ଚାଣକ୍ୟ ନୀତି

**ଜନିତା ଚୋପନେତା ଚ ଯସ୍ତୁ ବିଦ୍ୟାଂ ପ୍ରୟଚ୍ଛତି।
ଅନ୍ନଦାତା ଭୟତ୍ରାତା ପଂଚୈତା ପିତରଃ ସ୍ମୃତ।**

ଏଠାରେ ଏହି ଶ୍ଳୋକରେ ଆଚାର୍ଯ୍ୟ ଚାଣକ୍ୟ ସଂସ୍କାର ଦୃଷ୍ଟିକୋଣରୁ ଏହି ସଂସାରରେ ପାଂଚ ପ୍ରକାରର ପିତା ରହିଥାନ୍ତି ବୋଲି କହିଛନ୍ତି। ଯେପରି - ଜନ୍ମଦାତା, ଉପନୟନର ସଂସ୍କାର କର୍ତ୍ତା, ବିଦ୍ୟାଦାତା, ଅନ୍ନଦାତା ତଥା ଭୟତ୍ରାତା। ଏହି ପାଂଚଜଣଙ୍କୁ ପିତା ବୋଲି କୁହାଯାଇଥାଏ।

ଢଗ ଢମାଳି

ଡ଼ୋଲିକ ଚଉଳ ଓଳିକେ ଖାଇଲା
ଦାନ୍ତ ଅଛି ଦରଘଷା।
(ମନହେଲେ ଯେତେବେଳେ ନାଇଁ, ସେତେବେଳେ ପେଟଭର୍ତ୍ତି କରି ଖାଉଥିବା ନାରୀଟିଏ ଉପାସ ଅଛି ବୋଲି କହି ବୁଲିବା ଅନ୍ୟମାନଙ୍କୁ ହସେଇଥାଏ।)

ପ୍ରଜାପିତା ବ୍ରହ୍ମାକୁମାରୀ -

ଯେଉଁ ଘରେ କ୍ରୋଧୀ ଲୋକ ଥାଏ
ସେ ଘରେ ପାଣି ମାଠିଆ ବି ଶୁଖିଯାଏ॥

କୁହତ ଦେଖି

ଉପରଟା ସମତୁଲ
ଭାଙ୍ଗିଦେଲେ କଇଁଫୁଲ । (ନଡ଼ିଆ)

ରୂଢ଼ି ପ୍ରୟୋଗ

କାନିରେ ଗଣ୍ଠି ପକେଇବା	- କଥାକୁ ଦୃଢ଼ କରିବା।
କପାଳକୁ ଆଦରିବା	- ଭାଗ୍ୟଫଳକୁ ଗ୍ରହଣ କରିବା।
କଥା ତଳେ ପକାଇବା	- କଥା ନ ମାନିବା।

ପ୍ରବାସୀ ଶ୍ରମିକ



ଡକ୍ଟର ପ୍ରମୋଦ ଚନ୍ଦ୍ର ଦାଶ

ରୋଜଗାରର ବିକଳ୍ପ ନାହିଁ। ତେଣୁ ପ୍ରବାସୀ ଶ୍ରମିକ। ନିଜ ଅଞ୍ଚଳରେ କାମଦାମର ଅଭାବ। ବାଧ୍ୟ କରିଥାଏ ଭୋକ ମେଣ୍ଟାଇବା ପାଇଁ। ତେଣୁ ବାହାର ରାଜ୍ୟକୁ ଯାଆନ୍ତି ଶ୍ରମିକମାନେ। ଏମାନେ ବିଭିନ୍ନ କାରଖାନାରେ କାମ କରିଥାନ୍ତି। କାରଖାନାଗୁଡ଼ିକ ମଧ୍ୟରୁ ସୂତାକଳ, ବିଭିନ୍ନ କ୍ଷୁଦ୍ରଶିଳ୍ପ, ଇଟାଭାଟି ଇତ୍ୟାଦିରେ। କିଛି ନହେଲେ ଦିନ ମଜୁରୀ ଖଟନ୍ତି।

୧୯୭୯ର ଅନ୍ତଃରାଜ୍ୟ ପ୍ରବାସୀ ଆଇନ ଅନୁଯାୟୀ ଜିଲ୍ଲା ଗ୍ରାମ୍ୟ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରିସାରିବା ପରେ ଅନ୍ୟ ରାଜ୍ୟରେ କାମ କରିବାକୁ ଯିବା କଥା। ମାତ୍ର ଦଲାଲମାନଙ୍କ ହାବୁଡ଼ରେ ପଡ଼ି ଅଧିକାଂଶ ବିନା ପଞ୍ଜିକରଣରେ ଯାଇଥାନ୍ତି।

୨୦୨୦ - ୨୧ ରେ ଜବ୍‌କାର୍ଡ଼ ପାଇଛନ୍ତି ୬୭ ଲକ୍ଷ ୬୫ ହଜାର ୯୩୯ ଜଣ। ମନରେଗା ଯୋଜନାରେ ଏମାନେ କାମ କରିବେ। ବର୍ଷକୁ ୧୦୦ଦିନ କାମ ଦିଆଯିବ। ମଜୁରୀ ଦୈନିକ ୨୦୭ ଟଙ୍କା। ଦାଦନ ଅଞ୍ଚଳରେ ୨୮୮ ଟଙ୍କା। ଅଧିକାଂଶ ଲୋକେ ଏତିକି ସୁବିଧା ଅର୍ଥାତ୍ ୧୦୦ ଦିନର ବର୍ଷକୁ କାମ ପାଆନ୍ତିନାହିଁ। ତେଣୁ ଖାଦ୍ୟାଭାବ ଏବଂ କର୍ମସଂସ୍ଥାନର ଅଭାବ ବା ସୁଯୋଗ ନଥିବାରୁ ଶ୍ରମିକମାନେ ରାଜ୍ୟର ବାହାରକୁ ଯାଇଥାନ୍ତି।

ଲକ୍‌ଡ଼ାଉନ୍ ୦୩ ର ଅନ୍ତିମ ପର୍ଯ୍ୟାୟ ଏବଂ ଲକ୍‌ଡ଼ାଉନ୍ ୦୪ ର ପ୍ରଥମ ପର୍ଯ୍ୟାୟରେ ରାଜରାସ୍ତାରେ ଶ୍ରମିକମାନଙ୍କର ଚାଲିଚାଲି, ସାଇକେଲ ଅଥବା ଟ୍ରକ ଇତ୍ୟାଦିରେ ଛେଳି, ମେଣ୍ଢାପରି ଯିବାଆସିବା ଦେଖିବାକୁ ମିଳୁଛି। କରୋନାର ଭୟ ଶ୍ରମିକମାନଙ୍କୁ ନାହିଁ। ଭୋକପାଇଁ ବାହାର ରାଜ୍ୟକୁ ଯାଇଥିଲେ। ଭୋକ ମେଣ୍ଟାଇବା ପାଇଁ ନିଜ ରାଜ୍ୟକୁ କଷ୍ଟକରି ଫେରୁଛନ୍ତି। ଘରେ ଠିକ ପହଞ୍ଚିବା ପୂର୍ବରୁ ମୃତ୍ୟୁ ହେଇଯାଉଛି। ଚାଲିଚାଲି ପାଦ ଫୁଲିଗଲାଣି। ଛୋଟ ଛୋଟ କୁନିକୁନି ପିଲା ହସିବା ଖେଳିବା ସମୟରେ କାନ୍ଦି କାନ୍ଦି ରାସ୍ତାରେ ଫେରୁଛନ୍ତି। ମାଆର ଟ୍ରଲି ବ୍ୟାଗ୍ ଉପରେ ଛୋଟପିଲା ଶୋଇଛି, ମା' ଟାଣୁଛି। ଟ୍ରକ୍, ବସ, ଅଟୋ ମଧ୍ୟରେ ଧକ୍କା ଫଳରେ କିଛି ଶ୍ରମିକଙ୍କର ରାସ୍ତାରେ ମୃତ୍ୟୁହେଉଛି। ସେତିକି ନୁହେଁ, ପାଖରେ ପଇସା ନାହିଁ, ଖାଦ୍ୟ ନାହିଁ, ସାଧନ ବି ନାହିଁ। ଘରକୁ ଫେରିବାକୁ ରେଜିଷ୍ଟ୍ରେସନ କରିଥିଲେ ବି କୌଣସି ତଥ୍ୟ ହାସଲ କରିପାରୁ ନାହାଁନ୍ତି ଶ୍ରମିକ।

କରୋନା ଭୟ। ଯେଉଁମାନଙ୍କୁ ଆମେ କରୋନା ଯୋଦ୍ଧାବୋଲି ଅନେକ ପ୍ରଶଂସାରେ ପୋତି ପକାଉଛୁ ସେମାନେ ରାସ୍ତାଘାଟରେ ସେହି ନିରୀହ ଶ୍ରମିକମାନଙ୍କ ଉପରେ ଖରାପ ବ୍ୟବହାର କରୁଛନ୍ତି। ଖାଦ୍ୟପାଇଁ ବିକଳ ହେଲେ, ଲାଠିମାଡ଼ ଖାଉଛନ୍ତି। ଏମାନେ ତିଆରି କରିଥିବା ରାସ୍ତା, କୋଠାଘରେ ଆମେ ରହୁଛେ। ଏ.ସି. ଲଗାଇ ମଉଜ କରୁଛେ। ମାତ୍ର ତାଙ୍କର ଦୁଃଖ ସମୟରେ ଟିକେ ସମବେଦନା ଜଣାଇବା ପାଇଁ ଆମେ ଭୀରୁ। ପ୍ରକାଶ ଥାଉ କି ଯେଉଁ ରାଜ୍ୟରେ କଳକାରଖାନାରେ ସେମାନେ ୮ଘଣ୍ଟା ଦିନକୁ ପରିଶ୍ରମ କରି ୧୫.୦୦୦ ଟଙ୍କାରୁ ୩୦.୦୦୦ ଟଙ୍କା ଭିତରେ ପାଇ ସେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଘଟାଇଲେ, ସେ ରାଜ୍ୟ ସରକାର ତାଙ୍କ ପ୍ରତି ଦୟାଟିକେ ବି ଦେଖାଇଲାନାହିଁ। ଏହା କ'ଣ ମାନବିକତାର ଅଭାବ ନୁହେଁ। ଏହା କ'ଣ ଏକ "ଜନମଙ୍ଗଳ ରାଷ୍ଟ୍ର", ପ୍ରତି ଉପହାସ ନୁହେଁ।

ଓଡ଼ିଶା କଥା ବିଚାରକୁ ନେବା। ଓଡ଼ିଶାରୁ ପ୍ରାୟ ୧୭/୧୮ ଲକ୍ଷ ଲୋକ ବାହାରେ ଦାଦନ କାର୍ଯ୍ୟ କରୁଛନ୍ତି। ସେଥିରୁ ୭/୧୦ ଲକ୍ଷ ଲୋକେ ସୁରତରେ ସୂତା କଳରେ କାମକରନ୍ତି। ପ୍ରାୟତଃ ସମସ୍ତେ ନିଜର ଭିଟାମାଟିକୁ ଫେରିବାକୁ ଚାହାଁନ୍ତି। ଏବେ ସରକାର ସେମାନଙ୍କୁ କ୍ୱାରେନ୍‌ଟାଇନ କେନ୍ଦ୍ରରେ ରଖିଛନ୍ତି। ଘରକୁ ୨୧ ଦିନ ପରେ ଫେରିବେ, ୭ଦିନ ଘରେ ହୋମ୍ କ୍ୱାରେନ୍‌ଟାଇନ୍ (ଗୃହ ସଙ୍ଗରୋଧ) ରେ ରହିବେ। ତା'ପରେ ସେମାନଙ୍କ ପାଇଁ କିପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କରାଯିବ ଯାହାଦ୍ୱାରା ସେମାନେ ଘରେ ରହିବେ। ଯଦି ଏମାନେ କୃଷି କାର୍ଯ୍ୟରେ ମନଦେବେ, ତେବେ ଖାଦ୍ୟ ପାଇବେ ଏବଂ ଖୁସିରେ ରହିବେ। ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ମୋଟ ଶ୍ରମିକଙ୍କ ମଧ୍ୟରୁ ୬୧.୮ ପ୍ରତିଶତ କୃଷକ। କୃଷି ଶ୍ରମିକଙ୍କ ମଧ୍ୟରୁ କ୍ଷୁଦ୍ରଚାଷି ଏବଂ ନାମମାତ୍ର ଚାଷିମାନେ କୃଷିକାର୍ଯ୍ୟରୁ ଅବ୍ୟାହତ ନେଲେଣି। କୃଷି ଉତ୍ପାଦନ ଭଲ ହେଲେ ବି ଖର୍ଚ୍ଚ ଅଧିକ ହେଉଛି। ସେଗୁଡ଼ିକର ରକ୍ଷଣାବେକ୍ଷଣା ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ଅଛି। ଏବେ ଶ୍ରମିକମାନେ ଯଦି ଏଥିରେ ମନଦେବେ ଏବଂ ସରକାର ଟିକିଏ ସହାୟତାର ସହ ବିଚାରକୁ ନେଇ କୃଷିକାର୍ଯ୍ୟ ପାଇଁ ବିଭିନ୍ନ ପ୍ରକାରର ପ୍ରୋତ୍ସାହନ ଦେବେ ତେବେ "କୃଷି" ଏକ ଶିଳ୍ପ ହେବ।

ଏହା ନିଶ୍ଚିତ ସତ୍ୟ ଯେ ପ୍ରବାସୀ ଶ୍ରମିକମାନେ ପରିବାରକୁ ଫେରିଲେ। ପରିବାର ସଦସ୍ୟମାନେ ଆନନ୍ଦରେ ଗଦଗଦ। ଯେତେବେଳେ ଫେରିଥିବା ପୁଅ କିଛି ରୋଜଗାର କରିବାର ସୁଯୋଗ ପାଇବନାହିଁ, ସେହି ପରିବାରରେ ଅଶାନ୍ତି ଫେରିବ। ଘରୋଇ କଳି, ହିଂସା ବଢ଼ିବ। କାରଣ ଯେଉଁ ପ୍ରବାସୀ ଶ୍ରମିକ ୬୦୦/୧୦୦୦/ ୧୪୦୦ କି.ମି ଚାଲି ଚାଲି ଆସିଛି ସେ ଆଉ କେବେ ସେଠାକୁ ଫେରିବାକୁ ପ୍ରାୟତଃ ୧ବର୍ଷ ପାଇଁ ମନ କରିବନାହିଁ। ଏହି ଅବସରରେ ପରିବାରର ସଦସ୍ୟମାନେ ବିଚାର କରିବା ଉଚିତ୍ ଯେ ଦିନଥିଲା ପୁଅ ରୋଜଗାର କରି ଦେଉଥିଲା। ଆମେ ଭଲରେ ଖାଇକରି ରହୁଥିଲୁ। ଘରଦ୍ୱାର କଲୁ। ଏବେ ତା' ରୋଜଗାର ନାହିଁ। ବିନା ରୋଜଗାରରେ ସେ କିପରି ପରିବାରର ଦାୟିତ୍ୱ ନେବ? କିଛି ସମୟ ଦରକାର। ସମୟ ଆସିଲେ ସେ କେଉଁଠାରେ କାମଦାମ କରି ଦି'ପଇସା ରୋଜଗାର କରିବ। ତେଣୁ ତାକୁ ଟିକିଏ ସ୍ନେହ, ଶ୍ରଦ୍ଧା ଏବଂ ସମ୍ମାନ ଦେଇ, ତା'ର ଆତ୍ମସମ୍ମାନ ରକ୍ଷାକଲେ ସେ ଖୁସିରେ ରହିବ ଏବଂ ପରିବାର ଖୁସିରେ ରହିବ।

ଦୂରଭାଷ-୯୪୩୭୨୮୧୬୫୫

ବିଜ୍ଞାନ ବିଚିତ୍ର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

ମହୁମାଛି ଜେଲି କର୍କଟକୁ ପ୍ରତିହତ କରି ପାରିବ ?

ମହୁମାଛି ଶରୀରରୁ ନିର୍ଗତ ଏକ ଧଳା ଦୁଧିଆ ରଙ୍ଗର ବହଳିଆ ତରଳ ପଦାର୍ଥ ଯାହାକୁ ବି ମିଲ୍କ ବୋଲି ମଧ୍ୟ କୁହାଯାଏ ତାହା ବହୁ ପୁରାତନ କାଳରୁ ଦୀର୍ଘାୟୁ ହେବାର ଏକ ଔଷଧ ,କୋଲେଷ୍ଟେରଲ ହ୍ରାସ ପାଇଁ ଏକ ଅମୋଘ ମହୌଷଧି ,ଏବଂ ରାଣୀ ମହୁମାଛି ଜନ୍ମରେ ଏକ ସକ୍ରିୟ ଉପାଦାନ ରୂପେ କାର୍ଯ୍ୟ କରୁଥିବା ପଦାର୍ଥ ବୋଲି ଜଣା ପଡିଥିଲା କିନ୍ତୁ ଆମେରିକାର ୟେଲ୍ ୟୁନିଭର୍ସିଟିର ବୈଜ୍ଞାନିକ ଡାରିଲ କ୍ଲିନଙ୍କ ମତରେ ଯେହେତୁ ଏହା କୋଷମାନଙ୍କର ବୃଦ୍ଧିକୁ ସେଲ ସିଗନାଲିଙ୍ଗ ମାଧ୍ୟମରେ ରୋକି ଦେଉଛି କିମ୍ବା ବଦଳାଇ ଦେଇ ପାରୁଛି ତେଣୁ ଏହାକୁ ବ୍ୟବହାର କରି କର୍କଟ କୋଷ ବୃଦ୍ଧିକୁ ରୋକି ହେବ ବୋଲି ଦୃଢ ଆଶା ପୋଷଣ କରିଛନ୍ତି ।ଏହି ପଦାର୍ଥରେ ଜଳ ସହିତ କେତେକ ପ୍ରୋଟିନ୍ ଓ ସୁଗର ଅଣୁ ରହିଥାନ୍ତି । ଏହି ପ୍ରୋଟିନ ମଧ୍ୟରୁ କେତେକ ଏପିଡର୍ମାଲ ଗ୍ରୋଥ୍ ଫେକ୍ଟର ରିସେପ୍ଟର ଭଳି କାମ କରିଥାଆନ୍ତି ଯାହା କର୍କଟ କୋଷ ବୃଦ୍ଧିର ଏକ ପ୍ରମୁଖ କାରଣ ଅଟେ । ପ୍ରଫେସର ଡାରିଲଙ୍କ ଗବେଷଣାର ପ୍ରମୁଖ ଉଦ୍ଦେଶ୍ୟ ଥିଲା ସେଲ ସିଗନାଲିଙ୍ଗ ଓ କିପରି ଏହାକୁ ବିଭିନ୍ନ ଉପାୟରେ ଭିନ୍ନ ଭିନ୍ନ ଦିଗରେ ପ୍ରୟୋଗ କରିହେବ । ଚୀନରୁ ଆମଦାନୀ କରା ହୋଇଥିବା ମେଜର ରୟାଲ ଜେଲି ପ୍ରୋଟିନର ଓଲିଗୋମର୍ ଆକାର ନିର୍ଦ୍ଧାରଣରେ ଏମାନେ ସକ୍ଷମ ହୋଇଛନ୍ତି କିନ୍ତୁ ଏହା ମାତ୍ର ୧୧ ଆଙ୍ଗଷ୍ଟ୍ରମ ପର୍ଯ୍ୟନ୍ତ ସୀମିତ ହୋଇ ପାରିଲା କାରଣ ଚୀନରୁ ଆନୀତ ଏହି ଜେଲିକୁ ଅନେକ ପଥ ସହ ଭିନ୍ନ ଭିନ୍ନ ପ୍ରକ୍ରିୟା ଯଥା ପ୍ୟାକିଙ୍ଗ , 'ଫ୍ରିଜିଙ୍ଗ, ରିଫ୍ରିଜିଙ୍ଗ ମଧ୍ୟ ଦେଇ ଆସିବାକୁ ପଡିଥାଏ ଯାହା ତାର ଗୁଣବତ୍ତାକୁ ନଷ୍ଟ କରିଦିଏ। ଏହି ଗବେଷଣାକୁ ଆହୁରି ଉନ୍ନତ ଓ ସୁଗମ କରିବାକୁ ବର୍ତ୍ତମାନ ଏହି ଜେଲିକୁ ୟୁନିଭର୍ସିଟି କ୍ୟାମ୍ପସ ଭିତରେ ତିଆରି କରିବାକୁ ପ୍ରୟାସ ଜାରି ରହିଛି । ଭବିଷ୍ୟତରେ ଏହା କ୍ୟାନ୍ସର କୋଷ ବୃଦ୍ଧିରେ ନିଶ୍ଚିତ ସହାୟକ ହେବ ବୋଲି ଆଶା କରାଯାଏ ।

ତମାଖୁ ସେବନ ବର୍ଜନ ଆପଣଙ୍କୁ କର୍କଟ ରୋଗରୁ ରକ୍ଷା କରିପାରେ

:- ଦିନ ଥିଲା କେବଳ ପରିଣତ ବୟସରେ ଲୋକେ କର୍କଟ ରୋଗ ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ଯାଉଥିଲେ। କିନ୍ତୁ ଆଜି ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଏବେ ବିଶ୍ୱରେ ୧.୧ ବିଲିଅନ ଲୋକ ଧୂମପାନ କରୁଥିବାବେଳେ ୩୬୦ ମିଲିଅନ୍ ଲୋକ ଧୂମ ବିହୀନ ତମାଖୁ ସେବନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ୮୦% ଲୋକ ନିମ୍ନ ଓ ମଧ୍ୟ ଆୟ ବର୍ଗର। ସେଥି ମଧ୍ୟରୁ ପ୍ରାୟ ୩୮ ମିଲିଅନ୍ ଧୂମପାନ କରୁଥିବା ବାଳକ ଓ ବାଳିକାଙ୍କ ବୟସ ୧୩ ରୁ ୧୫ ଭିତରେ। ଭାରତରେ ବର୍ଷକୁ ପ୍ରାୟ ୧ ମିଲିଅନ୍ ଲୋକ ତମାଖୁ ସେବନ ଜନିତ ବିଭିନ୍ନ ରୋଗରେ ପଡି ଜୀବନ ହାରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ବିଶ୍ୱରେ ୧୦-୧୪ ବର୍ଷ ବୟସର ୬,୨୫,୦୦୦ ଶିଶୁ ଏବଂ ୯୦ ମିଲିଅନ୍ ବୟସ୍କ ବ୍ୟକ୍ତି ପ୍ରତ୍ୟେକ ଦିନ ତମାଖୁ ବ୍ୟବହାର କରୁଛନ୍ତି। ଏମାନଙ୍କ ମଧ୍ୟରୁ ୧୪.୬% ହେଉଛନ୍ତି ଭାରତୀୟ। ଏହି ତଥ୍ୟ ୨୦୧୦ ମସିହାର। ଅର୍ଥାତ ପ୍ରତ୍ୟେକ ୬-୭ ଜଣ ଭିତରେ ଜଣେ ଭାରତୀୟ ଶିଶୁ ରହିଛନ୍ତି। ତମାଖୁ ସେବନ ସିଧାସଳଖ ଭାବେ କର୍ଣ୍ଣ ,ନାସା ,ମସ୍ତିଷ୍କ ,ଗଳା ,ଫୁସଫୁସ ଓ ମୁଖଗହ୍ୱର କର୍କଟ ପାଇଁ ଦାୟୀ ଅଟେ। ତାଛଡା ପରୋକ୍ଷ ଭାବେ ଏହା ହୃତପିଣ୍ଡର ବି କ୍ଷତି ପହଞ୍ଚାଇଥାଏ। ବର୍ଷକୁ ତମାଖୁସେବନ ଜନିତ ମୃତ୍ୟୁ ସଂଖ୍ୟା ୮ ମିଲିଅନ ମଧ୍ୟରୁ ୭ ମିଲିଅନ୍ ପ୍ରତ୍ୟକ୍ଷ ବ୍ୟବହାର ଯୋଗୁଁ ହୋଇଥିବା ବେଳେ ୧.୨ ମିଲିଅନ୍ ଲୋକ ପରୋକ୍ଷ ଭାବେ ଅନ୍ୟମାନଙ୍କ ଧୂମପାନ ଯୋଗୁଁ ପ୍ରଭାବିତ ହୋଇଥାନ୍ତି।କୁସଙ୍ଗ ଦୋଷ ଯୋଗୁଁ ହେଉ ବା ନିଜ ଯୁବକସୁଲଭ ଖାମଖିଆଲି ମନୋଭାବ ଯୋଗୁଁ ଯୁବ ସମାଜ ଧୂମପାନ କିମ୍ବା ତମାଖୁ ସେବନ ରୂପକ ରାକ୍ଷସ କବଳରେ ପଡିଯାଆନ୍ତି। ଯେତେବେଳେ ଅଭିଭାବକଙ୍କ ନଜରକୁ ଏହା ଆସେ ସେତେବେଳକୁ ବହୁତ ଡେରି ହୋଇ ସାରିଥାଏ। ଏଠି ପ୍ରଶ୍ନ ଉଠେ ଯଦି ଲାଭଖୋର ବ୍ୟବସାୟୀମାନେ ମିଥ୍ୟା ବିଜ୍ଞାପନରେ ନାନାଦି ପ୍ରଲୋଭନ ଦେଖାଇ ଯୁବସମାଜକୁ ପଥଭ୍ରଷ୍ଟ କରି ପାରୁଛନ୍ତି ସେ ସମୟରେ ପିତାମାତା ରୂପେ ସେମାନଙ୍କୁ ଠିକ ବାଟକୁ ଆଣିବା ଆମର କର୍ତ୍ତବ୍ୟ ନୁହେଁ କି? ଏହି ନିଶା ଥରେ ଅଭ୍ୟାସରେ ପରିଣତ ହୋଇଗଲେ ତାକୁ ଛାଡିବା କଷ୍ଟକର ହୋଇଉଠେ ତେଣୁ ଆପଣଙ୍କ ଶିଶୁକୁ ଏ ସଂପର୍କରେ ବେଳହୁଁ ସଚେତନ କରାନ୍ତୁ।

୩ ବିଲିଅନ୍ ବର୍ଷ ପୂର୍ବେ ସମଗ୍ର ପୃଥିବୀ ଜଳାର୍ଣ୍ଣବ ଥିଲା।

:- ୟୁନିଭର୍ସିଟି ଅଫ୍ କୋଲୋରାଡୋର ପ୍ରଫେସର ବୋସୱେଲ ୱିଙ୍ଗଙ୍କ ନେତୃତ୍ୱରେ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ଆଜକୁ ପ୍ରାୟ ୩.୨ ବିଲିଅନ୍ ବର୍ଷ ତଳେ ଆଜିପରି ମହାଦେଶମାନଙ୍କୁ ଦର୍ଶାଉଥିବା ସ୍ଥଳଭାଗ ବଦଳରେ ସମଗ୍ର ଭୂପୃଷ୍ଠ ଏକ ମହାସାଗର ସଦୃଶ ଜଳରାଶିରେ ଆଚ୍ଛାଦିତ ରହିଥିଲା। ପୃଥିବୀର ହାଇଡ୍ରୋଥର୍ମାଲ କେମିଷ୍ଟ୍ରି ଉପରେ ସବିଶେଷ ବିଶ୍ଳେଷଣ କରି ସେମାନେ ଏହି ସିଦ୍ଧାନ୍ତରେ ପହଂଚିଛନ୍ତ। ସେମାନେ ଉତ୍ତର ପଶ୍ଚିମ ଅଷ୍ଟ୍ରେଲିଆର ପାନୋରମା ଜିଲ୍ଲାରେ ଏକ ପାହାଡର ସନ୍ଧାନ ପାଇଛନ୍ତି ଯାହା

ବିଗତ ୩.୨ ବିଲିଅନ ବର୍ଷ ପୂର୍ବେ ଏକ ବିଶାଳ ସମୁଦ୍ର ପାର୍ଶ୍ୱରେ ଅବସ୍ଥିତ ଥିଲା । ଏହାକୁ ବିଶ୍ଳେଷଣ କଲାବେଳେ ଦେଖାଗଲା ଯେ ଅମ୍ଳଜାନର ଦୁଇଟି ଆଇସୋଟୋପ୍ ମଧ୍ୟରୁ ଓ-୧୮ ର ପରିମାଣ ଓ-୧୬ ଅପେକ୍ଷା ଏଥିରେ ଅଧିକ ଥିଲା । ଏଠାରେ ପ୍ରଣିଧାନ ଯୋଗ୍ୟ ଏହି ଯେ ଆଜି ଆମେ ପୃଥିବୀରେ ଅମ୍ଳଜାନ ସଂଲଗ୍ନ ଯେ କୌଣସି ବସ୍ତୁରେ ଓ-୧୬ ଆଇସୋଟୋପ୍ ଅଧିକ ପରିମାଣରେ ପାଇଥାଉ କିନ୍ତୁ ଏହି ପାହାଡ କ୍ଷେତ୍ରରେ ତାର ବ୍ୟତିକ୍ରମ ଦେଖା ଦେଇଥିଲା । ଏହାର କାରଣ ଦର୍ଶାଇବାକୁ ସେମାନେ କହନ୍ତି ଯେ ଯଦି ଭୂପୃଷ୍ଠରେ ମାଟି ଥାଏ ତେବେ ତାହା ଓ-୧୮ ବଦଳରେ ଓ-୧୬ ଆଇସୋଟୋପ୍‌କୁ ଅଧିକ ମାତ୍ରାରେ ଧରି ରଖେ । କିନ୍ତୁ ବିଶାଳ ଜଳରାଶି ଓ-୧୮ କୁ ଆବଦ୍ଧ କରି ରଖିପାରେ । ଏହା ପ୍ରମାଣିତ କରୁଛି ଯେ ସେ ସମୟରେ ଭୂପୃଷ୍ଠର ମୁଖ୍ୟଭାଗ ଜଳରେ ଆଚ୍ଛାଦିତ ରହିଥିଲା । ଅବଶ୍ୟ ସେହି ପୁରାତନ କାଳର ଜଳାବଶେଷ ଆଜି ପର୍ଯ୍ୟନ୍ତ ମିଳିନାହିଁ କିନ୍ତୁ ସମୁଦ୍ର ଜଳ ସହିତ ଦୀର୍ଘ ଦିନ ରାସାୟନିକ ପ୍ରତିକ୍ରିୟା କରିଥିବା ଏହି ପାହାଡର ରାସାୟନିକ ସଂରଚନା ସେ ସମୟର ଭୌଗୋଳିକ ପରିବେଶ ସଂପର୍କରେ ସମ୍ୟକ ଆଭାସ ଆମକୁ ପ୍ରଦାନ କରୁଛି ।

ଏକ ସର୍ବବୃହତ ମହାଜାଗତିକ ବିସ୍ଫୋରଣ ସଂପର୍କରେ ସୂଚନା ମିଳିଛି :- ମହାକାଶ ବିଜ୍ଞାନୀମାନେ ଏକ୍ସ-ରେ ଓ ରେଡିଓ ଟେଲିସ୍କୋପ ଯାହା ମଧ୍ୟରେ ପୁନେ ସ୍ଥିତ GMRT (Giant Metrewave Radio Telescope) ଅନ୍ତର୍ଭୁକ୍ତ ବ୍ୟବହାର କରି ଏକ ବିଶାଳ ମହାଜାଗତିକ ବିସ୍ଫୋରଣକୁ ରେକର୍ଡ କରି ପାରିଛନ୍ତି । ପୃଥିବୀଠାରୁ ପ୍ରାୟ ୩୯୦ ମିଲିଅନ୍ ଆଲୋକ ବର୍ଷ ଦୂରତାରେ ଥିବା Ophiuchus Galaxy Cluster ରେ ଏହା

ସଂଗଠିତ ହୋଇଛି । ଆଜି ପର୍ଯ୍ୟନ୍ତ ରେକର୍ଡ ହୋଇଥିବା ବୃହତ ବିସ୍ଫୋରଣ ଥିଲା ଏମ୍ ଏସ୍ ୦୭୩୫ + ୭୪ ଗାଲାକ୍ସିରେ କିନ୍ତୁ ଏଥର ବିସ୍ଫୋରଣରେ ପୂର୍ବାପେକ୍ଷା ୫ ଗୁଣ ଅଧିକ ଶକ୍ତିଶାଳୀ ଥିଲା । ଏହା ପ୍ରକାଶ କରିଛନ୍ତି ଅଷ୍ଟ୍ରେଲିଆର କୁର୍ଟିନ ୟୁନିଭର୍ସିଟିର ବୈଜ୍ଞାନିକ ମେଲାନି ଜନସନ ହୋଲିଟ । କିନ୍ତୁ ଏହା ଅତି ମନ୍ଥର ଗତିରେ ସଂଗଠିତ ହୋଇଥିଲା । ଲାଗୁଥିଲା ସତେ ଯେପରି ଏହା ଶହ ଶହ ମିଲିଅନ୍ ବର୍ଷ ଧରି ଧିରେ ଧିରେ ଲାଗି ରହିଛି । କିନ୍ତୁ ଏହା ଏତେ ଶକ୍ତିଶାଳୀ ଥିଲା ଯେ ଏଠାରେ ଥିବା ଏକ ବିଶାଳ ବ୍ଲାକ୍ ହୋଲ ର ମଧ୍ୟଭାଗରେ ଥିବା ପ୍ଲାଜମା ସ୍ତରରେ ଏକ ଶୂନ୍ୟ ସ୍ଥାନ ସୃଷ୍ଟି କରି ପକାଇଲା । ଆମେରିକାର ନାଭାଲ ରିସର୍ଚ ଲାବୋରେଟରୀର ଗବେଷକ ସାଇମନ୍ ଗ୍ଲାସିଂଟୁକ୍ସିଙ୍କ ମତରେ ଏହା ୧୯୮୦ ମସିହାରେ ମାଉଂଟ ସେଂଟ ହେଲେନ୍ସରେ ହୋଇଥିବା ବିସ୍ଫୋରଣ ସହିତ ତୁଳନୀୟ ଯେଉଁଥିରେ ଏହି ବିରାଟ ପର୍ବତର ଉପରିଭାଗ ପୁରା ଉଡି ଯାଇଥିଲା । କେତେଜଣ ଏହାକୁ ଏକ ଶକ୍ତିଗୁଚ୍ଛର ଉଦଗୀରଣ ବୋଲି କହିଥାଆନ୍ତି । କିନ୍ତୁ ଏହି ଆବିଷ୍କାର ଦର୍ଶାଏ ଯେ ଏହା ଏକ ମହା ଜାଗତିକ ବ୍ୟାପାର ଯାହା ସଂପର୍କରେ ଆମେ ଅଜ୍ଞ ଅଟୁ । ପ୍ରଥମେ ଏକ୍ସ-ରେ ଓ ପରେ ରେଡିଓ ଟେଲିସ୍କୋପ ଦ୍ୱାରା ଏହାକୁ ଦେଖା ଯାଇ ପାରିଛି ।

ଆସନ୍ତୁ କରୋନା ଭାଇରସ୍ ବାବଦରେ ଜାଣିବା :-

ଆଜି ସମଗ୍ର ବିଶ୍ୱରେ ଏକ ପ୍ରକାର ଭୟର ବାତାବରଣ ସୃଷ୍ଟି କରିଥିବା କରୋନା ଭାଇରସ୍‌ଟି ପ୍ରକୃତରେ କଣ ? ଭାଇରସ ହେଲା ଡିଏନଏ କିମ୍ବା ଆର ଏନ ଏ ପରି ନ୍ୟୁକ୍ଲିକ ଅମ୍ଳ ଥିବା ଏକ



ଥଳୀ ଯାହାର ଚାରିପଟେ କ୍ୟାପସିଡ ନାମକ ପ୍ରୋଟିନର ଏକ ଆବରଣ ଥାଏ ଏବଂ ବେଳେବେଳେ ଏହା ମଧ୍ୟରେ କିଛି ଲିପିଡ ଅଣୁ ମଧ୍ୟ ରହିଥାଏ ।ଏମାନଙ୍କୁ ପ୍ରକୃତିର ନାନୋ କୌଶଳ ଦ୍ୱାରା ସୃଷ୍ଟ ଆଣବିକ ମେସିନ କୁହା ଯାଇପାରେ ଯାହାର ଆକାର ୨୦ ରୁ ୪୦୦ ନାନୋମିଟର ମଧ୍ୟରେ । ଅନୁମାନ କରନ୍ତୁ ଗୋଟିଏ ପିନ କଂଟାର ଅଗ୍ରଭାଗରେ ବିଲିଅନ୍ ସଂଖ୍ୟାରେ ଏହି ଭୂତାଣୁ ବା ଭାଇରସମାନେ ରହି ପାରନ୍ତି । ଏଥିରୁ କେତେକଙ୍କ ଆକାର ରଡ୍ ଭଳି ହୋଇଥିବାବେଳେ ଆଉ କେତେକ ଗୋଲାକାର ଏବଂ ଆଉ କେତେକଙ୍କ ୨୦ ଟି ପାର୍ଶ୍ୱ ରହିଥାଏ । କରୋନା ଭାଇରସର ସୁନ୍ଦର ଚିତ୍ରକୁ ଆପଣମାନେ ଦେଖି ସାରିଲେଣି ତେଣୁ କହିବା ଆବଶ୍ୟକ ନାହିଁ । ଏମାନଙ୍କୁ ଜୀବନ୍ତ କୋଷ ବାହାରେ ଭିରିଅନ୍ କୁହାଯାଏ ଯେଉଁମାନେ ବେଶି ସମୟ ବଂଚିବାକୁ ଅକ୍ଷମ ଅଟନ୍ତି କାରଣ ଶକ୍ତି ଆହରଣ ଏବଂ ତାକୁ ସଂରକ୍ଷିତ କରି ରଖିବାର କ୍ଷମତା ତାଙ୍କର ନାହିଁ । ତେଣୁ ବଂଶବୃଦ୍ଧି ପାଇଁ ତାଙ୍କୁ ଖୋରାକ ମିଳି ପାରେନାହିଁ । କିନ୍ତୁ ଥରେ ଯଦି ଏହା ଜୀବନ୍ତ କୋଷ ମଧ୍ୟରେ ପ୍ରବେଶ କରେ ତେବେ କୋଷଟିର ମେଟାବଲିକ ମେସିନାରିକୁ ଅପହରଣ କରି ବିଲିଅନ ସଂଖ୍ୟାରେ ନିଜର ପ୍ରତିରୂପ ସୃଷ୍ଟି କରି ଶରୀରର ବିଭିନ୍ନ ଅଂଶକୁ ସଂକ୍ରମିତ

କରିଦିଏ। ଉଦାହରଣ ସ୍ୱରୂପ ଯଦି ଆପଣ ଫ୍ଲୁ ବେମାରିରେ ପଡିଗଲେ ତେବେ କିଛି ଦିନ ମଧ୍ୟରେ ଏହି ଭୂତାଣୁଙ୍କ ସଂଖ୍ୟା ୧୦୦ ଟ୍ରିଲିଅନ୍‌ରେ ପହଂଚିଯିବ। ୨୦୧୯ ମସିହା ନଭେମ୍ବର ମାସରେ ଭିଏନା ସ୍ଥିତ କାର୍ଲ ଲେଣ୍ଡଷ୍ଟିନର ୟୁନିଭର୍ସିଟି ଅଫ୍ ଭେଟେରିନାରି ସାଇନ୍ସ୍‌ର କେତେକ ଗବେଷକ ମନୁଷ୍ୟ ଶରୀରର ତରଳ ପଦାର୍ଥ ଏବଂ ରକ୍ତରେ ପ୍ରାୟ ୪୩ ବେକ୍ଟେରିଓଫେଜେସ୍‌ଙ୍କୁ ଆବିଷ୍କାର କରି ବଡ ଉଦବେଗ ପ୍ରକାଶ କରିଥିଲେ। କାରଣ ଏମାନେ ଭବିଷ୍ୟତରେ ବୀଜାଣୁମାନଙ୍କୁ ହୁଏତ ଆଂଟିବାୟୋଟିକ ପ୍ରତିରୋଧକାରୀ ଜିନକୁ ହସ୍ତାନ୍ତର କରି ଦେଇ ପାରନ୍ତି। ଏହି ଭୂତାଣୁଗୁଡିକ ପ୍ରକୃତରେ ମିଲିଅନ ବର୍ଷତଳେ ଛୋଟ ଛୋଟ କୀଟମାନଙ୍କ ଶରୀରରେ ଥିଲେ କିନ୍ତୁ ବିବର୍ତ୍ତନ ଧାରାରେ ନିଜକୁ ଖାପ ଖୁଆଇ ନପାରି ଏମାନେ ସୁପ୍ତ ହୋଇ ରହିଥିଲେ କିନ୍ତୁ ନିକଟରେ ଜଳବାୟୁ ପରିବର୍ତ୍ତନ ହେଉ କିମ୍ବା ତାଙ୍କୁ ସୁହାଉଥିବା ଅନୁକୂଳ ପରିବେଶ ମିଳିବାରୁ ପୁନଃ ଆତ୍ମ ପ୍ରକାଶ କରିଛନ୍ତି। ଏମାନେ ବର୍ତ୍ତମାନ କୀଟମାନଙ୍କୁ ଛାଡି ଅନ୍ୟ ଜୀବମାନଙ୍କୁ ସଂକ୍ରମିତ କରିବା କ୍ଷମତା ମଧ୍ୟ ପାଇ ସାରିଲେଣି। ଏମାନେ ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣଙ୍କ ପାଖକୁ କାଶ,ଛିଙ୍କ କିମ୍ବା କଫରେ ଥିବା ତରଳ ପଦାର୍ଥକୁ ପାଥେୟ କରି ଅନ୍ୟ ଶରୀରରେ ପ୍ରବେଶ କରନ୍ତି। ଏମାନେ ପ୍ଲାଷ୍ଟିକ କିମ୍ବା ଧାତବ ପଦାର୍ଥରେ ୨୪ ଘଂଟା ପର୍ଯ୍ୟନ୍ତ ସତେଜ ରହି ପାରନ୍ତି। ତେଣୁ ଟେବୁଲ କିମ୍ବା କୌଣସି ନିତ୍ୟ ବ୍ୟବହାର୍ଯ୍ୟ ଧାତୁକୁ ହାତରେ ଧରିଲେ ବି ଏମାନେ ଆମ ହାତକୁ ଚାଲି ଆସନ୍ତି ଏବଂ ଏହି ହାତରେ ଆମ ଆଖି ,ନାକ ,ପାଟି କିମ୍ବା ନାକରେ ହାତ ପୂରାଇଲେ ଏମାନେ ସହଜରେ ଆମ ଶରୀର ମଧ୍ୟକୁ ପ୍ରବେଶ କରନ୍ତି। ତେଣୁ ସର୍ବଦା ଆମକୁ ହାତ ପରିଷ୍କାର କରି ଧୋଇବାକୁ କୁହାଯାଏ। ମନେ ରଖନ୍ତୁ କୋଭିଡ-୧୯ ଏକ ରୋଗ ନୁହଁ ବରଂ ରୋଗ ସୃଷ୍ଟି କରୁଥିବା ଏକ ଭାଇରସ୍ ବା ଭୂତାଣୁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଏହି ରୋଗରେ ମୃତ୍ୟୁ ଅବଶ୍ୟମ୍ଭାବୀ ନୁହେଁ କାରଣ ଏହି ରୋଗରେ ପୀଡିତ ୮୦% ଲୋକ ପୁନଃ ଜୀବନଦାନ ପାଇଥାନ୍ତି। ଯେତେବେଳେ ଆପଣଙ୍କ ଚାରିପାଖରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଚାଲେ ଏବଂ ଆପଣ ସେମାନଙ୍କ ସହିତ ଅବାଧରେ ମିଳାମିଶା କରନ୍ତି ଏବଂ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଯଦି କମ୍ ଥାଏ ତେବେ ଆପଣ ଏ ରୋଗରେ ସଂକ୍ରମିତ ହେବାର ସଂଭାବନା ଅଧିକ ଦେଖାଦିଏ।ଗୋଟିଏ ଭାଇରସର କ୍ଷତି କରିବାର କ୍ଷମତାକୁ ଭିରୁଲେନ୍ସ ବୋଲି କୁହାଯାଏ। ଏହି ଭାଇରସଟି ବନ୍ୟ ଜନ୍ତୁଙ୍କଠାରେ ଦେଖା ଯାଇଛି କିନ୍ତୁ ଗୃହ ପାଳିତ ପଶୁ ଯଥା କୁକୁର, ବିଲେଇ କିମ୍ବା ଗାଈ, ଛେଳିଙ୍କଠାରେ ଦେଖା ଯାଏ ନାହିଁ କିନ୍ତୁ ସାଲମୋନେଲା ନାମକ ବୀଜାଣୁ ମାଧ୍ୟମରେ ଏହା ଆପଣଙ୍କଠାରୁ ପୋଷା ଜୀବଜନ୍ତୁଙ୍କ ପାଖକୁ ଡେଇଁ ପାରେ। ମନେ ରଖନ୍ତୁ କୋଭିଡ-୧୯ ସଂକ୍ରମଣରୁ ଆପଣଙ୍କୁ ଆଂଟିବୟୋଟିକ ବା ଅନ୍ୟ ଔଷଧ ରକ୍ଷା କରି ପାରିବ ନାହିଁ ବରଂ ଏହା ଆପଣଙ୍କ କ୍ଷତି ସାଧନ କରିବ। ଆଜି ପର୍ଯ୍ୟନ୍ତ ଏହାର କୌଣସି ପ୍ରତିଷେଧକ କିମ୍ବା ଔଷଧ ବାହାରି ନାହିଁ। ଯଦି କେହି ଏହି ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସି ମଧ୍ୟ ଏହି ରୋଗର ଲକ୍ଷଣ ତାଙ୍କ ପାଖରେ ଦେଖା ଯାଉନାହିଁ ତେବେ ସେ ନିଜକୁ ଅନ୍ୟ ମାନଙ୍କଠାରୁ ୧୪ ଦିନ ପର୍ଯ୍ୟନ୍ତ ଅଲଗା ରଖି ତାପରେ ନିଜ ରକ୍ତ ଏବଂ ସ୍ୱାବ୍ ପରୀକ୍ଷା କଲାପରେ ଯାଇ ନିଜକୁ ସମାଜ ସହିତ ମିଶାଇବା ବା ସାମିଲ କରିବା ଦରକାର। କାରଣ ଏହି ଭୂତାଣୁର ଇନକ୍ୟୁବେସନ ପିରିଅଡ୍ ହେଲା ୧୪ ଦିନ। ଏହି ବାସସ୍ଥାନରେ ରହିବା ବ୍ୟବସ୍ଥାକୁ କ୍ୱାରାଂଟାଇନ ବୋଲି କୁହାଯାଏ। ଏଠାରେ ରହିବା ଦ୍ୱାରା ରୋଗୀ ଜଣଙ୍କ ନିଜେ ସୁସ୍ଥ ହୋଇ ଅନ୍ୟମାନଙ୍କୁ ମଧ୍ୟ ଏହି ରୋଗ ସଂକ୍ରମଣରୁ ରକ୍ଷା କରିପାରେ।

ଡଲଫିନ୍ :-

ଏକ ବୁଦ୍ଧିମାନ, ମାଂସାଶୀ, ଜଳଚର ପ୍ରାଣୀ ରୂପେ ପରିଚିତ ଡଲଫିନ ୧୨ ଜଣିଆ ଦଳରେ ବାସ କରନ୍ତି। ମଣିଷମାନଙ୍କ ସହିତ ଖେଳିବା ,ସନ୍ତରଣ କଲା ସମୟରେ ସାଥୀ ଭଳି ସାଙ୍ଗରେ ପହଁରିବା, ଜଳ ବାହାରକୁ ଲମ୍ଫ ପ୍ରଦାନ କରିବା, ଦର୍ଶକଙ୍କ ଚାରିପଟେ ଚକ୍ରାକାରରେ ଭଉଁରୀ ଖେଳିବା ପ୍ରକୃତି ଯୋଗୁଁ ଏମାନେ ସମସ୍ତଙ୍କ ପ୍ରିୟ ଅଟନ୍ତି। ଏମାନଙ୍କ ଦୃଷ୍ଟି ଓ ଶ୍ରବଣ ଶକ୍ତି ଅତ୍ୟନ୍ତ ପ୍ରଖର ଅଟେ। ଜଳ ମଧ୍ୟରେ ନିଜର ଖାଦ୍ୟ କିମ୍ବା ଅନ୍ୟ ପାହାଡ, ଜାହାଜ ଡଙ୍ଗା ଆଦିର ଅବସ୍ଥିତି ଜାଣିବାକୁ ଏମାନେ ଇକୋଲୋକେସନ କୌଶଳ ପ୍ରୟୋଗ କରିଥାଆନ୍ତି। ଏମାନେ ପରସ୍ପର ସହ ହୁଇସିଲ ଓ ଅନ୍ୟ ଶବ୍ଦ ମାଧ୍ୟମରେ ଭାବ ଆଦାନ ପ୍ରଦାନ କରିଥାନ୍ତି। ମାନବୀୟ କାର୍ଯ୍ୟକଳାପ ଯୋଗୁଁ ଅନେକ ପ୍ରଜାତିର ଡଲଫିନ ବିଲୁପ୍ତ ହୋଇ ଗଲେଣି। ଯୁକ୍ତରାଜ୍ୟ ଓ ଅୟାର୍ଲାଣ୍ଡର ନାତିଶୀତୋଷ୍ଣ ସମୁଦ୍ରରେ ବଟଲନୋଜ ନାମକ ଏକ ପ୍ରକାର ଡଲଫିନ୍ ବାସ କରନ୍ତି ଯେଉଁମାନଙ୍କ ମୁହଁ ବଙ୍କା ହେବା ସହିତ ଆଗରେ ଥଂଟ ପରି ଏକ ଅଂଶ ରହିଥାଏ। ଏମାନଙ୍କ ଲମ୍ବ ୨-୪ ମିଟର ମଧ୍ୟରେ ଓ ରଙ୍ଗ ସିମେଂଟ ଭଳି। ଏମାନେ ଏକ ସାମାଜିକ ପ୍ରଣୀ ହୋଇ ଥିବାରୁ ସର୍ବଦା ୧୦ ରୁ ୧୫ ଜଣ ମିଶି ଦଳବଦ୍ଧ ଭାବରେ ଯାତ୍ରା କରିଥାଆନ୍ତି ଓ ମିଳିମିଶି ଶୀକାର କରିବା ସହିତ ଶିଶୁମାନଙ୍କର ଯତ୍ନ ନେଇଥାଆନ୍ତି। ଏମାନଙ୍କୁ ଯୋଗାଯୋଗ କ୍ଷେତ୍ରରେ ରାଜା ବୋଲି ଚିତ୍ରଣ କରାଯାଏ କାରଣ ଏମାନେ ପରସ୍ପର ସହ ବାର୍ତ୍ତାଳାପ କଲାବେଳେ ପାଟି ପାକୁପାକୁ କରୁଥାଆନ୍ତି ଓ ବିଭିନ୍ନ ଅଙ୍ଗଭଙ୍ଗୀ ପ୍ରଦର୍ଶନ କରନ୍ତି। ଏମାନେ ଖୁସିରେ ଖେଳିବୁଲି ବଂଚୁଥିବା ଏକ ପ୍ରମୁଖ ଶ୍ରେଣୀର ସ୍ତନ୍ୟପାୟୀ ପ୍ରାଣୀ ଅଟନ୍ତି। ଓର୍କା ନାମକ ଶିକାରୀ ତିମି ପ୍ରକୃତରେ ଏକ ପ୍ରକାର ଡଲଫିନ୍ ଅଟନ୍ତି।

ବିଭାଗୀୟ ମୁଖ୍ୟ, ରସାୟନ ଶାସ୍ତ୍ର ବିଭାଗ
ଏନଏସି କଲେଜ,ବୁର୍ଲା,ସମ୍ବଲପୁର
ଦୂରଭାଷ-୯୪୩୭୧୨୭୮୨୦

ସଂକଟ ନୁହେଁ ସମ୍ଭାବନା

ତୁଳସୀ ଜୈନ

ବିଶ୍ୱ ସଭ୍ୟତା ଓ ସଂସ୍କୃତିର ନିୟତିରେ ସମୟ ସମୟରେ ଉତ୍‌ଥାନ ଓ ପତନ ଦେଖା ଦେବା ଏକ ସ୍ୱାଭାବିକ ପ୍ରକ୍ରିୟା । ମାନବୀୟ ସଭ୍ୟତା ଯେତେବେଳେ ଉତ୍କର୍ଷ ଲଭିଥାଏ ସେତେବେଳେ ବିକାଶ ତ୍ୱରାନ୍ୱିତ ହୁଏ । ମଳିନ ଚେତନା ସଭ୍ୟତାକୁ ଧ୍ୱଂସମୁଖୀ କରିଥାଏ । ସଂସ୍କୃତିକୁ ଇତିହାସ ଗର୍ଭରେ ବିଲୀନ କରିଦିଏ । ସହଚାରୀ ଜୀବଜନ୍ତୁମାନଙ୍କ ପ୍ରତି ହିଂସ୍ର ଆଚରଣ ଏବଂ ସେମାନଙ୍କୁ ଉଦରସ୍ଥ କରିବାର ବର୍ବର ଲାଳସା, ପ୍ରକୃତିକୁ ପ୍ରତିକ୍ରିୟାଶୀଳ କରି ପକାଏ । ସନ୍ତୁଳନ ବିଗିଡ଼ି ଯାଏ । ନିଜକୁ ସର୍ବଶକ୍ତିମାନ ଭାବୁଥିବା ବ୍ୟକ୍ତି, ସମାଜ ଓ ରାଷ୍ଟ୍ର ସଭିଏଁ ହୋଇପଡ଼ନ୍ତି ଅସହାୟ । ତ୍ରାହି ତ୍ରାହି କରି ଉଠନ୍ତି । ଆଜି ଏକେନ୍ଦ୍ରିୟ ପ୍ରଜାତିର କ୍ଷୁଦ୍ର ଭୂତାଣୁ ପଂଚେନ୍ଦ୍ରିୟ ମଣିଷ ଜାତିକୁ ନତଜାନୁ କରି ପାରିଛି ।

ବିଂଶ ଶତାବ୍ଦୀରେ ସ୍ପେନିସ୍ ଫ୍ଲୁ, ପ୍ଲେଗ୍ ଆଦି ମହାମାରୀ ତଥା ଦୁଇ - ଦୁଇଟି ବିଶ୍ୱଯୁଦ୍ଧ ମାନବର ଅସ୍ତିତ୍ୱ ସମକ୍ଷରେ ସଙ୍କଟ ଉତ୍ପନ୍ନ କରିଥିଲା । ଏକବିଂଶ ଶତାବ୍ଦୀରେ ଆତଙ୍କବାଦର ଦଂଶନ ସବୁ ଦେଶ ଭୋଗି ଚାଲିଛନ୍ତି । ଏବେ ଚୀନର ଉହାନ ପ୍ରାନ୍ତରୁ ବ୍ୟାପ୍ତ କୋରୋନା ଭାଇରସ୍‌ର ଅନନ୍ତ କ୍ଷୁଧା ଶାନ୍ତ ହେବାର ନାମ ନେଉ ନାହିଁ । ସବୁ ଆଡ଼େ ମୃତ୍ୟୁର ତାଣ୍ଡବଲୀଳା । କୌଣସି ଔଷଧ ବା ପ୍ରତିଷେଧକ ବ୍ୟବସ୍ଥା ଉଦ୍‌ଭାବନ ହୋଇ ପାରି ନାହିଁ । ବିଜ୍ଞାନ ହୋଇପଡ଼ିଛି ବିକଳ । ନେତୃତ୍ୱ ଆମର ସଂକଳ୍ପ ଓ ସଂଯମର ପ୍ରେରଣା ଦେଉଛନ୍ତି । ସାମାଜିକ ଦୂରତ୍ୱର ଓ ପରିଷ୍କାର ପରିଚ୍ଛନ୍ନତା ଦ୍ୱାରା ମୃତ୍ୟୁର ଏହି ଶୃଙ୍ଖଳକୁ ଛିନ୍ନ କରିବା ହିଁ ଏକମାତ୍ର ମାର୍ଗ । ଏଭଳି ଅସାମାନ୍ୟ ପରିସ୍ଥିତି ହେଉଛି ଆତ୍ମ-ମନ୍ଥନର ବେଳ । ଶାରୀରିକ, ମାନସିକ ଓ ବାଚିକ ଦୃଷ୍ଟିରେ ପବିତ୍ର ଆଚରଣ ଦ୍ୱାରା ଏହି ମହାମାରୀର ଉଗ୍ରତାକୁ ଉପଶାନ୍ତ କରାଯାଇ ପାରିବ । ଏହାହିଁ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ।

ଏହି ସଂସାରରେ ପଶୁ ପକ୍ଷୀମାନଙ୍କ ବି ବଂଚିବାର ଅଧିକାର ରହିଛି। ଶାକାହାର ଯେ ମାଂସାହାରଠାରୁ ଶ୍ରେୟସ୍କର ଏହା ସମସ୍ତେ ହୃଦୟଙ୍ଗମ କରୁଛନ୍ତି । ସାମାନ୍ୟ ଟିକିଏ ଅନ୍ତର୍ମୁଖୀ ହେବାର ଶିକ୍ଷା ଏହି ଭୁତାଣୁ ଆମକୁ ଦେଇଥାଏ । ତୀବ୍ରଭାଗ -ଦୌଡ଼କୁ ବିରାମ ଦେଇ କିଛି ଅମୂଲ୍ୟ ସମୟ ନିଜ ପରିବାର ସଦସ୍ୟମାନଙ୍କ ଗହଣରେ ବିତାଇବାର ଅପୂର୍ବ ଅବସର ଆମକୁ ମିଳିଛି । "ଅବଶ୍ୟମେବ ଭୋକ୍ତବ୍ୟଂ କୃତକର୍ମଂ ଶୁଭାଶୁଭମ" ଏହି ଆପ୍ତ ବାକ୍ୟ ପ୍ରତି ବିଶ୍ୱାସକୁ କରିଛି ଦୃଢ଼ୀଭୂତ । ଆପଣା ଘର ଓ ଆପଣା ଆକାଶ ଏହି ସୀମିତତାର ବୋଧ ବିଶ୍ୱର ପ୍ରକାଣ୍ଡ ଶକ୍ତିଶାଳୀ ବ୍ୟକ୍ତିମାନଙ୍କୁ କରିବାକୁ ପଡ଼ିଛି । କେବଳ ଧନାର୍ଜନ ନୁହେଁ କିଛି ଧର୍ମାର୍ଜନ କରିବା ଲାଗି ସେମାନେ ଉଦ୍ୟତ ଜଣାପଡୁଛନ୍ତି । 'ଜୀବନ କ୍ଷଣ ଭଙ୍ଗୁର' ଏହି ତଥ୍ୟ ସ୍ୱୀକାରପୂର୍ବକ ରାଷ୍ଟ୍ରପତି ଟ୍ରମ୍ପ କହୁଛନ୍ତି- ଆମେରିକାରେ ଏକ ଲକ୍ଷରୁ ଦୁଇ ଲକ୍ଷ ମଧ୍ୟରେ ମୃତକମାନଙ୍କ ସଂଖ୍ୟାକୁ ସୀମିତ କରାଯାଇପାରିଲେ ସୌଭାଗ୍ୟ ମଣିବି ।

ଇତିହାସ ଆଜି କଡ଼ ଲେଉଟାଉଛି । ଚୀନ ତୃତୀୟ ବିଶ୍ୱର ସତେଯେପରି ବିଗୁଲ ଫୁଙ୍କି ଦେଇଛି । ଆମେରିକା ତା ଜାଲରେ ଛନ୍ଦି ହୋଇ ପଡ଼ିଲାଣି । ଅପରାଜେୟ 'ଡଲାର' କିଛି କରି ପାରୁନି। ଇଟାଲି, ସ୍ପେନ, ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ ଆଦି ୟୁରୋପୀୟ ଦେଶମାନେ ନିଜକୁ ଯେତେ ଶିକ୍ଷିତ ମଣୁଥିଲେ, ସେମାନଙ୍କ ଅଜ୍ଞାନତା ସ୍ପଷ୍ଟ ବାରି ହୋଇପଡ଼ିଛି । ଭୌତିକବାଦର ବାଲୁକାଶଯ୍ୟା ଆଧାରିତ ସଂସ୍କୃତି ଆଜି ଧରାଶାୟୀ ହେବା ଉପରେ ।

ତେବେ ୧୩୦ କୋଟି ଲୋକ, ବିବିଧ ଜାତି, ଧର୍ମ, ବିଶ୍ୱାସ ଓ ପରମ୍ପରା ମଧ୍ୟରେ ସମନ୍ୱୟ ସ୍ଥାପନ ପୂର୍ବକ ଏହି ବିଶାଳ ଦେଶ ସଫଳତାର ସହିତ ସଂଘର୍ଷ କରି ଚାଲିଛି । ତବ୍‌ଲିଗି ଜମାତର ଅନ୍ଧ ଶ୍ରଦ୍ଧା କିଛି ପରିମାଣରେ ଆମକୁ ବିବ୍ରତ କରୁଛି । ଆଜି ଆମେରିକା, ଅଷ୍ଟ୍ରେଲିଆ, ୟୁରୋପ ନ ଯାଇ ବୈକୁଣ୍ଠ ସମ ପରିବାର ମଧ୍ୟରେ ହସଖୁସିରେ ରହିହେବ ଏହା ପ୍ରମାଣିତ ହୋଇଛି । ଧନୀକ ଗୋଷ୍ଠୀର ରୋଗ ପ୍ରତିରୋଧକ କ୍ଷମତା ତୁଳନାରେ ଗରିବ ଲୋକମାନେ ବେଶ୍ ନିରାପଦ



ଜଣାପଡୁଛନ୍ତି । ମନ୍ଦିର, ମସଜିଦ, ଗୀର୍ଜା ଓ ଗୁରୁଦ୍ୱାରାମାନଙ୍କ ପୂଜକ, ମୌଲବୀ, ପାଦ୍ରୀ ବା ଗ୍ରନ୍ଥୀ କେହି ବି ଜଣେ ହେଲେ ରୋଗୀକୁ ବଂଚାଇ ପାରି ନାହାନ୍ତି । ଆମ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀ, ପୋଲିସ ବାହିନୀ, ସୁରକ୍ଷାକର୍ମୀ ଏବଂ ମିଡିଆର ବନ୍ଧୁମାନେ ଦେବଦୂତ ନୁହ ସ୍ୱୟଂ ଦେବ ରୂପରେ ନିର୍ବିକାର ଭାବରେ ସେବା କରି ଚାଲିଛନ୍ତି । ତିନିବର୍ଷର ଝିଅକୁ ତା ଅଜାଆଇ ଭରସାରେ ଛାଡ଼ି ଡାକ୍ତରାଣୀ ଦୀର୍ଘ ପନ୍ଦର ଦିନ ଧରି ହସ୍‌ପିଟାଲରେ ସେବା ଦେଇଚାଲିଛନ୍ତି । ଝିଅ କାନ୍ଦି କାନ୍ଦି ବେହାଲ ହେବାରୁ ତା ବାପା ବାଇକରେ ବସାଇ ଭେଟାଇବା ପାଇଁ ଆଣିଛନ୍ତି । ମା ମାସ୍କ ଲଗାଇ କେତେ ମିଟର ଦୂରରେ ଛିଡ଼ା ହୋଇଛନ୍ତି । ପିଲାଟି ମା କୋଳକୁ ଯିବାକୁ ଜିଦ୍ କରୁଛି । ମା ମୁହ ମୋଡ଼ି ଆଖି ପୋଛୁଛନ୍ତି। ସ୍ୱାମୀକୁ ଝିଅକୁ ନେଇ ଚାଲିଯିବାକୁ ଇସାରା କରୁଛନ୍ତି । ଏମାନେ ଯଦି ଭଗବାନ ନୁହନ୍ତି ତେବେ କାହାକୁ ଭଗବାନ କହିବା ?

ଏହି ବୈଶ୍ୱିକ ସଂକଟ ଆମ ପାଇଁ ଏକ ଅପୂର୍ବ ଅବସର ସୃଷ୍ଟି କରିବାର ସମ୍ଭାବନା ସ୍ପଷ୍ଟ ହେବାରେ ଲାଗିଲାଣି। ଯଦି ଆମେ କରୋନାକୁ ପରାସ୍ତ କରିବାରେ ସଫଳତା ପାଇବା, ଭାରତର ଭାଗ୍ୟରେ ଅଭୂତପୂର୍ବ ପରିବର୍ତ୍ତନ ଘଟିପାରେ । ଏ ପରିସ୍ଥିତିରେ ଚୀନକୁ କେହି ବିଶ୍ୱାସକୁ ନେଉ ନାହାଁନ୍ତି। ତା'ର ଛଳ-ବଳ ଠାରୁ ବେଶ୍ ଦୂରରେ ରହିବାକୁ ସମସ୍ତେ ଚାହାନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ଶତାଧିକ କଂପାନୀ ଏବଂ ଜାପାନର ବି କିଛି ବଡ଼ ଉଦ୍ୟୋଗ ଚୀନରୁ ସେମାନଙ୍କ ପ୍ରକଳ୍ପ ପ୍ୟାକ୍ ଅପ୍ କରି ସମସ୍ତ ପୁଞ୍ଜି ଭାରତରେ ବିନିଯୋଗ କରିବା ସକାଶେ ଅବଶ୍ୟ ଆଗ୍ରହ ଦେଖାଇବାର ସମ୍ଭାବନା ଅଛି । ଲୋକତାନ୍ତ୍ରିକ ଶାସନ ବ୍ୟବସ୍ଥା, ସ୍ୱଚ୍ଛ ପାରଦର୍ଶୀ ନୀତି, ୧୩୦କୋଟି ଉପଭୋକ୍ତା, ସୁଲଭ ଶ୍ରମଶକ୍ତି ଏବଂ ନମନୀୟ ନୀତି ମିଶି ଏକ ଦୁର୍ବାର ଆକର୍ଷଣ ପ୍ରସ୍ତୁତ କରୁଛନ୍ତି । ଅସ୍ତିତ୍ୱ ପାଇଁ ସଂଘର୍ଷକୁ ସଫଳତାର ସହିତ ଅତିକ୍ରମ କରି ପାରିଲେ ଏକ ଦିବ୍ୟ ଇତିହାସ ନିର୍ମାଣ କରିବାର ସମସ୍ତ ସମ୍ଭାବନା ଆମ ଲାଗି ଉନ୍ମୁକ୍ତ ହେବ- ଏଥିରେ ସନ୍ଦେହ ନାହିଁ । ଫିନିକ୍ସ ଭଳି ବିନାଶ ମଧ୍ୟରୁ ପୁନର୍ବିନ୍ୟାସ ଲାଭ କରିବାର ସାମର୍ଥ୍ୟ ଆମର ରହିଛି ।

ମୁ/ପୋ: ତୁଷୁରା, ଜି.ବଲାଙ୍ଗିର
ଦୂରଭାଷ : ୯୪୩୭୦୩୯୦୯୬

ସ୍ମୃତି

ସୌମେନ୍ଦ୍ର ମିଶ୍ର

ଅତୀତ କରିଛି ସ୍ୱାକ୍ଷର
"ସ୍ମୃତି" ନାମେ ଦୁଇ ଅକ୍ଷର।
ସମୟର ଚକ ପଛକୁ ଫେରିଛି
ଶୁଣିବାକୁ ପ୍ରତିଧ୍ୱନି ନିଜର...... ॥୦॥

କିଛି ଖଟାମିଠା ଅନୁଭୂତି
ମାନ ଅଭିମାନ ଭାବ ପ୍ରୀତି
କେତେ ଅନ୍ଧାର ଆଲୁଅ ଖେଳ
ଗାଆଁ ଭିଟାମାଟି ଚୁଲିଜାଳ।
ଅତୀତ କରିଛି ସ୍ୱାକ୍ଷର
"ସ୍ମୃତି" ନାମେ ଦୁଇ ଅକ୍ଷର।
ଲେଉଟାଇ ପୃଷ୍ଠା ନିରେଖି ରହୁଁଛି
ମାପିବାକୁ ପାପପୂଣ୍ୟ ନିଜର। ॥୧॥

ବୋଉ ହାତରନ୍ଧା ଶାଗ ଭାତ
ରଜ, ରଥ, ହୋଲି, ଝାମୁଯାତ
ଗୁଡ଼ି, ବାଗୁଡ଼ି, ଖପରାକାଟି
ନଟୁ, ଗୁଚି ଡାଣ୍ଡୁ, ଗିଲ, ବାଟି।
ଅତୀତ କରିଛି ସ୍ୱାକ୍ଷର
"ସ୍ମୃତି" ନାମେ ଦୁଇ ଅକ୍ଷର।
ଅଫେରା ଢ଼େଉରେ ଓଲଟା ପହଁରେ
ଛୁଇଁବାକୁ ପ୍ରତିବିମ୍ବ ନିଜର । ॥୨॥

ଖଡ଼ି ସିଲଟରେ ପାଠପଢ଼ା
ନଈ ପୋଖରୀରେ ନିତି ବୁଡ଼ା
ଆମ୍ବ, ପଣସ, ପିଜୁଳି, ଚୋରି
ମିଛ ବାହାଘର, ପିଠା ଖିରୀ ।
ଅତୀତ କରିଛି ସ୍ୱାକ୍ଷର
"ସ୍ମୃତି" ନାମେ ଦୁଇ ଅକ୍ଷର।
ଅଭୁଲା ଦିନକୁ ସାଉଁଟି ଆଣିଛି
ଲେଖିବାକୁ ଆତ୍ମକଥା ନିଜର । ॥୩॥

ସାଙ୍ଗସାଥି ମେଳେ ବଣଭୋଜି
ମାଛଧରିବା ବନିସି ଖଞ୍ଜି
ଯବେ ଗୋଧୂଳୀରେ ଆସେ ସଂଧ୍ୟା
ଆଗେ ପ୍ରାର୍ଥନା ତା'ପରେ ବିଦ୍ୟା
ଅତୀତ କରିଛି ସ୍ୱାକ୍ଷର
"ସ୍ମୃତି" ନାମେ ଦୁଇ ଅକ୍ଷର।
ବିଶାଳ ପାଦପ ମୂଳତ ଜାଣିଛି
ଥିଲା ଯହିଁ ଷଠିଘର ନିଜର । ॥୪॥

ବାପା ଦାଦାଙ୍କର ନାଲିଆଖି
କହେ ପାଦ ପକା ଫୁଙ୍କି ଫୁଙ୍କି
ଭାଇ ଭଉଣୀ ସିନିହ ସୁଖ
କରେ ଜୀବଜନ୍ତୁଙ୍କୁ ମାନସାଙ୍କ
ଅତୀତ କରିଛି ସ୍ୱାକ୍ଷର
"ସ୍ମୃତି" ନାମେ ଦୁଇ ଅକ୍ଷର।
ବଢ଼ିଛି ବୟସ ହଜିଛି ପୀୟୁଶ
ତୁଲେ ଖାଲି ଗଣ୍ଠିଲିକୁ ନିଜର । ॥୫॥

ବରିଷ୍ଠ ଅଧ୍ୟାପକ, ଗଣିତ ବିଭାଗ
ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ

ଶରତଚନ୍ଦ୍ରଙ୍କ ଶ୍ୱାନପ୍ରୀତି

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ



ତାଙ୍କ ପୂରା ନାଆଁ ଶରତ ଚନ୍ଦ୍ର ଚଟର୍ଜୀ। କିନ୍ତୁ ଶରତଚନ୍ଦ୍ର କହିଲେ ଲୋକେ ତାଙ୍କୁ ହିଁ ବୁଝିଥାନ୍ତି। ବଙ୍ଗଳାର ଏହି ଲେଖକ ଜଣକ ଉପନ୍ୟାସ ଲେଖି ଖୁବ୍ ବିଖ୍ୟାତ ହୋଇପାରିଥିଲେ। ତାଙ୍କ ପରିବାର ଥିଲା ଅତିଗରିବ। ତେଣୁ ସେ ପିଲାଦିନେ ଉପଯୁକ୍ତ ଶିକ୍ଷା ପାଇ ପାରିନଥିଲେ। ଏପରିକି ପରୀକ୍ଷା ଫିସ୍ ନଦେଇପାରିବାରୁ କଲେଜ ପାଠ ପାସ୍‌କରିବା ତାଙ୍କ ପକ୍ଷେ ସମ୍ଭବ ହୋଇନଥିଲା। ହେଲେ ତାଙ୍କର ଲେଖାଲେଖି ଆରମ୍ଭ ୧୭ବର୍ଷ ବୟସରୁ। ଦୀନଦୁଃଖୀ ମଣିଷଙ୍କ ପ୍ରତି ତାଙ୍କର ଯେପରି ଦରଦ ଥିଲା, ସେହିପରି ଅତି ଦରଦ ଥିଲା ପଶୁପକ୍ଷୀଙ୍କ ପ୍ରତି ମଧ୍ୟ। ତାଙ୍କର କୁକୁର ପ୍ରୀତି ସଂପର୍କରେ ଶୁଣ ଏଇ ସତ ଘଟଣାଟିକୁ।

ଦିନେ ସକାଳେ ଶରତଚନ୍ଦ୍ର ଘରୁ ବାହାରିଆସି ଠିଆ ହୋଇଥିଲେ ରାସ୍ତାକଡ଼ରେ। ଏତିକିବେଳେ ଚାରିଟି କୁକୁରଛୁଆ ରାସ୍ତାକଡ଼ରେ ପଡ଼ି କୁଉଁ କୁଉଁ କରୁଥିବାର ତାଙ୍କ ଆଖିରେ ପଡ଼ିଗଲା। ଛୁଆଗୁଡ଼ିକ ଥିଲେ ଅତି ଛୋଟ। ତେଣୁ ଚଲାବୁଲା କରିନପାରି ପଡ଼ିରହିଥିଲେ ଏକାଠି। ବଡ଼ରାସ୍ତା। ଲୋକେ ସେହିବାଟେ ଯାଉଥାନ୍ତି, ଆସୁଥାନ୍ତି। କୁକୁରଛୁଆଁଙ୍କ କୁଉଁ କୁଉଁ ଶବ୍ଦଶୁଣି କିଏ ଟିକିଏ ଅଟକି ଯାଉଥାଏ ତ ଆଉ କିଏ ମୁହଁବୁଲେଇ ଚାଲିଯାଉଥାଏ। କିନ୍ତୁ ତିନୋଟି ସାନପିଲା ସେଇଠି ଠିଆହୋଇ ନିଜ ନିଜ ଭିତରେ କ'ଣ ସବୁ କଥା ହେଉଥାନ୍ତି।

ଟିକିଏ ପରେ ଶରତଚନ୍ଦ୍ର ଧୀରେ ଧୀରେ ଯାଇ ସେହି ପିଲା ତିନିଜଣଙ୍କୁ ପଚାରିଲେ, "ଆରେ ପିଲାଏ, ଏମାନଙ୍କ ମାଆ କୁଆଡ଼େ ଗଲା ଦେଖିଚ ?"

ଏହାଶୁଣି ସବା ବଡ଼ପିଲାଟି ଉତ୍ତର ଦେଲା, "ନାଇଁ ତ, ମାଆ କୁକୁରକୁ ଆମେ ଦେଖିନୁ। କେବଳ ଛୁଆ ଚାରିଟି ପଡ଼ିଛନ୍ତି ଏଠି।"

ଶରତଚନ୍ଦ୍ର ଚିନ୍ତାକଲେ - "ରାସ୍ତା କୁକୁର, ସେଥିପାଇଁ ଭୋକ ଜ୍ୱାଳାରେ କୁଆଡ଼େ ଯାଇ ନିଶ୍ଚୟ କିଛି ବିପଦରେ ପଡ଼ିଛି। ନୋହିଲେ ଏତେ କଅଁଳା ଛୁଆଗୁଡ଼ିକୁ ଛାଡ଼ି ସେ ଏତେ ସମୟଧରି କେଉଁଠି ରହିଥିବ କାହିଁକି ?"

ସେ ସେହି ପିଲାଙ୍କୁ ପଚାରିଲେ, "ଆଚ୍ଛା ତୁମେମାନେ ଏମାନଙ୍କ ମାଆଙ୍କୁ ଚିହ୍ନିଚ ?"

ହଁ, ଆମେ ଚିହ୍ନିଚୁ। ସେଇଟା ଦେଖିବାକୁ କଳା।

ତୁମେମାନେ ତାହାହେଲେ ପଡ଼ାର ଆଖପାଖ ଖୋଜି ଦେଖତ ମାଆ କୁକୁରକୁ ପାଉଛ କି ନା ! ମୁଁ ଏଇଠି ଠିଆହୋଇ ଛୁଆଙ୍କୁ ଜଗିଛି। ତୁମେ ପଡ଼ାଭିତରେ ମାଆକୁକୁରକୁ ଖୋଜି ମୋତେ ଆସି ଖବରଦେବ।

ପିଲା ତିନିଜଣ କୁକୁରକୁ ଖୋଜିବାପାଇଁ ବାହାରିଗଲେ। ଶରତଚନ୍ଦ୍ର ସେଇଠି ଛିଡ଼ାହୋଇ ରହିଲେ ଏକୁଟିଆ। କିଛିକ୍ଷଣ ପରେ ପିଲାଏ ଆସି ଜଣାଇଲେ ପଡ଼ାରେ ଅନେକ ଖୋଜାଖୋଜି କରି ବି ସେମାନେ ମାଆ କୁକୁରଟିର ସନ୍ଧାନ ପାଇଲେନି।

ବଡ଼ ଚିନ୍ତାରେ ପଡ଼ିଗଲେ ଶରତଚନ୍ଦ୍ର। ନିଜକୁ ନିଜେ ପଚାରିଲେ, 'ଏମାନଙ୍କ ମାଆ ନଆସିଲେ ଏମାନେ ପୁଣି ବଞ୍ଚିବେ କେମିତି ?'

ଟିକିଏ ଭାବିନେଇ ସେ ଦୁଇହାତରେ ଦୁଇଟି କୁକୁରଛୁଆଙ୍କୁ କୋଳକୁ ଉଠେଇନେଲେ। ବଡ଼ପିଲା ଦୁହିଁଙ୍କୁ କହିଲେ, "ନିଅ, ତୁମେ ଦୁହେଁ ଗୋଟିଏ ଲେଖାଏଁ ଛୁଆକୁ ଧରି ମୋ'ସାଙ୍ଗରେ ଆସ।"

ନିଜ ଘରେ ପହଞ୍ଚିଯାଇ ଚାକର ଭୋଳାକୁ ଡାକି କହିଲେ, "ଭୋଳା, ଚଞ୍ଚଳ ଗୋଟିଏ ବଡ଼ ଅଖା ନେଇଆ'ତ।" ଭୋଳା ଘର ଭିତରକୁ ଯାଇ ଅଖାଟିଏ ନେଇଆସିଲା।

ଅଖାଟିକୁ ଚଟାଣ ଉପରେ ପାରିଦେଇ ଶରତଚନ୍ଦ୍ର ସେଇ କୁକୁରଛୁଆ ଚାରିଟିକୁ ତା'ଉପରେ ଶୁଆଇଦେଲେ। ତା'ପରେ ଭୋଳାକୁ କହିଲେ, ଘରେ ଯେତକ କ୍ଷୀର ଅଛି ସବୁତକ ଉଷୁମକରି ନେଇଆ। ପରେ ଗଉଡ଼ଠାରୁ ଏମାନଙ୍କ ପାଇଁ ଅଲଗା କ୍ଷୀରର ବନ୍ଦୋବସ୍ତ କରାଯିବ।

ପିଲା ତିନିଜଣ ସେଇଠି ଚୁପ୍‌କରି ଠିଆହୋଇ ସବୁ ଦେଖୁଥିଲେ। ଶରତଚନ୍ଦ୍ର ସେମାନଙ୍କୁ ଚାହିଁ କହିଲେ - ତୁମେ ତ ଏମାନଙ୍କ ମାଆକୁ ଚିହ୍ନିଚ। ତେଣୁ ସମୟ ଦେଖି ତାକୁ ପଡ଼ାରେ ଖୋଜି ଦେଖତ। ଦେଖାପାଇଲେ ତାକୁ ଏଠାକୁ ନେଇଆସିବ। ନପାଇଲେ ବି ଆସି ମୋତେ ଖବରଦେବ। କଅଣ ବୁଝିଲତ। ପିଲା ତିନିହେଁ ବଡ଼ ଉତ୍ସାହରେ ମୁଣ୍ଡ ଟୁଙ୍ଗାରି ଚାଲିଗଲେ।

ଏହାପରେ ମାଆଛେଉଁଣ୍ଡ ଅସହାୟ କୁକୁର ଛୁଆଗୁଡ଼ିକୁ ବଞ୍ଚେଇବା ନିମନ୍ତେ ସତେଯେମିତି ଲଢ଼େଇ ଆରମ୍ଭ କରିଦେଲେ ଶରତଚନ୍ଦ୍ର। ଘଣ୍ଟା ଦେଖି ମଝିରେ ମଝିରେ ସେମାନଙ୍କୁ କ୍ଷୀର ଖୁଆଇବାରେ ଲାଗିଲେ। ସେ ନିଜେ, ତାଙ୍କର ଅତି ପରିଚିତ ଲୋକ ଖାଁଦୁ ଏବଂ ଚାକର ଭୋଳା - ଏହି ତିନିଜଣ ମିଶିକରି ବାହାରିପଡ଼ିଲେ ମାଆ କୁକୁରକୁ ଖୋଜିବାରେ। ଦୁଇଦିନ ଧରି ସକାଳ, ଦ୍ୱିପ୍ରହର ଓ ସଂଜରେ ପଡ଼ାରୁ ପଡ଼ା ବୁଲି ଖୋଜିଚାଲିଲେ ତାକୁ। ହେଲେ ତାକୁ ପାଇଲେନି। ସେହି ପିଲା ତିନିଜଣ ବି ଆସି ଶରତଚନ୍ଦ୍ରଙ୍କୁ ମାଆକୁକୁର ନମିଳିବାର ଖବରଦେଲେ। ଶରତଚନ୍ଦ୍ର ଭାବିଲେ - ହୁଏତ କେହି ତାକୁ ଧରି ବାନ୍ଧିରଖିଛି, ନୋହିଲେ ଚକ ତଳେ ଚାପାପଡ଼ି ସେ ମରିଯାଇଛି। ଏପରି ଭାବିବା ସତ୍ତ୍ୱେ ତା'କୁ ଖୋଜିବା ଚାଲୁରଖିଲେ ସେ।

ଦୁଇ ତିନିଦିନ ପରେ ଦିନେ ସକାଳେ ଗାଧୋଇସାରି ଶରତଚନ୍ଦ୍ର ଠାକୁରପୂଜା କରିବାପାଇଁ ବସିଗଲେ। ପୂଜା ଶେଷରେ ମଠା ଧୋତିପିନ୍ଧି ଓ କପାଳରେ ଚନ୍ଦନଲଗେଇ ସେ ଅବସ୍ଥାରେ ଖାଁଦୁକୁ ଡାକିକହିଲେ - "ଖାଁଦୁ, ମୋର ମନେହେଉଛି ଯେ ଆଜି ଆମେ କୁକୁରଟିର ସନ୍ଧାନ ନିଶ୍ଚୟ ଖୋଜିପାଇବା। ଚାଲତ ଦେଖି, ଖୋଜି ଆସିବା ଟିକିଏ।" ଖାଁଦୁକୁ ଧରି ସେହି ଅବସ୍ଥାରେ ଶରତଚନ୍ଦ୍ର କୁକୁରଟିକୁ ଖୋଜିବାପାଇଁ ବାହାରିପଡ଼ିଲେ। ଖାଁଦୁଙ୍କ ଘରପାଖରେ ଥିଲା କେହି ରହୁନଥିବା ଘରଟିଏ। କୌଣସି ଲୋକ ରହୁନଥିବାରୁ ଗଛଲତା ଓ ଘାସବଢ଼ି ଜାଗାଟା ପୂରାପୂରି ଜଙ୍ଗଲିଆ ହୋଇପଡ଼ିଥିଲା। ଶରତଚନ୍ଦ୍ର ଖାଁଦୁଙ୍କୁ କହିଲେ - "ଖାଁଦୁ ଆମେତ ଅନେକ ଜାଗାରେ ଖୋଜିଛେ। ହେଲେ ଏହି ଘର ଚାରିପାଖ ଅରମା ଜାଗାଟିକୁ ତ ଯାଇନେ। ଟିକିଏ ଦେଖିଆସିବା ଚାଲିଲୁ।"

ଏଇଆ କହି ଦୁହେଁ ଘାସଲଟା ଆଡ଼େଇ ଆଡ଼େଇ ଘରପାଖରେ ପହଞ୍ଚିଗଲେ। ଘରସାମନାରେ ରହିଥିଲା କୂଅଟିଏ। କୂଅଟି ଦେଖି ଶରତଚନ୍ଦ୍ର ତା'ନିକଟକୁ ଆଗେଇଗଲେ। ଉଙ୍କିମାରି କୂଅ ଭିତରକୁ ଚାହିଁଲେ। ଦେଖିଲେ ଯେ ପନ୍ଦ ନଥିବା ଓ ଶୁଖିଲା ପଡ଼ିଥିବା ସେଇ କୂଅଟି ଭିତରେ କଳାରଙ୍ଗର କୁକୁରଭଳି କଅଣ ଗୋଟାଏ ଶୋଇରହିଛି। ଏହା ଦେଖି ଶରତଚନ୍ଦ୍ର ପାଟିକରି କହିଉଠିଲେ - ଦେଖ, ଦେଖ, ଖାଁଦୁ, ମନେହଉଛି ଏଇଟା ସେଇ କୁକୁର।

ଖାଁଦୁ ବି କୂଅ ଭିତରକୁ ଚାହିଁକହିଲା - ହଁ, ମୋତେ ତ ସେଇଆ ଜଣାପଡୁଛି।

ଶରତଚନ୍ଦ୍ର କହିଲେ - "ଖାଇବା ଖୋଜି ଖୋଜି ଆସି ସେ ନିଶ୍ଚୟ ଏଇ କୂଅଟି ଭିତରେ ଖସିପଡ଼ିଛି। ଜଣା ବି ପଡୁଛି ବଞ୍ଚିଥିବା ଭଳି। ଭୋକଜ୍ୱାଳାରେ ପଡ଼ିରହିଛି ନିର୍ଜୀବହୋଇ। ଆରେ ହଁ ତ, ତା ମୁଣ୍ଡ ହଲୁଥିବାର ବି ମାଲୁମ୍‌ପଡୁଛି ମୋତେ।"

ଏହାପରେ କଅଣ କରିବାପାଇଁ ପଡ଼ିବ, ତାହା ଶରତଚନ୍ଦ୍ର ମୁହୂର୍ତ୍ତକ ଭିତରେ ଭାବିନେଲେ। କହିଲେ - 'ଖାଁଦୁ ତୁ ଗୋଟିଏ କାମ କର। ଏବେ ଆମ ଘରକୁ ଚାଲିଯାଇ ଭୋଳାକୁ କହିଦେଇଆ ଯେ, ଦୋକାନରୁ କିଛି କତାଦଉଡ଼ି, ଦୁଇଟି ପାଉଁରୁଟି ଓ କେତୋଟି ସନ୍ଦେଶ କିଣି ଏବଂ ଗୋଟିଏ ବଡ଼ ଟୋକେଇ ଧରି ସେ ଚଞ୍ଚଳ ଏଠି ଆସି ପହଞ୍ଚିବ।'

ଖାଁଦୁ ଚାଲିଗଲା ଭୋଳାକୁ ଖବର ଦେବାପାଇଁ। ଖବର ଦେଇସାରି ପୁଣି ଫେରିଆସିଲା ଶରତଚନ୍ଦ୍ରଙ୍କ ପାଖକୁ।

କିଛି ସମୟପରେ ସବୁ ଜିନିଷଧରି ଭୋଳା ଆସି ସେଠାରେ ପହଞ୍ଚିଗଲା। ଖାଁଦୁ ଓ ଭୋଳାମିଶି ଟୋକେଇର ସମାନ ସମାନ ଛଡ଼ାରେ ଦଉଡ଼ି ବାନ୍ଧିଦେଲେ। ଫଳରେ ଟୋକେଇଟି ଗୋଟିଏ ଝୁଲାଭଳି ହୋଇଗଲା।

ଏହାପରେ ଶରତଚନ୍ଦ୍ର ପାଉଁରୁଟିକୁ ବଡ଼ ବଡ଼ ଖଣ୍ଡ କରି ଛିଣ୍ଡେଇଦେଲେ। ସନ୍ଦେଶ ଓ ସେହି ପାଉଁରୁଟି ଖଣ୍ଡଗୁଡ଼ିକୁ ଦଉଡ଼ିବନ୍ଧା ଟୋକେଇ ଭିତରେ ରଖିଦେଲେ। ତା'ପରେ ଟୋକେଇରେ ବନ୍ଧାହୋଇଥିବା ଲମ୍ବା ଦଉଡ଼ିକୁ ଧରି ଟୋକେଇକୁ ଧୀରେ ଧୀରେ ଖସେଇଦେଲେ କୂଅ ଭିତରକୁ।

କୁକୁରଟି ଥିଲା ଅତ୍ୟନ୍ତ ଭୋକିଲା ଓ ଦୁର୍ବଳ। ମଲାଭଳି ପଡ଼ିରହିଥିଲା ସେ। ତା'ନାକରେ ଖାଦ୍ୟର ଗନ୍ଧ ବାଜିବାରୁ ଭୋକରେ ଆଉଟୁ ପାଉଟୁ ହେଉଥିବା ସେହି କୁକୁରଟି ଘୁଷୁରି ଘୁଷୁରି ଆସି ପଶିଗଲା ଟୋକେଇ ଭିତରେ। ସେଠାକୁ ଯାଇ ଆସ୍ତେ ଆସ୍ତେ ଖାଇବାଆରମ୍ଭ କରିଦେଲା ସେ। ସେତିକିବେଳେ ଶରତଚନ୍ଦ୍ର କୁକୁର ସମେତ ଟୋକେଇଟିକୁ ଟାଣି ବାହାରକୁ ନେଇଆସିଲେ।

ଛୁଆ ଜନ୍ମଦେଇ କୁକୁରଟି ଖୁବ୍ ଦୁର୍ବଳ ହୋଇପଡ଼ିଥିଲା। ତା'ସାଙ୍ଗକୁ କିଛିଦିନ ଧରି ଖାଇବାକୁ ନପାଇ ମଡ଼ାଭଳିଆ ହୋଇଯାଇଥିଲା ସେ। ବିଶେଷ ହଲଚଲ ହୋଇପାରୁନଥିଲା। ଖାଉଥିଲା ଟୋକେଇ ଭିତରେ ଶୋଇ ଶୋଇ। ଏହା ଉତ୍ତାରୁ ଶରତଚନ୍ଦ୍ର, ଖାଁଦୁ ଓ ଭୋଳାମିଶି କୁକୁରକୁ ଘରକୁ ନେଇଆସିଲେ। ଘରେ ପହଞ୍ଚି ସେଇ ମାଆକୁକୁରକୁ ଛାଡ଼ିଦେଲେ ତା'ର ଛୁଆମାନଙ୍କ ନିକଟରେ।

ନିଜ ସନ୍ତାନମାନଙ୍କୁ ପାଇ କୁକୁରଟିର ମାତୃହୃଦୟ ଖୁବ୍ ଉଦ୍‌ବେଳିତ ହୋଇଉଠିଲା। ଆଖି ଓ ମୁହଁରେ ତା'ର କି ଖୁସିର ଭାବ! ସେ ତା'ର ଛୁଆଙ୍କୁ ନିଜ କ୍ଷୀର ଖୁଆଉ ଖୁଆଉ ଅସୀମ ବିସ୍ମୟରେ ଚାହିଁରହିଲା ଶରତଚନ୍ଦ୍ରଙ୍କୁ।

ମଣିଷ ଭଳି କୁକୁରର ବି ଯଦି ମନ ବୋଲି କିଛିଥାଏ, ତାହାହେଲେ ସେ ହୁଏତ ଭାବୁଥିଲା - "ଏଇ ଲୋକଟା ମଣିଷ ନା ଦେବତା!"

ଅଭୀପ୍ସା
ସେକ୍ଟର-୬, ପ୍ଲଟ୍ ନଂ-୧୧୩୧
ଅଭିନବ ବିଡ଼ାନାସୀ, କଟକ
ପିନ୍ - ୭୫୩୦୧୪

ଧୈର୍ଯ୍ୟ : ଜୀବନର ଆଧାର

ଡ. ଗୁରୁପ୍ରସାଦ ମହାପାତ୍ର

ଆଦରର ପିଲାମାନେ,

ଅନେକ ଦିନର ନୀରବତା ପରେ, ପତ୍ର ପ୍ରେରିତ ମୋର ଆନ୍ତରିକ ଅଭିବାଦନଟିକୁ ସାଦରେ ଗ୍ରହଣ କରିବ। ଆଶା, ଈଶ୍ୱରଙ୍କ ଅମାପ ଆଶୀର୍ବାଦର ଛତ୍ର ଛାୟା ତଳେ, ସପରିବାର ନିଶ୍ଚୟ ନିରାପଦରେ ଥିବ। ମୁଁ ଏଠାରେ ଏକ ପ୍ରକାର ଭଲରେ ଅଛି। ପରିଣତ ବୟସରେ, ଜୀବନକୁ ବୁଝିବାକୁ ଚେଷ୍ଟା କରିବା, ଘଟିଯାଉଥିବା ଘଟଣାବଳୀକୁ ଅନୁଶୀଳନ କରିବା ଏବଂ ଉପଲବ୍ଧି ଅନୁଭୂତି ସମୂହକୁ ପୁଞ୍ଜି କରି, ଆଗାମୀ ପାଇଁ ପ୍ରସ୍ତୁତ ହେବାପାଇଁ ଏବେ ବି ପ୍ରୟାସ ଜାରି ରଖିଛି। ସେଥିରେ ମୁଁ କେତେ ଯେ ସଫଳ ହୋଇଛି ଜାଣେନା।

"ଅନେକ ସମୟ ନିଜକୁ ପଚାରେ
କେଉଁ ଅସୁବିଧା ପାଇଁ
ଜୀବନ ନାମକ ସୁନ୍ଦର ସୁଯୋଗ
ଯାଏ ଅସଜଡ଼ା ହୋଇ
ବୁଦ୍ଧି ହୋଇଯାଏ ବଣା
ସମସ୍ୟା ଭୂତାଣୁ କେବେ ପଶିଯାଏ
କିଛି ପଡ଼େନାହିଁ ଜଣା।"

ବସନ୍ତର ଆଗମନରେ ଫୁଲେଇ ଆମ୍ବଗଛର ବଉଳ ସମୂହକୁ ଅସହିଷ୍ଣୁ କୁହୁଡ଼ି ନଷ୍ଟ କରିଦେଲା ପରି, ଅଦିନିଆ ବର୍ଷାର ସହଯାତ୍ରୀ ଦୁର୍ଦ୍ଦଶ ବଜ୍ରପାତରେ ସୁସ୍ଥ ନଡ଼ିଆ ଗଛଟି ଠିଆ ଠିଆ ଜଳିଗଲା ପରି, ଆକସ୍ମିକ ଭାବରେ ଏପରି କିଛି କିଛି ଘଟଣା ଜୀବନର ପରିଧି ଭିତରକୁ ଧସେଇ ପଶନ୍ତି, ଯାହାକୁ ନିୟନ୍ତ୍ରଣ କରିବାପାଇଁ ମଧ୍ୟ ପାଖରେ ସମୟ ନଥାଏ, କି ଉପାୟ ମଧ୍ୟ ନଥାଏ।

ସେଇଥିପାଇଁ ତ କୁହାଯାଏ, ଅପ୍ରତ୍ୟାଶିତ ଆମ ଜୀବନର ଗତି। କେତେବେଳେ କେଉଁ ମୋଡ଼ ନିଏ ବେଳେବେଳେ ଜଣାପଡ଼େନି। ଅନୁମାନ ମଧ୍ୟ କରିହୁଏ ନାହିଁ, ତତ୍ ସମ୍ପର୍କିତ ନକରାତ୍ମକ ସମ୍ଭାବନାକୁ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ଏହିକି ଯେ, ଯଦି କୌଣସି ନକରାତ୍ମକ ଘଟଣାକୁ ଏଡ଼େଇ ଦେଇ ନହେଲା, ତେବେ ସହିବା ନିମନ୍ତେ ଧୈର୍ଯ୍ୟ ଏବଂ ବୁଦ୍ଧିର ନିହାତି ଆବଶ୍ୟକତା ଅଛି।

କଥାଟିକୁ ଠିକ୍‌ରେ ବୁଝିବାପାଇଁ, ତୁମକୁ ଗୋଟିଏ ଚତୁର ଚୁଟିଆ ମୂଷା ବିଷୟରେ ଗପଟିଏ କହିବି।

ଶୀତଦିନିଆ ଅଧରାତି। ଘରେ ଖାଇ, ପିଇ ସମସ୍ତେ ଶୋଇ ପଡ଼ିଥାନ୍ତି ନିଘୋଡ଼ ନିଦରେ। କରେଣ୍ଟ୍ ନଥିବାରୁ ବେଡ୍ ଲାଇଟ୍ ବି ଜଳୁନି। ତେଣୁ, ଘର ଭିତର କେବଳ ଅନ୍ଧାର ହିଁ ଅନ୍ଧାର।

ଚୁଟିଆ ବାହାରିଲା ନିଜପାଇଁ ଖାଦ୍ୟ ଅନ୍ୱେଷଣରେ। ରୋଷେଇ ଘରଆଡ଼କୁ। ହେଲେ, ସେ କ'ଣ ଜାଣିଛି, ବିଲେଇ ନାନୀ ମଧ୍ୟ ଅନ୍ଧାରର ସୁଯୋଗ ନେଇ ଆସିଛି ସେଇ ରୋଷେଇ ଘରକୁ। ବିଚରା ଚୁଟିଆ ଯେତେବେଳେ ଟୁଙ୍ଗ ଟାଙ୍ଗ ଡ଼େଇଁ ଡ଼େଇଁ ପଶିଛି ରୋଷେଇ ଘରେ, ବିଲେଇ ନାନି ମାଡ଼ିବସିଲା ମୂଷା ଉପରେ।

ଏଥର ମୂଷା ଯାଏ କୁଆଡ଼େ ? ତା'ର ସମସ୍ତ ଉନ୍ମାଦନା ନିମିଷକେ ମଧ୍ୟରେ ଉଭେଇ ଗଲା ସୁଅ ମୁହଁରେ ପତର ପରି। ଋପି ହୋଇଯାଉଛି ସେ ବିଲେଇର ପାଦ ତଳେ। କ'ଣ କରିବ ? କେମିତି ବା ଖସିବ ? କାହାକୁ ବା ସାହାଯ୍ୟ ମାଗିବ ? କିଏ ଉଦ୍ଧାର କରିବ ତାକୁ, ଏ ନିଷ୍ଠୁର ବିଲେଇ କବଳରୁ ? କିଛି ବାଟ ଦିଶୁ ନଥାଏ।

ମୃତ୍ୟୁର ପଞ୍ଝାରେ ଥାଇ ମଧ୍ୟ ମୂଷା ନିଜର ଧୈର୍ଯ୍ୟ ହରାଇଲା ନାହିଁ। ବୁଦ୍ଧିଟିଏ ପାଞ୍ଚିଲା। ତା'ର ଚୁଁ ଚୁଁ ସ୍ୱରରେ କହିବାକୁ ଆରମ୍ଭ କଲା।

- "ଓଃ ! ମୋ ମୁଣ୍ଡଲୋ..... ମୋ ମୁଣ୍ଡ।"

ବିଲେଇ ଆଶ୍ଚର୍ଯ୍ୟ ହେଲା। ଆଗରୁ ସେ ଅନେକ ମୂଷା ଶିକାର କରିଛି ସତ। କିନ୍ତୁ, କେହି ଏମିତି "ମୋ ମୁଣ୍ଡଲୋ, ମୋ ମୁଣ୍ଡ" ବୋଲି ଚିଲ୍ଲେଇ ନାହାନ୍ତି। ନିଜ ପାଦ ତଳେ ଋପି ହୋଇରହିଥିବା ମୂଷାକୁ ଟିକେ ଧମକାଇ ପଚାରିଲା

- "କ'ଣ ହେଲା ବେ । ମରିବାକୁ ଡର ଲାଗୁଛି ?"

- "ନାହିଁ। ମରିବାକୁ ଡର ଲାଗୁନି। ମୁଣ୍ଡ କ'ଣ ହୋଇଯାଉଛି। ନୀରିହର ଅଭିନୟ କରି କହିଲା ମୂଷା।"

ବିଲେଇ ଆହୁରି ଆଶ୍ଚର୍ଯ୍ୟ।

- "କ'ଣ ହେଲା ? ମରିବାକୁ ଡର ଲାଗୁନି ? ଖାଲି ମୁଣ୍ଡ କ'ଣ ହେଉଛି। ନାଇଁ ? ବ୍ୟସ୍ତ ହୁଅନା। ଏଇଲେ ତୋତେ ଖାଇଦେଲେ, ତୋ ମୁଣ୍ଡ ବିନ୍ଧା ମନକୁ ମନ ଭଲ ହୋଇଯିବ।"

ବିଲେଇ ତୁଣ୍ଡରୁ କଥା ସରିଛି କି ନାହିଁ, ଚତୁର ଚୁଟିଆ ତୁରନ୍ତ କହିଲା।

- "ବେଶି ଆଉ ଡ଼େରି କରନା, ବିଲେଇ ନାନି। ମୋତେ ଶୀଘ୍ର ଖାଇଦେ। ମୋ ମୁଣ୍ଡ ବିନ୍ଧା ଭାରି କଷ୍ଟ ହେଉଛି। ମରିବି ଯଦି, ଏତେ କଷ୍ଟ ଆଉ କାହିଁକି ସହିବି ?"

ବିଲେଇ ମନେ ମନେ ଭାବୁଥାଏ। ମୁଁ ତ ଏ ମୂଷାକୁ ଆସ୍ତେ ମୋ ପାଦରେ ଧରିଛି। ଏ ଏମିତି ମୁଣ୍ଡବିନ୍ଧା କଥା କହୁଛି କାହିଁକି ? ତେଣୁ ପଚାରିଲା।

– "ଆବେ ! ତୋ ମୁଣ୍ଡ କ'ଣ ପାଇଁ ବିନ୍ଧୁଛି ।"

– "ବିଲେଇ ନାନୀ ! ମତେ ସତ । ତତେ ମିଛ । ତୋ ରାଣଲୋ ସତ କହୁଛି ।"

– "ଆବେ ! କହୁନୁ । ତୋ ମୁଣ୍ଡ କ'ଣ ପାଇଁ ବିନ୍ଧୁଛି ।"

– "ବୋଧହୁଏ ଏ ଘର ମାଲିକ, ମୋତେ ମାରିବା ପାଇଁ ବେସନ ପକୁଡ଼ିରେ ମୂଷାମରା ଔଷଧ ଗୋଳାଇ ରଖିଥିଲା । ନ ଜାଣି ପାରି ମୁଁ ଖାଇ ଦେଇଛି । ସେଥିପାଇଁ ମୃତ୍ୟୁ ପୂର୍ବରୁ ମୋ ମୁଣ୍ଡକୁ କିଏ ଭିତରୁ ହାତୁଡ଼ିରେ ପିଟି ପକେଇଲା ପରି ଲାଗୁଛି । ମୋର ଯାହା ମନେହେଉଛି ମରିବି ତ ନିଶ୍ଚୟ । ବିଷର ପ୍ରଭାବରେ ମରିବି । ନତୁବା ତୁ ଖାଇଦେଲେ ମରିବି । ତେବେ ଯଦି ମରିବା ନିଶ୍ଚିତ, ଏତେ କଷ୍ଟ ଆଉ କାହିଁକି ସହିବି ? ? ? ତୋ ଗୋଡ଼ ଧରୁଛି । ତୋତେ ଅନୁରୋଧ କରୁଛି । ତୁ ମୋତେ ଶୀଘ୍ର ଖାଇଦେ ।"

ଏଥର ବିଲେଇ ନାନୀ ଚିନ୍ତାରେ ପଡ଼ିଗଲା । ଯଦି ଏ ଚୁଟିଆ ବିଷ ଖାଇଦେଇଛି, ଏହାକୁ ଯିଏ ଖାଇବ ସିଏ ମରିବ । ନା, ଏହାକୁ ଖାଇବା ଠିକ୍ ହେବନି । ନିଜ ବାହାଦୂରି ରଖିବାକୁ ଯାଇ ବିଲେଇ କହିଲା ।

– "କିରେ ! ମୋତେ ଓଲି ଭାବିଛୁ ? ଏଁ ? ଯା ପଳା ଏଠୁ । ତୁ ଯେଉଁଠି ମରୁଛୁ ମର୍ । ମୁଁ ତୋତେ ଖାଇବାର ନାହିଁ କି ଆତ୍ମହତ୍ୟା କରିବାର ନାହିଁ । ଚଲ୍ ହଟ୍ ।"

ଏଥର ମୂଷାର ଖୁସିକୁ ଦେଖେ କିଏ ? ବିଲେଇ ତାକୁ ଛାଡ଼ି ଦେଲାକ୍ଷଣି କିଲବିଲ ହୋଇ ଦୌଡ଼ିଲା ନିଜକୁ ବଂଚେଇବା ପାଇଁ । ଯଦିଓ ବିଲେଇ ନାନୀ ହସୁଥିଲା ମୂଷାର ବିକଳିଆ ଦୌଡ଼ିବାକୁ ଦେଖି । ମୂଷା କିନ୍ତୁ ଭାରି ଖୁସି । ତା'ର ଧୈର୍ଯ୍ୟ ଏବଂ ଉପସ୍ଥିତି ବୁଦ୍ଧି ତାକୁ ଗୋଟିଏ ନୂଆ ଜୀବନ ଦେଇଛି ।

ଥରେ ଚିନ୍ତା କର ପିଲେ । ଯଦି ମୂଷାଟି ବିଲେଇ କବଳରେ ପଡ଼ିଲା ପରେ, ଅଧୈର୍ଯ୍ୟ ହୋଇପଡ଼ିଥାଆନ୍ତା ତେବେ ତା' ମୁଣ୍ଡକୁ ଆଉ ମୁକୁଳିବା ପାଇଁ ବୁଦ୍ଧି ଯୁଟି ଥାଆନ୍ତା କି ? କେବେ ନୁହେଁ ? ଆସନ୍ନ ମୃତ୍ୟୁର ଆଶଙ୍କାରେ ନା ସେ ଠିକ୍ ରେ ଅଭିନୟ କରିପାରିଥାଆନ୍ତା ନା ଏତେ ସହଜରେ ମୁକ୍ତି ପାଇ ଥାଆନ୍ତା ବିଲେଇ କବଳରୁ । ତେଣୁ ଆମେ ମନେ ରଖିବା ।

"ବିନା ଇଶାରାରେ ଏ ଜୀବନ ଧାରେ
ଯଦିବା ବିପଦ ଆସେ ।
ଅଧୈର୍ଯ୍ୟ ହୋଇଲେ ବିପଦର ବୋଝ
ଅତ୍ୟଧିକ ମାଡ଼ି ବସେ ।
ବଡ଼ କଥା ହେଲା ଧୈର୍ଯ୍ୟ ।
ସାହସର ସହ ବିପତ୍ତି ଟାଳିବା
ଅଟେ ବୁଦ୍ଧିମାନ କାର୍ଯ୍ୟ ।"

ସେଥିପାଇଁ ତ କୁହାଯାଏ, ଧୈର୍ଯ୍ୟ ହିଁ ଜୀବନର ଆଧାର । ଧୈର୍ଯ୍ୟଠାରୁ ଧନ ନାହିଁ । ସାହସ ଠାରୁ ସାଥୀ ନାହିଁ । ବୁଦ୍ଧି ଠାରୁ ବଳ ନାହିଁ ।

ଭଗବାନ କରନ୍ତୁ ତୁମମାନଙ୍କ ଭିତରେ ଜୀବନକୁ ସାମ୍ନା କରିବାପାଇଁ ଧୈର୍ଯ୍ୟ, ସାହସ ଏବଂ ବୁଦ୍ଧି ଭଳଗୁଣଗୁଡ଼ିକର ଉନ୍ନତି ହେଉ । ଆଗାମୀ ଦିନରେ ତୁମେମାନେ ଆମମାନଙ୍କ ପାଇଁ ଗର୍ବର କାରଣ ହୁଅ । ତୁମମାନଙ୍କ ସଫଳତା ତୁମକୁ ଆନନ୍ଦ ଦେଉଥିବା ବେଳେ, ତୁମ ଆନନ୍ଦକୁ ଦେଖି ଆମେ ବି ଆନନ୍ଦିତ ହେଉ । ଏହା ହିଁ କାମନା ।

ଦୂରଭାଷ – ୯୪୩୭୧୩୦୮୪୮

ସ୍ୱଚ୍ଛତା

ଆରତି ମଞ୍ଜରୀ ଦାଶ

ନିର୍ମଳ ଅନ୍ତରେ ପ୍ରଦୀପ
ସଦା ଦୀପ୍ୟମାନ,
ଘୋର ଅନ୍ଧକାରେ ସୁଦ୍ଧା
ଲଭେ ଉଷାର ଅରୁଣ ।

କଳୁଷ କୁଚିନ୍ତା ଘେନି
ଈର୍ଷାଳୁ ନିର୍ବୋଧ,
ମଧ୍ୟାହ୍ନ ଆଲୋକେ ଥା'ନ୍ତି
ତମସା ଆବର୍ତ୍ତେ ।

ଶୁଦ୍ଧ ଚିନ୍ତା, ଶିବ ସଂକଳ୍ପ
ସ୍ୱଚ୍ଛ ପରିବାହ,
ସୁଖ ଚିନ୍ତି ସୌଖ୍ୟ ଦାନେ
ଗଢ଼େ ଦିବ୍ୟ ପରିଚୟ ।

ଅସୂୟା ଗର୍ତ୍ତରେ ପଡ଼ି
ମୁଁ ତ ଜ୍ଞାନହୀନ,
କ୍ଷୋଭର ଶାୟକ ଶେଯେ
ଲଭେ କ୍ଷତାକ୍ତ ମରଣ ।

(ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ)
ଗୁରୁଜଙ୍ଗ, ଖୋରଧା

ବ୍ୟାୟାମ ଓ ରୋଗ ପ୍ରତିରୋଧକ ଶକ୍ତି

ଡକ୍ଟର ମୁରାରି ମୋହନ ଦାଶ

ଯୋଗ ଓ ଧ୍ୟାନ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକରେ। ସକାଳୁ ଉଠି ପାଣିରେ ବତୁରା କିସ୍‌ମିସ୍ ଖାଇଲେ ସେଥିରେ ଥିବା ପଲିଫେନୋଲିକ୍ ଫାଇଟୋନ୍ୟୁଟ୍ରିଏଣ୍ଟସ୍ ଶରୀରକୁ ଥଣ୍ଡା, ସର୍ଦ୍ଦି ରୋଗରୁ ରକ୍ଷାକରେ। ସକାଳବେଳା ଚା' ରେ ଅଦାରସ ମିଶାଇ ପିଇଲେ ସେଥିରେ ଥିବା ଭିଟାମିନ୍ 'ସି' ଓ ମ୍ୟାଗ୍ନେସିୟମ୍ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଶୁଦ୍ଧ ଦେଶୀ ଘିଅ, ସୋରିଷ ତେଲ ଓ ନଡ଼ିଆ ତେଲରେ ରନ୍ଧନ ହୋଇଥିବା ଖାଦ୍ୟ ଶରୀର ପାଇଁ ଉପକାରୀ ହୋଇଥାଏ। ବ୍ୟଞ୍ଜନରେ ରସୁଣ ବଟାର ବ୍ୟବହାର ମହୌଷଧି ପରି କାମକରେ। ଗରମ ପାଣି ପାନ ଓ ରାତ୍ରି ଭୋଜନରେ ସାମାନ୍ୟତମ ଗୁଡ଼ ଯୋଗ କଲେ ଶରୀର ପାଇଁ ହିତକାରୀ ହୋଇଥାଏ। ଏସବୁ ଉପଚାର ସତ୍ତ୍ୱେ ଯଦି ବ୍ୟାୟାମ୍‌ର ଅଭାବ ଥାଏ ତେବେ ଶରୀର ଉପଯୁକ୍ତ ମାତ୍ରାର ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିନଥାଏ। ସ୍ୱାସ୍ଥ୍ୟକର ଖାଦ୍ୟ ପରି ବ୍ୟାୟାମ ଶରୀର ପାଇଁ ଉପକାରୀ ହୋଇଥାଏ। ସଂକ୍ଷେପରେ ବ୍ୟାୟାମ ଶରୀରକୁ ନୀରୋଗ ରଖେ।



କରୋନା ଭୂତାଣୁ ସଂକ୍ରମଣ ପରିପ୍ରେକ୍ଷୀରେ ପ୍ରକୃତରେ ବ୍ୟାୟାମ କେତେ ମାତ୍ରାରେ ସଂକ୍ରମଣ ବିରୁଦ୍ଧରେ ଲଢ଼େଇ କରେ ଓ ଶରୀରକୁ ନୀରୋଗ ରଖେ ତାହା ବିଚାର୍ଯ୍ୟ। ଆମେ ଆମର ଶୁଭଚିନ୍ତକଙ୍କଠାରୁ ଶୁଣିଛେ ଯେ କଷ୍ଟକର ବ୍ୟାୟାମ ପ୍ରତିରୋଧକ ଶକ୍ତିକୁ ନିସ୍ତେଜ କରିଥାଏ। ଫଳରେ ରୋଗ ସୃଷ୍ଟିକାରୀ ବୀଜାଣୁ/ଭୂତାଣୁମାନେ ସଂକ୍ରମଣ କରିଥାନ୍ତି। ଏହି ଧାରଣା ଅଶୀ ଦଶକରେ ଆସ୍ଥା ପ୍ରକଟ କରିପାରିଥିଲା ଯେତେବେଳେ ମାରାଥନ ଧାବକମାନଙ୍କଠାରେ ଘଟଣା ଶେଷ ହେବାର ଅଳ୍ପ କେତେ ଦିନ ମଧ୍ୟରେ ଫୁସ୍‌ଫୁସ୍ ସଂକ୍ରମଣ ଦେଖାଯାଇଥିଲା ଓ ଅନ୍ୟ କେତେକଙ୍କଠାରେ ଫୁସ୍‌ଫୁସ୍‌ର ଶ୍ୱାସ ନଳୀରେ ଉତ୍ତେଜନା ଦେଖାଯାଇଥିଲା। ଏହି ତଥ୍ୟ ଉପସ୍ଥାପନ କରିଛନ୍ତି ବାଥ (ଇଂଲଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଜନ କାମ୍ପବେଲ (John Campbell)।

ମୂଷାମାନଙ୍କଠାରେ କରାଯାଇଥିବା ଗବେଷଣାରୁ ଜଣାଯାଏ ଯେ ସେମାନଙ୍କୁ ଯଦି ୩୦ ମିନିଟ୍ ପାଇଁ କେତେ ସପ୍ତାହ ଲଗାତର ଜଗିଂ କରାଯାଏ ତେବେ ସେମାନଙ୍କଠାରେ ଇନ୍‌ଫ୍ଲୁଏଞ୍ଜା ଦେଖାଯାଏ। ଆହୁରି ମଧ୍ୟ ଜଣାଯାଏ ଯେ କଷ୍ଟକର ବ୍ୟାୟାମ୍ ସାମୟିକଭାବେ କଲେ ବି ତାହା ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଥାଏ। ଏହି ସମ୍ଭାବନାକୁ ଓପନ୍ ୱିଣ୍ଡୋ (open window) ମତବାଦ ବା ସିଦ୍ଧାନ୍ତ ଭାବେ ଜଣାଯାଏ। ପରୀକ୍ଷାରୁ ଜଣାଯାଇଛି ଯେ କଷ୍ଟକର ବ୍ୟାୟାମ କଲା ପରେ ପରେ ରୋଗ ପ୍ରତିରୋଧକ କୋଷିକାଗୁଡ଼ିକ ଆମର ରକ୍ତ ସଞ୍ଚାଳନ ତନ୍ତ୍ରରେ ବହୁ ସଂଖ୍ୟାରେ ଦେଖାଯାନ୍ତି ଏବଂ କିଛି ସମୟ ପରେ ଆକସ୍ମିକଭାବେ ଅନ୍ତର୍ଦ୍ଧାନ ହୋଇଯା'ନ୍ତି। ସମ୍ଭବତଃ ସେଗୁଡ଼ିକ ବ୍ୟାୟାମ ଜନିତ ଚାପ ଯୋଗୁଁ ମୃତ୍ୟୁବରଣ କରନ୍ତି। ରୋଗ ପ୍ରତିରୋଧକ କୋଷିକାଗୁଡ଼ିକ ବହୁ ସଂଖ୍ୟାରେ ଅଦୃଶ୍ୟ ହୋଇଯିବା ହେତୁ ରକ୍ତ ସଞ୍ଚାଳନରେ ସେମାନଙ୍କ ସଂଖ୍ୟା ହ୍ରାସପାଏ ଏବଂ ସେହି ସମୟରେ ରୋଗ ସୃଷ୍ଟିକାରୀ ବୀଜାଣୁ/ଭୂତାଣୁମାନେ (germs)ତାଙ୍କର ଆକ୍ରମଣ ଆରମ୍ଭ କରିଥାନ୍ତି।

ମୂଷାମାନଙ୍କଠାରେ କରାଯାଇଥିବା ପରୀକ୍ଷାରୁ ଜଣାଯାଏ ଯେ ରୋଗ ପ୍ରତିରୋଧକ କୋଷିକାଗୁଡ଼ିକରେ ମୁନିଆ କଣ୍ଟାଭଳି ଉଦ୍‌ବୃଦ୍ଧି (outgrowth) ସୃଷ୍ଟିହୁଏ। ସେହି କୋଷିକାଗୁଡ଼ିକ ରକ୍ତ ସ୍ରୋତରେ ଭାସି ବୁଲନ୍ତି। ସେଥିରୁ କେତେକ ମୃତ୍ୟୁବରଣ କରନ୍ତି, କେତେକ ଫୁସ୍‌ଫୁସ୍ ଓ ପାକସ୍ଥଳୀକୁ ଯାଇଥାନ୍ତି କାରଣ ସେହି ସ୍ଥାନ ଦ୍ୱୟ ବ୍ୟାୟାମ କରିବା ସମୟରେ ଜୀବାଣୁ ସଂକ୍ରମଣ ପାଇଁ ଅରକ୍ଷିତ ସ୍ଥାନ ହୋଇଥାଏ। ବ୍ୟାୟାମର କେତେ ଘଣ୍ଟା ପରେ ଅଧିକାଂଶ କୋଷିକା ରକ୍ତ ସ୍ରୋତକୁ ଫେରି ଆସନ୍ତି ଏବଂ ପ୍ରତିରୋଧକ କୋଷିକାର ସ୍ତରରେ ପୁନଶ୍ଚ ସ୍ଥିରତା ଆସେ। ଜଣାଯାଏ ସତେ ଯେପରି କୋଷିକା ସଂଖ୍ୟା ହ୍ରାସ ପାଇନାହିଁ।

ଅନ୍ୟ ଏକ ପରୀକ୍ଷାରୁ ଜଣାଯାଏ ଯେ ବ୍ୟାୟାମ କରୁଥିବା ମୂଷାମାନଙ୍କଠାରେ ବ୍ୟାୟାମର ଠିକ୍ ପରେ ପରେ ଜୀବାଣୁର ଇଞ୍ଜେକ୍‌ସନ ଦେଲେ ସଂକ୍ରମଣ ଶୀଘ୍ର ହୁଏ। କିନ୍ତୁ ବ୍ୟାୟାମ ନକରି ବସି ରହିଥିବା ମୂଷାଙ୍କଠାରେ ସେହପରି ଲକ୍ଷଣ ପରିଲକ୍ଷିତ ହୋଇନଥାଏ। କାରଣ ପ୍ରତିରୋଧକାରୀ କୋଷିକାଗୁଡ଼ିକ ଜୀବାଣୁକୁ ଘେରି ରହିଥାନ୍ତି।

କ୍ରୀଡ଼ାବିତ୍‌ମାନେ ସେମାନଙ୍କ ସଂକ୍ରମଣର ଆଶଙ୍କା ହ୍ରାସ କରିପାରିବେ ଯଦି ସେମାନେ ସଂକ୍ରମିତ ବ୍ୟକ୍ତିଙ୍କର ସଂସ୍ପର୍ଶରେ ନ ଆସନ୍ତି। ସେଥିପାଇଁ ସେମାନେ ହାତ, ପାଟି ଓ ଖାଦ୍ୟର ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦେବେ ଓ ସଂକ୍ରମିତ ବ୍ୟକ୍ତିମାନଙ୍କର ତଉଲିଆ, ପାଣିବୋତଲ ଆଦି ବ୍ୟବହାର କରିବେ ନାହିଁ।

ବ୍ୟାୟାମ କଲେ ବାକ୍ଟେରିଆମାନେ ଫୁସ୍‌ଫୁସ୍ ଦେଇ ଶରୀରରୁ ବାହାରିଯାଆନ୍ତି । ଏହା ଥଣ୍ଡା, କାଶ ଓ ଅନ୍ୟାନ୍ୟ ରୋଗ ସଂକ୍ରମଣର ଆଶଙ୍କା ହ୍ରାସ କରେ । ବ୍ୟାୟାମ ହେତୁ ଆଣ୍ଟିବଡ଼ି ଓ ଶ୍ୱେତ ରକ୍ତକଣିକାର ଗୁଣରେ ପରିବର୍ତ୍ତନ ଆସେ । ପ୍ରକୃତରେ ଶ୍ୱେତରକ୍ତ କଣିକାମାନେ ଶରୀରର ରୋଗ ପ୍ରତିରୋଧକ ଶକ୍ତିପାଇଁ ଦାୟୀ । ବୟସ, ଲିଙ୍ଗ, ଖାଦ୍ୟାଭ୍ୟାସ, ଫିଟ୍‌ନେସ୍, ଶରୀରରେ ଅନ୍ୟ କେତେକ ରୋଗର ଉପସ୍ଥିତି ଆଦି ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଥାନ୍ତି ।

ଲୋକପ୍ରିୟ ବିଜ୍ଞାନ ଲେଖକ
ଜି/ଏଲ୍.-୧, ଭି.ଏସ୍.ଏସ୍.ନଗର, ଭୁବନେଶ୍ୱର-୧୦
ମୋବାଇଲ୍ : ୯୪୩୭୧୧୦୭୧୫

ରସୁଣ

ଶ୍ୱାସକ୍ରିୟା ସମ୍ବନ୍ଧୀୟ ରୋଗ ଯଥା- ଥଣ୍ଡା, କାଶ, ଆଜ୍ମା, ନିମୋନିଆ ବ୍ରୋଙ୍କାଇଟିସ ଭଳି ରୋଗର ଚିକିତ୍ସାପାଇଁ ରସୁଣ ଖାଇବା ଏକ ପ୍ରାକୃତିକ ଔଷଧ ଭଳି କାର୍ଯ୍ୟ କରିଥାଏ ।

ଲେମ୍ବୁ

ଲେମ୍ବୁରେ ଭିଟାମିନ୍ ସି' ଭରପୁର ରହିଛି । ମୁଣ୍ଡ ବୁଲାଇଥିଲେ ଲେମ୍ବୁ, ଗୋଲମରିଚ ଓ ଲୁଣ ପାଣି ପିଅନ୍ତୁ ।

ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା । ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡିଗୁଡିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ । ସଂଖ୍ୟାଗୁଡିକ ୧ ଠାରୁ ୯ ମଧ୍ୟରେ ହୋଇଥିବ ।

ଉତ୍ତର ପୃଷ୍ଠା ନ.-୨୦

	6	5	2		9		3	
	2			1		5		6
8	7		6		5		2	9
6			1	2		4		8
4		1	9		8	7		
		8		6	7		9	1
5		9				2	8	3
3		6	5	8			1	
	8		3		1		4	5

ବହି ସାଥୀ ଆମର

ଶାନ୍ତିଲତା ସାହୁ

ସବୁଠାରୁ ଭଲ ସାଥୀ
ବହି ପରା ଆମର
ନିଜ ସ୍ୱାର୍ଥ ଦେଖେ ନାହିଁ
ଦିଏ ଜ୍ଞାନ ଭଣ୍ଡାର । ॥୧॥

ନିରୋଳାରେ ବସି ଯେବେ
ପୃଷ୍ଠା ତା'ର ପଢ଼ିବା
ଦେଶ, ବିଦେଶର କେତେ
ନୂଆ କଥା ଜାଣିବା । ॥୨॥

ବିଜ୍ଞାନ ପଢ଼ି ଜାଣିବା
ବିଜ୍ଞାନର ରହସ୍ୟ
ବୈଜ୍ଞାନିକ ଗଢ଼ିଦେଲେ
କେତେ ନୂଆ ଜିନିଷ । ॥୩॥

ଭୂଗୋଳ ପଢ଼ି ଜାଣିବା
ସ୍ଥିତି ସବୁ ଦେଶର
ଇତିହାସ ଅତୀତର
ମୂକ ସାକ୍ଷୀ ଆମର । ॥୪॥

ଓଡ଼ିଶାରେ ଜନ୍ମ ଆମ
ଭାଷା ଆମ ଓଡ଼ିଆ
ଓଡ଼ିଆ ଲେଖା ସାହିତ୍ୟ
ପଢ଼ିବାକୁ ବଢ଼ିଆ । ॥୫॥

ଅଯଥାରେ ସମୟକୁ
ନଷ୍ଟ କେବେ କରନା
ଟିଭି, ମୋବାଇଲ୍ ଧରି
ବଡ଼ କେହି ହୁଏନା । ॥୬॥

ଦୁନିଆଁରେ ଯଦି ଦିନେ
ନିଜ ନାଆଁ ରଖିବ
ବହିକୁ ନିଜର କର
ନିଶ୍ଚେ ବଡ଼ ହୋଇବ । ॥୭॥

ମାର୍ଫତ୍ - ଶ୍ରୀ ବ୍ରଜକିଶୋର ସାହୁ
ରାଣୀହାଟ, କଟକ

(ଏବେ, କେବେ, କୋଉଠି- ୭୮)

କୃତଜ୍ଞତାର ପରିଭାଷା- ୧

ସତ୍ୟନାରାୟଣ ସାମନ୍ତରାୟ(ସତ୍ୟକଙ୍କ)

ରବିବାରିଆ ସକାଳ ! ମା' ମା' ଡାକରୁ ଭିକାରୀଟିଏ ଭାବି ଦାଣ୍ଡ ଦୁଆରକୁ ଆସି ଦେଖିଲି ଜଣେ ବ୍ୟକ୍ତି ଛିଡ଼ା ହୋଇଛନ୍ତି। ବେଶଭୂଷାରୁ ବ୍ରାହ୍ମଣ ବୋଲି ଜଣାପଡ଼ିଲେ। କାନ୍ଧରେ ପଇତା, କପାଳରେ ଚନ୍ଦନର ପରିପାଟୀ। ପରିଧାନ ବୋଇଲେ ହଳଦିଆରଙ୍ଗର ଧୋତି ଓ ହଳଦୀ ରଙ୍ଗର ଗାମୁଛାଟିଏ, ଯାହା ଡାହାଣପଟ କାନ୍ଧରେ ଚାରିଚଉତା ହୋଇ ଦୁଇପଟକୁ ଝୁଲିପଡ଼ିଛି। ହାତରେ ସିମେଣ୍ଟଅଖା ତିଆରି ବ୍ୟାଗ୍ ଓ ଅନ୍ୟହାତରେ ବାଉଁଶର ଠେଙ୍ଗାଟିଏ। ବ୍ରାହ୍ମଣ ହେଲେ ବି ବ୍ୟକ୍ତିଜଣକ ଯେ ଭିକ୍ଷାବୃତ୍ତି କରନ୍ତି ଏକଥା ବୁଝିବାରେ ମୋତେ ବିଳମ୍ବ ଲାଗିଲାନି।

ମୋତେ ଦେଖି ବୋଧହୁଏ ସେ ଖୁସିହୋଇପାରିଲେନି। କହିଲେ ବାବୁ, ମା' ନାହାଁନ୍ତି କି ?

କହିଲି, ହଁ ଅଛନ୍ତି ! କାହିଁକି ?

- ଭିକ୍ଷା ଦେଇଥାଆନ୍ତେ ତ !

ଭାବିଲି, ଭିକ୍ଷାଶୀ ବ୍ରାହ୍ମଣ ସିଧାସଳଖ ଭିକ୍ଷାନମାଗି ପତ୍ନୀଙ୍କୁ ଖୋଜିବାର ମାନେ କଣ ? ତାଙ୍କ ବିନା କଣ ଆଉ କେହି ଭିକ୍ଷା ଦେଇପାରିବେନି ନା କେବଳ ମା'ମାନଙ୍କଠାରୁ ଏହି ବ୍ରାହ୍ମଣ ଭିକ୍ଷା ଗ୍ରହଣ କରନ୍ତି ?

ମନର କୌତୂହଳ ମନରେ ରଖି ଘର ଭିତରୁ ପତ୍ନୀଙ୍କୁ ଡାକିଲି। ଚିରାଚରିତ ଢଙ୍ଗରେ ବିରକ୍ତିମିଶା ସ୍ୱରରେ ସିଏ କହିଲେ, କଣ ପାଇଁ ଡାକଛାଡ଼ିଛ ? ମୋତେ ଶୁଭୁଛି ପରା. . . . .

ପାଖକୁ ଯାଇ କହିଲି, ଜଣେ ବ୍ରାହ୍ମଣ ଭିକ ମାଗୁଛନ୍ତି ଓ ସେ ତମକୁ ଖୋଜୁଛନ୍ତି !

ପତ୍ନୀ ଏଥର ଶାନ୍ତ ସ୍ୱରରେ ପଚାରିଲେ, କେତେବେଳୁ ଡାକିଲେଣି ?

କହିଲି, ଏଇ ଅଳ୍ପ ସମୟ ହେଲା. . .

ମୋ କଥା ଶୁଣିବା ଅବସ୍ଥାରେ ପତ୍ନୀ ନଥିଲେ। କରୁଥିବା କାମକୁ ସେଇଠି ପକାଇଦେଇ ସେ ଦାଣ୍ଡ ଦୁଆରକୁ ତରତର ହୋଇ ଚାଲିଗଲେ। କହିବା ବାହୁଲ୍ୟ, ଦୁଆରେ ଯୋଗୀ, ଭିକାରୀଙ୍କୁ ଅଧିକା ସମୟ ଛିଡ଼ା କରେଇ ନ ଦବାଟା ପତ୍ନୀଙ୍କର ଅଭ୍ୟାସ। ଏଥର ପତ୍ନୀ ଦାଣ୍ଡ ଦୁଆରୁ ଲମ୍ବାଲମ୍ବା ପାଦପକାଇ ଘର ଭିତରକୁ ଆସି ପଚାଶଟଙ୍କିଆ ନୋଟ୍‌ଟିଏ ହାତରେ ଧରି ଦାଣ୍ଡ ଦୁଆରକୁ ଫେରିପଡ଼ିବା ବେଳକୁ ପଚାରିଲି, ପଚାଶ ଟଙ୍କା କଣ ପାଇଁ ?

-ହୋଟେଲରେ ଖାଇବେ ବୋଲି କହିଲେ ତ ସେଇଥିପାଇଁ. . . . ସିଏ ଯେତେବେଳେ ଆସନ୍ତି ମୁଁ ତାଙ୍କୁ ପଚାଶଟଙ୍କା ଦିଏ ହୋଟେଲରେ ଖାଇବା ପାଇଁ !

କହିଲି, କାହିଁକି ତାଙ୍କୁ ଘରେ ଖାଇବାକୁ ଦେଉନ ! ଅନ୍ନଦାନ ମହାପୁଣ୍ୟ ହୋଇଥା'ନ୍ତା !

- ସିଏ କାହା ପାଗରେ ଖାଆନ୍ତି ନି ବୋଲି କହିଲେ !

ଯୁକ୍ତିକରି କଥାକୁ ଆଗେଇନବାରେ ଆଗ୍ରହ ନଥିଲା। ଅଗତ୍ୟା ଚୁପ୍ ରହିଲି।

ପତ୍ନୀଙ୍କ ହାତରୁ ପଚାଶଟଙ୍କିଆ ନୋଟଟିକୁ ଅତି ଆନନ୍ଦରେ ଗ୍ରହଣକରି ଭିକ୍ଷାଶୀ ବ୍ରାହ୍ମଣ ଦେବତା ତରତର ପାଦରେ ସେଠାରୁ ଫେରିଯିବାବେଳେ ମୋ ଉଦ୍ଦେଶ୍ୟରେ କହିଲେ, "ମୁଁ ଯେତେବେଳେ ଆସେ, ମାଆ ମୋତେ ପଚାଶ ଟଙ୍କା ଦିଅନ୍ତି। ବଡ଼ ପୁଣ୍ୟାତ୍ମା ମଣିଷ ! ଠାକୁର ପରିବାର ସହ ସମସ୍ତଙ୍କୁ ଭଲରେ ରଖିବେ " !

ବ୍ରାହ୍ମଣଙ୍କ ମୁଖମଣ୍ଡଳରେ କୃତଜ୍ଞତାର ଭରପୂର ଉପଲବ୍ଧି ମୁଁ ଅନୁଭବ କରୁଥିବାବେଳେ, ପତ୍ନୀ ଆତ୍ମସନ୍ତୋଷର ସ୍ମିତହାସ୍ୟ କେଇକେରା ମୋ ଉପରେ ବିଞ୍ଚିଦେଇ ଘର ଭିତରକୁ ଚାଲିଗଲେ। ମୁଁ ଭାବୁଥିଲି, କୃତଜ୍ଞତା ପ୍ରକାଶକରିବାର ଏ ବି ଏକପ୍ରକାର ତରିକା ! ଆନ୍ତରିକତା ନାହିଁ, ମାତ୍ର ମିଥ୍ୟାଚାରର ସାହାରା ନେଇ ଅନ୍ୟଠୁ ସମବେଦନା ସାଉଁଟିବା ଓ ପ୍ରତିଦାନରେ କୃତଜ୍ଞତା ପ୍ରକାଶକରିବାର ଏ ଅଦ୍ଭୁତ ଶୈଳୀ ମୋତେ କିଛି ସମୟ ପାଇଁ ଭାବୁକ କରିଦେଲା !

ସେହିଭଳି ଆଉ ଗୋଟିଏ ଦିନର ଘଟଣା ମନେପଡ଼ିଲା !

ବଡ଼ଦେଉଳ ଭିତରେ ସେଦିନ ବହୁତ ଭିଡ଼। ଯାହାହଉ, ଧାଡ଼ିରେ ଯାଇ ମହାପ୍ରଭୁଙ୍କୁ ଦର୍ଶନସାରିବା ପରର କାର୍ଯ୍ୟକ୍ରମ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରିବା। ଦେଉଳବେଢ଼ାରୁ ଆନନ୍ଦ ବଜାରକୁ ଯିବାବେଳେ ଦେଖିଲି ଜଣେ ବ୍ରାହ୍ମଣ ହାତରେ କୁଡୁଆ ଫାଳକରେ କିଛି ଅନ୍ନ ଓ ଅନ୍ୟ ଏକ କୁଡୁଆରେ କିଛି ଡାଲି ଧରି ଦ୍ୱାରଦେଶର ଗୋଟିଏ କଡ଼କୁ ଆଉଜି ଛିଡ଼ା ହୋଇଛନ୍ତି ଏବଂ ଯିବାଆସିବା ଯାତ୍ରୀ/ଭକ୍ତଙ୍କ ଉଦ୍ଦେଶ୍ୟରେ କହୁଥା'ନ୍ତି, "ମୋତେ ଦକ୍ଷିଣାଦେଲେ ମୁଁ ଏତକ ଖାଇଦେବି"- "ମୋତେ ଦକ୍ଷିଣାଦେଲେ ମୁଁ ଏତକ ଖାଇଦେବି"।

କଥାଟା ମୋତେ କାହିଁକି ବଡ଼ ଅଖାଡୁଆ ଓ ଅବାନ୍ତର ଲାଗିଲା। ଯେତେ ବୁଝିବାକୁ ଚେଷ୍ଟାକଲି ଏ କଥାର ମର୍ମ କିଛି ବୁଝିପାରିଲିନି। ଜଣେ

ତ ଖାଇବ, ତାକୁ ପୁଣି ଜଣେ ଦକ୍ଷିଣା କାହିଁକି ଦବ ? ସମସ୍ତେ ଯେମିତି ମହାପ୍ରସାଦ କିଣିଛନ୍ତି, ଇଏବି ସେମିତି କିଣିଛନ୍ତି ! ସମସ୍ତେ ଯେମିତି ମହାପ୍ରସାଦ ଖାଉଛନ୍ତି, ଇଏବି ସେମିତି ଖାଇବେ ! ଏଥିରେ ଦକ୍ଷିଣା ଦବାର କଥା ଉଠୁଛି କୋଉଠୁ ? ତାହା ପୁଣି ଜଣେ ନିଜଆଡୁ ପ୍ରସ୍ତାବନା ବାଢୁଛି - ମୋତେ ଦକ୍ଷିଣାଦେଲେ ମୁଁ ଏତକ ଖାଇଦେବି ! କଥାର କିଛି ଟେର ପାଇଲିନି।

ଲକ୍ଷ୍ୟକଲି, ବ୍ରାହ୍ମଣଙ୍କ ପ୍ରସ୍ତାବରେ ଜଣେ ଦକ୍ଷିଣୀଓଡ଼ିଶା ଭକ୍ତ ତାଙ୍କ ପାଖରେ ଅଟକିଗଲେ। ତାଙ୍କ ସହ ମୂଲଚାଲ ବି ହେଲା। ବହୁ ଝିଙ୍କା ଓଟରା ଓ କଥା କଟାକଟି ପରେ ଦର ଛିଡ଼ିଲା - ମହାପ୍ରସାଦ ଓ ଡାଲି ଦେଢ଼ଶ' ଟଙ୍କା ଓ ଦକ୍ଷିଣା ତିନିଶ' ଟଙ୍କା। ତାହା ପୁଣି ବହୁତ ଶସ୍ତାରେ ହୋଇଗଲା ବୋଲି ବ୍ରାହ୍ମଣ ଦେବତା ଯୁକ୍ତି କରୁଥିଲେ। ପାଁଶ ଟଙ୍କା ଦକ୍ଷିଣା ନଦେଲେ କୁଆଡ଼େ ବ୍ରାହ୍ମଣମାନେ ଭୋଜନ କରୁନାହାଁନ୍ତି ବୋଲି ସେ କହୁଥିଲେ।

ତଥାପି ବି ମୁଁ ଏ କଥାର କୌଣସି ରହସ୍ୟ ଭେଦକରିନପାରି ପ୍ରଶ୍ନିଳ ଦୃଷ୍ଟିରେ ନୀଳାମ୍ବରଙ୍କୁ ଚାହିଁଲି। ସେ କହିଲା, ସେ ବ୍ୟକ୍ତିଙ୍କର ବ୍ରାହ୍ମଣଙ୍କୁ ଭୋଜନ ଦେବାର ଥିଲା। ତେଣୁ ସେ ମହାପ୍ରସାଦ କିଣିବା ଓ ବ୍ରାହ୍ମଣ ଖୋଜି ତାଙ୍କୁ ଭୋଜନ କରାଇବାର ଝିଂଝଟରୁ ନିସ୍ତାର ପାଇବାପାଇଁ ମହାପ୍ରସାଦ ଧରି ନିଜକୁ ବିଜ୍ଞାପିତ କରୁଥିବା ବ୍ରାହ୍ମଣ ଦେବତାଙ୍କ ସାହାରା ନେଇଗଲେ। ଏକା ସମୟରେ ତାଙ୍କର ମହାପ୍ରସାଦ କିଣା ଓ ବ୍ରାହ୍ମଣ ଭୋଜନ ହୋଇଗଲା।

ଦେଖିଲି, ବ୍ରାହ୍ମଣଜଣକ କଣିକାଏ ଅନ୍ନ ଓ ଡାଲି ଟିକିଏ ତୁଣ୍ଡରେ ମାରି ଦାତାଙ୍କଠୁ ଦାମ ଓ ଦକ୍ଷିଣା ଆଦାୟକରି ପୁଣି ପୂର୍ବ ସ୍ଥାନକୁ ଫେରିଆସି ଅନ୍ୟ କେହି ଦାତାଙ୍କଠି ନଜର ଲଗେଇଲେ ! ଦାତା ଜଣକ ବ୍ରାହ୍ମଣଙ୍କୁ ଭୋଜନ କରେଇ ପୁଣ୍ୟ ଅର୍ଜନ କରିଥିବାର ତୃପ୍ତିରେ ବିଭୋର ହୋଇ ବ୍ରାହ୍ମଣଙ୍କ ପାଦତଳେ ମୁଣ୍ଡିଆମାରି ନିଜବାଟରେ ଆଗେଇଗଲେ !

ପାଠକେ ! କୃତଜ୍ଞତାର ଇଏ ବି ଅନ୍ୟ ଏକ ସ୍ୱରୂପ ! ଏଥିରେ ଦାତା ଓ ଗ୍ରହୀତା ଉଭୟେ କୃତଜ୍ଞ ! ପରସ୍ପର ପରସ୍ପରକୁ କୃତଜ୍ଞତା ଜଣେଇବାର ଏକ ଅନୁଚ୍ଚାରିତ ସ୍ୱର ଏଥିରୁ ବେଶ୍ ବାରି ହୋଇପଡ଼େ। ବ୍ରାହ୍ମଣ ଦେବତା ବିନା କୌଣସି ଉପଯୋଗ କିମ୍ବା ଅଭିଯୋଗରେ ନିଜର ରୋଜଗାର ଚରିତାର୍ଥ କରିପାରିଥିବାରୁ ଦାତାଙ୍କ ପ୍ରତି ଯେତିକି କୃତଜ୍ଞ, ଦାତା ମଧ୍ୟ ଠିକ୍ ସେହିଭଳି ବିନା କୌଣସି ଜଂଜାଳରେ ଧର୍ମ ସାଧନ କରିପାରିଥିବାରୁ ବ୍ରାହ୍ମଣଙ୍କ ପ୍ରତି କୃତଜ୍ଞ ! ଉଭୟଙ୍କ କୃତଜ୍ଞତାର ସ୍ୱରୂପ ଭିନ୍ନଭିନ୍ନ ହୋଇଥିଲେ ହେଁ ଏହାର ଅନ୍ତଃସ୍ୱର ଗୋଟିଏ ପ୍ରକାର ବାର୍ତ୍ତା ହିଁ ଦେଇଥାଏ, ଯାହା ଅନେକ ଦିଗକୁ ଇଙ୍ଗିତ କରିଥାଏ ! (ପୁଣି ପରେ)

ବେଗୁନିଆ, ଜିଲ୍ଲା- ଖୋରଧା
ଫୋନ୍- ୯୪୩୮୭୩୪୮୧୬

ରିଷି

ଡ. ସୁକାନ୍ତି ତ୍ରିପାଠୀ

ଆ ଜହ୍ନମାମୁ ସରଗ ଶଶୀ
ମୋ ରିଷି ହାତରେ ପଡ଼ିବୁ ଖସି
ତୋ ସାଥେ ଖେଳିଲେ ଘଡ଼ିଏ ଦି'ଘଡ଼ି
ରିଷି ହୋଇଯାଏ ଖୁସି । ॥୧॥
ଆସିଲାବେଳକୁ ସାଥେ ଆଣିଦେବୁ
ଜୋଛନା ଶୀତଳ ହସ
ଧୀରେ ଧୀରେ ବାଆ ବୋହି ଆଣୁଥିବ
ନାନା ଜାତି ଫୁଲବାସ । ॥୨॥
ରିଷିଟି ମୋହର ଅତି ସୁକୁମାର
ତୋ'ପରି ହସ ସୁନ୍ଦର
ଦେଖିଦେଲେ ଥରେ ଭାରି ଭଲ ଲାଗେ
ଦୁଃଖ ହୋଇଯାଏ ଦୂର । ॥୩॥

ଏନ୍‌୫/୪୨୮,
ଆଇ.ଆର.ସି ଭିଲେଜ, ଭୁବନେଶ୍ୱର
ମୋ- ୯୪୩୮୦୭୯୫୨୮

ସୁଡୋକୁ ୧୮ ପୃଷ୍ଠାର ଉତ୍ତର

1	6	5	2	7	9	8	3	4
9	2	3	8	1	4	5	7	6
8	7	4	6	3	5	1	2	9
6	9	7	1	2	3	4	5	8
4	3	1	9	5	8	7	6	2
2	5	8	4	6	7	3	9	1
5	1	9	7	4	6	2	8	3
3	4	6	5	8	2	9	1	7
7	8	2	3	9	1	6	4	5

କରୋନା ଭାଇରସ

ଡା: ଧନେଶ୍ୱର ସାହୁ

କରୋନା ଭାଇରସ ଏକ ପ୍ରକାର ଭାଇରସ ବା ଭୂତାଣୁ ଯିଏ ଜୀବଜନ୍ତୁ ଓ ମଣିଷଙ୍କଠାରେ ଦେଖାଯାଏ। ଅଧିକାଂଶ କରୋନା ଭାଇରସ ବିପଦଜ୍ଜନକ ନୁହଁନ୍ତି। ମାତ୍ର କେତେକ କରୋନା ଭାଇରସ ବିପଦଜ୍ଜନକ ଯିଏ ସାଂଘାତିକ ରୋଗ ସୃଷ୍ଟିକରେ। ଅଧିକାଂଶ ଭାଇରସ ନାକ, ସାଇନସ ଓ ଉପରଗଳାରେ ସଂକ୍ରମଣ କରେ। ମାତ୍ର କେତେକ ଭାଇରସ ବିପଦଜ୍ଜନକ ହୋଇଥିବାରୁ ସେଗୁଡ଼ିକ ବିଭିନ୍ନ ଜାଗାକୁ ସଂକ୍ରମଣ କରି ସାଂଘାତିକ ରୋଗ ସୃଷ୍ଟିକରେ।

ଏହି ଭାଇରସର ଆକାର ମୁକୁଟଭଳି ହୋଇଥିବାରୁ ଏହାର ନାମ କରୋନା ଭାଇରସ। ଲାଟିନ୍‌ରେ "Corona" ର ଅର୍ଥ "Crown" ଅର୍ଥ ମୁକୁଟ।



ଏହି ଭାଇରସ ଜେନେଟିକ୍ ମ୍ୟାଟରିଆଲ ଏକ ଏନଭେଲପଦ୍ୱାରା କଭର ହୋଇରହିଛି। ସେ ଏନଭେଲପରେ କେତେକ ପ୍ରୋଟିନ୍ ସ୍ପାଇକସ୍ ଅଛି ଯିଏ ଏକୁ ମୁକୁଟପରି ରୂପଦେଇଛି। କରୋନା ଭାଇରସର ସେଲ୍ ଡାଇଆମିଟର ୪୦୦-୫୦୦ ମାଇକ୍ରୋ। ତେଣୁ ମାକ୍ସ ଭିତରକୁ ପଶି ପାରେନି। କରୋନା ଭାଇରସ ଇନଫେକସନ୍ ସାଧାରଣତଃ ଶୀତଋତୁ ଓ ବସନ୍ତଋତୁରେ ହୁଏ। ମଣିଷକୁ ଆକ୍ରାନ୍ତ କରୁଥିବା ଭାଇରସ ସହଜରେ ଲାବୋରେଟୋରିରେ କଲଟିଭେଟ କରାଯାଇପାରେନା।

ଏହାର ଟୀକା ଏପର୍ଯ୍ୟନ୍ତ ବାହାରିନାହିଁ। ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ବି ନାହିଁ। ଏହି ଭାଇରସଦ୍ୱାରା ସମସ୍ତେ ଆକ୍ରାନ୍ତ ହୁଅନ୍ତି। କିନ୍ତୁ ମୃତ୍ୟୁ ସଂଖ୍ୟା ବୟସ୍କମାନଙ୍କ ମଧ୍ୟରେ ଅଧିକ।ଏହି ଭାଇରସ୍ ଶରୀର ଭିତରେ ୧୨ଘଣ୍ଟା ବଞ୍ଚନ୍ତି। ପବନରେ ୩ ଘଣ୍ଟା ବଞ୍ଚନ୍ତି।

ଏହି ଭାଇରସ ହାତରେ ୧୦ଘଣ୍ଟା ପର୍ଯ୍ୟନ୍ତ ବଂଚନ୍ତି, ମେଟାଲ ସରଫେସରେ ୧୨ ଘଣ୍ଟା ପର୍ଯ୍ୟନ୍ତ ବଂଚନ୍ତି, ଫାବ୍ରିକରେ ୯ଘଣ୍ଟା ପର୍ଯ୍ୟନ୍ତ ବଂଚନ୍ତି। ଜେନେଟିକ ମ୍ୟୁଟେସନ ଯୋଗୁ ଏହା ବେଶୀ ବିପଦଜନକ।

ଜଣେ କରୋନା ଭାଇରସରେ ଆକ୍ରାନ୍ତ ହେବାର ୪ମାସ ପରେ ପୁଣି ଆକ୍ରାନ୍ତ ହୁଏ। କାରଣ କରୋନା ଭାଇରସର ଆଣ୍ଟିବଡ଼ି ଶରୀରରେ ଦୀର୍ଘଦିନ ରହେନାହିଁ। ତା'ଛଡ଼ା ଗୋଟିଏ ଷ୍ଟ୍ରେନ ଭାଇରସର ଆଣ୍ଟିବଡ଼ି ଅନ୍ୟ ଷ୍ଟ୍ରେନ ଭାଇରସ ଉପରେ କିଛି ପ୍ରଭାବ ପକାଏନାହିଁ।

ଏକ ନୂତକ କରୋନା ଭାଇରସ ଡିସେମ୍ବର ୩୧ ତାରିଖ ୨୦୧୯ ମସିହାଠାରୁ ଚୀନର ଉହାନରେ ବ୍ୟାପି ଅନ୍ୟଦେଶକୁ ବ୍ୟାପିବାରେ ଲାଗି ଭୟ ସୃଷ୍ଟିକରିଛି। ଅନେକ ଲୋକ ମୃତ୍ୟୁମୁଖରେ ପଡ଼ିଲେଣି।

କରୋନା ଭାଇରସର ଇତିହାସ :-

- ୧୯୬୦ ମସିହାରେ ପ୍ରଥମେ ଏହି କରୋନା ଭାଇରସ ଚିହ୍ନଟ କରାଯାଇଥିଲା।
- ୨୦୦୩ ମସିହାରେ - ଚୀନରେ Severe Acute Respiratory Syndrome କରୋନା ଭାଇରସ (SARS COV) ବ୍ୟାପିଥିଲା।
- ୨୦୧୨ ମସିହାରେ - ସାଉଦି ଆରବରେ Middle East Respiratory Syndrome କରୋନା ଭାଇରସ (MERS COV) ବ୍ୟାପିଥିଲା।
- ୨୦୧୯ ମସିହାରେ - ଡିସେମ୍ବର ୩୧ ତାରିଖ ୨୦୧୯ ମସିହାଠାରୁ ଚୀନର ଉହାନରେ ଏକ ନୂତନ କରୋନା ଭାଇରସ, ୨୦୧୯ ନଭେଲ କରୋନା ଭାଇରସ (2019 Novel Corona Virus,(2019 n.cov)) ବ୍ୟାପିଛି। ଏଠାରୁ ଅନ୍ୟଦେଶମାନଙ୍କୁ ବ୍ୟାପିଛି। ଏହାର ନୂତନ ନାମ ହେଲା Severe Acute Respiratory Syndrome Corona Virus 2 (SARS - Cov 2).

ଏହା କେତେ ପ୍ରକାରର :-

କରୋନା ଭାଇରସର ୪ଟି ସବଗ୍ରୁପ ଅଛି। ସେଗୁଡ଼ିକ ହେଲା :-

୧. ଆଲଫା କରୋନା ଭାଇରସ।
୨. ବିଟା କରୋନା ଭାଇରସ।
୩. ଗାମା କରୋନା ଭାଇରସ।
୪. ଡ଼େଲଟା କରୋନା ଭାଇରସ।

ଏହାଛଡ଼ା ବର୍ତ୍ତମାନ ଚୀନରେ ଭୟ ସୃଷ୍ଟି କରିଥିବା ୨୦୧୯ ନଭେଲ କରୋନା ଭାଇରସକୁ ମିଶାଇ ୭ ପ୍ରକାରର କରୋନା ଭାଇରସ ଅଛି। ସେଗୁଡ଼ିକ ହେଲା :-

୧. ୨୨୯ ଇ (229 E) - ଏହା ଏକ ଆଲଫା କରୋନା ଭାଇରସ।
୨. ଏନ.ଏଲ ୬୩ (NL 63) - ଏହା ଏକ ଆଲଫା କରୋନା ଭାଇରସ।
୩. ଓସି ୪୩ (OC 43) - ଏହା ଏକ ବିଟା କରୋନା ଭାଇରସ।
୪. ଏଚ.କେ.ଇଉ (HKU 1) - ଏହା ଏକ ବିଟା କରୋନା ଭାଇରସ।
୫. ଏମ.ଇ.ଆର.ଏସ କରୋନା ଭାଇରସ (MERS Cov) - ଏହା ଏକ

ବିଟା କରୋନା ଭାଇରସ। ଏହା Middle East Respiratory Syndrome କରେ।

୬. ଏସ.ଏ.ଆର.ଏସ କରୋନା ଭାଇରସ (SARS - Cov) - ଏହା ଏକ ବିଟା କରୋନା ଭାଇରସ। ଏହା Severe Acute Respiratory Syndrome କରେ।

୭. ୨୦୧୯ ନଭେଲ କରୋନା ଭାଇରସ (2019 n-Cov) - ଏହାକୁ Severe Acute Respiratory Syndrome Corona Virus 2 (SARS - Cov 2) ବୋଲି କୁହାଯାଏ। ଏହି ଭାଇରସ ୨୦୧୯ ମସିହା ଡିସେମ୍ବର ୩୧ ତାରିଖଠାରୁ ଚୀନର ଉହାନରେ ବ୍ୟାପି ଅନ୍ୟଦେଶକୁ ବ୍ୟାପିବାରେ ଲାଗିଛି ଓ ଭୟ ସୃଷ୍ଟିକରୁଛି। ଏହି ଭାଇରସ ଯେଉଁ ରୋଗ ସୃଷ୍ଟି କରୁଛି ତାକୁ କରୋନା ଭାଇରସ ଡିଜିଜ ୨୦୧୯ (COVID 2019) କୁହାଯାଉଛି। ଦିନକୁ ଦିନ ଏହି ରୋଗରେ ବହୁଲୋକ ମରୁଛନ୍ତି ଓ ବହୁତ ଲୋକ ଆକ୍ରାନ୍ତ ହେଉଛନ୍ତି।

NOVEL - New, Co - Corona, Vi - Virus, Di - Disease.

କରୋନା ଭାଇରସ କରୁଥିବା ରୋଗର ଇନକୁବେସନ ପିରିଅଡ଼ :-

ଶରୀରରେ ଭାଇରସ ପ୍ରବେଶ ପରଠାରୁ ରୋଗ ସୃଷ୍ଟିକରିବା ସମୟକୁ ଇନକୁବେସନ ପିରିଅଡ଼ କୁହାଯାଏ। ଏହା ୧-୧୪ ଦିନ।

କରୋନା ଭାଇରସର ଉତ୍ପତ୍ତି :-

ଏହି ଭାଇରସ ବିଭିନ୍ନ ପଶୁପକ୍ଷୀମାନଙ୍କଠାରେ ଥାଏ। ସେମାନେ ହେଲେ ଓଟ, ସିଭେଟ ବିଲେଇ, ବାଦୁଡ଼ି ଓ ଅନ୍ୟାନ୍ୟ ପକ୍ଷୀ, ସାମୁଦ୍ରିକ ଜୀବଜନ୍ତୁ, ମାର୍କେଟରେ ବିଭିନ୍ନ ଜୀବନ୍ତପଶୁ। ଭାଇରସ ଏମାନଙ୍କଠାରୁ ମଣିଷ ଦେହକୁ ଆସେ।

କରୋନା ଭାଇରସ କେମିତି ବ୍ୟାପେ :-

- ବାୟୁଦ୍ୱାରା ଡ୍ରପଲେଟ ଯୋଗୁ - ସଂକ୍ରମିତ ରୋଗୀ କାଶିବା, ଛିଙ୍କିବା, ହସିବା ଯୋଗୁ।
- ଭାଇରସ ସଂକ୍ରମିତ ରୋଗୀକୁ ସ୍ପର୍ଶକଲେ, କରମର୍ଦ୍ଦନ କଲେ।
- ଭାଇରସ ରହିଥିବା ଜାଗା ବା ଜିନିଷ ସ୍ପର୍ଶ କଲେ।
- ଭାଇରସ ସଂକ୍ରମିତ ଜୀବଜନ୍ତୁମାନଙ୍କ ସହ ସଂସ୍ପର୍ଶରେ ଆସିଲେ।
- ବେଳେ ବେଳେ ଭାଇରସ ଝାଡ଼ା ସଂସ୍ପର୍ଶରେ ଆସିଲେ ବ୍ୟାପେ।

କରୋନା ଭାଇରସ କରୁଥିବା ରୋଗର ସଂକେତ ଓ ଲକ୍ଷଣ :-

ଏହା ସାମାନ୍ୟରୁ ସାଂଘାତିକ ହୋଇପାରେ। ସେଗୁଡ଼ିକ ହେଲା :-

- ଜ୍ୱର। - କାଶ।
- ଘନ ଘନ ପ୍ରଶ୍ୱାସ ନିଃଶ୍ୱାସ ନେବା ଆଣିବା କରିବା।
- ପ୍ରଶ୍ୱାସ ନିଃଶ୍ୱାସ ନେବା ଆଣିବାରେ କଷ୍ଟ ଅନୁଭବ କରିବା
-ନାକରେ ବାସ୍ନା ଜାଣି ନପାରିବା -ଜିଭରେ ସ୍ୱାଦ ଜାଣି ନପାରିବା।
- ଛିଙ୍କ ହେବା। - ନାକରୁ ପାଣି ବାହାରିବା।
- ତଣ୍ଟି ଦରଜ ହେବା। - ଦୁର୍ବଳ ଲାଗିବା।
- ଶୀତ ଲାଗିବା। -ଦେହ ଓ ମୁଣ୍ଡ ବିନ୍ଧା ହେବା
- ପତଳା ଝାଡ଼ା ହେବା - ନିମୋନିଆଁ।
- କିଡ଼ନି ଫେଲ। - ମୃତ୍ୟୁ

କରୋନା ଭାଇରସ ରୋଗର ନିଦାନ :-

- ସଂକେତ ଓ ଲକ୍ଷଣ ଦେଖି। - ହିଷ୍ଟ୍ରି ନେଇ।
- ନାକ କିମ୍ବା ଗଳାରୁ ଲାଳ ନେଇ ଭାଇରସ ପରୀକ୍ଷା।
- ଟ୍ରାକିଆଲ ଆସିପିରେଟ
- ଏକ ବ୍ରୋଂକୋସ୍କୋପ ପାଟିପଟେ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ନେଇ ସିକ୍ରେସନ ନମୁନା ନେଇ ଭାଇରସ ପରୀକ୍ଷା କରାଯାଏ।
- ରକ୍ତ ନମୁନା ନେଇ ଭାଇରସ ପରୀକ୍ଷା କରାଯାଏ।
- ପିସିଆର (PCR) - ପୋଲିମରେଜ ଚେନ ରିଆକସନରେ ଭାଇରସ ପରୀକ୍ଷା କରାଯାଏ। ଜେନେଟିକ ଫିଙ୍ଗରପ୍ରିଣ୍ଟକୁ ବେସ କରାଯାଏ।
- କଫ ପରୀକ୍ଷା କରାଯାଏ - କଫରୁ ଭାଇରସ ପରୀକ୍ଷା କରାଯାଏ।

କରୋନା ଭାଇରସ ପାଇଁ ପ୍ରତିଶେଧକ ବ୍ୟବସ୍ଥା :-

- ଏହାର କୌଣସି ଟୀକା ଏପର୍ଯ୍ୟନ୍ତ ବାହାରିନାହିଁ। ଏହା ତିଆରିପାଇଁ ପରୀକ୍ଷା ଚାଲିଛି।
- ବାରମ୍ବାର ହାତକୁ ସାବୁନ ଓ ପାଣିରେ ଧୋଇବା ଉଚିତ। କିମ୍ବା ଆଲକହଲ ବେସଡ଼ ହ୍ୟାଣ୍ଡ ରବରେ ହାତ ଧୋଇବା ଉଚିତ୍।
- କାଶିବା, ଛିଙ୍କିବା, ହସିବା ସମୟରେ ମୁହଁକୁ ଟିସୁପେପର, କପଡ଼ା କିମ୍ବା କହୁଣିଦ୍ୱାରା ଘୋଡ଼ାଇ ରଖିବା ଉଚିତ।
- ମୁହଁରେ ମାକ୍ସ ବାନ୍ଧି ଯିବା ଆସିବା କରିବା ଉଚିତ।
- ନିଜକୁ ଭାଇରସ ଆକ୍ରାନ୍ତ ସନ୍ଦେହ କରୁଥିବା ଲୋକଙ୍କଠାରୁ ଅତି କମରେ ଏକମିଟର ଦୂରତାରେ ରହିବା ଉଚିତ୍।
- ଭାଇରସ ଆକ୍ରାନ୍ତ ରୋଗୀକୁ ସ୍ପର୍ଶ କରିବା ଅନୁଚିତ୍।
- ହାତରେ ଆଖି, ନାକ ଓ ପାଟିକୁ ସ୍ପର୍ଶ କରିବା ଅନୁଚିତ୍।
- ସଂକ୍ରମିତ ବ୍ୟକ୍ତି ବ୍ୟବହାର କରୁଥିବା ଜିନିଷଠାରୁ ଦୂରେଇ ରୁହନ୍ତୁ।
- ବାରମ୍ବାର ସ୍ପର୍ଶ କରୁଥିବା ଜିନିଷ କିମ୍ବା ଜାଗା ବାରମ୍ବାର ସଫାକରି ଡିସିନଫେକ୍ଟାଣ୍ଟ ପକେଇବା ଉଚିତ।
- କୌଣସି ଜୀବଜନ୍ତୁଙ୍କୁ ସ୍ପର୍ଶ କରିବା ଅନୁଚିତ।
- ଜୀବଜନ୍ତୁମାନଙ୍କର କଞ୍ଚାଖାଦ୍ୟ ଓ ଭଲଭାବରେ ରନ୍ଧା ହୋଇନଥିବା ଖାଦ୍ୟ ଖାଇବା ଉଚିତ ନୁହେଁ।
- ଯଦି ଜ୍ୱର ଓ କାଶ ହେଉଛି କୁଆଡ଼େ ବୁଲିଯିବା ଦରକାରନାହିଁ।
- କୁଆଡ଼େ ବୁଲିଯିବା ସମୟରେ ଯଦି ଜ୍ୱର କାଶ ହୁଏ ତେବେ ସଂଗେ

ସଂଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସାକରିବା ଉଚିତ।

- ନିଜ ଘର ଚାରିପାଖ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ।
- ସର୍ବସାଧାରଣ ଜାଗାରେ ଛେପ, ଖଙ୍କାର ପକାଇବା ଅନୁଚିତ।
- ଘରେ ବାହାରେ ସାନିଟାଇଜେସନ୍ କରିବା ଉଚିତ। ଯଦି ସମ୍ଭ ନିଜକୁ ସାନିଟାଇଜେସନ୍ କରିବା ଭଲ।

କରୋନା ଭାଇରସ ରୋଗର ଚିକିତ୍ସା :-

- ଏ ପର୍ଯ୍ୟନ୍ତ ଏହାର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସାନାହିଁ। କୌଣସି ଆଣ୍ଟିଭାଇରାଲ ଔଷଧ ଏପର୍ଯ୍ୟନ୍ତ ବାହାରିନାହିଁ। ଔଷଧ ବାହାର କରିବାପାଇଁ ପରୀକ୍ଷା ଚାଲିଛି।
- ଅନ୍ୟମାନଙ୍କଠାରୁ ଅଲଗା ରହିବା ଉଚିତ। ବିଶ୍ରାମ ନେବା ଉଚିତ।
- ଦେହକୁ ଗରମ ରଖିବା ଉଚିତ। - ଅଧିକ ପରିଶ୍ରମ କାମ ନକରିବା।
- ଅଧିକ ପରିମାଣ ପାଣି ପିଇବା। - ଧୂମପାନ ନକରିବା।
- ଧୂଆଁଥିବା ଅଞ୍ଚଳରୁ ଦୂରେଇ ରହିବା।
- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାପାଇଁ ଭିଟାମିନ 'ସି' ଯୁକ୍ତ ଖାଦ୍ୟ ଖାଇବା ଦରାକାର।
- ବ୍ୟଥା, ଜ୍ୱର କମିବାପାଇଁ ଆଇବୁପ୍ରୋଫେନ, ଏସିଟାମିନୋଫେନ, ନାପ୍ରୋକ୍ସେନ ଖାଇବାକୁ ଦିଆଯାଏ।
- କାଶ ପାଇଁ କଫ ସିରପ ଦିଆଯାଏ।
- ରୁମ ହ୍ୟୁମିଡ଼ିଫାଇଅର ବ୍ୟବହାର କରିବା ଉଚିତ।
- କୁଲ ମିସ୍ଟ ଭେପୋରାଇଜର ବ୍ୟବହାର କଲେ ତଣ୍ଟିଦରଜ ଓ କାଶରୁ ଉପଶମ ମିଳେ।
- ଉଷୁମ ଲୁଣପାଣି ଗରଗାଲିଙ୍ଗ୍ କରିବା।
- ଦରକାର ପଡ଼ିଲେ ଅକ୍ସିଜେନ୍ ଦିଆଯାଏ ଓ ଭେଣ୍ଟିଲେଟରରେ ମଧ୍ୟ ଲାଗେ।
- ଅନ୍ୟାନ୍ୟ ସଂକେତ ଓ ଲକ୍ଷଣ ଅନୁସାରେ ଚିକିତ୍ସା ।

କୌଣସି ଲୋକର ଜ୍ୱର, କାଶ ହେଲେ, ସେ ଘନ ଘନ ପ୍ରଶ୍ୱାସ ନିଃଶ୍ୱାସ ନେବା ଆଣିବା କଲେ, ପ୍ରଶ୍ୱାସ ନିଃଶ୍ୱାସ ନେବା ଆଣିବାରେ କଷ୍ଟ ଅନୁଭବ କଲେ, ତା'ର ଛିଙ୍କ ହେଲେ, ନାକରୁ ପାଣି ବାହାରିଲେ, ତଣ୍ଟି ଦରଜ ହେଲେ, ପତଳା ଝାଡ଼ା ହେଲେ, ଦେହ ବିନ୍ଧା ହେଲେ, ତାକୁ ଶୀତ ଲାଗିଲେ, ଦୁର୍ବଳ ଲାଗିଲେ, ତା'ର ନିମୋନିଆ, କିଡ଼ନି ଫେଲହେବା ସନ୍ଦେହ ହେଲେ ଯଥାଶୀଘ୍ର ସମ୍ଭବ ଡାକ୍ତରଙ୍କ ପରାମର୍ଶ କରି, ପରୀକ୍ଷା କରି ଚିକିତ୍ସା କରିବା ଉଚିତ। ଏହା କରୋନା ଭାଇରସ ରୋଗ ହୋଇପାରେ। ଜୀବନ ଚାଲିଯାଇପାରେ। ସେଥିପାଇଁ ସମସ୍ତେ ସତର୍କ ରହିବା ଉଚିତ।

ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା
ଦୂରଭାଷ-୯୪୩୭୧୦୭୬୧୩

ତୁମକୁ ତ ଖୋଜିବାରେ

ଡ. ଲାବଣ୍ୟଚନ୍ଦ୍ର ସାହୁ

ତୁମକୁ ତ ଖୋଜିବାରେ ନାହିଁ ପ୍ରୟୋଜନ
ବିରାଜିଛ ଚରାଚର ତୁମେ ଏ ସଂସାର
ଜଳ - ସ୍ଥଳ - ପାରାବାର, ଗଗନ - ପବନ । ॥୦॥
କିଛି ମାଗିବାରେ ପ୍ରଭୁ ! ନାହିଁଟି କାମନା ମୋର
ପୂର୍ଣ୍ଣ କରିଅଛ ଯେଣୁ, ଆହେ ପରାତ୍ପର।
ସୁତ-ଦାର-ପରିବାର, ମୋ ଟିକି ସଂସାର
ତୁମ୍ଭର କରୁଣା ବଳେ ସଦା-ସୁପ୍ରସନ୍ନ । ॥୧॥
ନାହିଁ ମନେ ଅଭିଳାଷ, ସଞ୍ଚିବି ମୁଁ ବିଭବ ଅଧିକ
ବୃଦ୍ଧ କାଳେ, ସୁଖେ ଥିବି, ନଥିବ ଅଭାବ ଦୁଃଖ
ତୁଚ୍ଛ ମଣେ ଐଶ୍ୱର୍ଯ୍ୟ, ଚାହେଁ ତୋର ପଦରଜ
ଏତିକି ମିନତି ଘେନ! ପରମ ପାବନ । ॥୨॥

ଶ୍ରୀବସ୍ତୀ - ୩୫ ବସନ୍ତ ବିହାର,
ଭୁବନେଶ୍ୱର - ୭୫୧୦୧୮
ମୋ - ୮୮୯୫୪୮୭୧୬୨

ସୁଜି ଗାଜର ହାଲୁଆ

ସୌମିତ୍ରା ହରିଚନ୍ଦନ

ଆବଶ୍ୟକ ସାମଗ୍ରୀ -

ଗାଜର ୫୦୦ଗ୍ରାମ୍,ସୁଜି-୨୫୦ଗ୍ରାମ୍,ଗୁଆଘିଅ -୨/୩ ଚାମୁଚ,କ୍ଷୀର-୧ଲି.,ଚିନି-୨୫୦ଗ୍ରାମ୍,ତେଜପତ୍ର-୩/୪ଟି,ଗୁଜରାତି-୪/୫ଟି,କିଛି କାଜୁ କିସ୍‌ମିସ୍,ଲୁଣ ଓ ଖୁଆ-୫୦ଗ୍ରାମ୍।

ପ୍ରସ୍ତୁତ ପ୍ରଣାଳୀ :-

ପ୍ରଥମେ ଗାଜରକୁ ପରିଷ୍କାର କରି ଚୋପା ଛଡାଇ କଦୁକସ୍‌ରେ କୋରି ନିଅନ୍ତୁ। କଡେଇରେ ଦୁଇ ବା ତିନି ବଡ଼ ଚାମଚରେ ଘିଅ ଦେଇ ଗରମ କରନ୍ତୁ। ଘିଅ ଗରମ ହେଲେ ସେଥିରେ ତେଜପତ୍ର ଓ ସୁଜି ପକାଇ ବାଦାମି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ତା'ପରେ ସେଥିରେ ଗାଜର, ଖୁଆ, ସିଝା ହୋଇଥିବା କ୍ଷୀର ଦେଇ ଭଲଭାବରେ ଘାଣ୍ଟନ୍ତୁ। ବର୍ତ୍ତମାନ ଆବଶ୍ୟକ ପରିମାଣର ଚିନି ଓ ଲୁଣ ଦେଇ ତାହା ଶୁଖା ଶୁଖା ହେବା ପର୍ଯ୍ୟନ୍ତ ଗୋଳାନ୍ତୁ। ତା' ପରେ ସେଥିରେ କାଜୁ କିସିମିସ୍ ଓ ଗୁଜରାତି ଗୁଣ୍ଡ ଦେଇ ଚୁଲିରୁ ଓହ୍ଲାଇ ଆଣି ଗରମ ଗରମ ପରିବେଷଣ କରନ୍ତୁ।ଖାଇ ଦେଖିଲେ କେମିତି ଲାଗୁଛି ?

ଦୂରଭାଷ-୧୪୪୩୪୯୫୦୦

ଧୂମପାନକାରୀ ପାଆନ୍ତି କଷ୍ଟ

ଶ୍ରୀ ବିଭୂତି ଭୂଷଣ ସେନାପତି

କ୍ୟାନସର ରୋଗର ବହୁକାରଣ ଥିଲେ ମଧ୍ୟ ଧୂମପାନ କରିବା ଗୋଟିଏ ମୁଖ୍ୟ କାରଣ। କିନ୍ତୁ ଧୂମପାନକାରୀଙ୍କ ପାଖରେ ବସିଥିବା ବ୍ୟକ୍ତି ବା ପ୍ରତ୍ୟହ କଥାବାର୍ତ୍ତା କରୁଥିବା ବ୍ୟକ୍ତି ଫୁସ୍‌ଫୁସ୍ ରୋଗରେ ଆକ୍ରାନ୍ତ ହୁଏ। ନିଜ ପରିବାରରେ ବ୍ୟକ୍ତିମାନେ ଧୂମପାନକାରୀଙ୍କ ସହ କଥାବାର୍ତ୍ତା କଲାବେଳେ କ୍ୟାନସର ରୋଗରେ ଶିକାର ହେବା ସ୍ୱାଭାବିକ। ହୃଦରୋଗ, ଜରାୟୁ କ୍ୟାନସର ଓ ମସ୍ତିଷ୍କ ଆଖପାଖ ଅଞ୍ଚଳରେ ଥିବା ବାୟୁକୋଷ (Sinuses) କ୍ୟାନସରକୁ ଆମନ୍ତ୍ରଣ କରେ। ସିଗାରେଟ ଟାଣିଲା ପରେ ତା'ର ପାଉଁଶ ଶରୀରପାଇଁ କ୍ଷତିକାରକ। ଏକଥା କହିବାର ତାପର୍ଯ୍ୟ ସିଗାରେଟ ଧୂଆଁରେ ୪୭୦୦ରୁ ଅଧିକ ସଂଖକ୍ୟ ଯୌଗିକ ପଦାର୍ଥ ଥାଏ। ଏହାମଧ୍ୟରୁ ୪୩ଟି କ୍ୟାନସର ସୃଷ୍ଟିପାଇଁ ସହାୟକ ହୋଇଥାଏ। ସିଗାରେଟ ଜଳାଇଲାବେଳେ ନିର୍ଗତ ଧୂଆଁ ଧୂସର ବର୍ଣ୍ଣ ମାତ୍ର ପାଟିରୁ ବାହାରୁଥିବା ସିଗାରେଟ ଧୂଆଁ ସାମାନ୍ୟ ହଳଦିଆ ମାତ୍ର ପାଣ୍ଡୁର ବର୍ଣ୍ଣ। ସିଗାରେଟରୁ ବାହାରୁଥିବା ଧୂଆଁ ଅପେକ୍ଷା ସିଗାରେଟ ଶେଷପରେ ନିର୍ଗତ ଧୂଆଁ ପରିମାଣ ୧୦ଗୁଣ କ୍ଷରିକାରକ। ଯେଉଁପାଖରେ ସିଗାରେଟରେ ନିଆଁ ଲାଗିଥାଏ ସେଥିରୁ ଦୀର୍ଘସମୟଧରି ବାହାରୁଥିବା ଧୂଆଁରେ କାର୍ବୋନ ମନୋକ୍ସାଇଡ୍ (Carbon monoxide), ହାଇଡ୍ରୋଜେନ୍ ସାୟାନାଇଡ୍ (Hydrogen Cyanide), ନିକୋଟିନ୍ (Nicotine) ଇତ୍ୟାଦି ଭରପୁର ହୋଇରହିଥାଏ। ଧୂମ୍ରପାମ ନକରି କେବଳ ଧୂଆଁ ଗ୍ରହଣକଲେ ଗ୍ରହଣ କରୁଥିବା ବ୍ୟକ୍ତିର ରକ୍ତରେ ଅଧିକ ଜୈବରାସାୟନିକ ପରିବର୍ତ୍ତନର ସମ୍ଭାବନା ରହିଛି। ଜାପାନରେ ଦୀର୍ଘ ୧୪ବର୍ଷ ଧରି ସିଗାରେଟ ଧୂଆଁର ଆଘ୍ରାଣ ଓ ଫୁସ୍‌ଫୁସ୍ କ୍ୟାନସର ଉପରେ ପରୀକ୍ଷା ନିରୀକ୍ଷା ଓ ଗବେଷଣା ଚାଲିଥିଲା। ଶେଷରେ ସେମାନେ ଫୁସ୍‌ଫୁସ୍ କ୍ୟାନସରରେ ସିଗାରେଟ ଧୂଆଁ ବହୁ କ୍ଷତିକାରକ ବୋଲି କହିଲେ। ଛୋଟ ଛୋଟ ପିଲାମାନେ ବହୁ ସମୟରେ ଧୂଆଁ ସେବନଦ୍ୱାରା ଶ୍ୱାସ, ପ୍ରଶ୍ୱାସ ରୋଗ, ଫୁସ୍‌ଫୁସ୍ ନାଳୀ, ପ୍ରଦାର ଓ ମଧ୍ୟମ କର୍ଣ୍ଣ (Middle ear) ରେ ରୋଗ ଉପଦ୍ରବ ଦେଖାଯାଏ। ଯେଉଁ ପିଲାମାନେ ଆଜ୍‌ମା ରୋଗରେ ଆକ୍ରାନ୍ତ ସେମାନେ ଏହି ଧୂଆଁପ୍ରତି ସଚେତନଶୀଳ ହେବା ବିଧେୟ। ଚିକିତ୍ସା ଅପେକ୍ଷା ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣକଲେ ବହୁରୋଗରୁ ମାନବ ରକ୍ଷାପାଇପାରିବ। ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧ କରିବା, ମୋଟରଯାନରେ ଗଲାବେଳେ ଧୂମପାନ ନକରିବା, ଯେଉଁ ଅଫିସରମାନେ ସିଗାରେଟ ପାନକରନ୍ତି ସେମାନେ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରିବା, ପତ୍ରପତ୍ରିକା, ଟେଲିଭିଜନ ଓ ଆୱାରନେସ୍ ପ୍ରୋଗ୍ରାମ ପ୍ରତି ଅନୁଷ୍ଠାନରେ କାର୍ଯ୍ୟକ୍ଷମ ହେବା, ଧୂମପାନକାରୀଙ୍କୁ ସବୁସମୟରେ ସତର୍କ କରାଇବା, ଓ ସିଗାରେଟର ଭୟାବହତା ପ୍ରତି ସତର୍କ କରାଇବା ଆଦି ବହୁକାର୍ଯ୍ୟ ଇତ୍ୟାଦି ସଂପନ୍ନ କରିବା ବିଧେୟ। ମନେରଖିବା ଉଚିତ୍ ଧୂଆଁପତ୍ର ଗଛରେ ୦.୬ ରୁ ୬.୦ ଭାଗ ପର୍ଯ୍ୟନ୍ତ ନିକୋଟିନ୍ ଥାଏ। ଏହା ମଲିକ୍ ଏସିଡ୍ ଓ ସାଇଟ୍ରକ୍ ଏସିଡ୍ ସହ ମିଶିରହିଥାଏ। ବାୟୁ ସଂସ୍ପର୍ଶରେ ଆସିଲେ ଅଠାଳିଆ ଓ ବାଦାମୀ ରଙ୍ଗ ଧାରଣକରେ। ଏହାର ସ୍ୱାଦ ଖୁବ୍ କମ୍ କିନ୍ତୁ ଅପ୍ରୀତିକର ଗନ୍ଧ ପ୍ରଦାନରେ ଏହା ସହାୟକ ହୋଇଥାଏ। ସିଗାରେଟ, ତମାଖୁ, ଗୁଣ୍ଡି ଜର୍ଦ୍ଦା ରୂପରେ ବିଭିନ୍ନ ଉପାୟରେ ସେବନ କରନ୍ତି, ଆଉ କିଏ ଦୁକ୍ତା, ଖଇନି ଓ ଗୁଟ୍‌କା ରୂପରେ କଳରେ ଜାକନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ସୂଚଇଦିଏ ପ୍ରତିବର୍ଷ ପ୍ରାୟ ଛଅନିୟୁତ ଲୋକ ଏଥିପାଇଁ ପ୍ରାଣ ହରାଉଛନ୍ତି। ଧୂମପାନକାରୀଙ୍କ ସଂଖ୍ୟା ତନ୍ମଧ୍ୟରୁ ପ୍ରାୟ ୬ ଲକ୍ଷ, ତମାଖୁ ସେବନ ୫୦ ଲକ୍ଷ, ଗୁଟ୍‌କା ସେବନକାରୀ ୧୮ ରୁ ୩୫ ବର୍ଷଙ୍କ ସଂଖ୍ୟା ୫୦ ପ୍ରତିଶତ, ୧୫ ବର୍ଷରୁ କମ୍ ୩୮ ପ୍ରତିଶତ (୨୦୧୨ ପରିସଂଖ୍ୟାନ ଅନୁସାରେ) ତମାଖୁ ସେବନରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ତମାଖୁ ସେବନରେ ଓଡ଼ିଶା ୩୮ ପ୍ରତିଶତ, ଆସାମ ୩୬.୬ ପ୍ରତିଶତ, ଛତିଶଗଡ଼ ୩୨.୫ ପ୍ରତିଶତ, ଝାଡ଼ଖଣ୍ଡ ୨୪.୧ ପ୍ରତିଶତ, ବିହାର ୨୨.୫ ପ୍ରତିଶତ ପ୍ରଭୃତି ଉଲ୍ଲେଖଯୋଗ୍ୟ ମାତ୍ର ରାଜସ୍ଥାନ ସେହି ତୁଳନାରେ ୬.୯ ପ୍ରତିଶତ। ଓଡ଼ିଶାର ମାଲକାନାଗିରି ସର୍ବାଧିକ ୫୮.୪, ଗଜପତି ୧୩, ଗ୍ରାମାଞ୍ଚଳ ୪୦.୬, ସହରାଞ୍ଚଳ ୨୫.୬ ଅଛନ୍ତି। ୪୫.୮ ପ୍ରତିଶତ ପୁରୁଷ ହେବାବେଳେ ସ୍ତ୍ରୀଙ୍କ ସଂଖ୍ୟା ୩୦-୪୦ ପ୍ରତିଶତରୁ ଅଧିକ ଲୋକ ବାଲେଶ୍ୱର, ଭଦ୍ରକ, ବଲାଙ୍ଗିର ଓ ବରଗଡ଼ ଜିଲ୍ଲାର ବ୍ୟକ୍ତିବିଶେଷ। ନିୟମିତ ସିଗାରେଟ ଓ ତମାଖୁ ସେବନକଲେ ସ୍ନାୟବିକ ଅବସାଦ, ଆଖିର ପୁଅଡ଼ୋଳା ସଂକୁଚିତ, ଡିପ୍ରେସନ, ମୁଣ୍ଡ ବୁଲାଇବା, ବାନ୍ତିହେବା, ଓଠରେ କଳାଦାଗ, ପାଟିରୁ ବାରମ୍ବାର ଛେପ ବାହାରିବା, ଉଚ୍ଚ ରକ୍ତଚାପ, ହୃଦରୋଗ ଓ ପକ୍ଷାଘାତ ପ୍ରଭୃତି ଅଚିରେ ଗ୍ରାସକରେ। ଆଜିକାଲି ବହୁସଂଖ୍ୟକ ଛାତ୍ରଛାତ୍ରୀ ଅସ୍ଥିର ମନହେବା, ପାଠପଢ଼ାରେ ମନ ନଲାଗିବା, ଧୈର୍ଯ୍ୟହରା ହେବା, ପଢ଼ାଇଲାବେଳେ ଅନ୍ୟମନସ୍କଭାବ, ସଙ୍ଗେ ସଙ୍ଗେ ରାଗିଯିବା ଆଦି ବହୁଳପରିମାଣରେ ଦେଖାଯାଉଛି। ସ୍ୱାସ୍ଥ୍ୟହାନୀ ସହ ଦେହର ଓଜନ କମିବା ବିଶେଷତଃ ସିଗାରେଟ ଓ ତମାଖୁ ସେବନରେ ଦେଖାଯାଏ। ଅନ୍ୟପକ୍ଷରେ ପିତାମାତା ସିଗାରେଟ ଓ ଗୁଟ୍‌କା ନିୟମିତ ସେବନ କଲେ ଆନୁବଂଶୀୟ ଗୁଣସୂତ୍ର ବା ଏପିଜେନେଟିକ୍ କ୍ରମ ପ୍ରାୟ ଛାତ୍ରଛାତ୍ରୀଙ୍କଠାରେ ପରିଲକ୍ଷିତ ହୋଇଥାଏ। ଓଡ଼ିଶାର ଖାଦ୍ୟସୁରକ୍ଷା ଏବଂ ମାନନିର୍ଣ୍ଣୟ ଆଇନ୍ ୨,୩,୪ ଧାରା ଅନୁଯାୟୀ ଧୂମବିହୀନ ନିଶାଦ୍ରବ୍ୟ ନିଷେଧ ଦେଶ ପାଳନ କରିବା କର୍ତ୍ତବ୍ୟ ।

କୋହ୍ଲ, ଡ଼ିହିଡ଼ି, ଭଦ୍ରକ
ଦୂରଭାଷ - ୯୪୩୭୫୭୪୪୬୨

ଉତ୍କଳର ମହାପରାକ୍ରମଶାଳୀ ଶାସକ ଗଜପତି କପିଳେନ୍ଦ୍ର ଦେବ

ସତ୍ୟବାଦୀ ବଳିଆରସିଂହ

ପଞ୍ଚଦଶ ଶତାବ୍ଦୀର ଆଦ୍ୟଭାଗରେ ଗଙ୍ଗବଂଶର ପତନ ହେଲା। ଗଙ୍ଗମାନେ ଓଡ଼ିଶାରେ ରାଜନୈତିକ ଏକତ୍ରିକରଣ, ଓଡ଼ିଶା ସାମ୍ରାଜ୍ୟକୁ ଉତ୍ତରରେ ବଙ୍ଗ ଏବଂ ଦକ୍ଷିଣରେ ବିଜୟନଗର ଆଦି ବହିଃଶତ୍ରୁ ଆକ୍ରମଣରୁ ସୁରକ୍ଷା ପ୍ରଦାନ କରିଥିଲେ। ଗଙ୍ଗବଂଶର ପତନ ପରେ ଓଡ଼ିଶାରେ ସୂର୍ଯ୍ୟବଂଶୀ ଗଜପତି ନାମରେ ଅନ୍ୟଏକ ଗୌରବମୟ ରାଜବଂଶର ଶାସନ ଆରମ୍ଭହେଲା। ସୂର୍ଯ୍ୟବଂଶୀ ଶାସନକୁ ଇତିହାସରେ "ଗଜପତି" ଶାସନ ବୋଲି ମଧ୍ୟ ଉଲ୍ଲେଖ କରାଗଲା। ପ୍ରଥମେ ଗଙ୍ଗରାଜା ଚୋଡ଼ଗଙ୍ଗଦେବ "ଗଜପତି" ଉପାଧି ଧାରଣ କରିଥିଲେ। ଗଙ୍ଗସେନାରେ ରହିଥିବା ବିଶାଳ ଗଜବାହିନୀକୁ ପରିପୁଷ୍ଟ କରିବା ସକାଶେ ଏହି ଉପାଧି ସହାୟକ ହେଲା। ଯୁଦ୍ଧରେ ବାରୁଦ ଓ କମାଣର ବ୍ୟବହାର ଆରମ୍ଭ ହେବାପୂର୍ବରୁ ହସ୍ତୀର ବ୍ୟବହାର, ସେନାର ଶକ୍ତି ଓ ପରାକ୍ରମକୁ ପ୍ରଦର୍ଶନ କରୁଥିଲା। ଓଡ଼ିଶାରେ ହସ୍ତୀର ଉପଲବ୍ଧତା ଯୋଗୁଁ ସାମାଜିକ ପ୍ରତିଷ୍ଠା ପାଇଁ ରାଜାମାନେ ସେନାରେ ଗଜବାହିନୀ ରଖୁଥିଲେ। ଗଙ୍ଗମାନେ ଗଜପତି ଉପାଧି ଗ୍ରହଣକରି ନିଜର ଶକ୍ତି ଓ ପ୍ରତିଷ୍ଠାକୁ ପ୍ରଦର୍ଶନ କଲେ। ସେହି ସମୟରୁ ଆରମ୍ଭ ହୋଇଥିବା ଏହି ଉପାଧି ପରବର୍ତ୍ତୀ ସମୟରେ ଅର୍ଥାତ ସୂର୍ଯ୍ୟବଂଶୀ ଶାସନକାଳରେ ଏବଂ ତା'ପରେ ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଉପରେ ଯେଉଁ

ରାଜାଙ୍କର ନିୟନ୍ତ୍ରଣ ରହିଲା କେବଳ ସେହି ରାଜା "ଗଜପତି" ଉପାଧି ବହନ କଲେ। "ଜଗନ୍ନାଥ" ଓ "ଗଜପତି" ପରସ୍ପରପାଇଁ ଅନୁପୂରକ ହେବାସହିତ ଓଡ଼ିଶାକୁ ଏକ ସାମାଜିକ ତଥା ରାଜନୈତିକ ଅସ୍ମିତା ଦେବାରେ ସହାୟକ ହେଲେ। ଓଡ଼ିଶାରେ ଗଜପତିଙ୍କ ଭଳି ମହାରାଷ୍ଟ୍ରରେ ଛତ୍ରପତି, କାଶୀରେ ନରପତି, ମଦ୍ର ଦେଶରେ ଅଶ୍ୱପତି ନାମକୁ ନେଇ ଖ୍ୟାତି ରହିଛି।

ଗଙ୍ଗ ନରପତି ଚୋଳଗଙ୍ଗଦେବ ଗଜପତି ଉପାଧି ଧାରଣ କରିଥିବା ମତପ୍ରକାଶ ପାଇଥିଲେ ହେଁ ବହୁ ଐତିହାସିକ କପିଳେନ୍ଦ୍ରଦେବ ଗଜପତି ଶାସନର ପ୍ରତିଷ୍ଠାତା ଥିଲେ ବୋଲି ଗୁରୁତ୍ୱ ଦେଇଥାନ୍ତି। ଗଙ୍ଗବଂଶର ଚତୁର୍ଥ ଭାନୁଦେବଙ୍କ ପରେ ସେ ସିଂହାସନ ଆରୋହଣ କରି ସୂର୍ଯ୍ୟବଂଶର ପ୍ରତିଷ୍ଠା କରିଥିଲେ। କପିଳେନ୍ଦ୍ର ଦେବ ୧୩୫୭ ଶକାବ୍ଦ କକଡ଼ା ୨ ଦିନ ଶୁକ୍ଳ ଚତୁର୍ଥୀ ବୁଧବାରଦିନ ପୁରୁଷୋତ୍ତମ କ୍ଷେତ୍ରରେ ଅଭିଷିକ୍ତ ହୋଇଥିଲେ। କିନ୍ତୁ ମାଦଳାପାଞ୍ଜି ଅନୁଯାୟୀ ତାଙ୍କ ରାଜ୍ୟାଭିଷେକ ଲିଙ୍ଗରାଜ ମନ୍ଦିର ନିକଟସ୍ଥ ପାପନାଶିନୀ ପୁଷ୍କରିଣୀ କୂଳରେ ୨୯ ଜୁନ୍ ୧୪୩୫ ମସିହା ବୁଧବାର ଦିନ ହୋଇଥିଲା। କପିଳ ରାଉତରୁ କପିଳେନ୍ଦ୍ର ଦେବ ହେଲେ। ସେ ନିଜକୁ ଶ୍ରୀଜଗନ୍ନାଥଙ୍କର ଆଦ୍ୟ ସେବକ ବୋଲି ଘୋଷଣା କରିଥିଲେ। କପିଳେନ୍ଦ୍ର ଦେବ ଖ୍ରୀ ୧୪୩୫ ରୁ ୧୪୬୬ ପର୍ଯ୍ୟନ୍ତ ଏକତିରିଶ ବର୍ଷ ରାଜତ୍ୱ କରିଥିଲେ। ସେ ଦୀର୍ଘ ବର୍ଷ ବ୍ୟାପି ନିଜର ଅଖଣ୍ଡ ପ୍ରତିଭା ବଳରେ ଓଡ଼ିଶାର ଇତିହାସକୁ ସମୁଜ୍ଜ୍ୱଳ କରିଛନ୍ତି।

ଯେଉଁ ସମୟରେ କପିଳେନ୍ଦ୍ର ଦେବ ଶାସନଭାର ଗ୍ରହଣ କଲେ ସେ ସମୟରେ ରାଜ୍ୟର ଅବସ୍ଥା ବଡ଼ ଜଟିଳ ଥିଲା। ଓଡ଼ିଶା ରାଜାଙ୍କ ଦୁର୍ବଳତାର ସୁଯୋଗ ନେଇ ଆକ୍ରମଣକାରୀମାନେ ରାଜ୍ୟରେ ଅସ୍ଥିରତା ସୃଷ୍ଟି କରୁଥିଲେ। ଓଡ଼ିଶାପ୍ରତି ସବୁଆଡ଼ୁ ଚାପ ପଡ଼ୁଥିଲା। ଉତ୍ତରରେ ବଙ୍ଗର (ପୂର୍ବନାମ ଗୌଡ଼ଦେଶ), ସୁଲତାନ ନାସିରୁଦ୍ଦିନ, ଦକ୍ଷିଣ ପଶ୍ଚିମରେ ବାହାମନି ସୁଲତାନ (ପରେ ହାଇଦ୍ରାବାଦ ନିଜାମ) ଆଲ୍ଲାଉଦ୍ଦିନ ଅହମ୍ମଦ (୧୪୩୬ – ୧୪୫୮), ଦକ୍ଷିଣରେ ବିଜୟନଗରର ସମ୍ରାଟ ଦେବରାୟ (୨ୟ) (୧୪୧୯ – ୧୪୪୯) ଙ୍କର ଲୋଲୁପ ଦୃଷ୍ଟି ଓଡ଼ିଶା ଉପରେ ନିବଦ୍ଧ ଥିଲା।

କପିଳେନ୍ଦ୍ର ଦେବ ସିଂହାସନ ଆରୋହଣ କରି ନିଜର ଅଦ୍ଭୁତ ସାମରିକ ଶକ୍ତିର ପରିଚୟ ଦେଇଥିଲେ। ଜଣେ ବିଚକ୍ଷଣ ଯୋଦ୍ଧା ଓ ସେନାପତି ଭାବରେ ସୈନ୍ୟବାହିନୀକୁ ଶକ୍ତିଶାଳୀ କରି ସାମ୍ରାଜ୍ୟ ବିସ୍ତାର କଲେ। ତାଙ୍କ ରାଜ୍ୟଜୟ ବିଷୟରେ ଅନୁଧ୍ୟାନ କଲେ ଜଣାଯାଏ ଯେ ଖାରବେଳଙ୍କ ବ୍ୟତୀତ ଓଡ଼ିଶାର କୌଣସି ରାଜା ଏତେ ବଡ଼ରାଜ୍ୟ ଜୟ କରିନାହାନ୍ତି। ଗଙ୍ଗରାଜତ୍ୱରେ କପିଳେନ୍ଦ୍ର ପ୍ରଥମେ ରାଉତ, ନାୟକ, ସେନାପତି ପଦକୁ ଯାଇ ପରେ ଗଜପତି ରାଜା ପଦକୁ ଯାଇପାରିଥିଲେ। ସେ ଖଣ୍ଡାୟତ କ୍ଷତ୍ରିୟ ଓ କୃଷକ

ସୈନିକମାନଙ୍କୁ ଉପଯୁକ୍ତ ତାଲିମ ଦେଇ ରାଜ୍ୟ ପରେ ରାଜ୍ୟ ଜୟ କରିବାକୁ ସକ୍ଷମ ହୋଇଥିଲେ। ତାଙ୍କ ସାମ୍ରାଜ୍ୟ ଦକ୍ଷିଣରେ କର୍ଣ୍ଣାଟକଠାରୁ କଳବର୍ଗ (କୃଷ୍ଣାନଦୀ), ନବକୋଟ, ଚକ୍ରକୋଟ (ଗୋଦାବରୀ ନଦୀ), ଭ୍ରମରକୋଟ ଉତ୍ତରରେ ଗୌଡ଼ଦେଶ (ବଙ୍ଗ) ପର୍ଯ୍ୟନ୍ତ ବିସ୍ତୃତ ଥିଲା। ଅର୍ଥାତ ଉତ୍ତରଦିଗରେ ଗୌଡ଼ଦେଶର ଗଙ୍ଗାଠାରୁ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ କପିଳେନ୍ଦ୍ର ଦେବଙ୍କ ସାମ୍ରାଜ୍ୟ ବିସ୍ତୃତ ଥିଲା। ଓଡ଼ିଶାର ପଶ୍ଚିମ ଦିଗରେ ଥିବା ଝାଡ଼ଖଣ୍ଡର ସିଂହଭୂମି, ଷଢ଼େଇକଳା, ଖରସୁଆଁ, ବୀରଭୂମି, ମାନଭୂମି, ଧଳଭୂମି, ଘାଟଶିଳା ଏବଂ ଛତିଶଗଡ଼ରେ ଥିବା ବସ୍ତର, ଚନ୍ଦ୍ରପୁର, ରାଇଗଡ଼ ଆଦି ଅନେକ ଓଡ଼ିଆ ଅଂଚଳ ରହିଥିଲା।

କପିଳେନ୍ଦ୍ରଦେବଙ୍କ ମନ୍ତ୍ରୀ ଗୋପୀନାଥ ମହାପାତ୍ର ଗୋପୀନାଥପୁର ଶାସନରେ (ସାଲେପୁର ନିକଟରେ ଅବସ୍ଥିତ) ଏକ ଶିଳାଲେଖରେ କପିଳେନ୍ଦ୍ରଦେବଙ୍କୁ ମହାନ୍ ସୂର୍ଯ୍ୟବଂଶୀ ଓ ତାଙ୍କ ଶାସନକୁ ଜଗନ୍ନାଥ ସ୍ୱୀକୃତ ବୋଲି ଉଲ୍ଲେଖ କରିଛନ୍ତି। ସେ ପ୍ରଥମ ରାଜ୍ୟ ଅଭିଯାନରେ ବିଜୟନଗର ରାଜା ଦ୍ୱିତୀୟ ଦେବରାୟଙ୍କୁ ପରାସ୍ତ କରି ବିଜୟନଗର ଅଧିକାର କଲେ। ରାଜମହେନ୍ଦ୍ରୀର ରେଡ୍ଡୀ ରାଜାଙ୍କୁ ପରାସ୍ତକରି ରାଜମହେନ୍ଦ୍ରୀ ଅଧିକାର କଲେ। ୧୪୪୮ ପୂର୍ବରୁ ରାଜମହେନ୍ଦ୍ରୀ କପିଳେନ୍ଦ୍ର ଦେବଙ୍କ ସଂପୂର୍ଣ୍ଣ ଶାସନଭୁକ୍ତ ହେଲା। ଏହି ଯୁଦ୍ଧରେ କପିଳେନ୍ଦ୍ର ଦେବଙ୍କ ଜ୍ୟେଷ୍ଠପୁତ୍ର ହମ୍ବୀରଦେବ ମୁଖ୍ୟ ସେନାପତି ଥିଲେ। ଏହାପରେ କପିଳେନ୍ଦ୍ରଦେବ କୋଣ୍ଡାବିଡୁ ଦୁର୍ଗ ଅଧିକାର କଲେ। ୧୪୫୪ ମସିହାରେ ଖୋଦିତ ଏକ ଶିଳାଲେଖ ଅନୁଯାୟୀ, କପିଳେନ୍ଦ୍ରଦେବଙ୍କଦ୍ୱାରା ନିଯୁକ୍ତ ଗଣଦେବ ନାମକ ଜଣେ ଅଧିକାରୀ ସେଠାରେ ପରୀକ୍ଷ (ରାଜ୍ୟପାଳ) ଭାବରେ ସ୍ଥାପିତ ହୋଇଥିଲେ। କୋଣ୍ଡାବିଡୁକୁ ବାଦଦେଲେ ଆଦାଙ୍କି ଓ ବିନୁକୋଣ୍ଡା ସାମନ୍ତରାଜ୍ୟ ମଧ୍ୟ ତାଙ୍କ ଦାୟିତ୍ୱ ଅନ୍ତର୍ଭୁକ୍ତ ଥିଲା, ଅର୍ଥାତ୍ କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ କୃଷ୍ଣା-ଗୋଦାବରୀ ଉପତ୍ୟକା ଗଜପତି ଶାସନ ଅଧିକାରଭୁକ୍ତ ଥିଲା।

ରାଜମହେନ୍ଦ୍ରୀ ଓ କୋଣ୍ଡାବିଡୁ ଅଧିକାର ପରେ ଗଜପତି କପିଳେନ୍ଦ୍ରଦେବ ତେଲେଙ୍ଗାନା ପ୍ରତି ଦୃଷ୍ଟିନିକ୍ଷେପ କଲେ। ସେତେବେଳେ ତେଲେଙ୍ଗାନା ବେଲ୍ଲମା ରାଜାଙ୍କ ଶାସନାଧୀନ ଥିଲା। ୧୪୩୫ ମସିହାରେ ବାହମନୀ ସୁଲତାନ ତେଲେଙ୍ଗାନାର ବହୁଅଞ୍ଚଳ ଦଖଲ କରିନେଲେ। ଓଡ଼ିଶାରେ ଗଜପତି ଶାସନର ଅଭ୍ୟୁଦୟ ପରେ ତେଲେଙ୍ଗାନା ରାଜା ବେଲ୍ଲମା ମଦୟଲିଙ୍ଗ କପିଳେନ୍ଦ୍ରଦେବଙ୍କ ସହ ସମ୍ବନ୍ଧ ସ୍ଥାପନ କଲେ। ଏହାସହିତ ବାହମାନୀ ସୁଲତାନଙ୍କ ଶତ୍ରୁମାନଙ୍କୁ ବିଦ୍ରୋହ କରିବାକୁ ପ୍ରରୋଚିତ କଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ବାହମାନୀ ସୁଲତାନ ମଦୟଲିଙ୍ଗଙ୍କ ଉପରେ ଦେବରକୋଣ୍ଡାଠାରେ ଆକ୍ରମଣ କଲେ। ମାତ୍ର ମଦୟଲିଙ୍ଗଙ୍କ ସମର୍ଥନରେ ଗଜପତି ସେନା ପହଞ୍ଚିବାରୁ ୧୪୫୮ରେ ବାହମାନୀ ସୁଲତାନ ଓ ଗଜପତି ସେନା ମଧ୍ୟରେ ଭୀଷଣ ଯୁଦ୍ଧହେଲା। ଏଥିରେ କପିଳେନ୍ଦ୍ର ଦେବ ବିଜୟୀ ହେଲେ। ଦେବରକୋଣ୍ଡା ବିଜୟପରେ କପିଳେନ୍ଦ୍ର ଦେବଙ୍କ ଜ୍ୟେଷ୍ଠପୁତ୍ର ହମ୍ବୀରଦେବ ୱାରଙ୍ଗଲ ଦୁର୍ଗ ଅଧିକାର କରିନେଲେ। ହାଇଦ୍ରାବାଦ ନିଜାମଙ୍କ ଯେଉଁ ୱାରଙ୍ଗଲ ପ୍ରଧାନ ଦୁର୍ଗଥିଲା ତାହା ଗଜପତିଙ୍କ ଅଧିନକୁ ଆସିଥିଲା। ୧୪୫୮ରେ ଗଜପତି ରାଜା ଗୁଣ୍ଟୁର ଅବସ୍ଥାନ କାଳରେ ବେଲଜାଲାନି ଗ୍ରାମ ବ୍ରାହ୍ମଣମାନଙ୍କୁ ଦାନକରିଥିଲେ। ଉକ୍ତ ଦାନ ଫଳରେ ତାଙ୍କୁ ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଭାବରେ ଉଲ୍ଲେଖ କରାଯାଇଛି। ଏଥିରୁ ମନେହୁଏ ଗୁଣ୍ଟୁର ବ୍ୟତୀତ ସେ ଆରା, ହାମ୍ପି ଓ କୁଲବର୍ଗା ରାଜ୍ୟର ରାଜାମାନଙ୍କୁ ମଧ୍ୟ ଯୁଦ୍ଧରେ ପରାସ୍ତ କରିଥିଲେ। ଗଜପତି କପିଳେନ୍ଦ୍ର ଦେବଙ୍କ ସମସ୍ତ ଯୁଦ୍ଧ ବିଜୟ ମୂଳରେ ଥିଲା ବିଶାଳ ଗଜାରୋହୀ ସେନା। ୧୪୪୭ରେ ଏକ ଶିଳାଲେଖରେ କପିଳେନ୍ଦ୍ର ଦେବଙ୍କୁ "ଗୌଡ଼େଶ୍ୱର" ବୋଲି ଉଲ୍ଲେଖ କରାଯାଇଛି। ଏହି ଆଧାରରେ କୁହାଯାଏ ଯେ ବଙ୍ଗ (ଗୌଡ଼ଦେଶ) ରେ ସେତେବେଳେ (୧୪୪୨ - ୧୪୫୯) ସୁଲତାନ ଥିଲେ ନାସିରୁଦ୍ଦିନ। ସେ ଗୌଡ଼ରାଜ୍ୟକୁ ପରାସ୍ତ କରିଥିଲେ।

ଗଜପତି କପିଳେନ୍ଦ୍ରଦେବଙ୍କ ସାମ୍ରାଜ୍ୟ ଉତ୍ତରରେ ଗଙ୍ଗାନଦୀଠାରୁ ଦକ୍ଷିଣରେ କୃଷ୍ଣାନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ସେ ବିଭିନ୍ନ ରାଜ୍ୟ ଆକ୍ରମଣ କରି ଏକ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିବାରୁ ତାଙ୍କୁ ଦ୍ୱିତୀୟ ଖାରବେଳ କୁହାଯାଏ।

କବି ଗୋଦାବରୀଶ ମହାପାତ୍ର କଳିଙ୍ଗ ସମ୍ରାଟ ମହାମେଘବାହନ ଐର ଖାରବେଳ ଓ ଉତ୍କଳ ସମ୍ରାଟ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ ଉତ୍କଳ କଳ ବର୍ଗେଶ୍ୱର କପିଳେନ୍ଦ୍ର ଦେବଙ୍କ ବୀରତ୍ୱ ଓ ସାମରିକ ପରାକ୍ରମକୁ ମନେପକାଇ "ଉଠ କଙ୍କାଳ" କବିତାରେ ପରା ଲେଖିଛନ୍ତି :-

"ନିଜାମ ଭୂବନେ କୁଳବର୍ଗର ଅର୍ଗଳ ଏଡ଼ି ଦିନେ
ଗଜପତି ବୀର "ବେରାର" ଭେଦିଲା ଜୟ ଗୌରନ ଗାନେ
ଦୁର୍ବାର ଗଡ଼ "ଦେବରକୋଣ୍ଡା" କହେ ଆଜି ସେହି କଥା
ବାରବାଟୀ ବୀର ଦେଇଥିଲା ତାର ରଣେ ଉନ୍ନତ ମଥା॥"

X X X

"ବିଜୟ ବିଜୟନଗର ମାଗିଲା ଶରଣ ଚରଣ ତଳେ
'ବାହାମନି' ପତି ଯବନ, ଶମନ-କାତରେ ଲୁଚିଲା ଘରେ।"

X X X

"ଗଙ୍ଗା ଧୋଇଲା ଚିକୁର ଯାହାର କୃଷ୍ଣା ଚରଣ ତଳ
ଶମଶାନ ଆଜି ମଡ଼ାଦେଶ ଆଜି, ଏହି ସେହି ଉତ୍କଳ॥"

ଗଜପତି କପିଳେନ୍ଦ୍ର ଦେବ ଉତ୍କଳରେ କୃଷକ ସୈନିକମାନଙ୍କୁ ନେଇ ବିରାଟ ଭୂଖଣ୍ଡ ପ୍ରତିଷ୍ଠା ସହିତ ନିଜର ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ ପ୍ରଦର୍ଶନ ସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ପୃଷ୍ଠପୋଷକ ଥିଲେ। ଆଷାଢ଼ ଶୁକ୍ଳ ଏକାଦଶୀରେ ତିନିରଥ ଉପରେ ଶ୍ରୀବିଗ୍ରହମାନଙ୍କର ଯେଉଁ ସୁନାବେଶ ଅନୁଷ୍ଠିତ ହେଉଛି ତାକୁ "ବଡ଼ ତଢ଼ାଉବେଶ" ରୂପେ ଅଭିହିତ କରାଯାଏ। ପ୍ରାପ୍ତ ତଥ୍ୟରୁ ଜଣାଯାଏ ଖ୍ରୀ ୧୪୬୦ରେ ଗଜପତି କପିଳେନ୍ଦ୍ର ଦେବ ଦେବୀ ଜୟଦୁର୍ଗାଙ୍କ କୃପାରୁ ଦାକ୍ଷିଣାତ୍ୟ ବିଜୟ କରି ଷୋହଳଗୋଟି ହସ୍ତୀ ପୃଷ୍ଠରେ ବିପୁଳ ଧନରତ୍ନ ଲଦି ନିଜ ରାଜ୍ୟକୁ

ଆଣି ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। ଗଜପତି ମହାରାଜାଙ୍କ ଅନୁରୂପ ଆଗ୍ରହ ଦେଖି ବଡ଼ ତଢ଼ଉ ସେବକ ଶ୍ରୀ ଛାମୁରେ ଜଣାଇଥିଲେ ଯେ ରତ୍ନ ସିଂହାସନ ଉପରେ ବର୍ଷ ମଧ୍ୟରେ ଅନୁଷ୍ଠିତ ସକଳ ବେଶ ସମସ୍ତ ବର୍ଗର ଜନତା ସବୁସମୟରେ ଦର୍ଶନ ସୁଯୋଗ ଲାଭ କରିପାରୁନାହାନ୍ତି, ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ରଥ ଉପରେ ମହାପ୍ରଭୁ ସର୍ବ ସମକ୍ଷରେ ସୁନାବେଶରେ ସୁସଜ୍ଜିତ କରିବାପାଇଁ ଅନୁରୋଧ କରିଥିଲେ। ବଡ଼ତଢ଼ଉ ସେବଙ୍କ ଅନୁରୋଧକ୍ରମେ ସେହି ସମୟରୁ ଗଜପତି କପିଳେନ୍ଦ୍ର ଦେବ ସେହି ଦିନଠାରୁ ୧୩୮ ପ୍ରକାର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣକରି ପ୍ରଥମେ ଶ୍ରୀ ବିଗ୍ରହମାନଙ୍କୁ ରଥ ଉପରେ ବଡ଼ ଏକାଦଶୀ ଦିନ ମନମୁଗ୍ଧକର ବେଶରେ ଅଳଙ୍କୃତ କରାଉଥିଲେ। ଅତଏବ ଏହି ସୁନାବେଶ ବଡ଼ତଢ଼ାଉଁ ବେଶ ନାମରେ ବିଦିନ ହୋଇଛି।

କପିଳେନ୍ଦ୍ର ଦେବ ଗୋଦାବରୀ ଓ କୃଷ୍ଣାନଦୀ ମଧ୍ୟବର୍ତ୍ତୀ ଅଞ୍ଚଳରେ ପିତାମାତାଙ୍କ ନାମରେ ଭୂମିଦାନ କରି ଖ୍ରୀ ୧୪୪୮ ରେ ଯେଉଁ ତାମ୍ରଶାସନ ଉତକୀର୍ଣ୍ଣ କରାଇଥିଲେ ସେଥିରେ ତାଙ୍କ ପିତାଙ୍କ ନାମ ଯକ୍ଷେଶ୍ୱର ଓ ମାତାଙ୍କ ନାମ ବେଲ୍ଲମା ବୋଲି ବର୍ଣ୍ଣିତ ହୋଇଛି। ଗୋଦାବରୀ ତୀରସ୍ଥ ରଘୁଦେବପୁର ଗ୍ରାମରୁ ପ୍ରାପ୍ତ ତାମ୍ର ଶାସନରୁ ସେ ସୂର୍ଯ୍ୟବଂଶରେ ଜାତବୋଲି ଜଣାପଡ଼େ। ଏହି ତାମ୍ରଶାସନ ହାମ୍ପି ମ୍ୟୁଜିୟମରେ ସଂରକ୍ଷିତ ଥିବା ଜଣାପଡ଼େ। କପିଳେନ୍ଦ୍ର ଦେବ ଶାସନ କାର୍ଯ୍ୟ ଦେଖିବାପାଇଁ ଯାଇଥିବାବେଳେ କୃଷ୍ଣାନଦୀ ତୀରରେ ଖ୍ରୀ ୧୪୬୬ ନଭେମ୍ୱର ମାସ ୨୫ ତାରିଖ ମଙ୍ଗଳବାର ଦିନ ଦେହତ୍ୟାଗ କରିଥିଲେ। ଏଣୁ କପିଳେନ୍ଦ୍ର ଦେବ ୧୪୩୫ ଖ୍ରୀଷ୍ଟାବ୍ଦ ଜୁନ୍ ମାସ ୨୯ ତାରିଖ ବୁଧବାରଠାରୁ ୧୪୬୬ ନଭେମ୍ବର ମାସ ୨୫ ତାରିଖ ପର୍ଯ୍ୟନ୍ତ ୩୧ ବର୍ଷରୁ ଉର୍ଦ୍ଧ୍ୱକାଳ ରାଜତ୍ୱ କରିଥିଲେ। କପିଳେନ୍ଦ୍ର ଦେବ ପ୍ରାଣତ୍ୟାଗ କଲାବେଳେ ପୁରୁଷୋତ୍ତମ ଦେବଙ୍କୁ ଉତ୍ତରାଧିକାରୀ ନିଯୁକ୍ତି କରିଥିଲେ। ଫଳରେ ଜ୍ୟେଷ୍ଠପୁତ୍ର ହମ୍ୱୀର ଦେବ କ୍ଷୁବ୍ଧହୋଇ ପାରଳାଖେମୁଣ୍ଡିରେ ନୂତନରାଜ୍ୟ ସ୍ଥାପନକରି ରହିଲେ। ସୂଚନାଯୋଗ୍ୟ ଯେ ଦାକ୍ଷିଣାତ୍ୟ ରାଜ୍ୟ ଜୟରେ କପିଳେନ୍ଦ୍ର ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରି ନବକୋଟି ଅର୍ଥ ନଅଗୋଟି ଦୁର୍ଗ ଯଥା ବଲ୍ଲମକୋଣ୍ଡ, ବିନୁକୋଣ୍ଡ, କୋଣ୍ଡବିଡୁ, ନାଗାର୍ଜୁନ କୋଣ୍ଡ, ରାଜମହେନ୍ଦ୍ରୀ, ପେଡ଼ପୁରମ, କଲୁଭଲ ପଲ୍ଲୀ, ଉଜାଡ଼ି ଓ ପତନୁରୁ ଦୁର୍ଗ ବିଜୟରେ ପ୍ରମୁଖ ଭୂମିକା ନେଇଥିଲେ। କେତେକ ଐତିହାସିକ ମତରେ କପିଳେନ୍ଦ୍ର ଦେବ ଯଦି ପୁରୁଷୋତ୍ତମ ଦେବଙ୍କୁ ରାଜ୍ୟଭାର ନଦେଇ ହମ୍ୱୀର ଦେବଙ୍କୁ ରାଜ୍ୟଭାର ଦେଇଥାଆନ୍ତେ ହୁଏତ ଓଡ଼ିଶାରେ ଗଜପତି ଶାସନ ଭିନ୍ନ ରୂପ ନେଇଥାଆନ୍ତା। ହମ୍ୱୀର ଦେବ ପାରଳାଖେମୁଣ୍ଡିରେ ରାଜ୍ୟସ୍ଥାପନ କରି ଗଜପତି ପଦ ଧାରଣ କରିଆସୁଥିଲେ। ଏହି ବଂଶର ଦାୟାଦ ଗଜପତି ଜଗନ୍ନାଥ ନାରାୟଣ ଦେବ ୧୭୬୦ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧା ବା ଓଡ଼ିଶା ରାଜଗାଦି ଅଧିକାର କରିବାପାଇଁ ଆକ୍ରମଣ କରିଥିଲେ। ମରହଟ୍ଟା ଶାସନ ଖୋର୍ଦ୍ଧାରାଜାଙ୍କଠାରୁ ଏକଲକ୍ଷ ଟଙ୍କା ପାଇବା ଚୁକ୍ତିକରି ପାରଳାଖେମୁଣ୍ଡି ସୈନ୍ୟଙ୍କୁ ଘଉଡ଼ାଇ ଦେଇଥିଲେ। କିନ୍ତୁ ଖୋର୍ଦ୍ଧା ରାଜା ମରହଟ୍ଟାଙ୍କୁ ଏକଲକ୍ଷ ଟଙ୍କା ଦେଇନପାରି ଲେମ୍ବାଇ, ରାହାଙ୍ଗ, ଚବିଶକୁଦ, ସେରାଇ ଆଦି ୪ଟି ପ୍ରଗଣା ବନ୍ଧକ ଦେଇଥିଲେ। ପାରଳାଖେମୁଣ୍ଡି ରାଜବଂଶର କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଓଡ଼ିଶା ପ୍ରଦେଶ ଗଠନରେ ପ୍ରମୁଖ ଭୂମିକା ନେଇଥିଲେ। କିନ୍ତୁ ବ୍ରିଟିଶ ସରକାର ପାରଳାଖେମୁଣ୍ଡି ଜମିଦାରୀ ରାଜ୍ୟର ଶତକଡ଼ା ୩୦ଭାଗ ଓଡ଼ିଶାରେ ଓ ୭୦ଭାଗ ଆନ୍ଧ୍ରରେ ରଖିଲେ।

ଗଜପତି କପିଳେନ୍ଦ୍ରଦେବ ପରାକ୍ରମଶାଳୀ ଯୁବରାଜ ହମ୍ୱୀରଦେବଙ୍କୁ ରାଜଗାଦି ଦେଇନଥିଲେ ମଧ୍ୟ ସେ ଜଣେ ଦିଗ୍‌ବିଜୟୀ ସମ୍ରାଟ ଥିଲେ। ମହାପରାକ୍ରମୀ କପିଳେନ୍ଦ୍ର ଦେବ ବ୍ୟକ୍ତିଗତ ଭାବେ ଥିଲେ ସାହିତ୍ୟ ଓ କଳାର ଜଣେ ପୃଷ୍ଠପୋଷକ। ସାହିତ୍ୟ ସ୍ରଷ୍ଟାଭାବେ ତାଙ୍କ ପ୍ରତିଭା ମଧ୍ୟ ଥିଲା ସର୍ବଜନ ବିଦିତ। ତାଙ୍କ ଲିଖିତ "ପରଶୁରାମ ବିଜୟ" ନାଟକ ତାଙ୍କ ପାଣ୍ଡିତ୍ୟର ପରିଚୟ ଦିଏ। ବିଷ୍ଣୁ, ଶିବ ଏବଂ ଶ୍ରୀଜଗନ୍ନାଥଙ୍କ ମଙ୍ଗଳାଚରଣରୁ ଗ୍ରନ୍ଥର ଆରମ୍ଭ ଏବଂ ପରଶୁରାମଙ୍କର କାର୍ତ୍ତବୀର୍ଯ୍ୟାର୍ଜୁନଙ୍କୁ ବଧକରିବା ଘଟଣା ଏଥିରେ ବିଶେଷ ଆକର୍ଷଣୀୟ ହୋଇଛି। କପିଳେନ୍ଦ୍ର ଦେବଙ୍କ ରାଜସଭାରେ ବହୁପଣ୍ଡିତ ବିଦ୍ୟମାନ ଥିବାର ସୂଚନା ମିଳେ। ତାଙ୍କ ପୃଷ୍ଠପୋଷକତାରେ ସାହିତ୍ୟରେ ଯେଉଁ ଅଭ୍ୟୁଦୟ ହୋଇଥିଲା, ସେଥିରେ ମୁଖ୍ୟସ୍ଥାନ ଥିଲା ଓଡ଼ିଆ ଭାଷା ଓ ସାହିତ୍ୟକୁ ସଂସ୍କୃତ ଭାଷାର ପ୍ରାଧାନ୍ୟରୁ ମୁକ୍ତକରି ତାହାକୁ ଏକ ସ୍ୱତନ୍ତ୍ର ଭୂମିରେ ପ୍ରତିଷ୍ଠା କରିବା। କହିବାକୁ ଗଲେ ଓଡ଼ିଆଭାଷାକୁ ରାଜ୍ୟଭାଷାରେ ପରିଣତ କରିବାରେ ସେ ଥିଲେ ପ୍ରଥମ ବ୍ୟକ୍ତି। କପିଳେନ୍ଦ୍ର ଦେବଙ୍କ ସମୟରୁ ଓଡ଼ିଶାର ରାଜଭାଷା ଓଡ଼ିଆ। ଏହିକ୍ରମରେ ଆମେ ଯଦି ବିଚାରକୁ ନେବା ଓଡ଼ିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମୁଖ୍ୟ ଉଦ୍ୟୋକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସ, ସ୍ୱାଧୀନତା ପରେ ବିଧାନସଭାରେ ଓଡ଼ିଆଭାଷାକୁ ସରକାରୀ ଭାଷା ପ୍ରଣୟନରେ ଗାନ୍ଧିବାଦୀ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ (୧୯୫୪), ବିହାର-ଓଡ଼ିଶା ବିଧାନସଭାରେ ପ୍ରଥମେ ଓଡ଼ିଆ ଭାଷାରେ ଭାଷଣ ଦେବାରେ ତତ୍କାଳୀନ ବିଧାୟକ ବାଗ୍ମୀ ବିଶ୍ୱନାଥ କର (୧୯୨୪), ଲୋକସଭାରେ ପ୍ରଥମେ ଓଡ଼ିଆରେ ଭାଷଣ ଦେବାରେ ପୁରୀ ସାଂସଦ ସଂଯୁକ୍ତ ସୋସିଆଲିଷ୍ଟ ପାର୍ଟି ନେତା ରବି ରାୟ (୧୯୬୭) (ପରେ କେନ୍ଦ୍ରମନ୍ତ୍ରୀ ଓ ବାଚସ୍ପତି)ଙ୍କୁ ଶ୍ରେୟ ଦିଆଯିବ।

ଗଜପତି କପିଳେନ୍ଦ୍ର ଦେବଙ୍କ ରାଜତ୍ୱ କାଳରେ ଓଡ଼ିଆ ଭାଷା ଓ ସାହିତ୍ୟର ନବଜନ୍ମ ଏବଂ ପୌରୁଷପୂର୍ଣ୍ଣ ସାବଲୀଳ ରୂପଲାଭ କରିପାରିଥିଲା। ଯୁଦ୍ଧଭୂମି ଏବଂ ପ୍ରତ୍ୟକ୍ଷ ସଂଗ୍ରାମର ବର୍ଣ୍ଣନା ପ୍ରଦାନରେ ସାରଳା ଦାସଙ୍କ ନିପୁଣତା ଏବଂ ସେଥିରେ ବୀରରସର ପ୍ରସ୍ଫୁଟନ କବିଙ୍କ ବର୍ଣ୍ଣନା ଚାତୁରୀର ଏକ ପ୍ରଧାନ ନିଦର୍ଶନ। କବି ସାରଳାଦାସ ଓରଫ ସିଦ୍ଧେଶ୍ୱର ପରିଡ଼ା ଗଜପତି ବାହିନୀର ଜଣେ ଯୋଦ୍ଧାଥାଇ ଯୁଦ୍ଧର ପ୍ରତ୍ୟକ୍ଷ ଅନୁଭୂତି ପ୍ରାପ୍ତହୋଇଛନ୍ତି। ସାରଳା ଦାସ ଓ ଯୁଗ ପ୍ରବର୍ତ୍ତକ କବିରୂପେ ଓଡ଼ିଆ ସାହିତ୍ୟ ଇତିହାସ ତଥା ସାମରିକ ବର୍ଣ୍ଣନାରେ ଯୁଗସ୍ରଷ୍ଟା ହୋଇପାରିଛନ୍ତି। ସେଥିପାଇଁ ସେ ଆଦିକବିର ମାନ୍ୟତା ମଧ୍ୟ ପାଇଛନ୍ତି।

ଆଦିକବି ସାରଳା ଦାସ ଗଜପତି କପିଳେନ୍ଦ୍ର ଦେବଙ୍କ ଦାକ୍ଷିଣାତ୍ୟ ଯୁଦ୍ଧ ଅଭିଯାନରେ ଯାଇଥିବାରୁ ଗଜାରୋହୀ ସୈନ୍ୟଙ୍କଦ୍ୱାରା ଉତ୍କଳୀୟମାନେ କିଭଳି ପରାକ୍ରମଶାଳୀ ଥିଲେ ମହାଭାରତ ରଚନାରେ ପରିସ୍ଫୁଟ କରିଛନ୍ତି। "କପିଳେନ୍ଦ୍ର ବିଜୟ ଚରିତ" ରୁ ଗଜପତି ରାଜା କିଭଳି ସେନାମୁଖ୍ୟ ଗଠନକରି ଗଜ, ଅଶ୍ୱ, ପଦାତିକ ବାହିନୀକୁ ନିୟୋଜିତ କରୁଥିଲେ ତା'ର ବର୍ଣ୍ଣନା କରିବା ସହିତ ଗୋଟିଏ ସେନାବାହିନୀରେ କପିଳେନ୍ଦ୍ର ଦେବଙ୍କର ଦୁଇଶହ ହଜାର (୨୦୦, ୦୦୦) ଯୁଦ୍ଧ ହସ୍ତୀ ଥିଲା ବୋଲି ବାହମନୀ ସୁଲତାନ ଆକଳନ କରିଥିଲେ। (ଯୁଗେ ଯୁଗେ ଓଡ଼ିଶାର ସାମରିକ ପରାକ୍ରମ - ରବୀନ୍ଦ୍ର ମୋହନ ସେନାପତି - ପୃ ୪୯)। ଯୁଦ୍ଧ ହସ୍ତୀ ଉପରେ ମାହୁନ୍ତ ଓ ସଶସ୍ତ୍ର ସୈନ୍ୟ ବସି ଯୁଦ୍ଧ କରୁଥିଲେ। ଯୁଦ୍ଧହସ୍ତୀମାନଙ୍କର ପଛଭାଗରେ ମୋଟା ଆବରଣ ଶୁଣ୍ଢରେ ଧାତୁ ଆବରଣ, ବେକରେ ଚେନ, ଘଣ୍ଟି ଓ ହାଉଦାମାନ ଥିଲା। ସାଥିରେ ଥିବା ଓଡ଼ିଶାର କୃଷକ - କ୍ଷତ୍ରୀୟ ପାଇକମାନେ ଧନୁ ଓ ତୀର, ବର୍ଚ୍ଛା ଓ ଭାଲି, ଖଣ୍ଡା, ଫାର୍ଶା ଛୁରୀ, ଗୁପ୍ତି, ତ୍ରିଶୂଳ, ଅଙ୍କୁଶ, ଗଦା, ଢ଼ାଲ, ସାଞ୍ଜୁ, ଆଗ୍ନେୟାସ୍ତ୍ର ବ୍ୟବହାର କରୁଥିଲେ।

ସାମରିକ ଅଭିଯାନରେ ସଙ୍ଗୀତ ଏକ ମୁଖ୍ୟସ୍ଥାନ ଅଧିକାର କରିଥିଲା। ଯୁଦ୍ଧ ଆରମ୍ଭକାଳରେ, ସେନାବାହିନୀର ଅଗ୍ରସରବେଳେ ଯୁଦ୍ଧକ୍ଷେତ୍ରରେ ଆଦେଶ, ସିଗନାଲ ଦେବାବେଳେ ବିଭିନ୍ନ ସାମରିକ ବାଦ୍ୟର ବ୍ୟବହାର ହେଉଥିଲା। ସମର ସଙ୍ଗୀତ ଦୃଢ଼ତା ବ୍ୟଞ୍ଜନ, ନାନାପ୍ରକାର ଦଣ୍ଡ ତଥା ନୃତ୍ୟଗୀତାଦିଦ୍ୱାରା ସୈନ୍ୟମାନଙ୍କର ମନକୁ ସତେଜ ରଖାଯାଉଥିଲା। ସାମରିକ ଶୋଭାଯାତ୍ରାରେ ଭୋପା, ଗାୟା ବାହାଲିଆ, କିମ୍ପିରିଆ, କାଠିଆ ପ୍ରଭୃତି କୌତୁହଳ ପ୍ରଦର୍ଶନ କରୁଥିଲେ। ଉତ୍କଳୀୟ ସମରବିତ୍‌ମାନେ ବାଦ୍ୟଘୋଷ ପ୍ରତି ଯଥେଷ୍ଟ ଦୃଷ୍ଟି ଦେଉଥିଲେ। ଯୁଦ୍ଧରେ ଯେଉଁସବୁ ବାଦ୍ୟମାନ ବ୍ୟବହୃତ ହେଉଥିଲା ତାହା ହେଲା - ଢ଼ୋଲ, ଭେରୀ, ତୂରୀ, ଟମକା, ଟଳମୂଳ, ନିଶାଣ, ନାଗର, ବୀରତୂରୀ, ଡମ୍ଫାନଗର, ରଙ୍ଗଧୋଲା, ଦାମ, ଦୁନ୍ଦୁଭି, ବିଜିଘୋଷ, ଝଙ୍ଗୁ, ମୃଦଙ୍ଗ, ଗୋମୁଖ, ପ୍ରହୁରା, ମୁରୁଜ, କେଦୁମ୍ପରାଇ, ମରକୋମ, ପାଣ୍ଡିଲ, ଖୁଡୁଆ, ସିଙ୍ଗା, ମର୍ଦ୍ଦଳ, କଂସାଳ, କଡ଼ା, ଘୁମୁରା, ଦଉଣ୍ଡି, ସରଗୁଣା, ଅଧାଚି, ସ୍ୱର, ସହୁରୀ, ଲାଭଯନ୍ତ୍ର, ଧୁଡୁକୀ, ଏକତାରା, ତାମ୍ବୁରା, ନାଗେଶ୍ୱରୀ, ତରଙ୍ଗ କାହାଳୀ, ଡମ୍ବରୁ, ତାନପୁରା, ବଂଶୀ, ସାରଙ୍ଗ, ତାଳ, ତନ୍ତ୍ରବୀଣା, ଘଣ୍ଟି, ଟିପ ଇତ୍ୟାଦି।

ଗଙ୍ଗାଠାରୁ କୃଷ୍ଣା ପର୍ଯ୍ୟନ୍ତ ସମୁଦାୟ ଭୂଖଣ୍ଡ ଯୁଦ୍ଧପ୍ରିୟ ଓଡ଼ିଆ ବୀରମାନଙ୍କର କ୍ରୀଡ଼ାସ୍ଥଳୀ ଥିଲା ଏବଂ ସମସ୍ତ ଭାରତବର୍ଷ ଓଡ଼ିଆଙ୍କ ଶକ୍ତି ଅନୁଭବ କରୁଥିଲା। ଆବୁଲଫାଜଲ ଯେତେବେଳେ (ଅର୍ଥାତ ଷୋଡ଼ଶ ଶତାବ୍ଦୀର ପ୍ରାନ୍ତଭାଗ) ଓଡ଼ିଶା ଭ୍ରମଣ କରିଥିଲେ ସେତେବେଳେ ଓଡ଼ିଶା ଦୁର୍ଗାରଣ୍ୟ ଥିଲା। ଓଡ଼ିଶାର ପ୍ରତ୍ୟେକ ମାହାଲରେ ସୁଶିକ୍ଷିତ ସେନାଦଳ ଏକ ବା ତତୋଧିକ ଦୁର୍ଗରେ ବାସ କରୁଥିଲେ। ଆଇନ ଆକବରୀରେ ଲେଖାଅଛି, ଓଡ଼ିଶା ପାଞ୍ଚଟି ସରକାରରେ ବିଭକ୍ତ ଥିଲା। ଯଥା - ଜଳେଶ୍ୱର, ଭଦ୍ରକ, କଟକ, କଳିଙ୍ଗ ଦଣ୍ଡପାଟ ଓ ରାଜମହେନ୍ଦ୍ରୀ। ପ୍ରତ୍ୟେକ ସରକାର ଅଧୀନରେ କେତେଗୁଡ଼ିଏ ମାହାଲ ଥିଲା। ଏହି ପ୍ରତ୍ୟେକ ମାହାଲ ଗଜପତିଙ୍କ ଆଦେଶ ଅନୁସାରେ ସୈନ୍ୟ ପ୍ରେରଣ କରୁଥିଲେ। ଆବୁଲ ଫାଜଲଙ୍କ ଆଇନ ଆକବରୀର ମୂଳ ସଂସ୍କରଣରୁ ଇଂରାଜୀ ଲେଖକ ଫ୍ରାନସିସ ଗ୍ଲାଡ଼ଉଇନ୍ ଏବଂ ବ୍ଲକମ୍ୟାନଙ୍କ ଇଂରାଜୀ ଅନୁବାଦରୁ ସଂଗ୍ରହକରି ଐତିହାସିକ କୃପାସିନ୍ଧୁ ମିଶ୍ର ତାଙ୍କ ରଚିତ "ବାରବାଟୀ ଦୁର୍ଗ" ପୁସ୍ତକରେ ପ୍ରତ୍ୟେକ ମାହାଲ ଉପରେ ତଥ୍ୟ ରଖିଛନ୍ତି। ଆବୁଲ ଫାଜଲ ଏହି ତଥ୍ୟ ଦେଲାବେଳେ ଲେଖିଛନ୍ତି ଯେ ବଙ୍ଗଦେଶରେ ପ୍ରତ୍ୟେକ ମାହାଲରେ ୪୦୯ ସୈନ୍ୟ ଥିବାବେଳେ ଓଡ଼ିଶାର ପ୍ରତ୍ୟେକ ମାହାଲରେ ୨୬୦୯ ସୈନ୍ୟଥିଲେ। ଅର୍ଥାତ୍ ଓଡ଼ିଶାର ପ୍ରତ୍ୟେକ ମାହାଲରେ ବଙ୍ଗଦେଶର ପ୍ରତ୍ୟେକ ମାହାଲର ସାଢ଼େ ପାଞ୍ଚଗୁଣ ସୈନ୍ୟଥିଲେ। ଆବୁଲ ଫାଜଲ ଅନ୍ୟ ପ୍ରଦେଶର ଦୁର୍ଗ ଓ ସୈନ୍ୟମାନଙ୍କର ସମ୍ବନ୍ଧରେ କିଛି ନକହି ଓଡ଼ିଶାର ପ୍ରତି ମାହାଲର ଦୁର୍ଗ ଓ ସୈନ୍ୟମାନଙ୍କର ହିସାବ ଦେଇଅଛନ୍ତି, ତାହାର କାରଣ ଏହି ଯେ ସେ ଆକବରଙ୍କ ବିସ୍ତୃତ ସାମ୍ରାଜ୍ୟର ପ୍ରତ୍ୟେକ ସୁବାରେ ଭ୍ରମଣ କରୁ କରୁ ଓଡ଼ିଶାରେ ଉପସ୍ଥିତ ହେଲେ, ସେତେବେଳେ ଓଡ଼ିଶାର ଦୃଶ୍ୟ ତାହାଙ୍କର ମନର ଭାବ ସଂପୂର୍ଣ୍ଣ ପରିବର୍ତ୍ତିତ କରିଦେଲା। ଓଡ଼ିଶାର ପ୍ରତ୍ୟେକ ଗ୍ରାମ, ନଗର, ପ୍ରାନ୍ତର, ପର୍ବତ ଓ ଅରଣ୍ୟରେ ସୁଦୃଢ଼ ଦୁର୍ଗ ରକ୍ଷଣ ଓ ଯୁଦ୍ଧବିଦ୍ୟା ଦେଖି ସେ ବିମୋହିତ ହୋଇଥିଲେ। ତେଣୁ ତାଙ୍କ ଗ୍ରନ୍ଥରେ ଏହାର ସବିଶେଷ ବିବରଣ ନଦେଇ ସେ ରହିପାରିନଥିଲେ।

ଉତ୍କଳ ସାମ୍ରାଜ୍ୟର ଜଳେଶ୍ୱର ସରକାରଠାରୁ ରାଜମହେନ୍ଦ୍ରୀ ସରକାର ପର୍ଯ୍ୟନ୍ତ ବିସ୍ତୃତ ଅର୍ଥାତ୍ ଆଧୁନିକ ଭାରତର ୮ଟି ପ୍ରଦେଶକୁ ସ୍ପର୍ଶ କରୁଥିବା ଅଞ୍ଚଳର ଦୁର୍ଗ। ମାହାଲମାନଙ୍କର ନାମ ଉଲ୍ଲେଖ କଲେ ଲେଖାର କଳେବର ବୃଦ୍ଧିପାଇବା ଦୃଷ୍ଟିରୁ ବିରତ ରହୁଛି, ତାହା ଏକ ସ୍ୱତନ୍ତ୍ର ଅଧ୍ୟାୟ ହେବ। ତେବେ ଗଜପତି କପିଳେନ୍ଦ୍ର ଦେବଙ୍କ ପାଇଁ ପ୍ରତ୍ୟେକ ଓଡ଼ିଆ ଗର୍ବ ଓ ଗୌରବ ଅନୁଭବ କରିବା ଉଚିତ। କିନ୍ତୁ ଆମେ ଓଡ଼ିଆ କିମ୍ବା ଓଡ଼ିଆ ସରକାର ତାଙ୍କ ଜନ୍ମ ତାରିଖ ଜୁନ୍ ୨୯ କିମ୍ବା ମହାପ୍ରୟାଣ ତାରିଖ ନଭେମ୍ବର ୨୫ ତାରିଖ ପାଳନକରି ତାଙ୍କୁ ମନେପକାଉନାହିଁ, ଏହାହିଁ ପରିତାପର ବିଷୟ।

ତଥ୍ୟ ସୂଚୀ - ଶ୍ରୀ ଗଜପତି ୨୦୧୬, ପୃଷ୍ଠା - ୭୭, ଡ.ଶ୍ରୀନିବାସ ଆର୍ଯ୍ୟ୍ୟ, ଓଡ଼ିଶା ଇତିହାସ - ପ୍ରକାଶକ - ଆମ ଓଡ଼ିଆ - ପୃଷ୍ଠା -୮୯, ଦୁନ୍ଦୁଭି - ୨୦୧୮ - ଯୁଗେ ଯୁଗେ ଓଡ଼ିଶାର ସାମରିକ ପରାକ୍ରମ - ରବୀନ୍ଦ୍ର ମୋହନ ସେନାପତି, ବାରବାଟୀ ଦୁର୍ଗ, କୃପାସିନ୍ଧୁ ମିଶ୍ର।

ସହଯୋଗୀ ସମ୍ପାଦକ, 'ଆମରିସତ୍ୟ'
ଦୂରଭାଷ-୯୨୩୭୦୮୯୫୦୯

ଦୁଇଟି ଅଣୁଗଳ୍ପ

ପ୍ରତିଶ୍ରୁତି - ମାଲପାଣି

ଅଜୟ କୁମାର ସାହୁ

ପ୍ରତିଶ୍ରୁତି

ଏକ ନିର୍ବାଚନ ସଭା ମଞ୍ଚରୁ ଭାଷଣର ଗୁଡ଼ିଏ ଜନହିତକର ପ୍ରତିଶ୍ରୁତି ଦେଇ ନେତା ବେକରେ ପଡ଼ିଥିବା ଗେଣ୍ଡୁମାଳକୁ ହାତରେ ଦଳି ଦଳି ଖୁସିରେ କାରଆଡ଼କୁ ମାଡ଼ିଯାଉଥିବା ବେଳେ ସତୁରୀ ବର୍ଷର ବୁଢ଼ୀଟିଏ ନେତାଙ୍କ ଆଗରେ ଠିଆ ହୋଇ କହିଲା, "ବାବୁ ଏତେ ଭାଷଣବାଜି ମାରୁଛନ୍ତି କାହିଁକି, ପାଞ୍ଚ ବର୍ଷ ତଳେ ଗତ ନିର୍ବାଚନ ସଭାରେ ଆପଣ ଆମକୁ ବାର୍ଦ୍ଧକ୍ୟ ଭତ୍ତା ଦେବାର କଥାକୁଆଡ଼େ ଗଲା।" ପାଞ୍ଚବର୍ଷ ପରେ ପୁଣି ନିର୍ବାଚନ ଆସିବାରୁ ଆପଣଙ୍କର ଦେଖା ମିଳୁଛି। ସବୁ ନେତାମାନଙ୍କର ପ୍ରତିଶ୍ରୁତି କ'ଣ ପାଣିର ଗାର। ନେତାଜଣକ କିଛି ନକହି ମୁଣ୍ଡ ତଳକୁ କରି ତରତର ହୋଇ ଗାଡ଼ିରେ ବସି ଚାଲିଗଲେ।

ମାଲପାଣି -

ଦାସ ବାବୁ ଅତି ସରଳିଆ ଲୋକ। ରାଜଧାନୀରେ ଚାକିରୀ କରିଥିବାରୁ ସେଠାରେ ଜମି କିଣି ବ୍ୟାଙ୍କ୍‌ରୁ ଋଣ ନେଇ ଘରକାମ ଆରମ୍ଭ କରିଦେଲେ। ପୂର୍ବରୁ ଗାଁରେ ଚୋରାରେ ଆସୁଥିବା ଶାଗୁଆନ ଓ ଶାଳକାଠ ଶସ୍ତାରେ କିଣି ରଖିଥିଲେ। ଛାତ ପଡ଼ିଲା ପରେ ରଖିଥିବା କାଠଗୁଡ଼ିକୁ ଫରେଷ୍ଟ ଗେଟ ସବୁ ପାର କରି କିପରି ରାଜଧାନୀକୁ ଆଣିବେ ସେହି ଚିନ୍ତାରେ ଦାସବାବୁ ପଡ଼ିଗଲେ।

ହଠାତ୍ ଦିନେ ଦାସବାବୁଙ୍କ ପିଲାଦିନର ମେଟ୍ରିକ୍ ଫେଲ୍ ସାଙ୍ଗ ରମେଶ ସହ ତାଙ୍କର ସାକ୍ଷାତ ହୋଇଗଲା। ରମେଶ ଦାସବାବୁଙ୍କ ପ୍ରୋବ୍ଲେମ୍ ଶୁଣି ଏହା ତାହାର ବାମହାତରେ ଖେଳ ବୋଲି କହିଥିଲା। ସତକୁ ସତ ଦିନେ ରାତ୍ରିରେ ଗୋଟିଏ ମିନି ଟ୍ରକରେ ରମେଶ କାଠଗୁଡ଼ିକୁ ଧରି ନିର୍ଭୟରେ ବାଟରେ ପଡୁଥିବା ସବୁ ଫରେଷ୍ଟ ଗେଟ୍ ପାରକରି ଦାସବାବୁଙ୍କ ନିର୍ମାଣାଧୀନ ଘରେ ପହଞ୍ଚାଇଦେଲା। ଅତି ସହଜରେ କାର୍ଯ୍ୟଟିକୁ ସଂପନ୍ନ କରିଥିବାରୁ ଦାସବାବୁ ରମେଶ ପ୍ରତି କୃତଜ୍ଞତା ଜଣାଇଲେ। ଅବଶ୍ୟ ଉକ୍ତ କାର୍ଯ୍ୟପାଇଁ ଦାସବାବୁଙ୍କୁ ଭଲରୂପେ କିଛି ମାଲପାଣି ଖର୍ଚ୍ଚ କରିବାକୁ ପଡ଼ିଥିଲା। ଦାସବାବୁ ସେଦିନ ବୁଝିଲେ ଯେ ମାଲପାଣି ବଦଳରେ ସବୁକିଛି କରିହୁଏ।

ପ୍ଲଟ୍ ନଂ - ଏନ୍ ୫/୨୨୩
ଆଇ.ଆଇ.ସି ଭିଲେଜ
ଭୁବନେଶ୍ୱର

ମୋ ଲୁହରେ "ବାପା"

ଝରଣା ନାଏକ

ବାପା ତୁମେ ମୋର ସ୍ମୃତି ସକାଳର
ସୂର୍ଯ୍ୟର ଆଲୋକ ଛାଇ,
ଛାଡ଼ି ଚାଲିଗଲ ଚନ୍ଦ୍ର କିରଣରେ
ରହିଗଲ ସ୍ମୃତି ହୋଇ ।
ଅଗ୍ନି ଉତ୍ସବର ପୂର୍ଣ୍ଣମୀ ତିଥିରେ
ଚାଲିଗଲ ବାପା ସେପାରି,
ଆଉ ଫେରିବନି ପଛକୁ ଅନାଇଁ
ସମୟ ହୋଇଲା ଭଗାରୀ ।
ଅତି ଆଦରରେ ସ୍ନେହ ଶରଧାରେ
ବଢ଼ାଇଥିଲ ତ କୋଳେ,
ଭୁଲିପାରିବିନି ବାପା ହେ ତୁମକୁ
ଝୁରୁଥିବି କାଳେ କାଳେ ।
ପ୍ରତିକ୍ଷଣେ ପ୍ରତି ମୁହୂର୍ତ୍ତେ ଆକଟି
ବଢ଼ାଇଥିଲ ତ ମତେ,
ତୁମ ଆଶୀର୍ବାଦେ ଜଗତରେ ମୁହିଁ
ମଥାଟି ଟେକିଛି ସତେ ।
ଭୁଲି ନପାରିବି ଜଳଜଳ ହୋଇ
ନାଚିଉଠେ ବାପା ଚିତ୍ରପଟ
ଅନ୍ଧାର ପଥେ ଜ୍ଞାନର ଜ୍ୟୋତି
ପଥର ଆଲୋକ ସେତ ।
ମନେପଡ଼େ ଆଜି ଖିଲିପାନ ଖିଆ
ଓଠେ ଦୁଇପଦ କଥା
ସଂସାର ମୋହ ମାୟା ବନ୍ଧନରେ
ଭବିଷ୍ୟତ ବାଣୀ ଗୀତା ।
ଜନମ ତ ଦିନେ ମରଣ ତ ଦିନେ
ଲେଖିଛି କପାଳେ ବିହି
ବିଧାତାର ଗାର ଚିରନ୍ତନ ସତ୍ୟ
କେବେ ସେ ଲିଭିବ ନାହିଁ ।
ଆହେ ଦୟାମୟ ଦରଦୀ ଠାକୁର
ଚରଣେ ମିନତି ମୋର
ବାପାଙ୍କର ଆତ୍ମା ପୂର୍ଣ୍ଣମୀ ତିଥିରେ
ଲଭୁ ବଇକୁଣ୍ଠ ପୁର ।

କୁଦିଆରୀ, ଜଟଣୀ
ଦୂରଭାଷ - ୯୧୧୪୬୬୬୧୫୭

ଚୀନା ଅସୁର "କରୋନା"

ପ୍ରିୟମ୍ବଦା ସାହୁ

ଆମ ଦେଶକୁ ବର୍ତ୍ତମାନ ଚୀନା ଅସୁର "କରୋନା" ଆସିଛି। କେବଳ ଆମ ଦେଶ ନୁହେଁ। ସାରା ବିଶ୍ୱରେ ଚହଳ ପଡ଼ିଯାଇଛି। ଆମ ଦେଶର ସରକାର ଖୁବ୍ ସଜାଗ ହୋଇ କରୋନା ସହିତ ମୁକାବିଲା କରୁଛନ୍ତି। କରୋନାକୁ ଅଟକାଇବା ପାଇଁ "ଲକ୍ ଡ଼ାଉନ୍", ଲକ୍‌ଡ଼ାଉନ୍ ଭିତରେ "ସଟ୍ ଡ଼ାଉନ୍" ସଟ୍‌ଡ଼ାଉନ୍ ଭିତରେ "କୋଭିଡ୍ ହସ୍ପିଟାଲ"ର ବନ୍ଦୋବସ୍ତ କରୁଛନ୍ତି। ତଥାପି କରୋନା କେତେ ମୁଣ୍ଡ ଖାଇଲାଣି, ହଜାର ହଜାର ଲୋକଙ୍କୁ ଆକ୍ରମଣ କରିଚାଲିଛି। ତେବେ କେଉଁ ରାଜକୁମାର (ଡାକ୍ତର) ବାହାରିବେ, ସେ ଭଅଁର (ଔଷଧ)କୁ ଆବିଷ୍କାର କରିବେ, ତେବେ ଯାଇ "କରୋନା ଭୂତାଣୁ" ଚୀନା ଅସୁର ବଧ ହେବ।

ଏହି "ଲକ୍ ଡ଼ାଉନ୍" ସମୟରେ ରାସ୍ତାଘାଟ ଜନମାନବ ଶୂନ୍ୟ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆମକୁ "ମହାଭାରତ"ର ଏକ ଉପାଖ୍ୟାନ ସ୍ମରଣ କରାଇଦିଏ। ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ସମୟରେ ଯାଦବ ବଂଶର ବୃଦ୍ଧି ଓ ଶ୍ରୀକୃଷ୍ଣଙ୍କ ଛତ୍ରଛାୟା ତଳେ ରହିଥିବାରୁ ଭୟଶୂନ୍ୟ ହୋଇ ଯାଦବମାନେ ଉତ୍ପାତ ହେଲେ। ଅହରହ ନାନା ଗଣ୍ଡଗୋଳ ଭିଆଇଲେ। ଏହା ଦେଖି ଯଦୁପତି ଶ୍ରୀକୃଷ୍ଣ ସେମାନଙ୍କ ମନରେ ଏକ ଭୟର ସଞ୍ଚାର କରାଇଲେ। କୋକୁଆ ଭୟର ସୃଷ୍ଟି। ଚାରିଆଡ଼େ ପ୍ରଚାର ହୋଇଗଲା ଯେ, ଦ୍ୱାରକାରେ ଏକ ଅଦ୍ଭୁତ ପ୍ରାଣୀ "କୋକୁଆ" ବୁଲୁଛି। ଘରର ବାହାରେ ସେ ଯାହାକୁ ଦେଖୁଛି ତାକୁ ମାରି ପକାଉଛି। ସ୍ୱୟଂ ଦ୍ୱାରକାସ୍ଥିତ ଶ୍ରୀକୃଷ୍ଣ ତାହାର କିଛି କରିପାରିବେ ନାହିଁ। ତେଣୁ ଘରୁ କେହି ବାହାରିଲେ ନାହିଁ। ତାଟି କବାଟ ପକାଇ ସମସ୍ତେ ଘର ଭିତରେ ରହିଲେ। ଦ୍ୱାରକାରେ ପଥଘାଟ ଜନଶୂନ୍ୟ ହୋଇଯାଇଥିଲା। ଶ୍ରୀକୃଷ୍ଣ କିଛିକାଳ ଶାନ୍ତିରେ ରହିଥିଲେ।

ବର୍ତ୍ତମାନ "କରୋନା" ଭୟରେ ସେହିପରି ଭାରତବର୍ଷରେ ତାଟି କବାଟ ପକାଇ ଲୋକମାନେ ଘର ଭିତରେ ରହୁଛନ୍ତି। ହିନ୍ଦୀ ଲୋକେ କହୁଛନ୍ତି - "ୟେ କରୋନା, ୱୋ କରୋନା, କରୋନା କୋ ଡରୋନା।" ଓଡ଼ିଶାରେ କହୁଛନ୍ତି - "କରୋନାକୁ ଡ଼ରନ୍ତୁ ନାହିଁ, ସତର୍କରେ ରୁହନ୍ତୁ। ଏ ମଉନମୁହାଁ କରୋନା ଆଗେ ଛପି ଛପି ବ୍ୟାପୁଛି, ତା'ପରେ ନିଜର ଲକ୍ଷଣ ବା କରାମତି ଦେଖାଉଛି। ତେଣୁ ଏହାଠାରୁ ବର୍ତ୍ତିବା ପାଇଁ ସତର୍କ ରହିବାହିଁ ଏକମାତ୍ର ଶ୍ରେଷ୍ଠ ଉପାୟ।"

ରାଜରାସ୍ତାଠାରୁ ଗଳିକନ୍ଦି ସବୁ ନିସ୍ତବ୍ଧ। ଏହାଦେଖି ସହରର ପ୍ରାଣୀମାନେ ଚକିତ ହେଉଛନ୍ତି। ସେମାନଙ୍କର ମଣିଷ ସହିତ ଚଳିବା ଅଭ୍ୟାସ ହୋଇଯାଇଛି। କାହାକୁ ନଦେଖି ନିଜ ନିଜ ଭାଷାରେ ଡାକ ଛାଡୁଛନ୍ତି। ଘର ଭିତରେ ଥାଇ ମଧ୍ୟ ତାଙ୍କ ଡାକ ଶୁଭୁଛି। କୋଇଲିର ଏହା ସୁଖର ସମୟ। ସେ ଆମ୍ବ ଖାଇ ବୁଲେ। କିନ୍ତୁ ଛୋଟ ପିଲାମାନେ ଆମ୍ବଗଛକୁ ଟେକାମାରି ଆମ୍ବ ଝଡ଼ାଇ ଖାଆନ୍ତି। କୋଇଲି ବିଚରା ଟେକା ଭୟରେ ପତ୍ର ଗହଳରେ ଲୁଚିଯାଏ। ବର୍ତ୍ତମାନ ସେହି ଦୁଷ୍ଟ ମଣିଷ ପିଲାମାନଙ୍କୁ ସିଏ ଖୋଜୁଛି। ବଡ଼ପାଟିରେ କହୁଛି - "କୁ.... କୁହୁ..... କୁହୁ...... କୁଆଡ଼େ ଗଲୁ।" ସହରରେ ବୁଲାଗାଇ ଓ ଷଣ୍ଢମାନେ ଏଠାରେ ଘାସ, କୁଣ୍ଡା ବା ପେଜ ତୋରାଣି ଖାଇବାକୁ ପାଆନ୍ତି ନାହିଁ। ସେମାନଙ୍କୁ ପରିବାଚୋପା, ଆଳୁ ବା କେହି କିଛି ଅଟା ଖାଇବାକୁ ଦେଇଥାନ୍ତି। ସେମାନେ ବୁଲି ବୁଲି ଡାକୁଛନ୍ତି - "ହେଏଏମ୍ ବା, ହେଏଏମ୍ ମା କାହିଁକି ଦେଖାଯାଉନାହଁ!" ବୁଲା କୁକୁରମାନେ କେଉଁଠି ଭୋଜିଭାତ ହେଲେ ସେଠାକୁ ଯାଇ ଆରାମରେ ଅଇଁଠା ପତ୍ରରୁ ଖାଇଥାଆନ୍ତି। ସହରରେ ଅନେକ ଉତ୍ସବ ଓ ଛୋଟ ବଡ଼ ଭୋଜିଭାତ ହୋଇଥାଏ। କୁକୁରମାନଙ୍କର ରୁଚି ଏପରି ବଦଳିଯାଇଛି ଯେ, ତାଙ୍କୁ ରୁଟି ଦେଲେ ସେମାନେ ଖାଆନ୍ତି ନାହିଁ, ଖାଲି ବିସ୍କୁଟ ଖାଆନ୍ତି। ଘର ଅଳିଆ ବାଲ୍‌ଟିରୁ ଆଇଁଷ କଣ୍ଟା ଖାଆନ୍ତି। ବର୍ତ୍ତମାନ କାହାଘରକୁ କାମବାଲୀ ନଆସିବାରୁ ତିନିଦିନରେ ଅଳିଆ ପକାଯାଉଛି। ସେତେବେଳକୁ କଣ୍ଟା ପଚିଯାଇଥିବ ନଚେତ୍ ଶୁଖିଯାଇଥିବ। ସଦ୍ୟ ଅଇଁଠା କଣ୍ଟା ଦୁଇଖଣ୍ଡ ତାଙ୍କୁ ମିଳୁନାହିଁ। ଭୋଜିଭାତ ବନ୍ଦ। କିଏ କେତେ ବିସ୍କୁଟ ଦେଇପାରିବେ। ଏବେ କୁକୁରମାନେ ଡାକୁଛନ୍ତି - ଭୋଃ ଭୋଃ ମଣିଷ, ଭାଃ ଆରି ୨ବୋଲି ରଡ଼ି କରୁଛନ୍ତି। ଗାଉଁ ଗାଉଁ କରି କେତେ କଥା ବକିଯାଇ ପୁଣି ଦୂରକୁ ଦୌଡ଼ି ପଳାଇଯାଉଛନ୍ତି। ସହରୀ କାଉ, ରୁଟି ଦେଲେ ଖାଇବେ ନାହିଁ। ଗାଣ୍ଠିଆ ଖାଇବେ। ଏତେ ତ ମିକ୍ସଚର ଅତ୍ୟାବଶ୍ୟକୀୟ ନୁହେଁ ବୋଲି ଦୋକାନ ବନ୍ଦ। କାଉମାନେ ଛାତ ଉପରେ ବସି କା.... କା.... କାହିଁଗଲ, ଡାକୁଛନ୍ତି। ମଣିଷମାନେ ଘରଭିତରେ ଥାଇ ତାଙ୍କରି ପରିଚିତ ଜୀବମାନଙ୍କ ବିକଳ ରଡ଼ିଶୁଣି ମର୍ମାହତ ହେଉଛନ୍ତି। କିନ୍ତୁ କ'ଣ କରିପାରିବେ। ଯେତିକି ସାଧ ମତେ ବାହାରକୁ ନଆସି ବିସ୍କୁଟ ଦୁଇଟା ବା ଅନ୍ୟକିଛି ଫିଙ୍ଗି ଦେଉଛନ୍ତି। କୁକୁର ଓ ଗୋରୁମାନେ ରାସ୍ତା ମଝିରେ ଶୋଇ ରହୁଛନ୍ତି। ହୁରୁଡ଼େଇବାକୁ କେହିନାହିଁ।

ଯେଉଁ ମଣିଷ ଇଲେକ୍ଟ୍ରିସିଟି ବ୍ୟବହାର କରି ଥଣ୍ଡାକୁ ଗରମ ଓ ଗରମକୁ ଥଣ୍ଡା କରିପାରୁଛି, ପାଣିକୁ ବରଫରେ ପରିଣତ କରୁଛି, ଅଳ୍ପ ସମୟ ମଧ୍ୟରେ ଯାନ୍ତ୍ରିକ ଯାନ ତିଆରି କରି ବସି ଶୀଘ୍ର ଦୂରକୁ ଯାଉଛି, ଆକାଶରେ ଉଡ଼ିପାରୁଛି, ସମୁଦ୍ରରେ ବୁଡ଼ିପାରୁଛି, ମହାକାଶ ଭ୍ରମଣ କରୁଛି, ଓ ଅନ୍ୟ ଗ୍ରହରେ ଯାଇ ବସବାସ କରିବା କଥା ଚିନ୍ତାକରୁଛି, ସେହି ମଣିଷକୁ ବେଳେ ବେଳେ ସର୍ବଶକ୍ତିମୟ ସ୍ରଷ୍ଟା ଚେତେଇ ଦିଅନ୍ତି ଯେ, ସେ କେତେ ଅସହାୟ। ସେହି ସ୍ରଷ୍ଟା ପୁଣି ଦିନେ ଦୟାପରବଶ ହୋଇ ତାଙ୍କରି ଶ୍ରେଷ୍ଠ କୃତି ମନୁଷ୍ୟକୁ ମାଧ୍ୟମ କରି ଉପାୟ ବାହାର କରାଇବେ ଏହି ଦୁର୍ଗତିରୁ ବଞ୍ଚିବାକୁ। ପ୍ରଭୁ ସବୁଠାରେ ବିଦ୍ୟମାନ। ହେ ବିଶ୍ୱବାସୀ ସେଇ ଆଶାନେଇ ନିଜ ନିଜ ସ୍ଥାନରେ ରହି ପରମ ଦୟାମୟ ସ୍ରଷ୍ଟାଙ୍କୁ ସ୍ମରଣ କର।

୧୦୩୪, ମହାନଦୀ ବିହାର,
କଟକ, ପିନ୍ - ୭୫୩୦୦୪

ଶିକ୍ଷା ଉନ୍ମେଷ

ଡକ୍ଟର ବିଷ୍ଣୁଚରଣ ସାହୁ

ଏକ ବର୍ଷର ଶିଶୁଟିଏ ଆମ ଭାବନାଠାରୁ ଅଧିକ କିଛି ବୁଝିଥାଏ । ସେମାନେ ପ୍ରତ୍ୟେକ ଦିନ କିଛି କିଛି ଶିକ୍ଷାଲାଭ କରନ୍ତି ଯାହାକି ଆମେ ଉପଲବ୍ଧି କରିପାରୁ ନାହିଁ। ଆମ୍ଭେମାନେ ଶିଶୁଟିକୁ ଛୋଟ ଛୋଟ ବାକ୍ୟ ବା ଶବ୍ଦ ମାଧ୍ୟମରେ ଶିକ୍ଷା ଦେବାକୁ ଚେଷ୍ଟା କରୁ । ସେମାନେ ସବୁବେଳେ ଆମର ଗତିବିଧି ଲକ୍ଷ କରୁଥାନ୍ତି । ଆମର ପ୍ରତ୍ୟେକ ଶବ୍ଦ ବା ଛୋଟ ବାକ୍ୟ ଗୁଡ଼ିକୁ ଖୁବ୍ ଶୀଘ୍ର ଅନୁକରଣ କରିପାରନ୍ତି । ଦିନରାତି ସବୁବେଳେ ସେମାନେ ଆମକୁ ଦେଖି ଶିକ୍ଷା ଲାଭ କରନ୍ତି । କୌଣସି ବସ୍ତୁ ବା ଖେଳନାକୁ ଯେତେ ଆଦର ନକରନ୍ତି , ବାପାମାଙ୍କର ସାନିଧ୍ୟଲାଭ, ତାଙ୍କ ସହିତ ଖେଳ, ସାଙ୍ଗସାଥୀମାନଙ୍କ ସହିତ ମିଶିବାକୁ ବେଶୀ ପସନ୍ଦ କରନ୍ତି । ଶିଶୁ ସବୁବେଳେ ବିଭିନ୍ନ ପ୍ରଶ୍ନ ପଚାରିବାକୁ ଚେଷ୍ଟା କରେ ଏବଂ ପ୍ରଶ୍ନ ମାଧ୍ୟମରେ ପିତାମାତା ବା ବାଲ୍ୟଗୁରୁଙ୍କ ଠାରୁ ଉତ୍ତର ଆଶା କରେ । ୧୩ମାସରୁ ୨୧ମାସ ଭିତରେ ଶିଶୁର ବହୁତ ଉନ୍ନତି ହୋଇଥାଏ । ଏହି ସମୟରେ ଶିଶୁଟି ଭାଷାରେ ବ୍ୟବହୃତ ଶବ୍ଦଗୁଡ଼ିକ ଶିକ୍ଷାକରେ । ଏ ଗୁରୁତ୍ୱପୂର୍ଣ୍ଣ ସମୟରେ ଶିଶୁ ବହୁତ କଥା ଶିକ୍ଷା କରେ ଓ ଅନିସନ୍ଧିତ୍ସୁ ହୁଏ ।

ପ୍ରଥମ ବର୍ଷ ଶେଷ ଭାଗରେ ଶିଶୁ ଗୁରୁଣ୍ଡିବା ଆରମ୍ଭ କରେ । ୨ୟ ବର୍ଷ ଆରମ୍ଭରେ ଶିଶୁଟି ଧିରେ ଧିରେ ଚାଲେ । ଅସ୍ଥିର ଅବସ୍ଥା ଯୋଗୁ ଟଳମଳ ହୋଇ ଗୋଟିଏ ଗୋଟିଏ ପାଦ ପକାଏ ଏବଂ କ୍ରମଶ ଦୃଢ଼ତାର ସହ ଚାଲିବା ଶିକ୍ଷା କରେ । ବାପା ମା'ମାନେ ଶିଶୁର ହାତ ଧରି ବା ପିଲା ସାମନାରେ ରହି ଆଗକୁ ଯିବାପାଇଁ ପ୍ରବର୍ତ୍ତାଇଥାନ୍ତି । ଶିଶୁ ଠିକ୍ ଭାବରେ ଚାଲିଲେ ତାର ଆଗ୍ରହ ବଢ଼େ ଓ ଘରର ବିଭିନ୍ନ ଜାଗାକୁ ଚାଲିଯାଏ । ତେଣୁ ନିଜ ଘର ଭିତରଟିକୁ ପ୍ରଥମେ ଶିଶୁ ପ୍ରତିରୋଧକ କରିବା ଦରକାର । ଶିଶୁଟି ଗୃହର ବିଭିନ୍ନ ଜିନିଷ ସହ ପରିଚିତ ହେବାକୁ ଚେଷ୍ଟା କରେ ଓ ସେଗୁଡ଼ିକୁ ଟଣାଟଣି କରିବାକୁ ଆରମ୍ଭ କରେ ।

ଏହି ସମୟ ଘରର ସଦସ୍ୟମାନଙ୍କର ଭାଷା ଟିକେ ଟିକେ ବୁଝେ ଏବଂ ଗୋଟିଏ ଗୋଟିଏ ଶବ୍ଦ କହିବାକୁ ଆରମ୍ଭ କରେ । ହାତ ଆଙ୍ଗୁଠିରେ ଦେଖାଇ ଚିହ୍ନିବାକୁ ଚେଷ୍ଟା କରେ । ଦ୍ୱିତୀୟ ବର୍ଷର ଆରମ୍ଭ ବା ପ୍ରଥମ ୬ମାସରେ ଭାଷାରେ ବ୍ୟବହୃତ ଶବ୍ଦର ଧିର ପରିପ୍ରକାଶ ହେଲାବେଳେ ଦ୍ୱିତୀୟ ୬ମାସରେ ଶବ୍ଦର ପ୍ରକାଶ ଶୀଘ୍ର ହୋଇଥାଏ । ଶିଶୁମାନେ ଏକ ଦୁଇ ଶବ୍ଦରୁ ଆରମ୍ଭ କରି ୫୦ ବା ତତ୍‌ଉର୍ଦ୍ଧ ଶବ୍ଦ ବ୍ୟବହାର କରି ପାରନ୍ତି । ଦୁଇ ବର୍ଷ ଶେଷ ଭାଗରେ ଦୁଇ ଶବ୍ଦ ବିଶିଷ୍ଟ ଛୋଟ ବାକ୍ୟମାନ ଗଠନ ଶିକ୍ଷା କରିବା ସହିତ କିଛି ଦୂର ଚାଲିବାର ଉପକ୍ରମ କରନ୍ତି । ଯଦି ଆମେ ଶିଶୁଟିକୁ ଅଳ୍ପ ଦୂରରେ ଥିବା ଖେଳନା ଆଣିବାକୁ କହିବା ସେ ମଧ୍ୟ ଆଣିବାକୁ ସକ୍ଷମ ହେବ । ଶିଶୁର ବୁଝିବା ଶକ୍ତିର ବିକାଶ ହେବା ସଙ୍ଗେ ସଙ୍ଗେ, ସେ ଯାହା ବୁଝେ ସମସ୍ତ କଥା କହିବାକୁ ସକ୍ଷମ ହୁଏନାହିଁ । ଏହାଦ୍ୱାରା ତା ମନରେ ଅସନ୍ତୋଷ ବସା ବାନ୍ଧେ । ଏହି ଅସନ୍ତୋଷ ଶେଷରେ କ୍ରୋଧ ଓ ବିରକ୍ତି ଭାବକୁ ରୂପାନ୍ତରିତ ହୋଇଥାଏ । ଶିଶୁଟିର ଆଖି ଯାହା ଦେଖେ ହାତ ଠିକ୍ ଯାଗାକୁ ନେବାପାଇଁ ଯେଉଁ ନିପୁଣତା ତା ଭିତରେ ଥାଏ ସେଥିରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହୁଏ ।

ଶିଶୁକୁ ତାର ଶରୀରର ବିଭିନ୍ନ ଅଂଶ ଯଥା ଆଖି, ନାକ, ପାଟି, ଦାନ୍ତ, ମୁଣ୍ଡ, ବାଳ,କାନ, ହାତ , ପାଦ ଇତ୍ୟାଦି ଚିହ୍ନାଇ ଦିଅନ୍ତୁ । ଆପଣ ନିଜ ଶରୀରରେ କେଉଁ ଅଙ୍ଗ କେଉଁଠାରେ ଅଛି , ଦରକାର ପଡ଼ିଲେ ଗୋଟିଏ କଣ୍ଢେଇ ଶରୀରର ସମସ୍ତ ଅଂଶ ତାକୁ ଚିହ୍ନାଇ ଦିଅନ୍ତୁ। ପରମୁହୂର୍ତ୍ତରେ ସେଗୁଡ଼ିକ ଆପଣ ତାକୁ ପଚାରନ୍ତୁ , ସେ ଚିହ୍ନାଇ ଦେବାକୁ ଚେଷ୍ଟା କରିବ ଏବଂ ସେଗୁଡ଼ିକ ନିଜେ ମଧ୍ୟ ଉଚ୍ଚାରଣ କରିପାରିବ ।

ଶିଶୁଟିର ହାତ ଓ ଆଙ୍ଗୁଠିମାନଙ୍କ ଉପରେ ନିୟନ୍ତ୍ରଣ ଆସିବାପରେ, ନିଜର ଖେଳନା, କଣ୍ଢେଇ ଏବଂ ପରିବେଶରେ ଯାହା ଦେଖେ ତାକୁ ସ୍ପର୍ଶ କରେ ଏବଂ ଅନୁସନ୍ଧିତ୍ସୁ ହେବାକୁ ଲାଗେ । ଆମକୁ ଶିଶୁର ବୟସ ଅନୁଯାୟୀ ଖେଳ ସାମଗ୍ରୀ ଓ କଣ୍ଢେଇ ଇତ୍ୟାଦି ଯୋଗାଡ଼କରିବା ଆବଶ୍ୟକ ପଡ଼ିଥାଏ । ଯାହାଫଳରେ ସେଗୁଡ଼ିକ ଉପରେ ତାର ଦକ୍ଷତା ଆସେ ଏବଂ ଜ୍ଞାନ ଓ ବୁଦ୍ଧିର ବିକାଶ ଘଟେ । ଶିଶୁଟି ଖେଳିବା ସହିତ ଖେଳୋପକରଣକୁ ଭୂଇଁରେ ବାଡ଼େଇ ଶବ୍ଦ ଉତ୍ପନ୍ନ କରାଏ । ଖେଳନାକୁ ଫୋନ ରୂପେ ବ୍ୟବହାର କରେ , କାର ରୂପେ ବ୍ୟବାହର କରେ ଏବଂ କାର ଚଳାଇବାକୁ ଚେଷ୍ଟା କରେ । ଖେଳନା ବ୍ଲକ୍ ଗୁଡ଼ିକୁ ନେଇ ଘର ତିଆରି ଓ ଟ୍ରେନ ମଧ୍ୟ ତିଆରି କରେ। ଖେଳନା କପ୍‌ରେ ଚା ପିଉଛି ବୋଲି ଛଳନା କରେ । ଏ ସମୟରେ ଶିଶୁମାନେ ସ୍ୱାଭାବିକ ଭାବରେ ଖେଳପାଇଁ ଆକୃଷ୍ଟ ହୋଇଥାନ୍ତି । ଶିଶୁଟି ସହିତ ଅନ୍ୟ ଶିଶୁମାନେ ମିଶି ଖେଳିଲେ ସେମାନେ ବେଶୀ ଖୁସି ହୁଅନ୍ତି । କିନ୍ତୁ ନିଜର ଖେଳ ସାମଗ୍ରୀ ଅନ୍ୟ ଶିଶୁଟିକୁ ଦେବାପାଇଁ ରାଜି ହୁଅନ୍ତି ନାହିଁ। ଯେତେବେଳେ ସେମାନଙ୍କ ଭିତରେ ଖେଳୋପକରଣ ବାଣ୍ଟିବାପାଇଁ ଅନିଚ୍ଛା ପ୍ରକାଶ କରନ୍ତି ସେ ସମୟରେ ପିତାମାତା ବା ଶିକ୍ଷକମାନେ ହସ୍ତକ୍ଷେପ କରିବା ଦରକାର । ବଡ଼ ଶିଶୁଟିକୁ ଆଦର୍ଶରୂପେ ତାଙ୍କ ଭିତରେ ଉପସ୍ଥାପନ କରାଇ ଖେଳ କିମ୍ବା କୌଣସି ବିଷୟରେ ଶିକ୍ଷା ଦେବାକାର୍ଯ୍ୟକୁ ସମ୍ପାଦନ କରାଇବା ଦରକାର । ଶିଶୁ ଅବସ୍ଥାରେ ତାଙ୍କ ଭିତରେ କ୍ରୋଧ ଓ ବିରକ୍ତ ଭାବ ପ୍ରକାଶିତ ହୁଏ ଏବଂ ବହୁ ସମୟରେ ତାଙ୍କ ଭିତରେ ନିରୁତ୍ସାହ ଭାବ ମଧ୍ୟ ଦୃଷ୍ଟିଗୋଚର ହୁଏ । ଆପଣ ଦେଖିବେ ଯେତେବେଳେ ତାଙ୍କ ଭିତରେ କ୍ରୋଧ ଓ ବିରକ୍ତିଭାବ ପ୍ରକାଶ ପାଇବ ତାଙ୍କୁ କୌଣସି ଭଲ ଛବି ବହି ଓ ଖେଳନା

ଇତ୍ୟାଦି ଦେଇ ପ୍ରତିବନ୍ଧକ ସୃଷ୍ଟି କରାଇବେ । ଆପଣ ଯେତେବେଳେ ପିଲାଟିକୁ କୌଣସି ନୂତନ ଶିକ୍ଷା ଦେଉଛନ୍ତି ସେଇ ସମୟରେ ସେ ଯେପରି ଅଧିକ କ୍ଳାନ୍ତ ଏବଂ ଭୋକିଲା ଅନୁଭବ ନକରେ । ଏହାଦ୍ୱାରା ତାଙ୍କର ରାଗ ଓ କ୍ରୋଧ ଉତ୍ପତ୍ତି ହୋଇଥାଏ । ବାପା ମା'ମାନେ ଅନୁମତି ଦେଲେ ଶିଶୁମାନେ ସ୍ୱାଧୀନ ଭାବରେ ଖେଳକୁଦ କରିବାପାଇଁ ଚାହାଁନ୍ତି । ଏ ପ୍ରକାର ସୁବିଧା ଶିଶୁମାନଙ୍କୁ ଦିଅନ୍ତୁ । ସେମାନେ ଯେପରି ଅନୁସନ୍ଧିତ୍ସୁ ହେବେ କିନ୍ତୁ ଆପଣମାନେ ପାଖା ପାଖି ଥାନ୍ତୁ କାରଣ କିଛି ବି ଆବଶ୍ୟକତା ପଡିପାରେ । ଏ ପ୍ରକାର ସୁବିଧା ପାଇବାପାଇଁ ପିଲାମାନେ ବାରମ୍ବାର ଚେଷ୍ଟା କରିବେ ଏବଂ ଆପଣଙ୍କୁ ଜାବୁଡି ଧରି କାନ୍ଦିବା ଆରମ୍ଭ କରିବେ । ଯଦି ଆପଣ ଏକାର୍ଯ୍ୟରୁ ସେମାନଙ୍କୁ ନିବୃତ୍ତ କରିବାକୁ ଚେଷ୍ଟା କରନ୍ତି ବା ପ୍ରତିରୋଧ କରନ୍ତି ତେବେ ତାଙ୍କ ଭିତରେ ଅଧିରତା ପ୍ରକାଶ ପାଏ । ଏଗୁଡିକ ସାଧାରଣତଃ ଶିଶୁକୁ ୯ମାସ ହେବାଠାରୁ ଆରମ୍ଭ କରି ୨ବର୍ଷ ପର୍ଯ୍ୟନ୍ତ ଚାଲିଥାଏ । ଅନ୍ୟ ଶିଶୁଙ୍କ ସହିତ ମିଶିଲେ ସାଧାରଣ ଭାବେ ତାଙ୍କର ଭାଷାଗତ ଜ୍ଞାନ ବଢିବା ସହିତ ସାମାଜିକ ଦକ୍ଷତାର ମଧ୍ୟ ବିକାଶ ଘଟିଥାଏ। ଯେତେ ବଡ଼ ହେଉଥାନ୍ତି ପିତାମାତାଙ୍କ ଠାରୁ ଅସ୍ଥାୟୀଭାବେ ପୃଥକ ହେବା ପାଇଁ ମଧ୍ୟ କୁଣ୍ଠା ପ୍ରକାଶ କରନ୍ତି ନାହିଁ। ଶିଶୁ ଯେତେବେଳେ ଚାଲିବା ଆରମ୍ଭ କରେ, ତାର ଶରୀରର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ଚଳଚଞ୍ଚଳ ହୋଇ ଉଠେ । ସେ ଅନ୍ୟ ଶିଶୁଙ୍କ ସହିତ ମିଶିବା ଓ ଖେଳିବା ପାଇଁ ପ୍ରୟାସ କରେ । ତେଣୁ ତାକୁ ଗୋଟିଏ ନିରାପଦ ପରିବେଶ ଭିତରେ ଆଗକୁ ବଢିବାପାଇଁ ସବୁ ପ୍ରକାର ସାହାଯ୍ୟ କରିବା, ବାପା ମା ବା ଗୃହ ଶିକ୍ଷକର କର୍ତ୍ତବ୍ୟ । ସେ ମଧ୍ୟ ଚଳଚଞ୍ଚଳ ହୋଇ ଖଣ୍ଡି ଦୌଡା ଦିଏ । ଲୁଚିବା ବା ଲୁଚିଲୁଚି ଖେଳିବା ସହିତ ମାଟି ବା ଅଟାରେ ବିଭିନ୍ନ ଆକୃତିର ବସ୍ତୁ ତିଆରି କରି ଶିଖେ । ଖେଳ ମାଧ୍ୟମରେ ଶିଶୁଟି ବହୁ କଥା ଜାଣେ ଓ ଅନୁସନ୍ଧିତ୍ସୁ ହୁଏ । ଏ ସମୟରେ ସେ ବଡ଼ମାନଙ୍କୁ ଏବଂ ଗୁରୁ ବା ପିତାମାତାଙ୍କୁ ଅନୁକରଣ କରିବା ଶିକ୍ଷା କରେ । ତାର ବୟସ ଅନୁଯାୟୀ ତାକୁ ଖେଳୋପକରଣ ଯୋଗାଇ ଦିଅନ୍ତୁ, ଯେପରିକି ଅଳନ୍ଧୁ ସଫା କରିବା ପ୍ଲାଷ୍ଟିକ ମଡେଲ, ରୋଷେଇ ସାମଗ୍ରୀଗୁଡିକର ମଡେଲ, ଛୋଟ ହାଣ୍ଡି, ଚାମଚ, ବେଲଣା ଚକି ଇତ୍ୟାଦି । କାରଣ ଶିଶୁଟି ଯେତେବେଳେ ମା' ବା ଘରର ଅନ୍ୟମାନେ ରୋଷେଇ କରିବାର ଦେଖେ ଓ ନିଜେ କରିବାକୁ ଚେଷ୍ଟା କରେ । ବିଭିନ୍ନ ରଙ୍ଗର ବଲ, ବ୍ଲକ୍, କ୍ରିକେଟ ଖେଳ ସାମଗ୍ରୀ ସହିତ ଅନ୍ୟାନ୍ୟ ଖେଳ ଓ କଣ୍ଢେଇ ବିଭାଘରରେ ପ୍ଲାଷ୍ଟିକ ମଡେଲର ବ୍ୟବହାର କରିଥାଏ । ଶିଶୁର ପାଠ ପଢା ଉପରେ ପ୍ରାଧାନ୍ୟତା ଦେବା ଆବଶ୍ୟକ । ଛବି ଥିବା ବହିରେ ଛବିଟିକୁ ଦେଖି ନିର୍ଦ୍ଦିଷ୍ଟ ଭାବରେ ଶିଶୁକୁ ବିଭିନ୍ନ ଉପାଦାନ ବା ଜୀବ ଜଗତକୁ ତଥା ବୃକ୍ଷ ଏବଂ ପୁଷ୍ପଗୁଡିକୁ ଚିହ୍ନାଇ ଦେଇ ପାରିବେ । ଗଳ୍ପ ମାଧ୍ୟମରେ ଶିଶୁକୁ ବହୁ ସରଳ ଘଣଟା ବଳିକୁ ସୂଚାଯାଇ ପାରିବ । ଶିଶୁ ଯେଉଁ ଦ୍ରବ୍ୟ ଭଲ ପାଉଛି ତାର ମନ ଅନୁସାରେ ତାଙ୍କୁ ପରିଚୟ କରାଇ ଦିଆଯାଇପାରିବ । ଯେଉଁ ବହି ତୁମେ ପଢିଲ ବା ଶିଶୁଟିକୁ ଚିହ୍ନାଇଲ ତାକୁ କଥୋପକଥନ ମାଧ୍ୟମରେ ସେ ବିଷୟରେ ଶିକ୍ଷା ଦେଇପାରିବେ । ଦେଖିଥିବା ଦ୍ରବ୍ୟ ବିଷୟରେ ଶିଶୁକୁ ଛୋଟ ଏବଂ ସରଳ ପ୍ରଶ୍ନମାନ ପଚାରନ୍ତୁ ଏବଂ ଅପେକ୍ଷା କରନ୍ତୁ ସେ କିଭଳି ଉତ୍ତର ଦେଉଛି । ଯଦି ନଦେଇପାରେ ତାହେଲେ କହି ଦିଅନ୍ତୁ ଏବଂ ବାରମ୍ବାର ପୁନରାବୃତ୍ତି କରନ୍ତୁ ।

ଶିଶୁଟିର ଉନ୍ନତି କେବଳ ସାଧନା ଦ୍ୱାରା ସମ୍ଭବ କରାଯାଇପାରେ । ସାଧାରଣ ଭାବରେ ଶିଶୁର ଉନ୍ନତି କରିବାର ପଥ ଅତ୍ୟନ୍ତ ବିସ୍ତିର୍ଣ୍ଣ। ଯଦି କୌଣସି ଦିଗରେ ଶିଶୁଟିର କମ୍ ଉନ୍ନତି ପରିଲକ୍ଷିତ ହେଉଛି ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରିବା ବିଧେୟ ।

ସି-୭,ସହିଦ ନଗର ମାର୍କେଟ ବିଲଡିଂ,ଭୁବନେଶ୍ୱର ।
ଦୂରଭାଷ-୯୪୩୭୧୩୦୫୦୦

ହାଣ୍ଡିଶାଳରେ ବିପ୍ଳବ

ସୁଧାଂଶୁ ମିଶ୍ର

କରୋନା ଯୁଦ୍ଧ ଘରେ ଘରେ ଲଢୁଁ
ଆମେ ବି କରୋନା ଯୋଦ୍ଧା
ଏତେଦିନ ଘର ଚଳାଇ ଆସିଲୁ
ଖାଇ ମାଡ଼ ଗାଳି ଶୋଧା । ॥୧॥

ମଦ ଦୋକାନୀଟା ସୁରକ୍ଷା ମାଗିଲେ
ପୋଲିସ୍ ପଠାଇ ଦିଅ,
ଯେଉଁ ଅତ୍ୟାଚାର ଆମେ ସହୁଅଛୁ
ତା ପାଇଁ ନ ଝରେ ଲୁହ । ॥୨॥

ଅଣସଂଘଟିତ ଘରଣୀ ବେଉସା
ପଚାରନ୍ତି ନାହିଁ କେହି,
ଘରେ ଆମେ ଲକ୍ ଡାଉନ୍ କରିଲେ
ପାରିବକି ଦିନେ ରହି । ॥୩॥

ସେଥିପାଇଁ ଆମେ ନୋଟିସ୍ ଦେଉଛୁଁ
କରିବୁ ଲକ୍ ଡାଉନ୍,
ତଥାପି ଆମରି କଥା ନ ଶୁଣିଲେ
କରିବୁ ସଟ୍ ଡାଉନ୍ । ॥୪॥

କଣ୍ଟେନମେଣ୍ଟ କରିବୁ ଘରକୁ
ହେବ ବନ୍ଦ ହାଣ୍ଡିଶାଳ
ଖାଇବା ପିଇବା ବନ୍ଦ କରିଦେବୁଁ
ହେବ ଡହଳ ବିକଳ । ॥୫॥

ଆମକୁ କରୋନା ଯୋଦ୍ଧା ଘୋଷଣା
କର ବିଳମ୍ବ ନକରି,
ଅଘଟଣ ହେଲେ ପଚାଶ ଲକ୍ଷ
ବୀମା ନାମରେ ଆମରି । ॥୬॥

ଶୈଳଶ୍ରୀ ବିହାର, ଭୁବନେଶ୍ୱର

ଆମ ଓଡ଼ିଶାର ଦରଦୀ ପ୍ରଧାନମନ୍ତ୍ରୀ

ଶ୍ରୀ ରବୀନ୍ଦ୍ରନାଥ ପ୍ରଧାନ

ଅନେକ ବର୍ଷ ତଳର କଥା। ସେତେବେଳେ ଆମଦେଶରେ ବ୍ରିଟିଶ ଶାସନ ଚାଲିଥାଏ। ଦେଶସାରା ଗୋରାମାନେ ବଡ଼ ବଡ଼ ସାହେବ ସାଜି ଆମକୁ ଶାସନ କରୁଥାନ୍ତି। ସେମାନେ ଆମରି ଦେଶର ଟଙ୍କାରୁ ମୋଟା ଅଙ୍କର ଦରମା ନିଅନ୍ତି ଆଉ ଆମକୁ ନାଲିଆଖି ଦେଖାନ୍ତି, ଘୃଣାକରନ୍ତି ଓ ମାଡ଼ମାରନ୍ତି। ଶାସନ ନାଆଁରେ ଅନ୍ୟାୟ ଅତ୍ୟାଚାର ଚଲାଇ ଆମ ଦେଶବାସୀଙ୍କୁ ହଇରାଣ ହରକତ କରୁଥାନ୍ତି। ସବୁଠାରୁ ବଡ଼କଥାଟି ହେଲା, ଆମ ଦେଶରୁ ଧନରତ୍ନ ବୋହି ନେଉଥିଲେ ତାଙ୍କଦେଶକୁ।



ଠିକ୍ ସେହି ସମୟର କଥା। ଆମ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ପଦବୀରେ ଥିଲେ ଜଣେ ଓଡ଼ିଆ ପୁଅ ବିଶ୍ୱନାଥ ଦାସ। ସେ ସମୟରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ କୁହାଯାଉଥିଲା।

ସେତେବେଳେ ବାଲେଶ୍ୱର ଜିଲ୍ଲାରେ ଜଣେ ପ୍ରବଳ ପରାକ୍ରମୀ ଗୋରାସାହେବ ବରିଷ୍ଠ ପୋଲିସ ଅଫିସର (ଏସ୍.ପି) ପଦବୀରେ ଥାଆନ୍ତି। ଯାହାଙ୍କର ଆଙ୍ଗୁଠି ହଲିଲେ ସତେଯେମିତି ଓଡ଼ିଶା ମୂଳକଟା ଚହଲି ଯାଉଥିଲା। ସେହି ଦୁର୍ଦ୍ଦାନ୍ତ ପୋଲିସ୍ ଅଧିକାରୀ ଡରରେ ଚରିଆଡ଼େ କୋକୁଆ ଭୟ ଖେଳିଯାଇଥାଏ।

ସୁତରାଂ ଲୋକମାନେ ଡରିମରି କ'ଣ କରନ୍ତି ନା :-

"ପୋଲିସ୍ ଡରରେ ଘର କୋଣରେ
ଲୁଚୁଥିଲେ ଲୋକେ ଅକାରଣେ
ଥାଉ କି ନଥାଉ ଦୋଷ
ଯାହାକୁ ଚାହିଁଲେ ଧରି ନେଉଥିଲେ
ଅଯଥାରେ କହି ରୋଷ।"

ଫଳରେ ନିର୍ଦ୍ଦୋଷ ଲୋକ ଅଯଥାରେ ଦଣ୍ଡ ଭୋଗୁଥିଲେ। ଏସବୁ ଖବର ପ୍ରଧାମନ୍ତ୍ରୀଙ୍କ ପାଖରେ ପହଞ୍ଚିଗଲା। ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ତ ଅତ୍ୟନ୍ତ ଦୟାଶୀଳ ଓ ଦରଦୀ ମଣିଷଥିଲେ, ସୁତରାଂ ଏହା ଉପରେ କିଛିଗୋଟାଏ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରିନେଲେ।

ଦିନକର କଥା। ଗୋରା ପୋଲିସ୍‌ର ଅତ୍ୟାଚାର କଥାର ସତ୍ୟତା ଜାଣିବାପାଇଁ ପ୍ରଧାନମନ୍ତ୍ରୀ ବାଲେଶ୍ୱର ବାହାରିଲେ। ସେତେବେଳେ ଆଜିକାଲି ଭଳି ରାସ୍ତାଘାଟ ସୁବିଧା ନଥିଲା। ସୁତରାଂ ପ୍ରଧାନମନ୍ତ୍ରୀ ରେଳଗାଡ଼ି ଯୋଗେ ବାଲେଶ୍ୱରଠାରେ ପହଞ୍ଚିଲେ।

ଏବେ ଶୁଣ ତା'ପରର ଘଟଣା:-

"ଆସୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ
ଖବର ପ୍ରଚାର ହେଲା ଯେମିତି
ଷ୍ଟେସନଟା ଲୋକାରଣ୍ୟ
ହୋଇଗଲା କେତେ ବିଶ୍ୱାସ ହେବନି
ଶୁଭୁଥାଏ ଜୟଗାନ।"

ଆଜି ଆମ ପ୍ରଧାନମନ୍ତ୍ରୀ ଆସୁଛନ୍ତି ଲୋକଙ୍କ ଦୁଃଖ ଶୁଣିବେ। ଏହି ଖବର ଶୁଣିବାମାତ୍ରେ ଲୋକମାନେ ଖୁସିରେ ଧାଇଁଲେ ରେଳଷ୍ଟେସନ। ପ୍ରଧାନମନ୍ତ୍ରୀ ରେଳଗାଡ଼ିରୁ ଓହ୍ଲାଉ ଓହ୍ଲାଉ ଲୋକମାନେ ସେମାନଙ୍କର ଅନେକ ଦିନରୁ ହୃଦୟରେ ଚାପିରଖିଥିବା ଦୁଃଖଦୁର୍ଦ୍ଦଶାକୁ ବଖାଣିଦେବେ। ଅନେକ ଲୋକ ରୁଣ୍ଡ ହୋଇଗଲେଣି। ରେଳଷ୍ଟେସନଟା ପ୍ରଧାନମନ୍ତ୍ରୀଙ୍କ ଜୟଧ୍ୱନୀରେ ଉଚ୍ଛୁଳିପଡୁଥାଏ।

ସେଦିନ ଭିଡ଼ ସମ୍ଭାଳିବାକୁ ଗୋରା ଏସ୍.ପି ସାହେବଙ୍କ ନେତୃତ୍ୱରେ ଅନେକ ପୋଲିସ୍ ମୁତୟନ ହୋଇଥାନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଅଭିବାଦନ ଜଣାଇବାପାଇଁ ସେହି ଅତ୍ୟାଚାରୀ ଏସ୍.ପି ସାହେବ ଆଗରେ ଠିଆହୋଇଥାନ୍ତି, ଯାହାଙ୍କ ବିରୋଧରେ ଅଭିଯୋଗ ବହୁପୂର୍ବରୁ ପହଞ୍ଚିଥିଲା ପ୍ରଧାନମନ୍ତ୍ରୀଙ୍କ ନିକଟରେ।

ଯେତେବେଳେ ପ୍ରଧାନମନ୍ତ୍ରୀ ବାଲେଶ୍ୱର ଷ୍ଟେସନରୁ ଗାଡ଼ିରୁ ଓହ୍ଲାଇଲେ ଏସ୍.ପି ସାହେବ ତାଙ୍କର ସମ୍ମୁଖରେ ଠିଆହୋଇ ପ୍ରଧାନମନ୍ତ୍ରୀଙ୍କୁ ସାଲ୍ୟୁଟ୍ ଜଣାଇଲେ।

ପ୍ରଧାନମନ୍ତ୍ରୀ ତ ପୂର୍ବରୁ ମଉକା ଦେଖି ଏସ୍.ପି ଙ୍କୁ ଲୋକଙ୍କ ଆଗରେ ଅପମାନିତ କରିବାପାଇଁ ଚାହୁଁଥିଲେ। ଏବେ ସେ ମଉକାଟି ମିଳିଗଲା। ଏବେ ଏସ୍.ପି ଙ୍କ ସାଲ୍ୟୁଟ୍‌କୁ ପ୍ରଧାନମନ୍ତ୍ରୀ ଗ୍ରହଣ ନକରି ଇଂରାଜୀରେ ପଚାରିଲେ - "ତୁମେ କିଏ ?"

ତହୁଁ ପୋଲିସ୍ ଅଧିକାରୀ ଜଣକ ଲଜ୍ଜିତ ହୋଇ କହିଲେ - "ମୁଁ ଏ ଜିଲ୍ଲାର ଏସ୍.ପି।" ଏହାଶୁଣି ପ୍ରଧାନମନ୍ତ୍ରୀ ଚଢ଼ାଗଳାରେ କହିଲେ - "କିପରି ସାଲ୍ୟୁଟ୍ ଦେବାକୁ ହୁଏ
ଏସ୍.ପି ଙ୍କୁ ଶିଖାଇ ଦିଅରେ କିଏ

ପଥକୁ ମୋର ଓଗାଳି
ସାଲ୍ୟୁଟ୍ ମାରିବା କେତେଦୂର ଠିକ୍
କହ ମୋତେ ଚିନ୍ତାକରି ।"

ପ୍ରଧାନମନ୍ତ୍ରୀ ପୁଣି କହିଲେ, "ହେ ଏସ୍.ପି ସାହେବ ! ଉପରିସ୍ଥ ଅଧିକାରୀଙ୍କୁ କିପରି ସାଲ୍ୟୁଟ୍ ଦେବାକୁ ହୁଏ ତୁମେ ଶିଖିନାହଁ । ଆପଣ ମୋ ବାଟ ଓଗାଳି ଆଗରେ ଠିଆହୋଇ ସାଲ୍ୟୁଟ୍ କରିବା କେଉଁ ଆଇନ୍‌ରେ ଅଛି ମୁଁ ଜାଣିନାହିଁ ? ଏବେ ସିଧା ସିଧା ଘରକୁ ଯାଆନ୍ତୁ । ଘରେ ପୋଲିସ୍ ମାନୁଆଲ ପଢ଼ି ଆସନ୍ତାକାଲି କୈଫୟତ୍ ଫର୍ଦ୍ଦ ମୋ କାର୍ଯ୍ୟାଳୟରେ ଦାଖଲ କରିବେ ।"

ବାସ୍, ଏତିକିରେ ବିରାଟ ଜନଗହଳି ଭିତରେ ବଡ଼ପୋଲିସ୍ ବାବୁଙ୍କର ଗର୍ବ, ଦମ୍ଭସବୁ ଭାଙ୍ଗି ଚୁରମାର୍ ହୋଇଗଲା । ସେ ମୁହଁକୁ ପୋତି ରାଗରେ ଗରଗର ହୋଇ ନିଜ କ୍ୱାର୍ଟରକୁ ଫେରିଗଲେ ସିନା କାହାକୁ କିଛି କହିବାକୁ ତାଙ୍କର ତୁଣ୍ଡରେ କଥାନଥିଲା । ହଜାର ହଜାର ଓଡ଼ିଆଙ୍କୁ ଧମକ, ଚମକଦେଇ ରଖିଥିବା ପୋଲିସ୍ ଅଫିସର ଏବେ ସେମାନଙ୍କ ଆଗରେ ନିନ୍ଦିତ ହେବା କମ୍ କଥା ନଥିଲା ସେଦିନ । ଏହି ଘଟଣାକୁ ଦେଖି ଅନ୍ୟ ପୋଲିସ୍ ଅଧିକାରୀମାନେ ନରମିଗଲେ । ଏଣିକି ସମସ୍ତେ ଯେଝା ଭୁଲ୍ ସୁଧାରିନେଇ ସାବଧାନତା ସହକାରେ ଚଳିଲେ ।

ପିଲାମାନେ ମନେରଖ :-

ଅନ୍ୟାୟ ଅନୀତି ଆଗରେ କିମ୍ପାଇ
ମଥାକୁ ନୁଆଁଇ ହେବାରେ ଠିଆ
ଅନ୍ୟାୟକୁ ପ୍ରତିବାଦ କରେ ଯିଏ
ଧରାବକ୍ଷେ ରହେ ତାହାରି ନାଆଁ ।

ଖମାରସାହି, ବାଣପୁର, ଖୋର୍ଦ୍ଧା
ପିନ୍ - ୭୫୨୦୩୧
ଦୂରଭାଷ- ୯୭୭୮୫୬୦୭୪୫

ରୂପ ନୁହେଁ ଗୁଣହିଁ ପୂଜିତ କରେ

ଡ. ନାମଯଜ୍ଞ ମିଶ୍ର

ପାଶ୍ଚାତ୍ୟ ଜଗତର ଜଣେ ମହାନ ସଂଗୀତଜ୍ଞ ଥିଲେ ଗାଲଫର୍ଡ଼ । ସେ ଏକ ନୃତ୍ୟସଂଗୀତ ବିଦ୍ୟାଳୟ ଖୋଲି ଶିକ୍ଷା ଦେଉଥିଲେ । ସଂଗୀତ ଶିକ୍ଷାର୍ଥିନୀ ମଧ୍ୟରେ ଦୁଇଜଣ ବାଳିକାଥିଲେ ନାତ୍‌ସା ଓ ମେରୀ । ମେରୀ ଅତ୍ୟନ୍ତ ସୁନ୍ଦର ଥିବାବେଳେ ନାତ୍‌ସା ଥିଲା ଅସୁନ୍ଦର । କିନ୍ତୁ ନାତ୍‌ସା ସଂଗୀତରେ ଥିଲା ଧୁରନ୍ଧର । ମେରୀ ସାଧାରଣଭାବରେ ଗାଇ ପାରୁଥିଲେ ବି ତା'ମନରେ ତା'ର ରୂପ ସୌନ୍ଦର୍ଯ୍ୟପାଇଁ ଥିଲା ଅସୀମ ଗର୍ବ । ତେଣୁ ସେ ସାର୍ବଜନୀନ ସଂଗୀତ ପରିବେଷଣ ଆସିଲେ ଗୁରୁ ନକହିଲେ ବି ମଞ୍ଚକୁ ଡ଼େଇଁପଡ଼େ । ନାତ୍‌ସାକୁ ଗୁରୁକହିଲେ ବି ସେ ମଞ୍ଚ ଉପରକୁ ନଯାଇ ବରଂ ପର୍ଦ୍ଦା ଆଢୁଆଳରେ ମଧୁର ସଂଗୀତ ପରିବେଷଣ କରେ । ଦିନେ ତାର ମଧୁର ସଂଗୀତରେ ମୁଗ୍ଧହୋଇ ଦର୍ଶକ (ଶ୍ରୋତା)ଗଣ ତାଙ୍କୁ ଦେଖିବାକୁ ଦାବିକରି କୋଳାହଳ କଲେ । ଫଳରେ ଗୁରୁ ଗାଲଫର୍ଡ଼ ନାତ୍‌ସାକୁ ମଞ୍ଚଉପରେ ଯାଇ ସାର୍ବଜନୀନ ଭାବେ ଏକ ସଂଗୀତ ପରିବେଷଣ ପାଇଁ ଆଦେଶକଲେ । ସେ କୁନ୍ଥୁ କୁନ୍ଥୁ ହେବାରୁ ଗୁରୁତାଙ୍କୁ ବୁଝାଇଲେ, ତୁମେ ନିଜକୁ ଯେତେ ଅସୁନ୍ଦର ବୋଲି ଭାବିଲେ ବି ତୁମେ ସେତେ ଅସୁନ୍ଦର ନୁହଁ । ଯେତେବେଳେ ଭାବବିଭୋର ହୋଇ ସଂଗୀତ ପରିବେଷଣ କରୁଛ ଭାବତରଙ୍ଗରେ ତୁମେ ଅତ୍ୟନ୍ତ ସୁନ୍ଦର ଦିଶିବ । ଏଣୁ ନିଜକୁ ଲୁଚେଇବାର ହୀନମନ୍ୟତା ତ୍ୟାଗକରି ମଞ୍ଚକୁ ଯାଅ ନାତ୍‌ସା । ଗୁରୁଙ୍କର କଥାମାନି ମଞ୍ଚକୁ ଯାଇ ଭାବବିଭୋର ହୋଇ ସଂଗୀତ ପରିବେଷଣ କଲେ । ତାଙ୍କ ମଧୁର ସ୍ୱରରେ ବିମୋହିତ ଶ୍ରୋତାଗଣ ଆନନ୍ଦରେ ତାଳିବର୍ଷଣ କରି ପ୍ରେକ୍ଷାଳୟକୁ କମ୍ପାଇ ପକାଇଲେ । ସେହି ଦିନଠାରୁ ନାତ୍‌ସା ଅଧିକ ମନୋଯୋଗ ସହକାରେ ସଂଗୀତ ଶିକ୍ଷାକରି ସବୁବେଳେ ସାର୍ବଜନୀନ ମଞ୍ଚରେ ସଂଗୀତ ପରିବେଷଣ କରି ଅନେକ ପ୍ରଶଂସା ଓ ପୁରସ୍କାର ପ୍ରାପ୍ତକଲା । ମେରୀକୁ ଡକାନଯିବା ହେତୁ ତା'ମନ ମଉଳିଗଲା । ସେ ସଂଗୀତ ଶିକ୍ଷାରେ ମନୋଯୋଗ ନଦେଇ ବିଷର୍ଣ୍ଣ ରହୁଥିବା ହେତୁ ତା'ର ସୌନ୍ଦର୍ଯ୍ୟର ସତେଜତା ମଧ୍ୟ ହରାଇଲା । ଏହାଜାଣି ଦିନେ ଗୁରୁ ତାଙ୍କୁ ଡାକି କହିଲେ, ଏଇ ଦର୍ପଣରେ ନିଜ ଚେହେରାକୁ ଦେଖ ଓ ତୁମ ସତୁରୀବର୍ଷ ବୟସ୍କା ବୁଢ଼ୀମା'ର ଚେହେରାକୁ ଚିନ୍ତାକରି କୁହ ଦିନେ ତୁମେ ତାଙ୍କଭଳି ଅବସ୍ଥାକୁ ଯିବନାହିଁକି ? ଏ ରୂପ, ଏସୌନ୍ଦର୍ଯ୍ୟକୁ ତୁମେ କେତେଦିନ ଧରି ରଖିପାରିବ ? ଦିନେ ତା ମଉଳିଯିବ ତ ନିଶ୍ଚୟ ! କିନ୍ତୁ, କବି, ସଂଗୀତଜ୍ଞ, କଳାକାରଙ୍କ କୃତି, ଅମ୍ଳାନ, ଯଶୋଦେହରେ ଅମର କରିରଖେ ଏ ଦେହ ଛାଡ଼ିଗଲେବି । ତେଣୁ ନିଜ ରୂପ ସୌନ୍ଦର୍ଯ୍ୟଛାଡ଼ି ସଂଗୀତ ପ୍ରତି ଧ୍ୟାନଦିଅ । ମନୁଷ୍ୟ ନିଜ ରୂପରେ ନୁହେଁ ଗୁଣରେ ପୂଜିତ ହୁଏ । କୋଇଲି କଳାହେଲେ ବି ତାର ମଧୁର ସ୍ୱରର ପ୍ରଶଂସା କିଏ ନକରେ ? ନାତ୍‌ସା ସେହିଭଳି । ମେରୀ ବୁଝିଗଲା । ସେଇଦିନଠୁଁ ସେ ନାତ୍‌ସାକୁ ହିଂସା ନକରି ସଂଗୀତ ଶିକ୍ଷାରେ ମନଦେଲା ଓ ମଧୁର ସଂଗୀତ ପରିବେଷଣ କରି ଅନେକ ପ୍ରଶଂସା ଓ ପୁରସ୍କାରପାଇଲା ।

ବରବାଲିପଡ଼ା,ବଲାଙ୍ଗିର

୨୦୨୦ରେ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍

ଆଶିଷ କୁମାର ରାୟ

କରୋନା ବିଶ୍ୱ ମହାମାରୀ ଯୋଗୁଁ କ୍ରୀଡ଼ାଜଗତର ଗତିବିଧି ଏବେ ସମ୍ପୂର୍ଣ୍ଣ ଭାବେ ସ୍ଥାଣୁ ପାଲଟି ଯାଇଛି। ସମସ୍ତ ପ୍ରତିଯୋଗିତା ଏବେ ବନ୍ଦ। ତେବେ କରୋନା ଏକ ବିଶ୍ୱବ୍ୟାପୀ ମହାମାରୀର ରୂପ ନେବା ପୂର୍ବରୁ ମାର୍ଚ୍ଚ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ବେଶ୍ କେତୋଟି ବଡ଼ ଧରଣର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେଥିମଧ୍ୟରୁ ଗତ ଫେବ୍ରୁଆରୀ-ମାର୍ଚ୍ଚ ମାସରେ ଅଷ୍ଟ୍ରେଲିଆରେ ଖେଳାଯାଇଥିବା ୨୦୨୦ର ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ଅନ୍ୟତମ, ଯାହାର ଫାଇନାଲ ମ୍ୟାଚ୍ ଆୟୋଜିତ ହୋଇଥିଲା ମାର୍ଚ୍ଚ ୮ ତାରିଖ ଦିନ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ। ସେହି ଦିନ କିନ୍ତୁ ଭାରତୀୟ ଦଳ ଅଷ୍ଟ୍ରେଲିଆ ହାତରୁ ଶୋଚନୀୟ ପରାଜୟ ବରଣ କରିବା ଫଳରେ ମହିଳା କ୍ରିକେଟରେ ଆମ ଦେଶ ପ୍ରଥମଥର ସକାଶେ ବିଶ୍ୱ ଚାମ୍ପିଆନ ହେବାର ସ୍ୱପ୍ନ ଧୂଳିସାତ ହୋଇଗଲା। ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟରେ ଚାରିଟିଯାକ ମ୍ୟାଚ ଜିତି ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଖେଳୁଥିବା ଦଳ ଦେଶର ଅଗଣିତ କ୍ରୀଡ଼ାପ୍ରେମୀଙ୍କ ମନରେ ଯେଉଁ ଆଶା ଜଗାଇଥିଲା ଫାଇନାଲରେ ପରାଜୟ ସହିତ ତାହା ପାଣିଫୋଟକା ଭଳି ମିଳାଇଗଲା। ମେଲବୋର୍ଣ୍ଣ କ୍ରିକେଟ ମୈଦାନରେ ନବେ ହଜାର ଦର୍ଶକଙ୍କ ଉପସ୍ଥିତିରେ ଭାରତୀୟ ଦଳର ଖେଳାଳିମାନେ ସେମାନଙ୍କର ଆତ୍ମବିଶ୍ୱାସ ହରାଇ ଏକତରଫା ପରାଜୟ ବରଣ କଲେ।

ଅଷ୍ଟ୍ରେଲିଆର ଅଧିନାୟିକା ମେଗ୍ ଲାନିଙ୍ଗ୍ ଟସ୍ ଜିଣି ବ୍ୟାଟିଂ ନେବା ପରେ ଦଳର ଦୁଇ ପ୍ରାରମ୍ଭିକ ବ୍ୟାଟ୍ସଓମେନ୍ ଯେଉଁଭଳି ଆକ୍ରମଣାତ୍ମକ ଭଙ୍ଗୀରେ ଖେଳିବାକୁ ଆରମ୍ଭ କଲେ, ତାହା ଦେଖି ଭାରତୀୟ ବୋଲରମାନେ ହଡ଼ବଡ଼େଇ ଗଲେ। ଏତଦ୍‌ବ୍ୟତୀତ ଚାରି ଓଭର ମଧ୍ୟରେ ଦୁଇ ଦୁଇଟି ସୁଯୋଗ ହାତଛଡ଼ା କରିବା ମଧ୍ୟ ବହୁତ ମହଙ୍ଗା ପଡ଼ିଲା। ଅଷ୍ଟ୍ରେଲିଆର ଆଲିସା ହିଲୀ ମାତ୍ର ୯ରନ କରିଥିବା ବେଳେ ପ୍ରଥମ ଓଭରରେ ହିଁ ଦୀପ୍ତି ଶର୍ମାଙ୍କ ବଲରେ ଭାରତୀୟ ଦଳର ଉଦୀୟମାନ ତାରକା ଶେଫାଳି ବର୍ମା ତାଙ୍କ କ୍ୟାଚ୍ ଛାଡ଼ିଦେଲେ। ସେହିଭଳି ଚତୁର୍ଥ ଓଭରରେ ରାଜେଶ୍ୱରୀ ଗାଏକ୍ୱାଡ଼ ନିଜ ବୋଲିଂରେ ଅନ୍ୟତମ ଓପନର୍ ବେଥ୍ ମୁନୀଙ୍କର ଏକ ସହଜସାଧ୍ୟ କ୍ୟାଚ୍ ହାତଛଡ଼ା କଲେ। ଏହି ଦୁଇଟି କ୍ୟାଚ୍ ଯଦି ଧରାଯାଇ ପାରିଥାନ୍ତା ତେବେ ମ୍ୟାଚ୍‌ର ଗତିପଥ ବଦଳି ଯାଇଥାନ୍ତା। ସେଇଥିପାଇଁ ତ କୁହାଯାଏ – 'ମିସ୍ ଦ କ୍ୟାଚ୍ ମିସ୍ ଦ ମ୍ୟାଚ୍'। ଜୀବନଦାନ ପାଇବା ପରେ ଅଷ୍ଟ୍ରେଲିଆ ଦଳର ଦୁଇ ପ୍ରାରମ୍ଭିକ ଖେଳାଳି ଆହୁରି ଅଧିକ ଆକ୍ରମଣାତ୍ମକ ହୋଇ ଓଭର ପିଛା ଦଶ ରନ ହିସାବରେ ସ୍କୋର କରିବାକୁ ଲାଗିଲେ, ଯାହାକି ଥିଲା କଟା ଘା'ରେ ଲୁଣ ଦେବା ସଦୃଶ। ଅଷ୍ଟ୍ରେଲିଆର ସ୍କୋର ୧୧୫ରନ ଥିବା ବେଳେ ଆଲିସା ହିଲୀ ମାତ୍ର ୩୯ ବଲରେ ୭୫ରନର ଧୂଆଁଧାର ଇନିଂସ ଖେଳି ଆଉଟ୍ ହୋଇଥିଲେ। ଅନ୍ୟ ଦିଗରେ ବେଥ୍ ମୁନୀ ୫୪ଟି ବଲରେ ୭୮ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଲେ। ଶେଷ ଆଡ଼କୁ କିଛିଟା ଉନ୍ନତ ବୋଲିଂ ହେବା ଯୋଗୁଁ ଅଷ୍ଟ୍ରେଲିଆର ସ୍କୋର ୪ୱିକେଟରେ ୧୮୪ ରନରେ ସୀମିତ ରହିଲା।

୧୮୫ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ଭାରତୀୟ ଦଳର ଆଶାଭରସା ଥିଲେ ଶେଫାଳି ବର୍ମା। ୧୬ବର୍ଷ ବୟସ୍କା ଏହି ତାରକା ଜଣକ ଲିଗ୍ ପର୍ଯ୍ୟାୟରେ ଆକ୍ରମଣାତ୍ମକ ବ୍ୟାଟିଂ ପ୍ରଦର୍ଶନ କରି ଚାରିଟି ମ୍ୟାଚ୍‌ରେ ଦଳ ପକ୍ଷରୁ ସର୍ବାଧିକ ୧୬୧ରନ କରିଥିଲେ। ତେବେ ଚୂଡ଼ାନ୍ତ ମୁକାବିଲାରେ ମାତ୍ର ୨ରନ କରି ମେଗାନ୍ ଶୁଟ୍‌ଙ୍କ ବଲରେ ଆଉଟ୍ ହୋଇଗଲେ। ଏହାପରେ ଜେମିମା ରୋଡ୍ରିଗ୍ସେଜ୍, ସ୍ମୃତି ମନ୍ଧାନା, ହରମନପ୍ରୀତ କୌର, ବେଦା କୃଷ୍ଣମୂର୍ତ୍ତି ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରି ନପାରି ଜଣକ ପରେ ଜଣେ ଖରାପ ସଟ୍ ଖେଳି ଆଉଟ୍ ହେଲେ। ଦୀପ୍ତି ଶର୍ମା ସର୍ବାଧିକ

୩୩ରନ କରିଥିଲେ ହେଁ ତାଙ୍କ ବ୍ୟାଟିଂରେ ବଡ଼ ସ୍କୋରକୁ ପିଛା କରିବାର କ୍ଷମତା ନଥିଲା।

ପରିଶେଷରେ ଭାରତୀୟ ଦଳ ୧୦୦ରନର ସ୍କୋରକୁ ମଧ୍ୟ ଛୁଇଁ ପାରିଲା ନାହିଁ। ୯୯ରନରେ ସମସ୍ତ ୱିକେଟ ହରାଇ ୮୫ରନର ବଡ଼ ବ୍ୟବଧାନରେ ପରାଜିତ ହେଲା। ମେଗାନ୍ ଶୁଟ୍ ୧୮ରନରେ ୪ ୱିକେଟ ତଥା ଜେସ୍ ଜନସନ୍ ୨୦ରନରେ ୩ ୱିକେଟ ନେଇ ଭାରତୀୟ ବ୍ୟାଟିଂ ଲାଇନ୍‌କୁ ଧ୍ୱସ୍ତବିଧ୍ୱସ୍ତ କରିଦେଲେ। ପଞ୍ଚମ ଥର ସକାଶେ ଅଷ୍ଟ୍ରେଲିଆ ହେଲା ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ବିଜେତା। ଆଉ ଏହି ବିଜୟ ଆସିଥିଲା ଦଳର ତାରକା ଅଲ୍‌ରାଉଣ୍ଡର ଏଲିସ୍ ପେରୀଙ୍କ ଅନୁପସ୍ଥିତିରେ। ଏଲିସ୍ ପେରୀ ଲିଗ୍ ମ୍ୟାଚ୍‌ରେ ଖେଳିଥିଲେ ହେଁ ଆଘାତପ୍ରାପ୍ତ ହେବା ଯୋଗୁଁ ଦକ୍ଷିଣ ଆଫ୍ରିକା ବିରୁଦ୍ଧରେ ସେମି ଫାଇନାଲ ଓ ଭାରତ ବିରୁଦ୍ଧରେ ଫାଇନାଲ ମ୍ୟାଚ୍ ଖେଳି ପାରିନଥିଲେ। ଅଷ୍ଟ୍ରେଲିଆର ଏହି ପଞ୍ଚମ ଟି-ଟ୍ୱେଣ୍ଟି ବିଶ୍ୱକପ୍ ବିଜୟରେ ଆଲିସା ହିଲୀ ଓ ବେଥ୍ ମୁନୀଙ୍କର ଅବଦାନ ଥିଲା ଯଥେଷ୍ଟ ଅଧିକ। ହିଲୀ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ବେଳେ ମୁନୀଙ୍କୁ ମିଳିଥିଲା ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳିର ପୁରସ୍କାର। ଅଧିନାୟିକା ମେଗ୍ ଲାନିଙ୍ଗ୍‌ଙ୍କ ଅବଦାନ ମଧ୍ୟ କିଛି କମ ନଥିଲା। ସେ ହିଁ ଥିଲେ ଦକ୍ଷିଣ ଆଫ୍ରିକା ସହିତ ସେମି ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି। ଏତଦ୍‌ବ୍ୟତୀତ ତାଙ୍କରି ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ୨୦୧୮ର ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ମଧ୍ୟ ଚାମ୍ପିଆନ୍ ହୋଇଥିଲା।

ତେବେ ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଉପ ବିଜେତା ଭାବେ ସନ୍ତୁଷ୍ଟ ରହିଥିଲେ ହେଁ, ଫାଇନାଲରେ ପ୍ରବେଶ କରିବା କିଛି କମ ସଫଳତା ନଥିଲା। ବିଶେଷ କରି ଲିଗ୍ ପର୍ଯ୍ୟାୟରେ ଚାରିଟିଯାକ ମ୍ୟାଚ୍ ଜିତିବା ଥିଲା ବେଶ୍ ଉତ୍ସାହଜନକ। ଯେଉଁ ଅଷ୍ଟ୍ରେଲିଆ ଦଳଠାରୁ ଚୂଡ଼ାନ୍ତ ମୁକାବିଲାରେ ପରାଭବ ମିଳିଲା ସେହି ଦଳକୁ ହିଁ ଭାରତ ପରାଜିତ କରିଥିଲା ପ୍ରଥମ ମ୍ୟାଚ୍‌ରେ। ୨୦୨୦ର ଏହି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ର ଉଦଘାଟନୀ ମୁକାବିଲାରେ ଭାରତ ୧୭ରନରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆକୁ। ଭାରତର ୪ୱିକେଟ୍‌ରେ ୧୩୨ରନର ଜବାବରେ ଅଷ୍ଟ୍ରେଲିଆ ଦଳର ସମସ୍ତ ଖେଳାଳି ୧୧୫ରେ ଆଉଟ୍ ହୋଇଯାଇଥିଲେ। ଏହାପରେ ବାଂଲାଦେଶକୁ ୧୮ରନ, ନ୍ୟୁଜିଲାଣ୍ଡକୁ ୩ରନ ଓ ଶ୍ରୀଲଙ୍କାକୁ ୭ୱିକେଟରେ ହରାଇ ଭାରତ ପହଞ୍ଚିଲା ସେମି ଫାଇନାଲରେ। ଏ ସମସ୍ତ ବିଜୟରେ ଶେଫାଲି ବର୍ମାଙ୍କ ବ୍ୟାଟିଂ, ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ତଥା ଶିଖା ପାଣ୍ଡେ, ରାଜେଶ୍ୱରୀ ଗାଏକ୍ୱାଡ଼, ରାଧା ଯାଦବ ଓ ପୂନମ ଯାଦବଙ୍କ ବୋଲିଂ ହିଁ ଗ୍ରହଣ କରିଥିଲା ପ୍ରମୁଖ ଭୂମିକା। ସମୁଦାୟ ଟୁର୍ଣ୍ଣାମେଣ୍ଟରେ ମେଗାନ୍ ଶୁଟ୍‌ଙ୍କ (୧୩ ୱିକେଟ୍) ପଛକୁ ୧୦ ୱିକେଟ୍ ସହିତ ପୂନମ ଯାଦବ ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ହେବାର ଗୌରବ ଅର୍ଜନ କରିଥିଲେ।

ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟରେ ଚାରିଟିଯାକ ବିଜୟ ସକାଶେ ହିଁ ଭାରତ ଫାଇନାଲରେ ପହଞ୍ଚି ପାରିଥିଲା। କାରଣ ଇଂଲାଣ୍ଡ ସହିତ ସେମି ଫାଇନାଲ

ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାତିଲ ହୋଇଯିବା ଫଳରେ ଲିଗ୍ ପର୍ଯ୍ୟାୟରେ ଅଧିକ ମ୍ୟାଚ୍ ଜିତିଥିବା ଯୋଗୁଁ ଟୁର୍ଣ୍ଣାମେଣ୍ଟରେ ନିୟମାନୁସାରେ ଭାରତ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହି ଦୃଷ୍ଟିରୁ ନ୍ୟୁଜିଲାଣ୍ଡ ବିରୁଦ୍ଧରେ ମିଳିଥିବା ସଂଘର୍ଷପୂର୍ଣ୍ଣ ବିଜୟ ହିଁ ଥିଲା ଭାରତ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଅପର ପକ୍ଷେ ଲିଗ୍ ପର୍ଯ୍ୟାୟରେ ଇଂଲାଣ୍ଡ ଦଳ ଥାଇଲାଣ୍ଡ, ପାକିସ୍ତାନ ଏବଂ ୱେଷ୍ଟ ଇଣ୍ଡିଜ୍ ବିରୁଦ୍ଧରେ ୩ଟି ମ୍ୟାଚ୍ ଜିତିଥିବା ବେଳେ ଦକ୍ଷିଣ ଆଫ୍ରିକାଠାରୁ ପରାଜୟ ବରଣ କରିଥିଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୱେଷ୍ଟ ଇଣ୍ଡିଜ୍‌ରେ ଅନୁଷ୍ଠିତ ୨୦୧୮ର ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ମଧ୍ୟ ହରମନ୍‌ପ୍ରୀତ କୌରଙ୍କ ନେତୃତ୍ୱରେ ଭାରତ ପ୍ରାରମ୍ଭିକ ପର୍ଯ୍ୟାୟରେ ୪ଟି ଯାକ ମ୍ୟାଚ୍ ଜିଣି ସେମି ଫାଇନାଲକୁ ଆସିଥିଲା। ସେଥର ଲିଗ୍ ମ୍ୟାଚ୍‌ଗୁଡ଼ିକରେ ନ୍ୟୁଜିଲାଣ୍ଡକୁ ୩୪ରନରେ, ପାକିସ୍ତାନକୁ ୭ ୱିକେଟ୍‌ରେ, ଆୟର୍ଲାଣ୍ଡକୁ ୫୨ରନରେ ଏବଂ ଅଷ୍ଟ୍ରେଲିଆକୁ ୪୮ରନରେ ପରାସ୍ତ କରିଥିବା ଭାରତୀୟ ଦଳ କିନ୍ତୁ ସେମି ଫାଇନାଲରେ ଇଂଲାଣ୍ଡ ହାତରୁ ଆଠ ୱିକେଟ୍‌ରେ ହାରି ନୈରାଶ୍ୟଜନକ ବିଦାୟ ନେବାକୁ ବାଧ୍ୟ ହୋଇଥିଲା। ସେହିଭଳି ୨୦୧୭ରେ ଇଂଲାଣ୍ଡରେ ଖେଳାଯାଇଥିବା ୫୦ଓଭର ବିଶିଷ୍ଟ ଏକଦିବସୀୟ ବିଶ୍ୱକପ୍‌ରେ ମଧ୍ୟ ଭାରତୀୟ ଦଳ ପ୍ରଭାବଶାଳୀ ପ୍ରଦର୍ଶନ କରିବା ସତ୍ତ୍ୱେ ଉପ ବିଜେତା ଭାବେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୋଇଥିଲା। ସେହି ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଇଂଲାଣ୍ଡକୁ ୩୫ରନରେ, ୱେଷ୍ଟଇଣ୍ଡିଜକୁ ୭ ୱିକେଟ୍‌ରେ, ପାକିସ୍ତାନକୁ ୯୫ରନରେ, ଶ୍ରୀଲଙ୍କାକୁ ୧୬ରନରେ ଏବଂ ନ୍ୟୁଜିଲାଣ୍ଡକୁ ଅକ୍ଲେଶରେ ୧୮୬ରନରେ ହରାଇବା ପରେ ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ୩୬ ରନରେ ପରାସ୍ତ କରିଥିଲା। ସେମି ଫାଇନାଲରେ ହରମନପ୍ରୀତ କୌରଙ୍କ ୧୭୧ରନର ଅବିସ୍ମରଣୀୟ ସ୍କୋର୍ ଥିଲା ବିଶ୍ୱକପ୍‌ର ଶ୍ରେଷ୍ଠତମ ଇନିଂସ୍। ଏସବୁ ସତ୍ତ୍ୱେ ମଧ୍ୟ ଫାଇନାଲରେ ମିତାଲି ରାଜଙ୍କ ନେତୃତ୍ୱାଧୀନ ଦଳ ମାତ୍ର ୯ରନରେ ଇଂଲାଣ୍ଡ ହାତରୁ ପରାଜିତ ହୋଇ ଚାମ୍ପିଆନ୍ ହେବାରୁ ବଞ୍ଚିତ ରହିଗଲା। ଆଉ ଏଥରର ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ମଧ୍ୟ ଭାରତ ସୁଯୋଗ ହାତଛଡ଼ା କରି ଚାମ୍ପିଆନ୍ ହେବାରୁ ବଞ୍ଚିତ ରହିଯାଇଛି।

ମୋ- ୯୪୩୭୬୨୭୫୧୪

ପିଲାଙ୍କ ଆମରିସତ୍ୟ



ଉତ୍କଳ ଗୌରବ ମଧୁସୂଦନ ଦାସ

(ପିଲାଦିନର ଏକ କଥା)

ତ୍ରିଲୋଚନ ମହାପାତ୍ର

ଜନ୍ମ - ତା ୨୮-୦୪ - ୧୮୪୮ ମସିହା ମୃତ୍ୟୁ -ତା୦୪-୦୨- ୧୯୩୪ ମସିହା

ଜନ୍ମସ୍ଥାନ - ସତ୍ୟଭାମାପୁର, କଟକ।

ପିତା ଚୌଧୁରୀ ରଘୁନାଥ ଦାସ ରକ୍ଷଣଶୀଳ ଥିଲେ ବି ମଧୁସୂଦନଙ୍କୁ କଟକର ଇଂରାଜୀ ସ୍କୁଲରେ ପଢ଼ାଇବାକୁ ନିଷ୍ପତ୍ତି କଲେ। ଖବରଟି ଗାଆଁକୁ ଗାଆଁ ବ୍ୟାପିଗଲା। କଲିକତାରେ ଇଂରାଜୀ ପାଠପଢ଼ା ହେଉଥିଲେ ବି ଓଡ଼ିଶାରେ ଏ ପାଠ ପଢ଼ିବା ଆଶ୍ଚର୍ଯ୍ୟଜନକ ଘଟଣା ଥିଲା। ଏଣୁ ମଧୁସୂଦନଙ୍କୁ ଦେଖିବା ଲାଗି ବିଭିନ୍ନ ଗାଁର ଲୋକେ ଚୌଧୁରୀଙ୍କ ଦାଣ୍ଡରେ ହାଜର। ୧୮୫୬-୫୭ ମସିହାରେ ଓଡ଼ିଶାରେ ତିନୋଟି ସ୍କୁଲରେ ଇଂରାଜୀ ପଢ଼ା ହେଉଥିଲା। ଛାତ୍ରସଂଖ୍ୟା ଥିଲା ୧୬୯। ସେଥିରୁ ଅଧିକାଂଶ ଥିଲେ ବଂଗାଳୀ।

ଜ୍ୟୋତିଷ ଆସିଲେ। ପାଞ୍ଜିଦେଖି ଶୁଭସମୟ ସ୍ଥିର କଲେ। ଗ୍ରାମଦେବତୀଙ୍କ ମାଜଣା ହେଲା। ମଧୁସୂଦନ ମାଣିଆବନ୍ଧି ଧୋତି ଉପରେ ମିରିଜାଇ ପିନ୍ଧିଲେ। ତାଙ୍କ ମୁଣ୍ଡରେ ଥିବା ଚୁଟି ବେଣ୍ଟିଟିକୁ ଲମ୍ବେଇ ଦେଲେ। ପାଲିଙ୍କିରେ ବସିଲେ। ପାଲିଙ୍କି ପଛେ ପଛେ ଦେଖଣାହାରୀଙ୍କ ପଟୁଆର କିଛି ବାଟ ଯାଇ ଫେରିଲା। କିଏ କହିଲା- ଇଂରାଜୀ ପାଠପଢ଼ି ମଧୁସୂଦନ ମୁନ୍‌ସୀ ହେବ। କିଏ କହିଲା - ସିରସ୍ତାଦାର ହେବ। ତାଙ୍କ ସଂପର୍କୀୟ ଚୌଧୁରୀ ଲୋକନାଥ ଦାସ ତାଙ୍କ ବାଘୁଆ ନିଶ ହଳକ ଦୁଇ ହାତରେ ସାଉଁଳି ସାଉଁଳି କହିଲେ - ମଧି ଦୋପଟୀ ହେବ। କଟକର ଇଂରାଜୀ ସ୍କୁଲରେ ତାଙ୍କ ନାମ ଲେଖାହେଲା। ସେଠାରେ ଶିକ୍ଷକ ଓ ଛାତ୍ର ପ୍ରାୟ ସମସ୍ତେ ଥିଲେ ବଂଗାଳୀ। ମୁଣ୍ଡରେ ଚୁଟି ରଖି ଦେହରେ ଖଦୀ ତନ୍ତବୁଣା ମିରିଜାଇ ଓ ପାଦରେ ମରହଟୀ ପାଣ୍ଡୋଇ ପିନ୍ଧି ଇଂରାଜୀ ପଢ଼ିବାକୁ ଆସିଥିବା ଏଇ "ଉଡ଼ିଆ" ପିଲାକୁ ସମସ୍ତେ ପରିହାସ କଲେ। ଓଡ଼ିଶାକୁ ଇଂରାଜୀ ସାର୍ଟ ନଆସିଥିବାରୁ ସେ ହାତବୁଣା ଜାମା ବା ମିରିଜାଇ ପିନ୍ଧୁଥିଲେ। ବଂଗାଳୀମାନେ ସଉକରେ ଛୋଟବାଳ ରଖୁଥିଲେ। ମଧୁସୂଦନଙ୍କ ଗଣ୍ଠିପକା ଚୁଟି ସେମାନଙ୍କୁ ସୁଖ ଲାଗୁନଥିଲା। ଜଣେ ସହପାଠୀ ମଉକା ଦେଖି କଇଁଚିରେ ଚୁଟିଟିକୁ କାଟିଦେଲା। ଅଘଟଣ ଘଟିବା ଆଶଂକାରେ ମଧୁ କିଛି କହିପାରିନଥିଲେ।

ଜଟଣୀ,ଖୋର୍ଦ୍ଧା। ଦୂରଭାଷ-୯୯୩୮୯୯୪୮୨୨

ସିନ୍ଧୁତାଇ ସପ୍‌କଲ୍

ଜନ୍ମ-୧୪-୧୧-୧୯୪୮ ,ସ୍ଥାନ- ୱାର୍ଦ୍ଧା, ମହାରାଷ୍ଟ୍ର। ସିନ୍ଧୁତାଇ ୧୨ ବର୍ଷ ବୟସରେ ବିବାହ କରିଥିଲେ। ମହାରାଷ୍ଟ୍ରର ନୱର ଗାଁରେ ତାଙ୍କର ଶାଶୁଘର। ସ୍ୱାମୀଙ୍କଠାରୁ ସେ ଭଲ ବ୍ୟବହାର ପାଉନଥିଲେ। ସାମାଜିକ କାର୍ଯ୍ୟରେ ସମୟ ଦେଲେ। ଅନାଥ ଶିଶୁମାନଙ୍କର ସେବା କଲେ। ତାଙ୍କର ଗୋଟିଏ ଝିଅ ଏବଂ ତିନୋଟି ପୁଅ କିନ୍ତୁ ଏବେ ସେ ୧୪୦୦ ଅନାଥ ଶିଶୁମାନଙ୍କର ଜନନୀ। ସେ ଅନାଥର ମାତା ରୂପେ ପରିଚିତ। ତାଙ୍କର ଏ ସମାଜସେବା ପାଇଁ ସେ ୨୭୦ରୁ ଅଧିକ ସମ୍ମାନ ପାଇଛନ୍ତି। ୨୦୧୭ ରେ ରାଷ୍ଟ୍ରପତିଙ୍କଠାରୁ ନାରୀଶକ୍ତି ସମ୍ମାନରେ ମଧ ସେ ସମ୍ମାନୀତ।

ଭାରତ ରତ୍ନ ରାଜୀବ ଗାନ୍ଧୀ

ଜନ୍ମ - ୨୦-୦୮-୧୯୪୪, ମୁମ୍ବାଇ

ଦେହାନ୍ତ-୨୧-୦୫-୧୯୯୧,ଶ୍ରୀପେରୁମବୁଦର,ତାମିଲନାଡୁ

ପ୍ରଧାନମନ୍ତ୍ରୀ -ଭାରତର ଷଷ୍ଠ ପ୍ରଧାନମନ୍ତ୍ରୀ।

ସମୟ - ୩୧ ଅକ୍ଟୋବର ୧୯୮୪ ରୁ ୨ ଡିସେମ୍ବର ୧୯୮୯।

ସ୍ତ୍ରୀ - ଆଣ୍ଟୋନିୟା ମାଇନୋ - ବିବାହ ପରେ - ସୋନିଆ ଗାନ୍ଧୀ।

ପୁତ୍ର - ରାହୁଲଗାନ୍ଧୀ, କନ୍ୟା - ପ୍ରିୟଙ୍କା

୧୯୭୦ - ଏୟାର ଇଣ୍ଡିଆ ବୈମାନିକଭାବେ ନିଯୁକ୍ତି।

ବିମାନଦୁର୍ଘଟଣାରେ ସଞ୍ଜୟ ଗାନ୍ଧୀଙ୍କ ଦେହାନ୍ତ ପରେ ରାଜନୀତିରେ ସେ ଯୋଗଦାନ କରିଥିଲେ। ୧୯୮୧ ରେ ଆମେଥିରୁ ଲୋକସଭା ସଦସ୍ୟ ହେଲେ। ପରେ କଂଗ୍ରେସର ସଂପାଦକ ମଧ ଥିଲେ।

୧୯୯୧ ମେ ୨୧ - ତାମିଲନାଡୁର ଶ୍ରୀ ପେରିମ୍ବୁଦୂରରେ ଆତ୍ମଘାତୀ ବିସ୍ଫୋରଣରେ ତାଙ୍କର ଦେହାନ୍ତ ହୋଇଥିଲା।

୧୯୯୧ ରେ ସେ- "ଭାରତ ରତ୍ନ ସମ୍ମାନ" ପାଇଥିଲେ। ।

ସୁଷମା ପାଣିଗ୍ରାହୀ

ସୁଷମା ପାଣିଗ୍ରାହୀ - ଓଡ଼ିଶାର ପ୍ରଥମ ମହିଳା ଇସ୍ରୋ ବୈଜ୍ଞାନିକ।

ଜନ୍ମ - ୧୭ ଅକ୍ଟୋବର, ୧୯୫୨, ଆସ୍କା (ଗଞ୍ଜାମ ଜିଲ୍ଲା)।

୧୯୭୪ -ଉଦ୍ଭିଦ ବିଜ୍ଞାନରେ ସ୍ନାତକୋତ୍ତର,ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।

୧୯୮୨ - ପି.ଏଚ୍.ଡ଼ି ଡିଗ୍ରୀ ଆଇଆଇଟି, ଖଡ଼ଗପୁର।

୧୯୮୩ - ଇସ୍ରୋ ଅହମ୍ମଦାବାଦରେ ଯୋଗଦାନ।

୩୦ ବର୍ଷ ଧରି - ବିପର୍ଯ୍ୟୟ ପରିଚାଳନା, ବାତ୍ୟା, ବନ୍ୟା ଏବଂ ଫସଲ ପରିଚାଳନା କ୍ଷେତ୍ରରେ ନିଷ୍ଠାପର କାର୍ଯ୍ୟ।

ଦେହାନ୍ତ-୧୦-୦୫-୨୦୨୦, ୬୭ ବର୍ଷ ବୟସରେ ପରଲୋକ।

ନକଲି ସୁବର୍ଣ୍ଣରେ ଅଧିକ କାନ୍ତି ଥାଏ।

କିଛି ଜାଣିବା କଥା

୧. ପୁରା ଜୀବନରେ ଆମର ମସ୍ତିଷ୍କ ପାଖାପାଖି ୧୦ ଲକ୍ଷ ଜିବି ଡାଟା ଷ୍ଟୋର କରିଥାଏ।
୨. ଗୋଟିଏ ସିଗାରେଟ ମନୁଷ୍ୟ ଜୀବନର ଆୟୁଷରୁ ୧ ମିନିଟ୍ କମ୍ କରିଦିଏ।
୩. ପେଚ଼ା ଏକମାତ୍ର ପକ୍ଷୀ ଯିଏ କି ନୀଳରଙ୍ଗ ଦେଖିପାରେ।
୪. ବର୍ଷାବୁନ୍ଦାର ସୁଗନ୍ଧ, ଭିଟାମିନ୍ ବି -୧୨ କାରଣରୁ ଆସିଥାଏ।
୫. ଖୋଲା ଆଖିରେ ଆକାଶରେ ଆମେ କେବଳ ୨୫୦୦ ତାରା ଦେଖିପାରିବା।

କରୋନା ଭୂତାଣୁ

ଜଣେ କରୋନା ରୋଗୀର ନାକରୁ ନିଆଯାଇଥିବା ସ୍ୱାବ୍ (ନାସୋଫାରିନ୍ ଜିଆଇ) ରେ ପ୍ରାୟ ୧ ହଜାର କୋଟି ଭୂତାଣୁ ଥାଏ। ଏହି ଭୂତାଣୁ କୌଣସି ଜୀବିତ ପ୍ରାଣୀ (ମଣିଷ) ଦେହରେ ପ୍ରବେଶ କରିବା ମାତ୍ରେ ପ୍ରତି ସେକେଣ୍ଡରେ ଶହ ଶହ ଭୂତାଣୁ ସୃଷ୍ଟି କରିଥାଏ।

ଆମ ଶରୀର କରୋନା ଭୂତାଣୁ ସହ ଲଢ଼ିବାକୁ ସକ୍ଷମ। ରୋଗ ପ୍ରତିରୋଧକ ଶକ୍ତିଥିବା ଲୋକଙ୍କଦ୍ୱାରା ଏହା ସମ୍ଭବ।

(ବୈଜ୍ଞାନିକ ଡା.ଅରୁପ, ଥିରୁଅନନ୍ତପୁରମ୍)

ଭାରତରେ ଘୂର୍ଣ୍ଣିଝଡ଼

୧୯୬୫ ମସିହାରୁ ୨୦୨୦ ମସିହା ଭିତରେ ଭାରତର ସାମୁଦ୍ରିକ ତଟରେ ୧୪୮ ଘୂର୍ଣ୍ଣିଝଡ଼ ହୋଇଛି। ସାମୁଦ୍ରିକ ଝଡ଼ ମଧ୍ୟରେ ୧୯୬୮, ୧୯୭୭, ୧୯୭୯, ୧୯୯୯, ୨୦୦୧, ୨୦୧୯ ବିପୁଳ କ୍ଷତି ଘଟାଇଛି।

ଓଡ଼ିଶା - ୨୧ ବର୍ଷ ମଧ୍ୟରେ ୬ଟି ସାମୁଦ୍ରିକ ଝଡ଼। ଯଥା - ୧୯୯୯ ମହାବାତ୍ୟା, ୨୦୧୩ - ଫାଇଲିନ୍, ୨୦୧୪ - ହୁଡୁହୁଡ, ୨୦୧୮ - ତିତିଲି, ୨୦୧୯ - ଫଣି ଏବଂ ୨୦୨୧ - ଆମ୍ଫନ।

- ମହାବାତ୍ୟା - ୨୬୭ କି.ମି, ଫଣି - ୨୫୦ କି.ମି, ଫାଇଲିନ୍ - ୨୧୫ କି.ମି, ହୁଡୁହୁଡୁ - ୧୮୫ କି.ମି ଏବଂ ତିତିଲି - ୧୧୦ କି.ମି

ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆରବ ସାଗର ଘୂର୍ଣ୍ଣିଝଡ଼ ଅପେକ୍ଷା ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିଝଡ଼ ଅତ୍ୟନ୍ତ ଘାତକ ଅଟେ।

ଓଡ଼ିଶାରେ ବାତ୍ୟା ଜନିତ ମୃତ୍ୟୁ ସଂଖ୍ୟା

ମସିହା	ବାତ୍ୟାର ନାମ	ମୃତ୍ୟୁସଂଖ୍ୟା
୧୯୯୯	ମହାବାତ୍ୟା	୧୦,୦୦୦
୨୦୧୩	ଫାଇଲିନ୍	୪୪
୨୦୧୪	ହୁଡୁହୁଡ	୦୩
୨୦୧୮	ତିତିଲି	୫୯(୧୨ ନିଖୋଜ)
୨୦୧୯	ଫନି	୬୪
୨୦୧୯	ବୁଲବୁଲ	୦୨
୨୦୨୦	ଆମ୍ଫାନ୍	୦୦

ଅତ୍ୟଧିକ ମିଠା ଖାଇବା ହାନିକାରକ

ମିଠା ଏକ ମନଲୋଭା ଖାଦ୍ୟ। ଅତ୍ୟଧିକ ମିଠା ଖାଇଲେ ଏହାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡ଼େ। ମିଠା ଖାଇବା ବ୍ୟକ୍ତିମାନଙ୍କଠାରୁ ମିଠା କମ୍ ଖାଇବା ବ୍ୟକ୍ତିମାନଙ୍କ ମଧ୍ୟରେ ସ୍ମରଣ ଶକ୍ତିରେ ତାରତମ୍ୟ ଦେଖାଦେଉଛି। (ପୁଷ୍ଟିବିକାଶ, ଟୋକିଓ, ୟୁନିଭରସିଟି)

କିଛି କୌତୁକିଆ ପ୍ରଶ୍ନ-

୧. ଲୋହିତ ଗ୍ରହଟି କାହାକୁ କହନ୍ତି ?
୨. ମାଇ ଅଣ୍ଡିରା ସିଂହ ମଧ୍ୟରେ ପ୍ରଭେଦ କିପରି ଜାଣି ପାରିବା ?
୩. କେଉଁ ଗୋରାସାହେବଙ୍କର ହତ୍ୟା ଅଭିଯୋଗରେ ରଘୁଦିବାକର ଫାଶି ପାଇଥିଲେ ?
୪. ସନ୍ଥକବି ଭୀମଭୋଇ କେଉଁ ଧର୍ମ ପ୍ରଚ଼ାର କରିଥିଲେ ?
୫. କେଉଁ ମାଂସାଶୀ ପ୍ରାଣୀର କ୍ଷୀରରେ ସର୍ବାଧିକ ପ୍ରୋଟିନ୍ ଥାଏ ?
୬. ଗୋଟିଏ ଝୁଡିରେ ୧୦ଟି ଫୁଲ ଥିଲା। ତୁମେ ସେଥିରୁ ୪ଟି ନେଲାପରେ ତୁମ ପାଖରେ କେତୋଟି ଫୁଲ ରହିଲା ?
୭. ଗୋଟିଏ ଗଭୀର କୂଅରେ ୮ଟି ବେଙ୍ଗ ରହୁଥିଲେ। ଜଣେ ପଥର ପକାଇ ଗୋଟିଏ ବେଙ୍ଗ ମାରିଦେଲା। ତେବେ କୂଅରେ କେତୋଟି ବେଙ୍ଗ ରହିଲେ ?
୮. ଗୋଟିଏ ଓଦା ଲୁଗା ଶୁଖିବାକୁ ୧୦ ମିନିଟ୍ ସମୟ ଲାଗେ। ତେବେ ସେହିପ୍ରକାର ୪ଟି ଲୁଗା ଶୁଖିବାକୁ କେତେ ସମୟ ଲାଗିବ ?
୯. ୩୬୫ ଦିନର ଥିବା ବର୍ଷର ପ୍ରଥମ ଦିନଟି ଯଦି ଶୁକ୍ରବାର ପଡେ ଶେଷ ଦିନଟି କେଉଁ ବାରରେ ପଡିବ ?
10. (x-a)(x-b)(x-c)......(x-y)(x-z)=କେତେ ହେବ

ଉତ୍ତର

୧. ମଙ୍ଗଳ। ୨. କେଶର କେବଳ ପୁରୁଷ ସିଂହର ଥାଏ। ୩. ମେଜର ଆର. ଏଲ. ବେଜେଲଗେଟ୍। ୪. ମହିମା ଧର୍ମ। ୫. ହେଟାବାଘ। ୬. ୪ଟି ଫୁଲ। ୭. ୮ଟି ବେଙ୍ଗ। ୮. ୧୦ ମିନିଟ୍। ୯. ଶୁକ୍ରବାର ପଡିବ, ୧୦.୦ (ଶୂନ)

ଜୁନ୍ ୫ – ବିଶ୍ୱ ପରିବେଶ ଦିବସ :-

ପରିବେଶ ଏବଂ ଜୀବନ ମଧ୍ୟରେ ସମ୍ପର୍କ ଅତୁଟ। ପରିବେଶର ପ୍ରଦୂଷଣ ଜନଜୀବନକୁ ପ୍ରଭାବିତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ୧୯୭୨ ମସିହାରେ ଷ୍ଟକ୍‌ହୋମ (ସିଡ଼ନୀ) ରେ ବିଶ୍ୱର ପ୍ରଥମ ପରିବେଶ ସମ୍ମିଳନୀ କରିଥିଲା। ଏଥିରେ ୧୧୯ଟି ଦେଶ ଯୋଗ ଦେଇଥିଲେ। ଏହି ସମ୍ମିଳନୀରୁ ସଂଯୁକ୍ତ ରାଷ୍ଟ୍ର ପରିବେଶ କାର୍ଯ୍ୟକ୍ରମ (UNEP) ର ଜନ୍ମ। ମିଳିତ ଜାତିସଂଘ ଅନୁସାରେ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ପାଳନ ପାଇଁ ସ୍ଥିରହେଲା। ଏଥିରେ ଜଳ, ବାୟୁ, ଭୂମି ତିନୋଟି ସମ୍ବନ୍ଧିତ ବିଷୟଗୁଡ଼ିକ ଉପରେ ଗୁରୁତ୍ୱ ଦିଆଗଲା। ପୃଥିବୀ, ମାନବ, ଜୀବଜନ୍ତୁ ସୁରକ୍ଷା ପାଇଁ ପ୍ରଦୂଷଣ ରୋକିବା ଆମର କର୍ତ୍ତବ୍ୟ।

ଜୁନ୍ ୧୪ – ବିଶ୍ୱ ରକ୍ତଦାନ ଦିବସ :-

ଶରୀର ବିଜ୍ଞାନରେ ନୋବେଲ ପୁରସ୍କାରପ୍ରାପ୍ତ ପ୍ରସିଦ୍ଧ ବୈଜ୍ଞାନିକ କାର୍ଲ ଲେଇଷ୍ଟାଇନ (Carl Lelstain) ଙ୍କୁ ମନେରଖିବା ଉଦ୍ଦେଶ୍ୟରେ ଏହି ଦିବସଟି ପାଳନ କରାଯାଉଛି। ଏହି ଦିବସର ଉଦ୍ଦେଶ୍ୟ ରକ୍ତଦାନକୁ ପ୍ରୋତ୍ସାହିତ କରିବା ଏବଂ ଏହାସହ ଜଡ଼ିତ ସଂଶୟକୁ ଦୂରକରିବା। ୧୪ ଜୁନ୍ ୧୮୬୮ ରେ କାର୍ଲ ଲେଇଷ୍ଟାଇନଙ୍କର ଜନ୍ମ। ସେ ରକ୍ତର ବର୍ଗୀକରଣ ଦ୍ୱାରା "ଏ", "ବି"ଏବଂ "ଓ" ରେ ବର୍ଗୀକରଣ କରିଥିଲେ। ଏହି ବର୍ଗୀକରଣ ଚିକିତ୍ସା ବିଜ୍ଞାନକୁ ବହୁତ ସାହାଯ୍ୟ କରିଥିଲା।

୧୯୯୭ ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ସ୍ୱେଚ୍ଛାକୃତ ରକ୍ତଦାନ କାର୍ଯ୍ୟକ୍ରମରେ ୧୨୪ଟି ପ୍ରମୁଖ ଦେଶକୁ ସାମିଲ ହେବାପାଇଁ ଆହ୍ୱାନ ହୋଇଥିଲା।

ରିସର୍ଚ୍ଚ ଅନୁସାରେ ଭାରତର ରକ୍ତର ଆବଶ୍ୟକତାର ୭୫% ଉପଲବ୍ଧ ହୋଇଥାଏ। ଏହି ତୁଳନାରେ ନେପାଳରେ ୯୦%, ଶ୍ରୀଲଙ୍କା ୬୦%, ଥାଇଲାଣ୍ଡରେ ୯୫%, ଇଣ୍ଡୋନେସିଆରେ ୭୭% ରକ୍ତ ଉପଲବ୍ଧ ହୁଏ। ଭାରତ ଏମାନଙ୍କ ପଛରେ ଅଛି। କିନ୍ତୁ ରେଡ଼କ୍ରସ୍ ମାଧ୍ୟମରେ ଏହାକୁ ୯୫% କରିବାକୁ ପ୍ରଚେଷ୍ଟା ଚାଲିଛି। ନିୟମିତ ରକ୍ତଦାନ କରିବାଦ୍ୱାରା ଶରୀର ସୁସ୍ଥ ରହେ। ୧୮ ବର୍ଷରୁ ୬୦ ବର୍ଷର ବ୍ୟକ୍ତିମାନେ ରକ୍ତଦାନ କରିପାରିବେ। ଯେଉଁମାନଙ୍କର ଓଜନ ୪୫ କି.ଗ୍ରାରୁ ବେଶୀ, ସେମାନେ ହେପାଟାଇଟିସ୍ ବି, ସି କିମ୍ବା ଏଚ୍.ଆଇ.ଭି ସଂକ୍ରମିତ ହୋଇନଥିବେ ସେମାନେ ରକ୍ତ ଦେଇ ପାରିବେ। ୩ ମାସରେ ଥରେ ରକ୍ତଦାନ ଜଣେ କରିପାରିବ। ଶରୀରରେ ରକ୍ତ ତିଆରି ପ୍ରକ୍ରିୟା ନିରନ୍ତର ଚାଲିଥାଏ।

ଜୁନ୍ ୨୧ – ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ :-

୧୧ ଡିସେମ୍ବର, ୨୦୧୪ ରେ ସଂଯୁକ୍ତ ରାଷ୍ଟ୍ରରେ ୧୭୭ ସଦସ୍ୟଙ୍କ ଦ୍ୱାରା ୨୧ ଜୁନ୍‌କୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ରୂପେ ପାଳନ କରିବାପାଇଁ ମଞ୍ଜୁରୀ ମିଳିଲା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୨୭ ଡିସେମ୍ବର, ୨୦୧୪ର ସଂଯୁକ୍ତ ରାଷ୍ଟ୍ର ମହାସଭାରେ ଦେଇଥିବା ଉଦ୍‌ବୋଧନର ଏହା ଫଳ। ଏହି ପ୍ରସ୍ତାବକୁ ମାତ୍ର ୯୦ ଦିନ ମଧ୍ୟରେ ପାଳନ କରାଯାଇଥିଲା। ଯୋଗର ମହତ୍ତ୍ୱ ଅଧିକ। ରବିଶଙ୍କର କୁହନ୍ତି, ଯୋଗ ଆପଣଙ୍କୁ ଏକ ପିଲା ସଦୃଶ କରିଦେବ। ଯେଉଁଠାରେ ଯୋଗ ଏବଂ ବେଦାନ୍ତ ଅଛି, ସେଠାରେ କେବେ ଅଶୁଦ୍ଧତା, ଅଜ୍ଞାନତା ଏବଂ ଅନ୍ୟାୟ ନଥାଏ। ଆମେ କୌଣସି ପ୍ରକାର ଯୋଗକୁ ଦୁନିଆର ସମସ୍ତଙ୍କ ପାଖରେ ପହଞ୍ଚାଇ ପାରିଲେ, ଦୁଃଖରୁ ମୁକ୍ତିଲାଭ ହେବ। ପତଞ୍ଜଳୀ ଯୋଗଗୁରୁ ରାମଦେବ ମଧ୍ୟ "ଯୋଗ"କୁ ସାର୍ବଜନୀନ କରିବାପାଇଁ ଅନେକ ପ୍ରଚେଷ୍ଟା କରି ସୁନାମ ଅର୍ଜନ କରିପାରିଛନ୍ତି।

ଜୁନ୍ ୨୬ – ଅନ୍ତରାଷ୍ଟ୍ରୀୟ ମାଦକ ଦ୍ରବ୍ୟ ନିଷେଧ ଦିବସ

ନିଶାପାଇଁ ବ୍ୟବହାର କରାଯାଇଥିବା ମାଦକ ଦ୍ରବ୍ୟର ବ୍ୟବହାର ନକରିବା ଉଦ୍ଦେଶ୍ୟରେ ସଂଯୁକ୍ତ ରାଷ୍ଟ୍ର ସହାସଭା ୭ ଡିସେମ୍ବର, ୧୯୮୭ ମସିହାରେ ୨୬ ଜୁନ୍‌କୁ "ଅନ୍ତରାଷ୍ଟ୍ରୀୟ ନିଶା ନିରୋଧ ଦିବସ" ପାଳନ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ନିଶାଦ୍ରବ୍ୟ ବ୍ୟବହାରର ଅପକାରିତା ସଂପର୍କରେ ସଚେତନ ଏବଂ ନିଶାଦ୍ୱାରା କ୍ଷତିଗ୍ରସ୍ତମାନଙ୍କର ଉପଚାର।

ଜୁଲାଇ ୧୧ - ବିଶ୍ୱ ଜନସଂଖ୍ୟା ଦିବସ :-

ବିଶ୍ୱ ଜନସଂଖ୍ୟା ଦିବସକୁ ୧୧ ଜୁଲାଇରେ ପାଳନ କରାଯାଏ। ଏହି ଦିବସ ପାଳନର ଉଦ୍ଦେଶ୍ୟ - ଜନସଂଖ୍ୟା ବୃଦ୍ଧି ଜନିତ ସମସ୍ୟା ସଂପର୍କରେ ସଚେତନ ହେବା ସହ ଜନସଂଖ୍ୟା ନିୟନ୍ତ୍ରଣ ଉପାୟ ସଂପର୍କରେ ଜାଣିବା। ଏଥିସହ ପରିବାର ନିୟୋଜନ, ଲିଙ୍ଗ ସମାନତା, ଦରିଦ୍ରତା, ମାତୃସ୍ୱାସ୍ଥ୍ୟ ଏବଂ ମାନବିକ ଅଧିକାର ସଂପର୍କରେ ସଚେତନ କରାଇବା।

ଜୁଲାଇ ୨୩ - ରାଷ୍ଟ୍ରୀୟ ପ୍ରସାରଣ ଦିବସ :-

ଭାରତରେ ଏହି ଦିବସଟିକୁ ପ୍ରତିବର୍ଷ ୨୩ ଜୁଲାଇରେ ପାଳନ କରାଯାଇଥାଏ। ୨୩ ଜୁଲାଇ, ୧୯୨୭ ମସିହାରେ ଇଣ୍ଡିଆନ୍ ପ୍ରସାରଣ କଂପାନୀ ବମ୍ବେ ଷ୍ଟେସନରେ ରେଡ଼ିଓ ପ୍ରସାରଣ ଆରମ୍ଭ କରିଥିଲା। ଏହାର ପ୍ରଥମ କାର୍ଯ୍ୟକ୍ରମ ରେଡ଼ିଓ କ୍ଲବ୍‌ଦ୍ୱାରା ୧୯୨୭ରେ ପ୍ରସାରଣ ହେଲା। ୧୯୨୭ ମସିହାରେ ଦୁଇଟି ପ୍ରାଇଭେଟ୍ ଟ୍ରାନ୍ସମିଟର ଯୋଗେ ବମ୍ବେ ଏବଂ କଲିକତାରେ ଏହା ପ୍ରସାରଣ ହେଲା। ୧୯୩୦ ରେ ସରକାର ଏହି ଟ୍ରାନ୍ସମିଟରକୁ ନିଜ ହାତକୁ ନେଲେ। ଏହାକୁ ଭାରତୀୟ ପ୍ରସାରଣ ସେବା" ଭାବରେ ପରିଚାଳନା କରାଗଲା।

୧୯୩୬ ରେ ଏହାର ନାମକୁ ପରିବର୍ତ୍ତନ କରି "ଅଲ୍ ଇଣ୍ଡିଆ ରେଡ଼ିଓ" କରାଗଲା। ୧୯୫୭ରେ ଏହା "ଆକାଶବାଣୀ" ରୂପେ ପ୍ରସାରିତ ହେଲା। ଆକାଶବାଣୀ ଜନସାଧାରଣଙ୍କୁ ଶିକ୍ଷିତ, ସୂଚନା ଏବଂ ମନୋରଞ୍ଜନ ଦେଉଅଛି। ଭାଷା ଦୃଷ୍ଟିକୋଣରୁ ଏହା ବିଶ୍ୱର ସବୁଠାରୁ ବଡ଼ ପ୍ରସାରଣ ସେବା। ବର୍ତ୍ତମାନ ପ୍ରାୟ ୪୧୩ ଷ୍ଟେସନ, ୨୩ ଭାଷା ଏବଂ ୧୪୬ଟି ସ୍ଥାନୀୟଭାଷାରେ ପ୍ରସାରଣ କାର୍ଯ୍ୟ ଚାଲୁରହିଛି।

ଜୁଲାଇ ୨୮ - ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ

ବର୍ତ୍ତମାନ ପ୍ରକୃତି କୋଳରେ ଥିବା ଜୀବଜନ୍ତୁ ଏବଂ ବୃକ୍ଷରାଜିର କ୍ଷୟ ଘଟୁଛି। ଅନେକ ପ୍ରାଣୀ ଏବଂ ବୃକ୍ଷର ଅଭାବ ପରିଲକ୍ଷିତ ହେଉଛି। ଜଳ, ଜଙ୍ଗଲ ଏବଂ ମାଟି ବିନା ପ୍ରକୃତିର ମାନେ କିଛିନାହିଁ। ଯେଉଁଦେଶରେ ଏହି ତିନୋଟି ସମ୍ପଦ ଭରପୁର ଅଛି। ତାହାର ଅଭାବ କିଛି ପରିଲକ୍ଷିତ ହୁଏ ନାହିଁ। ପୃଥିବୀ ପ୍ରଦୂଷିତ ହେବାରେ ଲାଗିଛି। ଏହାକୁ ଏଥିରୁ ମୁକ୍ତ କରିବାକୁ ହେବ।

୧୯୯୨ରେ ବ୍ରାଜିଲରେ ବିଶ୍ୱର ୧୭୪ଟି ଦେଶର "ବିଶ୍ୱ

ସମ୍ମିଳନୀ" ଅନୁଷ୍ଠିତ ହୋଇଥିଲା। ଏହାପରେ ୨୦୦୨ ରେ ଜୋହାନ୍‌ବର୍ଗରେ ବିଶ୍ୱ ସମ୍ମିଳନୀ ବିଶ୍ୱର ସବୁଦେଶ ପରିବେଶ ସଂରକ୍ଷଣ ପାଇଁ ଚିନ୍ତା ପ୍ରକଟ କରିଥିଲେ।

ପ୍ରକୃତିର ସଂରକ୍ଷଣ, ଜୀବନର ସଂରକ୍ଷଣ।

ତେଣୁ ଏହି ଦିନଟିକୁ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳନ ପାଇଁ ସ୍ଥିର କରାଗଲା।

ଜୁଲାଇ ୨୯ - ଅନ୍ତରାଷ୍ଟ୍ରୀୟ ବାଘ ଦିବସ :-

୨୦୧୦ ମସିହାରେ ରୁଷ୍ ଷ୍ଟେଟ୍ ପିଟରସ୍‌ବର୍ଗରେ ଏକ ବାଘଉପରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ୨୯ ଜୁଲାଇକୁ ଅନ୍ତରାଷ୍ଟ୍ରୀୟ ବାଘ ଦିବସ ପାଳନ ପାଇଁ ଭାଗ ନେଇଥିବା ୧୩ଟି ଦେଶ ସମ୍ମତି ପ୍ରକାଶ କରିଥିଲେ ଏବଂ ୨୦୨୦ ସୁଦ୍ଧା ଏହାର ସଂଖ୍ୟା ଦୁଇଗୁଣ ହେବାପାଇଁ ଲକ୍ଷ୍ୟ ରଖାଯାଇଛି।

ବାଘ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟିକରିବା ଏହାର ଉଦ୍ଦେଶ୍ୟ। ଏକ ଅନୁସଂଧାନରୁ ଜଣାଯାଇଛି ଯେ ବିଗତ ୧୦୦ ବର୍ଷ ମଧ୍ୟରେ ବାଘର ସଂଖ୍ୟା ୯୭% ହ୍ରାସ ଘଟିଛି। ୱାର୍ଲଡ଼ ଟାଇଗର ଲାଇଫ ଫଣ୍ଡ ଏବଂ ଗ୍ଲୋବାଲ ଟାଇଗର ଫୋରମ ୨୦୧୬ ରିପୋର୍ଟ ଅନୁସାରେ ବିଶ୍ୱରେ ପ୍ରାୟ ୬୦୦୦ ବାଘ ଅଛନ୍ତି। ଯେଉଁମାନଙ୍କ ମଧ୍ୟରୁ ୩୮୯୧ଟି ବାଘ ଭାରତରେ ଅଛନ୍ତି। ପ୍ରକାଶ ଥାଉ କି ୧୯୧୫ ମସିହା ଭିତରେ ବାଘ ସଂଖ୍ୟା ୧ ଲକ୍ଷ ଥିଲା।

ମାଟିଆ ଭାଲୁ

ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର

ମାଟିଆ ବା ଧୂସର ରଙ୍ଗର ଏକପ୍ରକାର ଭାଲୁ ଆମ ଭାରତର କାଶ୍ମୀର, ଲଦାଖ ଓ ହିମାଳୟ ଅଞ୍ଚଳ ଏବଂ ଭୂଟାନ, ନେପାଳ, ଇଉରୋପ ଓ ଉତ୍ତର ଆମେରିକାରେ ବାସ କରନ୍ତି। ଭାରତରେ ବାସ କରୁଥିବା ଅନ୍ୟାନ୍ୟ ଭାଲୁଠାରୁ ଏମାନେ ଅଲଗା ଅଟନ୍ତି। କିନ୍ତୁ ଏହି ମାଟିଆ ବା ଧୂସର ରଙ୍ଗର ଭାଲୁ ଆମ

ଭାରତରେ ଗାଢ଼ ଧୂସରିଆ ଓ ଆକାରରେ ଛୋଟ ଅଟନ୍ତି। ଇଂରାଜୀରେ ଏମାନଙ୍କର ନାମ Brown Bear ଓ ବୈଜ୍ଞାନିକ ନାମ ହେଉଛି Vrsus arctos ।ପୁରୁଷ ମାଟିଆ ଭାଲୁର ଦେହ ଲମ୍ବ ୨୧୦ ରୁ ୨୪୫ ସେ.ମି ଏବଂ ସ୍ତ୍ରୀ ଭାଲୁ ଶରୀରର ଲମ୍ବ ପ୍ରାୟ ୧୭୦ ସେ.ମି ଅଟେ। ଏମାନଙ୍କର ଓଜନ ୬୦ କି.ଗ୍ରା ରୁ ୧୨୦ କି.ଗ୍ରା ଅଟେ। କିନ୍ତୁ ଋତୁ ପରିବର୍ତ୍ତନ ଅନୁଯାୟୀ ଏମାନଙ୍କର ଦେହର ରଙ୍ଗ କେତେକାଂଶରେ ବଦଳିଥାଏ ଓ ଏଥିସହିତ ବୟସର ବୃଦ୍ଧି ଯୋଗୁଁ ଏମାନଙ୍କର ଦେହର ରଙ୍ଗ ଆସ୍ତେ ଆସ୍ତେ ଫିକା ପଡ଼ିଯାଏ। ହିମାଳୟର ବରଫାବୃତ୍ତ ଅଞ୍ଚଳରେ ରହୁଥିବା ଏହି ଶ୍ରେଣୀର ଭାଲୁମାନଙ୍କର ଲୋମ ଅଧିକ ବହଳ ଥାଏ। ଅତ୍ୟଧିକ ଶୀତ ହେଲେ ଏମାନେ ବରଫତଳେ ମାଟିଭିତରେ ଗାତରେ ଶୋଇ ରହନ୍ତି। ଏହି ସମୟରେ ଏମାନଙ୍କର ଖାଦ୍ୟ ଓ ପାନୀୟର ଆବଶ୍ୟକତା ନଥାଏ। ଶୀତଋତୁ ପରେ ବସନ୍ତଋତୁରେ ଏମାନେ ଗାତରୁ ବାହାରି ଚଳପ୍ରଚଳ କରିଥାନ୍ତି। ବସନ୍ତ ଓ ଗ୍ରୀଷ୍ମଋତୁରେ ବରଫ ତରଳି ଯାଇଥିବାରୁ ବରଫ ତଳେ ଥିବା ପ୍ରସ୍ତର ଖୋଲରୁ ଏମାନେ ପୋକ, ଜୋକ ଓ କୀଟପତଙ୍ଗ ଖାଇଥାନ୍ତି। ଏମାନେ ମଧ୍ୟ ମୂଷା, ଗୁଣ୍ଡୁଚିମୂଷା ଖାଇଥାନ୍ତି। ଗ୍ରୀଷ୍ମଋତୁରେ ଆଖପାଖରେ ଚରୁଥିବା ମେଣ୍ଢା ଓ ଘୋଡ଼ା ଛୁଆମାନଙ୍କୁ ମଧ୍ୟ ମାରି ଖାଇଥାନ୍ତି। ଆଉ ମଧ୍ୟ ବେଳେ ବେଳେ ହିମାଳୟର ପାଦଦେଶକୁ ଆସି ସେଓ, ବରକୋଳି, ମକା ଓ ବାଦାମ କ୍ଷେତରେ ପଶି ଖାଇଥାନ୍ତି। ଏମାନେ ଗଛ ଚଢ଼ିପାରନ୍ତି ନାହିଁ, ତେଣୁ ସ୍ଥଳଭାଗରେ ଓ ପାଖରେ ଥିବା ଫଳକୁ ଖାଇଥାନ୍ତି।

ମେ ଓ ଜୁନ୍ ମାସରେ ଏମାନଙ୍କର ମିଳନ ହୋଇଥାଏ। ଗର୍ଭଧାରଣ ସମୟ ଆଠ ମାସ ଓ ଏମାନେ ଡ଼ିସେମ୍ବର କିମ୍ବା ଜାନୁଆରୀ ମାସରେ ଥରକେ ଗୋଟିଏ ବା ଦୁଇଟି ଛୁଆ ଜନ୍ମ କରିଥାନ୍ତି। ଏମାନେ ୪ ରୁ ୬ ବର୍ଷ ବୟସରେ ପ୍ରାପ୍ତ ବୟସ୍କ ହୁଅନ୍ତି। ଏମାନଙ୍କର ଜୀବନକାଳ ୪୫ ରୁ ୪୭ ବର୍ଷ। ପ୍ରକୃତିର ଏହି ବିଚିତ୍ରମୟ ପ୍ରାଣୀଟିର ସଂଖ୍ୟା ଆଶାତୀତ ଭାବରେ କମି କମି ଗଲାଣି। ଏମାନଙ୍କର ସୁରକ୍ଷା ଆବଶ୍ୟକ।

ଦୂରଭାଷ-୯୪୩୭୩୧୭୬୫୯

ଭାବର ଠାକୁର

ନିଶିକାନ୍ତ କହଲସିଂହ

ପାଣି ଫୋଟକାର ମଣିଷ ଜୀବନ
ନିମିଷେ ମିଳେଇ ଯିବ,
ସକାଳର ଫୁଲ ଦିନସାରା ଫୁଟି
ସଞ୍ଜକୁ ଝାଉଁଳି ଥିବ -୧

ଝାଉଁଳା ଫୁଲର ବଣିକ ବେଳହୁଁ
ଭାବରେ ଭରିଦେ ପୋତ,
ଭାବେ ବନ୍ଧା ଯେଉଁ ଭାବର ଠାକୁର
ନାଆଁ ତା'ର ଜଗନ୍ନାଥ -୦୨

ଲୋକିପୁର,ଖୋରଧା
ଦୂରଭାଷ-୯୭୭୬୧୭୯୦୭୯

ପିଲାଙ୍କ ଆମରିସତ୍ୟ

ପିଲାମାନେ,

ତୁମମାନେ ନିଜ ରଚିତ ଲେଖା,ଜାଣିବାକଥା, କୌତୁକିଆ ପ୍ରଶ୍ନ ,ଚିତ୍ର ଇତ୍ୟାଦି ପ୍ରକାଶ କରିବା ନିମନ୍ତେ 'ଆମରି ସତ୍ୟ' ଠିକଣାରେ ଯୋଗାଯୋଗ କର।

ନିଜର ମତାମତ ଦେଲେ ପ୍ରକାଶ ପାଇବ। ମତାମତ ଗୋଟିଏ କିମ୍ବା ଦୁଇଟି ବାକ୍ୟରେ ମୋବାଇଲ ହ୍ୱାଟସ୍ ଆପ୍ ୯୪୩୭୨୮୧୬୫୫ ରେ ପଠାଇ ପାରିବେ।

ସଂପାଦକ

ବିଜ୍ଞାନର ଅଗ୍ରଗତି ମନୁଷ୍ୟର ମଙ୍ଗଳ ନିଶ୍ଚୟ କରିବ ବୋଲି ଯେଉଁମାନେ କହୁଛନ୍ତି, ସେମାନେ ଭ୍ରମରେ ପଡ଼ିଛନ୍ତି।

ସମ୍ବାଦ ବିଚିତ୍ରା

୧. ସାର୍କ ଦେଶମାନଙ୍କରେ ମଧ୍ୟରେ କୋଭିଡ ୧୯ ଏମରଜେନ୍‌ସି ଫଣ୍ଡ ସୃଷ୍ଟି କରିବାପାଇଁ ଭାରତ ଏକ ପ୍ରସ୍ତାବ ରଖିଛି ।

୨. ମହଉଦ୍ଦିନ ୟାସିନଙ୍କୁ ମାଲେସିଆର ନୂଆ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ଦିଆଯାଇଛି ।

୩. ଆମେରିକା ଏବଂ ତାଲିବାନ ମଧ୍ୟରେ ବହୁ ପ୍ରତୀକ୍ଷିତ ଶାନ୍ତି ଚୁକ୍ତି ସ୍ୱାକ୍ଷର ହୋଇଛି ।

୪. ଭାରତରେ କ୍ୟାନ୍‌ସର ଭୟାବହତା ବଢ଼ିବାରେ ଲାଗିଛି। ପ୍ରତିଦିନ ଭାରତରେ ପାଖାପାଖି ୧୩୦୦ ମୃତ୍ୟୁବରଣ କରୁଥିବା ସମୟରେ ପ୍ରତିବର୍ଷ ୧୩ ଲକ୍ଷ କ୍ୟାନ୍‌ସର ରୋଗୀଙ୍କୁ ଚିହ୍ନ କରାଯାଉଛି ।

୫. ମାର୍ଚ୍ଚ ୧୩ ତାରିଖ, ୨୦୨୦ରେ ଗ୍ରୀସ୍‌ର ପ୍ରଥମ ମହିଳା ରାଷ୍ଟ୍ରପତି ରୂପେ କ୍ୟାଟେରିନା ସାକେଲାରୋପୋଲେଭ ଶପଥ ଗ୍ରହଣ କରିଛନ୍ତି।

୬. ଜୟ ବଂଗଳା ବାଂଲାଦେଶର ସ୍ଲୋଗାନ୍ ଅଟେ।

୭. ବିଲ୍ ଗେଟ୍‌ସ୍ ମାଇକ୍ରୋସଫ୍ଟର ପ୍ରତିଷ୍ଠାତା ବୋର୍ଡ଼ ଅଫ୍ ଡାଇରେକ୍ଟରସ୍‌ରୁ ଇସ୍ତଫା ଦେଇଛନ୍ତି।

୮. ରଂଜନ ଗୋଗଇ ରାଜ୍ୟସଭାର ସଦସ୍ୟ ରୂପେ ୧୯.୦୩.୨୦୨୦ ରେ ଶପଥ ନେଇଛନ୍ତି।

୯. ଫେବୃଆରୀ ୨୦ ରେ ବେକାରୀ ହାର ୫.୯୫% ବୃଦ୍ଧିପାଇଛି।

୧୦. ୨୦୨୧ ପ୍ରଥମାର୍ଦ୍ଧରେ ଚନ୍ଦ୍ରୟାନ - ୩ ପ୍ରେରଣ କରାଯିବ।

୧୧. ଆଇପିଏଲ୍ ଏପ୍ରିଲ୍ ପର୍ଯ୍ୟନ୍ତ ସ୍ଥଗିତ କରାଗଲା।

୧୨. ଉତ୍ତରପ୍ରଦେଶ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ ଏବଂ ରାଜସ୍ଥାନରେ ଗ୍ରୀନ୍ ହାଇୱେ ପ୍ରକଳ୍ପପାଇଁ ସରକାର ୭,୬୬୦କୋଟି ଟଙ୍କା ମଞ୍ଜୁର କରିଛନ୍ତି।

୧୩. ପ୍ରତି ରାଜ୍ୟରେ ଏମ୍ସ ପ୍ରତିଷ୍ଠା କରାଯିବ।

୧୪. ୨୧ ଜୁନ୍ ୨୦୨୦ ଷଷ୍ଠ ଆନ୍ତର୍ଜାତିକ ଯୋଗ ଦିବସ ଲେହ ସହରରେ ପାଳନ କରାଯିବ।

୧୫. "I am also digital" - ଏକ ଡ଼ିଜିଟାଲ ସାକ୍ଷରତା କାର୍ଯ୍ୟକ୍ରମ କେରଳ ସରକାର ଆରମ୍ଭ କରିଛନ୍ତି।

୧୬. ୨୦୦୦ଟଙ୍କିଆ ନୋଟ୍ ପ୍ରିଣ୍ଟ୍ ବନ୍ଦ କରିବାକୁ କୌଣସି ପ୍ରକାର ନିଷ୍ପତିନିଆଯାଇନାହିଁ ।

୧୭. କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ବିଲ୍ - ୨୦୧୯ ରାଜ୍ୟସଭାରେ ଗୃହୀତ ହୋଇଛି।

୧୮. ଉତ୍ତରପ୍ରଦେଶ ସରକାର ଦଂଗାକାରୀଙ୍କଠାରୁ ସାଧାରଣ ସଂପତ୍ତି ନଷ୍ଟକରିବା ହେତୁ କ୍ଷତିଭରଣ କରିଥିବା ଉଦ୍ଦେଶ୍ୟରେ ଏକ ଅଧ୍ୟାଦେଶ ଜାରୀ କରିଛନ୍ତି।

୧୯. ୯୨୨ କୋଟି ଟଙ୍କାର ପ୍ରସ୍ତାବିତ ନୂତନ ପାର୍ଲାମେଣ୍ଟ ବିଲଡ଼ିଂର ଗଠନ ଆକୃତି ତ୍ରିଭୁଜାକାର ଅଟେ।

୨୦. କଟକ ମଧୁସୂଦନ ଲ'କଲେଜ "ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ" ରେ ପରିଣତ ହୋଇଛି।

୨୧. ନୀରଜ ଧବନ୍ ୟେସ୍ ବ୍ୟାଙ୍କର ଚିଫ୍ ରିସ୍କ ଅଫିସର ରୂପେ ନିଯୁକ୍ତି ପାଇଛନ୍ତି।

୨୨. ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଆସନ୍ତା ଶିକ୍ଷାବର୍ଷଠାରୁ ଆରମ୍ଭ ହେବ।

୨୩. ଆନନ୍ଦ ଭବନ ସଂଗ୍ରହାଳୟ ବିଶ୍ୱସ୍ତରୀୟ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି।

୨୪. ଭାରତର ପ୍ରଥମରାଜ୍ୟ ଓଡ଼ିଶା କରୋନା ବିରୋଧରେ ଲଢ଼ିବାପାଇଁ ୨୦୦କୋଟି ଟଙ୍କା ମଂଜୁର କରିଛି।

୨୫. ଉତ୍ତରାଖଣ୍ଡ ସରକାର ସଂରକ୍ଷଣ ମାଧ୍ୟମରେ ପଦୋନ୍ନତି ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁହେବାକୁ ରଦ୍ଦ କରିଛନ୍ତି।

୨୬. ନାବାର୍ଡ଼ର ଅଧକ୍ଷ ଭାବରେ ଶ୍ରୀ ଜି.ଆର୍. ଚିଣ୍ଟାଲା ଦାୟିତ୍ୱ ଗ୍ରହଣ କରିଛନ୍ତି।

୨୭. କରୋନାପାଇଁ ସାବୁନ କମ୍ପାନୀମାନେ ସାବୁନ ରେଟ କମାଇ ଦେଇଛନ୍ତି।

୨୮. ୟେସ୍ ବ୍ୟାଙ୍କ୍ ତା'ର ସେବା ପୁନଶ୍ଚ ଆରମ୍ଭ କରିଛି।

୨୯. ଇଣ୍ଡିଗୋ କର୍ମଚାରୀଙ୍କର ବେତନ ୨୫% ହ୍ରାସ କରାଯାଇଛି।

୩୦. କରୋନା ଆତଙ୍କରେ ବି ଫେସ୍‌ବୁକ୍ ତା'ର କର୍ମଚାରୀମାନଙ୍କୁ ୭୪,୦୦୦ଟଙ୍କା ବୋନସ୍ ଦେବାକୁ ଘୋଷଣା କରିଛି।

୩୧. ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୂଚଇଦିଆଯାଇଛି ଯେ ଖବରକାଗଜଦ୍ୱାରା କରୋନା ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣକୁ ବ୍ୟାପି ନଥାଏ।

୩୨. ବାରମ୍ବାର ହାତ ଧୋଇଲେ କରୋନାଠାରୁ ଆମେ ଦୂରେଇ ରହିବାବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ କହିଛି।

୩୩. ୨୦୨୦ ଜାତିସଂଘର ସଷ୍ଟେନ୍‌ବୁଲ୍ ଡ଼େଭଲପ୍‌ମେଣ୍ଟ ସଲ୍ୟୁସନ ନେଟୱାର୍କ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଫିନ୍‌ଲାଣ୍ଡ ପୃଥିବୀର ସୁଖୀଦେଶ ତାଲିକାରେ ପ୍ରଥମରେ ଅଛି ।

୩୪. ଦୁନିଆର ସୁଖୀଦେଶ ତାଲିକାରେ ୧୪୪ତମ ସ୍ଥାନରେ ଅଛି।

୩୫. ଋଇନା ରିପୋର୍ଟ ଅନୁସାରେ 'ଏ' ଗ୍ରୁପ୍‌କୁ କରୋନା ସଂକ୍ରମଣ ଆଶଙ୍କା ଅଧିକ।

୩୬. ବିଜେଡ଼ିର ସବୁ ସାଂସଦ ଓ ବିଧାୟକମାନେ ତିନିମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡ୍‌କୁ ଦାନ କରିବେ।

୩୭. ଜଳଯୋଗାଣ ଓ ପରିମଳ ପାଇଁ ରାଜ୍ୟ ସରକାର ୬ମାସ ପାଇଁ ଏସ୍‌ମା ଲାଗୁ କରିଛନ୍ତି।

୩୮. ଟାଟା ଟେକନୋଲୋଜି ବାରମୂଳା ଏବଂ ଜାମୁରେ, ଦୁଇଟି ସେଣ୍ଟର ଫର ଇନ୍‌ଭେନସନ, ଇନୋଭେସନ ଏବଂ ଟ୍ରେନିଂ କେନ୍ଦ୍ର ଖୋଲିବ।

୩୯. ମହାରାଷ୍ଟ୍ର ଏବଂ ଗୁଜୁରାଟ ଦିବସ ୧ମଇରେ ପାଳନ କରାଯାଇଥାଏ।

୪୦. ଡିଫେନ୍‌ସ ଇନଷ୍ଟିଚ୍ୟୁଟ ଅଫ ଆଡ଼ଭାନସ ଟେକନୋଲୋଜି ମାଇକ୍ରୋସଫ୍ଟ ଷ୍ଟେରିଲାଇଜର "ଅତୁଲ୍ୟ" ତିଆରି କରିଛନ୍ତି।

୪୧. ବିଶ୍ୱସ୍ତରରେ ମହାଭାରତ ଟିଭି ସୋ କୁ ସର୍ବାଧିକ ଲୋକ ଦେଖୁଛନ୍ତି।

୪୨. କୋଣାର୍କରେ ୨୫ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦ ମେଗାୱାର୍ଟ ବିଶିଷ୍ଟ ସୌରଶକ୍ତି ପ୍ରକଳ୍ପ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ।

ସାଧାରଣ ଜ୍ଞାନ

(1) ABBREVIATION

1. IMR : Infant Mortality Rate
2. IPD : In Patients Department
3. IST : Intensive Skill Training
4. GIMS : Government Instant Messaging System
5. BRTF : Border Roads Task Force
6. PPE : Personal Protective Equipment
7. CMPRF : Chief Minister's Public Relief Fund
8. ICMR : Indian Council of Medical Research
9. SDRF : State Disaster Relief Fund
10. TDS : Tax Deducted at Source

(୨) ପୁସ୍ତକ ଓ ଲେଖକ

1. The Big Reverse: How Demontization :- Ann Burns
2. Knocked India Out :-Meera Sanyal
3. The Transformative Constitution :- Gautam Bhatia
4. A long Portal of The Sea :- Isabel Allende
5. Separation Anxiety :- Laura Zigman

୬. ରାହୁ ଗ୍ରାସ - ଉପନ୍ୟାସ - ବିଭୂତି ପଟ୍ଟନାୟକ
୭. ଅନେକ ଶରତ -ଭ୍ରମଣ କାହାଣୀ - ସୀତାକାନ୍ତ ମହାପାତ୍ର
୮. ବନ୍ଧ୍ୟା ଗାନ୍ଧାରୀ - ଉପନ୍ୟାସ - ରବି ପଟ୍ଟନାୟକ
୯. ଅଭିନେତ୍ରୀ - ଉପନ୍ୟାସ - କାହ୍ନୁ ଚରଣ ମହାନ୍ତି
୧୦.ବିଚିତ୍ର ବର୍ଣ୍ଣା -କବିତାସଂକଳନ-ଜାନକୀବଲ୍ଲଭ ମହାନ୍ତି(ଭରଦ୍ୱାଜ)

(୩) ଦେହାନ୍ତ

ନାମ	ବୟସ(ବର୍ଷ)	ପରିଚୟ
୧. ବେଣୀ ପ୍ରସାଦ ବର୍ମା	- ୮୦ ବର୍ଷ	- ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ
୨. ରାଜଯୋଗିନୀ ଦାଦି ଜାନକୀ	- ୧୦୪ ବର୍ଷ	- ବ୍ରହ୍ମ କୁମାରୀ ସଂସ୍ଥାର ମୁଖ୍ୟ ପ୍ରଶାସିକା
୩. ସୌରୀବନ୍ଧୁ କର	- ୭୨ ବର୍ଷ	- ଶ୍ରମିକ ନେତା ଓ ସାହିତ୍ୟିକ
୪. ସହରାଇ ଓରାମ୍	- ୯୦ ବର୍ଷ	- ଓଡ଼ିଶାର ପୂର୍ବତନ କ୍ୟାବିନେଟ ମନ୍ତ୍ରୀ
୫. ଋଷି କାପୁର	- ୬୭ ବର୍ଷ	- ଚଳଚିତ୍ର ଅଭିନେତା

(୪) ବିଭିନ୍ନ ଯୋଜନାନାମ

ଯୋଜନା		ସରକାର
୧. ପ୍ରଧାନମନ୍ତ୍ରୀ ମତ୍ସ୍ୟ ସଂପାଦନା ଯୋଜନା	-୨୦୨୦	କେନ୍ଦ୍ର ସରକାର
୨. ଆତ୍ମ ନିର୍ଭର ଯୋଜନା	-୨୦୨୦	କେନ୍ଦ୍ର ସରକାର
୩.କିସାନ କ୍ରେଡ଼ିଟ୍ କାର୍ଡ ଋଣ ଯୋଜନା	-୨୦୨୦	କେନ୍ଦ୍ର ସରକାର
୪.ରାଜୀବ ଗାନ୍ଧୀ କିସାନ ନ୍ୟାୟ ଯୋଜନା	-୨୦୨୦	ଛତିଶଗଡ଼ ସରକାର
୫.ଓଡ଼ିଶା ନିର୍ମାଣ କୁସୁମ ଯୋଜନା	-୨୦୨୦	ଓଡ଼ିଶା ସରକାର

(୫) କେନ୍ଦ୍ରଶାସିତ ଅଞ୍ଚଳ

୧. ରାଜ୍ୟର ନାମ - ଆନ୍ଧ୍ରପ୍ରଦେଶ
୨. ରାଜ୍ୟପାଳ - ବିଶ୍ୱଭୂଷଣ ହରିଚନ୍ଦନ
୩. ମୁଖ୍ୟମନ୍ତ୍ରୀ - ୱାଇ ଏସ୍ ଜଗନ ମୋହନ ରେଡ୍ଡି
୪. ଗଠନ - ୦୧.୧୦.୧୯୫୩
୫. କ୍ଷେତ୍ରଫଳ - ୧୬୨,୯୭୫ ବର୍ଗ.କି.ମି
୬. ରାଜଧାନୀ - ଅମରାବତୀ
୭. ଲୋକସଭା ସଭ୍ୟ ସଂଖ୍ୟା - ୨୫
୮. ରାଜ୍ୟସଭା ସଭ୍ୟ ସଂଖ୍ୟା - ୧୧
୯. ବିଧାନ ସଭା ସଭ୍ୟସଂଖ୍ୟା - ୧୭୫
୧୦. ବିଧାନ ପରିଷଦ - ୫୮
୧୧. ମୁଖ୍ୟ ଭାଷା - ତେଲୁଗୁ
୧୨. ଜନସଂଖ୍ୟା ସମୁଦାୟ- ୪୯୩୮୬୭୯୯
ପୁରୁଷ- ୨୪,୭୩୮,୦୬୮ମହିଳା - ୨୪,୬୪୮,୭୩୧
୧୩.ଜନସଂଖ୍ୟା ଘନତ୍ୱ - ୩୦୮/ବର୍ଗ କି.ମି
୧୪. ଲିଙ୍ଗ ଅନୁପାତ - ୯୯୬ମହିଳା ୧୦୦୦ ପୁରୁଷରେ
୧୫. ସାକ୍ଷରତା ହାର - ୬୭.୪୧%
୧୬. ଜିଲ୍ଲା - ୧୩ ୧୭. ଗ୍ରାମ - ୧୭୩୬୩
୧୮.ସହର - ୩୧
୧୯.ପର୍ଯ୍ୟଟନ ସ୍ଥଳୀ - ଋଷିକୋଣ୍ଡା ବିଚ୍, ମିପାଡୁ ବିଚ୍, ବୋରା ଗୁମ୍ଫା, ଉଣ୍ଡାଭାଲ୍ଲି ଗୁମ୍ଫା, ତିରୁମଲ୍ଲା ମନ୍ଦିର, ସିମାଞ୍ଚଳମ୍, ଅର୍ଣ୍ଣାଭରମ୍, ଶ୍ରୀଶୈଳମ୍, କନକଦୁର୍ଗା, ଅମରାବତୀ, ବିଜୟୱାଡ଼ା, ନାଗାର୍ଜ୍ଜୁନସାଗର, କୋଣ୍ଡା

(୬) ପୁରସ୍କାର

୧. ଡ. ଏସ ଏସ ସ୍ୱାମୀନାଥନ୍ ପୁରସ୍କାର୨୦୧୭-୧୯ - ଭି.ପ୍ରବିଣ ରାଓ
୨. ଋମେଲୀ ଦେବୀ ଜୈନ ପୁରସ୍କାର ୨୦୧୯ - ଅରଫା ଖାନୁମ୍ ଶେର ୱାନୀ, ରୋହୀନୀ ମୋହନ
୩. ହେମିଙ୍ଗ୍ ୱେ ପୁରସ୍କାର-୨୦୨୦ - ରୁଚିକା ତୋମର(ଔପନାସିକ)
୪. ରୋଡ୍ ସେଫ୍ଟି ମିଡିଆ ଫେଲୋସିପ୍ ପୁରସ୍କାର୨୦୧୯ - ପ୍ରାଚୀ ସାଲଭେ,ପ୍ରଦୀପ ଦ୍ୱିବେଦୀ
୫. ଆଇ.ଆଇ.ଏଫ୍.ଟି.ସି. ଟୁରୁଜିମ୍ ଇନ୍‌ଫାକ୍ଟ ପୁରସ୍କାର-୨୦୨୦-ଜେୟା ଆକତାର

(7) ନିଯୁକ୍ତି

୧. ଜଷ୍ଟିସ୍ ମହମ୍ମଦ ରଫିକ୍ - ମୁଖ୍ୟ ବିଋରପତି,ଓଡ଼ିଶା ନ୍ୟାୟାଳୟ
୨. ଟି.ଏସ୍. ତ୍ରିମୂର୍ତ୍ତି - ପରବର୍ତ୍ତି ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି
୩. ଡ.ହର୍ଷବର୍ଦ୍ଧନ - ଅଧ୍ୟକ୍ଷ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କାର୍ଯ୍ୟକାରୀ ବୋର୍ଡ
୪. ବି.ପି.କାନୁନ୍‌ଗୋ - ଡେପୁଟି ଗର୍ଭର୍ଣ୍ଣର,ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ।
୫. ଭି. ପ୍ରବିନ ରାଓ - ଅଧ୍ୟକ୍ଷ,ନାସ୍‌କମ୍।

(୮) ଓଡ଼ିଶା

୧. ଓଡ଼ିଶାରେ ଭଜନ ସମ୍ରାଟଭାବରେ କିଏ ପରିଚିତ ଅଟନ୍ତି ?
(କ) ଅକ୍ଷୟ ମହାନ୍ତି (ଖ) ଭିକାରୀ ବଳ
(ଗ) ପ୍ରଣବ ପଟ୍ଟନାୟକ (ଘ) ଚିତ୍ତ ଜେନା

୨. ଆମ୍ଫାନ ପରେ କ୍ଷୟକ୍ଷତିର ମୁକାବିଲାପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ କେତେ ଅନୁଦାନ ଦେଇଛନ୍ତି ? ?
(କ) ୧୦୦୦କୋଟି (ଖ) ୭୫୦କୋଟି
(ଗ) ୫୦୦କୋଟି (ଘ) ୪୦୦କୋଟି

୩. ଅତିବଡ଼ି ରୂପେ କିଏ ପରିଚିତ ?
(କ) ରାଧାନାଥ ରାୟ (ଖ) ବୀର କିଶୋର ଦାସ
(ଗ) ଜଗନ୍ନାଥ ଦାସ (ଘ)ନୀଳକଣ୍ଠ ଦାସ

୪. ମା ଭୈରବୀ ଦେବୀଙ୍କ ମନ୍ଦିର କେଉଁଠାରେ ଅବସ୍ଥିତ ?
(କ) କଟକ (ଖ) ପୁରୁଣା କଟକ
(ଗ) ପାଟଣାଗଡ଼ (ଘ) ହରିଶଙ୍କର

୫. ଲଳିତଗିରି ବୌଦ୍ଧ କୀର୍ତ୍ତି କେଉଁଠାରେ ଅବସ୍ଥିତ ?
(କ) ଯାଜପୁର (ଖ) କଟକ
(ଗ) କେନ୍ଦ୍ରାପଡ଼ା (ଘ) ଜଗତସିଂହପୁର

୬. ବଳଦେବ ରଥଙ୍କୁ କେଉଁ ଉପାଧି ମିଳିଥିଲା ?
(କ) ବାଣିଭୂଷଣ (ଖ) କବିସୂର୍ଯ୍ୟ
(ଗ) କବିଚନ୍ଦ୍ର (ଘ) କବିମଞ୍ଜୁଳ

୭. ଦିଆସିଲି କାରଖାନା କେଉଁଠାରେ ଅଛି ?
(କ) ଚୌଦ୍ୱାର (ଖ) ପାରାଦ୍ୱୀପ
(ଗ) ତାଳଚେର (ଘ) ସୁନାବେଡ଼ା

୮. ଫେର୍ଜକ୍ରୋମ୍ ଫ୍ୟାକ୍ଟରୀ କେଉଁଠାରେ ଅଛି ?
(କ) ଯାଜପୁର (ଖ) ବ୍ରଜରଜନଗର
(ଗ) ଭଦ୍ରକ (ଘ) ହୀରାକୁଦ

୯. କେଉଁ ପାର୍କଟି ଭୁବନେଶ୍ୱରରେ ଅବସ୍ଥିତ ନୁହେଁ ?
(କ) ଗୌରୀଶଙ୍କର ପାର୍କ (ଖ) ଏକାମ୍ରକାନନ ପାର୍କ
(ଗ) ବୁଦ୍ଧ ପାର୍କ (ଘ) ନିକୋ ପାର୍କ

୧୦. ଓଡ଼ିଶାର ଜାତୀୟ ପଶୁର ନାମ କ'ଣ ?
(କ) ହରିଣ (ଖ) ବାଘ
(ଗ) ଭାଲୁ (ଘ) ସମ୍ବର

(୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. Cub : Lion :: Colt : ?
(a) Doe (b) Stag (c) Leopard (d) Stallion

୨. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅନ୍ୟ ତିନୋଟିଠାରୁ ଅଲଗା ?
(କ) ଜେବ୍ରା - ଘାସ (ଖ) ସିଂହ - ମାଂସ
(ଗ) ବଳଦ - ଶଗଡ଼ (ଘ) ଶୁଆ - ଶସ୍ୟ

୩. କେଉଁ ଅକ୍ଷରଗୁଡ଼ିକ ଶୂନ୍ୟସ୍ଥାନ ଗୁଡ଼ିକରେ ଭରିଲେ ସିରିଜଟା ପୂର୍ଣ୍ଣ ହେବ ?
(a-bc-c-abb-bca___)
(a) cccbc (b) cbbac (c) accba (d) abbba

୪. Eat ର କୋର୍ଡ଼ ୩୧୮, Chair ର କୋର୍ଡ଼ ୨୪୧୫୬, ସେହିପରି Teacher ର କୋର୍ଡ଼ କେତେ ହେବ ?
(କ) ୮୩୧୨୩୪୬ (ଖ) ୮୩୨୧୪୬୩
(ଗ) ୮୩୧୨୪୩୬ (ଘ) ୮୩୧୩୪୨୬

୫. ଅରୁଣ କହିଲା ଏହି ଝିଅଟି ମୋର ମାଆଙ୍କ ନାତିର ପତ୍ନୀ ଅଟେ । ତେବେ ଅରୁଣ ଝିଅଟି ସହିତ ସଂପର୍କରେ କ'ଣ ହେବ ?
(କ) ବାପା (ଖ) ଜେଜେ (ଗ) ସ୍ୱାମୀ (ଘ) ଶଶୁର

୬. ରୋହିତ ୨୫ ମିଟର ଦକ୍ଷିଣ ଦିଗକୁ ଗଲା, ତା'ପରେ ବାମକୁ ବୁଲି ୨୦ ମିଟର ଗଲା, ପୁଣି ବାମକୁ ବୁଲି ୨୫ ମିଟର ଗଲା । ପୁଣିଥରେ ଡାହାଣକୁ ବୁଲି ୧୫ ମିଟର ଗଲା । ତେବେ ସେ ବାହାରିବା ସ୍ଥାନରୁ ପହଞ୍ଚିବା ସ୍ଥାନର ଦୂରତା କେତେ ଏବଂ କେଉଁ ଦିଗରେ ଅବସ୍ଥିତ ?
(କ) ୩୫ ମିଟର, ପୂର୍ବ (ଖ) ୩୫ ମିଟର, ଉତ୍ତର
(ଗ) ୪୦ ମିଟର, ପୂର୍ବ (ଘ) ୬୦ ମିଟର ପୂର୍ବ

୭. ନିମ୍ନଲିଖିତ ଚିତ୍ରରେ ? ଚିହ୍ନଟି କେତେ ?



(କ) ୩୮ (ଖ) ୬୪ (ଗ) ୪ (ଘ) ୧୬

୮.



(କ) (ଖ) (ଗ) (ଘ)

୯. ଅର୍ଥପୂର୍ଣ୍ଣ ଭାବେ ସଜାଇ ଲେଖିଲେ ସଂଖ୍ୟାଗୁଡ଼ିକ କେଉଁ କ୍ରମରେ ରହିବ ?
୧.ପରିପକ୍ୱତା, ୨.ଯୁବାବସ୍ଥା, ୩.ବାଲ୍ୟାବସ୍ଥା, ୪.ଶୈଶବ ଅବସ୍ଥା, ୫.କାଳକ୍ରମେ କ୍ଷୟ, ୬.କୈଶୋର ଅବସ୍ଥା ।
(କ)୨,୪,୬,୩,୧,୫ (ଖ)୪,୩,୨,୬,୨,୫
(ଗ)୪,୩,୬,୨,୧,୫ (ଘ)୫,୬,୨,୩,୪,୧

୧୦. ପ୍ରଶ୍ନବାଚକ ଚିହ୍ନଟି କେତେ ହେବ ? ୬,୧୮,୩,୨୧,୭,୫୬,?
(କ) ୮ (ଖ) ୯ (ଗ) ୬୩(ଘ) ୬୪

ଉତ୍ତର

୧.(ଖ) ଭିକାରୀ ବଳ, ୨.(ଗ)୫୦୦କୋଟି, ୩.(ଗ) ଜଗନ୍ନାଥ ଦାସ, ୪.(ଖ) ପୁରୁଣା କଟକ, ୫.(କ) ଯାଜପୁର, ୬.(ଖ) କବିସୂର୍ଯ୍ୟ , ୭.(ଗ) ତାଳଚେର, ୮.(ଗ) ଭଦ୍ରକ, ୯.(କ) ଗୌରୀଶଙ୍କର ପାର୍କ, ୧୦.(ଘ) ସମ୍ବର।

୧.(d) Stallion , ୨.(ଗ) ବଳଦ - ଶଗଡ଼ , ୩.(c) accba, ୪.(ଖ) ୮୩୨୧୪୬୩, ୫.(ଘ) ଶଶୁର , ୬.(କ) ୩୫ ମିଟର, ପୂର୍ବ, ୭. (ଗ) ୪, 8.(ଘ), ୯.(ଖ)୪,୩,୨,୬,୨,୫, ୧୦.(କ) ୮ ।

(୧୦) ଇତିହାସ

୧. କେଉଁ ଶତାବ୍ଦୀରେ ଚରଖା ବ୍ୟବହାର ହେଲା ?
(କ) ଦ୍ୱାଦଶ ଶତାବ୍ଦୀ (ଖ) ଚତୁର୍ଦ୍ଦଶ ଶତାବ୍ଦୀ
(ଗ) ପଂଚଦଶ ଶତାବ୍ଦୀ (ଘ) ଷୋଡ଼ଶ ଶତାବ୍ଦୀ

୨. ବୁଦ୍ଧଦେବ କେଉଁ ବଂଶର ଅଟନ୍ତି ?
(କ) ଶାକ୍ୟ(ଖ) ମାଲାସ୍ (ଗ) କୁରୁ(ଘ) କୌଣସିଟି ନୁହେଁ

୩. ଟିପୁ ସୁଲତାନ କେଉଁ ରାଜ୍ୟର ଶାସକ ଥିଲେ ?
(କ) ମହାରାଷ୍ଟ୍ର (ଖ) ମଦୁରାଇ(ଗ) ମହୀଶୂର(ଘ) ବିଜୟନଗରମ୍

୪. କେଉଁ ଶାସକଙ୍କ ସମୟରେ ଓସ୍ତାଦ୍ ମନସୁର ଏକ ପ୍ରସିଦ୍ଧ ଚିତ୍ରକର ଥିଲେ ?
(କ) ସାହାଜାହାନ୍(ଖ) ଆକବର(ଗ) ହୁମାୟୁନ (ଘ) ଜାହାଙ୍ଗିର

୫. ଇନ୍ଦ୍ର ଦେବତା କାହା ସହିତ ଜଡ଼ିତ ?
(କ) ପବନ ଖ) ଅଗ୍ନି
(ଗ) ବର୍ଷା ଓ ବିଜୁଳି (ଘ) କୌଣସିଟି ନୁହେଁ

୬. କାହାର ନେତୃତ୍ୱରେ ସର୍ବଭାରତୀୟ ମୁସ୍‌ଲିମ୍ ଲିଗ୍ ପ୍ରତିଷ୍ଠା କରାଯାଇଥିଲା ?
(କ) ମହମ୍ମଦ ଅଲିଜିନ୍ନା (ଖ) ସୟିଦ୍ ଅହମ୍ମଦ ଖାନ୍
(ଗ) ଆଗା ଖାନ୍ (ଘ) କୌଣସିଟି ନୁହେଁ

୭. କଳିଙ୍ଗ ଯୁଦ୍ଧ କେବେ ହୋଇଥିଲା ?
(କ) ଖ୍ରୀ.ପୂ. ୨୪୧ (ଖ) ଖ୍ରୀ.ପୂ. ୨୬୧
(ଗ) ଖ୍ରୀ.ପୂ. ୩୦୧ (ଘ) ଖ୍ରୀ.ପୂ. ୩୨୧

୮. ୧୮୫୭ ସପାହୀ ବିଦ୍ରୋହକୁ କିଏ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ମତପ୍ରକାଶ କରିଥିଲେ ?
(କ)ଏସ୍.ଏନ୍.ସେନ୍ (ଖ) ଆର.ସି.ମଜୁମଦାର
(ଗ) ବି.ଜି ତିଳକ (ଘ) ଭି.ଡ଼ି.ସବରକର

୯. କେତେ ଶତାବ୍ଦୀ ଧରି ତୁର୍କୋ- ଆଫଗାନ୍ ଶାସନ ଭାରତରେ ଚାଲିଥିଲା ?
(କ) ୨ ଶତାବ୍ଦୀ(ଖ) ୩ ଶତାବ୍ଦୀ(ଗ) ୪ ଶତାବ୍ଦୀ(ଘ)୫ ଶତାବ୍ଦୀ

୧୦. ସିଭିଲ୍ ସର୍ଭିସ୍ ପାଇଁ ପ୍ରତିଯୋଗିତା ମୂଳକ ପରୀକ୍ଷା କେଉଁ ବର୍ଷଠାରୁ ଏକ ନୀତିରୂପେ ଗ୍ରହଣ କରାଯାଏ ?
(କ) ୧୮୩୩ (ଖ) ୧୮୩୫(ଗ) ୧୮୫୩ (ଘ) ୧୮୫୮

(୧୧) ବାଣିଜ୍ୟ

୧. ପେଟ୍ରୋଲ. ଡିଜେଲ୍ ଉତ୍ପାଦ ଟିକସ କେତେ ଟଙ୍କା ଲିଟର ପିଛା କେତେ ଟଙ୍କା ବୃଦ୍ଧିପାଇଛି ?
(କ) ୨ଟଙ୍କା (ଖ) ୩ ଟଙ୍କା
(ଗ) ୪ ଟଙ୍କା (ଘ) ୫ଟଙ୍କା

୨. Digi Pivot ନାରୀମାନଙ୍କ ପାଇଁ ଏକ ଦକ୍ଷତା କାର୍ଯ୍ୟକ୍ରମ କେଉଁ କଂପାନୀଦ୍ୱାରା ଆରମ୍ଭ ହୋଇଛି ?
(କ) ଇନଫୋସିସ୍ (ଖ) ଟି.ସି.ଏସ୍
(ଗ) ମାଇକ୍ରୋସଫଟ୍ (ଘ) ଗ୍ଲୋବାଲ ଇଣ୍ଡିଆ

୩. କେଉଁ ବ୍ୟାଙ୍କ୍ ସଂଚୟ ଖାତାର ସର୍ବନିମ୍ନ ଜମାକୁ ସମ୍ପୂର୍ଣ୍ଣ ରୂପେ ଉଠେଇ ଦେଇଛି ?
(କ) ଏଚ୍.ଡ଼ି.ଏଫ୍.ସି (ଖ) ଏସ୍.ବି.ଆଇ
(ଗ) ଆକ୍ସିସ୍ ବ୍ୟାଙ୍କ୍ (ଘ) ଆଇ.ସି.ଆଇ.ସି.ଆଇ

୪. ସୋଲାର ରୁଫ୍‌ଟପ୍ ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ କେଉଁ ରାଜ୍ୟ ପ୍ରଥମରେ ଅଛି ?
(କ) ଓଡ଼ିଶା (ଖ) ଗୁଜୁରାଟ
(ଗ) ପଶ୍ଚିମବଙ୍ଗ (ଘ) ଆସାମ

୫. ମୋବାଇଲ୍ ଫୋନ୍ ଉପରେ ଶୁଳ୍କ ୧୨ ଶତକଡ଼ାରୁ କେତେ ଶତକଡ଼ାକୁ ବୃଦ୍ଧି ପାଇଛି ?
(କ) ୧୫% (ଖ) ୧୬% (ଗ) ୧୮% (ଘ) ୧୭%

୬. କେଉଁ ରାଜ୍ୟ ସରକାର ବାୟୁମଣ୍ଡଳ ଦୂଷିତକାରୀ ଉତ୍ପାଦନ ସୃଷ୍ଟି କରୁଥିବା କଳକାରଖାନାପାଇଁ ଷ୍ଟାର୍ ରେଟିଙ୍ଗ୍ ପ୍ରୋଗାମ୍ ଆରମ୍ଭ କରିଛନ୍ତି ?
(କ) ବିହାର (ଖ) ଓଡ଼ିଶା
(ଗ) ଝାଡ଼ଖଣ୍ଡ (ଘ) ମହାରାଷ୍ଟ୍ର

୭. ମୋଟର ଭେହିକିଲ୍ ଆମେଣ୍ଡମେଣ୍ଟ ଆକ୍ଟ କେଉଁ ମସିହାରେ ଲାଗୁ କରାଯାଇଛି ?
(କ) ୨୦୧୮(ଖ) ୨୦୧୯(ଗ) ୨୦୨୦ (ଘ) ୨୦୧୭

୮. କେନ୍ଦ୍ରୀୟ ରେଳବାଇ ଓ ପଶ୍ଚିମ ରେଳବାଇ ପ୍ଲାଟଫର୍ମ ଟିକଟର ମୂଲ୍ୟ କେତେଟଙ୍କାକୁ ବୃଦ୍ଧି କରିଛନ୍ତି ?
(କ) ଟ.୧୦ (ଖ) ଟ.୧୫
(ଗ) ଟ.୨୦ (ଘ) ଟ.୫୦

୯. ଆଇ.ଆଇ.ଟି ଖଡ଼୍‌ଗପୁର କେଉଁ କଂପାନୀ ସହ ଇଣ୍ଡଷ୍ଟ୍ରିଆଲ୍ ଏବଂ ଇନ୍‌ଫ୍ରାଷ୍ଟ୍ରକ୍ଚର ସାଇବର ସିକ୍ୟୁରିଟି ପାଇଁ ଯୁଗ୍ମ ଗବେଷଣା କରିବାପାଇଁ ଅବୁବନ୍ଧିତ ହୋଇଛି ?
(କ) ରିଲାଏନ୍ସ (ଖ) ଏଲ୍.ଏଣ୍ଡ.ଟି
(ଗ) ଟେକ୍‌ମହେନ୍ଦ୍ରା (ଘ) ଟି.ସି.ଏ.ସ୍

୧୦. ଡିଫେନ୍‌ସ ଏକ୍ୟୁଜେସନ୍ କାଉନସିଲ କେତୋଟି ତେଜସ୍ ଯୁଦ୍ଧ ବିମାନ କିଣିବ ବୋଲି ଚୁକ୍ତି ସ୍ୱାକ୍ଷର କରିଛି ?
(କ) ୭୩ (ଖ) ୭୫
(ଗ) ୮୩ (ଘ) ୮୫

ଉତ୍ତର

୧.(ଖ)ଚତୁର୍ଦ୍ଦଶ ଶତାବ୍ଦୀ, ୨.(କ)ଶାକ୍ୟ, ୩.(ଗ)ମହୀଶୂର, ୪.(ଘ)ଜାହାଙ୍ଗିର, ୫.(ଗ)ବର୍ଷା ଓ ବିଜୁଳି, ୬.(ଗ)ଆଗା ଖାନ୍, ୭.(ଖ)ଖ୍ରୀ.ପୂ. ୨୬୧, ୮.(ଘ) ଭି.ଡ଼ି.ସବରକର , ୯.(ଖ)୩ ଶତାବ୍ଦୀ, ୧୦. (ଗ) ୧୮୫୩।

୧.(ଖ) ୩ ଟଙ୍କା, ୨.(ଘ) ଗ୍ଲୋବାଲ ଇଣ୍ଡିଆ, ୩.(ଖ) ଏସ୍.ବି.ଆଇ, ୪. (ଖ) ଗୁଜୁରାଟ , ୫.(ଗ) ୧୮%, ୬.(ଗ) ଝାଡ଼ଖଣ୍ଡ, ୭.(ଖ) ୨୦୧୯, ୮.(ଘ) ଟ.୫୦ , ୯.(ଖ) ଏଲ୍.ଏଣ୍ଡ.ଟି, ୧୦.(ଗ) ୮୩ ।

(୧୨) ଅର୍ଥନୀତି

୧. ୨୦୨୦-୨୧ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର କେତେ ହ୍ରାସ ପାଇବ ?
(କ) ୩ % (ଖ) ୪% (ଗ) ୫% (ଘ) ୬%

୨. ଗ୍ଲୋବାଲ ଆନିମଲ ପ୍ରୋଟେକ୍ସନ୍ ଇଣ୍ଡେକ୍ସ - ୨୦୨୦ ଅନୁସାରେ, ଭାରତ କେଉଁ ଗ୍ରେଡ୍ ପାଇଛି ?
(କ) A (ଖ) B (ଗ) C (ଘ) D

୩. ନିମ୍ନଲିଖିତ ମଧ୍ୟରୁ କେଉଁଟି ଅତ୍ୟାବଶକୀୟ ଜିନିଷଭାବେ ଭାରତସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି ?
(କ) ମାସ୍କ(ଖ) ସାନିଟାଇଜର(ଗ) ହ୍ୟାଣ୍ଡଓ୍ୱାସ୍(ଘ) କ ଏବଂ ଖ

୪. ଭାରତର ବର୍ତ୍ତମାନ କରେଣ୍ଟ ଆକାଉଣ୍ଟ ଡ଼େଫିସିଟ୍ (CAD) କେତେ ଶତକଡ଼ା GDP ରେ ଅଛି ?
(କ) ୩% (ଖ) ୦.୨% (ଗ) ୩.୮% (ଘ) ୦.୯%

୫. କୌଶଲ ଶତରଂଗ୍ ଯୋଜନା କେଉଁ ସରକାର ଆରମ୍ଭ କରିଛନ୍ତି ?
(କ) ଓଡ଼ିଶା(ଖ) ଉତ୍ତରପ୍ରଦେଶ(ଗ) ବିହାର (ଘ) ହିମାଚଳ ପ୍ରଦେଶ

୬. କେନ୍ଦ୍ର ସରକାର କେଉଁ ଆଇନଦ୍ୱାରା ମାସ୍କ ଏବଂ ସାନିଟାଇଜରକୁ ଅତ୍ୟାବଶକୀୟ ସାମଗ୍ରୀ ଭାବରେ ଗ୍ରହଣ କରିଛନ୍ତି ?
(କ) କଂଜ୍ୟୁମର ପ୍ରୋଟେକସନ୍ ଆକ୍ଟ ୨୦୧୯
(ଖ) ଏସେନ୍‌ସିଆର କମୋଡ଼ିଟିଜ୍ ଆକ୍ଟ ୧୯୫୫
(ଗ) ଏପିଡ଼େମିକ୍ ଆକ୍ଟ ୧୮୯୭
(ଘ) ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାଡ଼୍ ଆକ୍ଟ ୨୦୧୬

୭. କେଉଁ ଭାରତୀୟ ବ୍ୟାଙ୍କ୍ ଆସନ୍ତା ଜୁନ୍ ୫ ତାରିଖରୁ ଶିଳ୍ପ ଉଦ୍ୟୋଗୀ ମାନଙ୍କ ପାଇଁ ସ୍ୱାବଲମ୍ବନ ଏକ୍ସପ୍ରେସ୍ ଟ୍ରେନ୍ ଚଲୁ କରିବ ବୋଲି ସିଦ୍ଧାନ୍ତ ନେଇଛି ?
(କ) ଏସ୍.ବି.ଆଇ (ଖ) ଏଚ୍.ଡ଼ି.ଏଫ୍.ସି
(ଗ) ଏସ୍.ଆଇ.ଡ଼ି.ବି.ଆଇ (ଘ) ଆର.ବି.ଆଇ

୮. ଭାରତୀୟ ରେଳ କେଉଁ ବର୍ଷ ସୁଦ୍ଧା ସମସ୍ତ ବ୍ରଡ୍‌ଗ୍ରେଜ୍ ରେଳପଥକୁ ବୈଦ୍ୟୁତିକରଣ କରିବେ ?
(କ) ୨୦୨୧(ଖ) ୨୦୨୨(ଗ) ୨୦୨୩(ଘ) ୨୦୨୪

୯. ଅପ୍ରେଲ୍ ୨୦୧୯ରୁ ଫେବୃୟାରୀ ୨୦୨୦ ମଧ୍ୟରେ ସୁନା ଆମଦାନୀ କେତେ ପ୍ରତିଶତକୁ କମିଛି ?
(କ) ୨.୮%(ଖ) ୭.୮%(ଗ) ୮.୮୬% (ଘ) ୧୦%

୧୦. ୨୦୨୦-୨୧ ରେ ଭାରତର ବିକାଶ ହାର କେତେ ପ୍ରତିଶତ ରହିବବୋଲି ୟୁବିଏସ୍ ପକ୍ଷରୁ କୁହାଯାଇଛି ?
(କ) ୪.୫%(ଖ) ୪% (ଗ) ୫% (ଘ) ୫.୧%

(୧୩) କ୍ରୀଡ଼ା

୧. ୨୦୨୦ର ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱ କପ୍ ଫାଇନାଲରେ କେଉଁ ଦେଶକୁ ପରାସ୍ତ କରି ଅଷ୍ଟ୍ରେଲିଆ ଚାମ୍ପିଆନ ହୋଇଛି ?
(କ) ଭାରତ (ଖ) ନ୍ୟୁଜିଲାଣ୍ଡ
(ଗ) ଦକ୍ଷିଣ ଆଫ୍ରିକା (ଘ) ଇଂଲାଣ୍ଡ

୨. ଏଯାବତ ଆୟୋଜିତ ହୋଇଥିବା ୭ଟି ମହିଳା ଟି-ଟ୍ୱେଣ୍ଟି ବିଶ୍ୱ କପ୍ ମଧ୍ୟରୁ ଅଷ୍ଟ୍ରେଲିଆ କେତେ ଥର ଚାମ୍ପିଆନ ହେବାର ଗୌରବ ହାସଲ କରିଛି ?
(କ) ୩ ଥର (ଖ) ୪ ଥର (ଗ) ୫ ଥର (ଘ) ୬ ଥର

୩. ୨୦୨୦ର ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି ବିଶ୍ୱ କପ୍‌ର ଓମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ହାସଲ କରିଥିବା ଅଷ୍ଟ୍ରେଲୀୟ ଖେଳାଳିଙ୍କ ନାମ କ'ଣ ?
(କ) ଆଲିସା ହିଲୀ (ଖ) ମେଗ୍ ଲାନିଙ୍ଗ୍
(ଗ) ମାଗାନ୍ ଶୁଟ୍ (ଘ) ବେଥ୍ ମୂନୀ

୪. ୨୦୨୦ର ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତ ପକ୍ଷରୁ ସର୍ବାଧିକ ୧୬୩ ରନ କରିଥିବା ଖେଳାଳିଙ୍କ ନାମ କ'ଣ ?
(କ) ହରମନପ୍ରୀତ୍ କୌର (ଖ) ଶେଫାଲି ବର୍ମା
(ଗ) ଜେମିମା ରୋଡ୍ରିଗ୍ସେଜ୍ (ଘ) ସ୍ମୃତି ମନ୍ଧାନା

୫. ଏହି ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତ ପକ୍ଷରୁ ସର୍ବାଧିକ ୧୦ଟି ୱିକେଟ୍ ନେଇ ଦ୍ୱିତୀୟ ସର୍ବାଧିକ ୱିକେଟ ହାସଲକାରୀ ହୋଇଥିବା ଖେଳାଳିଙ୍କ ନାମ କ'ଣ ?
(କ) ଶିଖା ପାଣ୍ଡେ (ଖ) ଦୀପ୍ତି ଶର୍ମା
(ଗ) ପୂନମ୍ ଯାଦବ (ଘ) ରାଧା ଯାଦବ

୬. ଫେବ୍ରୁଆରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର/କଟକରେ ଅନୁଷ୍ଠିତ 'ଖେଲୋ ଇଣ୍ଡିଆ ୟୁନିଭର୍ସିଟୀ ଗେମ୍ସ'ରେ କେଉଁ ଦଳକୁ ସର୍ବାଧିକ ପଦକ ମିଳିଛି ?
(କ)ଏମ.ଡି. ୟୁନିଭର୍ସିଟୀ,ରୋହତକ୍ (ଖ) ପଞ୍ଜାବୀ ୟୁନିଭର୍ସିଟୀ, ପାତିଆଲା
(ଗ)ପଞ୍ଜାବ ୟୁନିଭର୍ସିଟୀ,ଚଣ୍ଡିଗଡ଼ (ଘ)ସାବିତ୍ରୀବାଈଫୁଲେ ୟୁନିଭର୍ସିଟୀ,ପୁଣେ

୭. କରୋନା ମହାମାରୀ ଯୋଗୁଁ ଅଧାରୁ ବନ୍ଦ ରହିଥିବା ୨୦୧୯-୨୦ର ଆଇ. ଲିଗ୍ ଫୁଟବଲ ପ୍ରତିଯୋଗିତାରେ କେଉଁ ଦଳକୁ ବିଜେତା ଘୋଷିତ କରାଯାଇଛି ?
(କ) ଇଷ୍ଟବେଙ୍ଗଲ୍ (ଖ)ମୋହନବାଗାନ (ଗ)ପଞ୍ଜାବ ଏଫ୍‌ସି (ଘ)ରିୟଲ୍ କଶ୍ମୀର୍

୮. ୨୦୨୦ର ଅଲ୍ ଇଂଲାଣ୍ଡ ବ୍ୟାଡମିଣ୍ଟନ୍ ପ୍ରତିଯୋଗିତାର ପୁରୁଷ ସିଂଗଲ୍ସ ଚାମ୍ପିଆନ ହୋଇଥିବା ତାରକାଙ୍କ ନାମ କ'ଣ ?
(କ) ଭିକ୍ଟର୍ ଆକ୍ସେଲ୍‌ସନ୍ (ଖ) ଚୋଉ ତେନ୍ ଚେନ୍
(ଗ) ଚେନ୍ ଲଙ୍ଗ୍ (ଘ) ଆନ୍ଦ୍ରେସ ଆଣ୍ଟୋନସେନ୍

୯. ୨୦୨୦ର ଅଲ୍ ଇଂଲାଣ୍ଡ ବ୍ୟାଡମିଣ୍ଟନ୍‌ର ମହିଳା ସିଂଗଲ୍ସ ଚାମ୍ପିଆନ କିଏ ?
(କ) ଚେନ୍ ୟୁଫେଇ (ଖ) ନୋଜୋମି ଓକୁହାରା
(ଗ) ପି. ଭି. ସିନ୍ଧୁ (ଘ) ତାଇ ଜୁ ୟିଙ୍ଗ୍

୧୦. ଭାରତର ଟେନିସ ତାରକା ଲିଆଣ୍ଡର ପେସ୍ କେତୋଟି ଅଲିମ୍ପିକ୍‌ରେ ଖେଳିଛନ୍ତି ?
(କ) ୫ଟି (ଖ) ୬ଟି (ଗ) ୭ଟି (ଘ) ୮ଟି

ଉତ୍ତର

୧(ଗ)୫%, ୨.(ଗ)C, ୩.(ଘ)କ ଏବଂ ଖ, ୪.(ଖ)୦.୨%, ୫.(ଖ)ଉତ୍ତରପ୍ରଦେଶ, ୬.(ଖ)ଏସେନ୍‌ସିଆର କମୋଡ଼ିଟିଜ୍ ଆକ୍ଟ ୧୯୫୫, ୭.(ଗ)ଏସ୍.ଆଇ.ଡ଼ି.ବି.ଆଇ, ୮.(ଗ)୨୦୨୩, ୯.(ଗ)୮.୮୬%, ୧୦.(ଖ)୪%।

୧.(କ) ଭାରତ, ୨.(ଗ)୫ଥର, ୩.(ଘ) ବେଥ୍ ମୂନୀ, ୪.(ଖ) ଶେଫାଲି ବର୍ମା, ୫.(ଗ) ପୂନମ୍ ଯାଦବ, ୬.(ଗ) ପଞ୍ଜାବ ୟୁନିଭର୍ସିଟୀ,ଚଣ୍ଡିଗଡ଼, ୭.(ଖ)ମୋହନବାଗାନ, ୮. (କ) ଭିକ୍ଟର୍ ଆକ୍ସେଲ୍‌ସନ୍, ୯. (ଘ) ତାଇ ଜୁ ୟିଙ୍ଗ୍, ୧୦.(ଗ) ୭ଟି

(୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ପ୍ରଥମ ଓଡ଼ିଆ ସାହିତ୍ୟିକଙ୍କ ନାମ କ'ଣ ?
(କ) କାହ୍ନୁଚରଣ ମହାନ୍ତି (ଖ) ଗୋପୀନାଥ ମହାନ୍ତି
(ଗ) ସଚ୍ଚି ରାଉତରାୟ (ଘ) ସୁରେନ୍ଦ୍ର ମହାନ୍ତି

୨. ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ପ୍ରଥମ ହିନ୍ଦୀ ସାହିତ୍ୟିକଙ୍କ ନାମ କ'ଣ ?
(କ) ସୁମିତ୍ରାନନ୍ଦନ ପନ୍ତ (ଖ) ସୂର୍ଯ୍ୟକାନ୍ତ ତ୍ରିପାଠୀ ନିରାଲା
(ଗ) ମହାଦେବୀ ବର୍ମା (ଘ) ରାମଧାରୀ ସିଂହ ଦିନକର

୩. ଜ୍ଞାନପୀଠ ପୁରସ୍କାର ଲାଭ କରିଥିବା ପ୍ରଥମ ବଙ୍ଗଳା ସାହିତ୍ୟିକଙ୍କ ନାମ କ'ଣ ?
(କ) ବିଷ୍ଣୁ ଦେ (ଖ) ବୀରେନ୍ଦ୍ର ଭଟ୍ଟାଚାର୍ଯ୍ୟ
(ଗ) ଆଶାପୂର୍ଣ୍ଣା ଦେବୀ (ଘ) ତାରାଶଙ୍କର ବନ୍ଦୋପାଧ୍ୟାୟ

୪. ୧୯୬୫ରେ ଭାରତର ପ୍ରଥମ ଜ୍ଞାନପୀଠ ବିଜେତା ଭାବେ ସମ୍ମାନିତ ହୋଇଥିବା ଜି. ଶଙ୍କର କୁରୁପ୍ କେଉଁ ଭାଷାର ଜଣେ ପ୍ରସିଦ୍ଧ ସାହିତ୍ୟିକ ଥିଲେ ?
(କ) ତେଲୁଗୁ (ଖ) ତାମିଲ୍
(ଗ) ମାଲୟାଲମ୍ (ଘ) କନ୍ନଡ଼

୫. ୧୯ ଜାନୁଆରୀ ୨୦୨୦ ତାରିଖ ଦିନ ପ୍ରସିଦ୍ଧ ଶାସ୍ତ୍ରୀୟ ସଂଗୀତ ଗାୟିକା ସୁନନ୍ଦା ପଟନାୟକଙ୍କ ଦେହାନ୍ତ ହୋଇଯାଇଛି । ମୃତ୍ୟୁ ବେଳକୁ ସେ କେଉଁଠାରେ ଅବସ୍ଥାନ କରୁଥିଲେ ?
(କ) କଟକ (ଖ) ପୁରୀ
(ଗ) କୋଲକାତା (ଘ) ଶାନ୍ତି ନିକେତନ

୬. ହିନ୍ଦୁସ୍ତାନୀ ସଂଗୀତରେ ସୁବର୍ଣ୍ଣମୁଖୀ, ଗୁପ୍ତ କେଦାର ଭଳି ରାଗର ସ୍ରଷ୍ଟା କିଏ ?
(କ) ଭୀମସେନ ଯୋଶୀ (ଖ) ବଡ଼େ ଗୁଲାମ ଅଲ୍ଲୀ ଖାନ୍
(ଗ) ରବିଶଙ୍କର (ଘ) ସୁନନ୍ଦା ପଟନାୟକ

୭. ପ୍ରସିଦ୍ଧ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ଗାୟକ ଭୀମସେନ ଯୋଶୀଙ୍କୁ କେଉଁ ମସିହାରେ 'ଭାରତ ରତ୍ନ' ସମ୍ମାନରେ ଭୂଷିତ କରଯାଇଥିଲା ?
(କ) ୨୦୦୮ (ଖ) ୨୦୦୯ (ଗ) ୨୦୧୦ (ଘ) ୨୦୧୧

୮. ବୈଶାଖ ପୂର୍ଣ୍ଣିମା ବା ଚନ୍ଦନ ପୂର୍ଣ୍ଣମା ଦିନ କେଉଁ ମହାପୁରୁଷଙ୍କ ଜନ୍ମଦିବସ ପାଳନ କରାଯାଏ ?
(କ) ମହାବୀର ଜୈନ (ଖ) ଗୁରୁ ନାନକ (ଗ) ଗୌତମ ବୁଦ୍ଧ (ଘ) ଶ୍ରୀଚେତନ୍ୟ

୯. ଗୌତମ ବୁଦ୍ଧ ସର୍ବ ପ୍ରଥମେ କେଉଁଠାରେ ନିଜର ବାଣୀ ପ୍ରଚାର କରିଥିଲେ ?
(କ) ବୋଧଗୟା (ଖ) ବାରାଣସୀ
(ଗ) ସାରନାଥ (ଘ) ନାଳନ୍ଦା

୧୦. ଅକ୍ଷୟ ତୃତୀୟାଠାରୁ ପୁରୀରେ ଶ୍ରୀଜଗନ୍ନାଥଙ୍କ କେଉଁ ଯାତ୍ରା ଆରମ୍ଭ ହୁଏ ?
(କ) ସ୍ନାନ ଯାତ୍ରା (ଖ) ଚନ୍ଦନ ଯାତ୍ରା
(ଗ) ଘୋଷ ଯାତ୍ରା (ଘ) ବନଯାଗ ଯାତ୍ରା

(୧୫) ଭୂଗୋଳ

୧. ଭାରତର କ୍ଷେତ୍ରଫଳ ଅନୁସାରେ ସବୁଠାରୁ କ୍ଷୁଦ୍ରତମ ରାଜ୍ୟ କେଉଁଟି ?
(କ) ଗୋଆ (ଖ) ସିକିମ୍ (ଗ) ନାଗାଲାଣ୍ଡ(ଘ)ତ୍ରିପୁରା

୨. କେଉଁ ରାଜ୍ୟଟି ଝାଡ଼ଖଣ୍ଡ ରାଜ୍ୟର ସୀମା ସହ ସଂଯୁକ୍ତ ନୁହେଁ ?
(କ) ପଶ୍ଚିମବଙ୍ଗ (ଖ) ଓଡ଼ିଶା (ଗ) ଛତିଶଗଡ଼(ଘ) ମଧ୍ୟପ୍ରଦେଶ

୩. କେଉଁ ପର୍ବତମାଳା ପୂର୍ବଘାଟ ପର୍ବତମାଳା ସହ ସଂଯୁକ୍ତ ନୁହେଁ ?
(କ) ସେରାଭୟ ପର୍ବତ (ଖ) ଜାଭାଡ଼ି ପର୍ବତ
(ଗ) ନଲାମଲା ପର୍ବତ (ଘ) ଏଲାମଲାଇ ପର୍ବତ

୪. ହିମାଳୟର ଉଚ୍ଚତମ ଶୃଙ୍ଗଟି କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଉତ୍ତର ପ୍ରଦେଶ (ଖ) କାଶ୍ମୀର
(ଗ) ସିକିମ (ଘ) ହିମାଚଳ ପ୍ରଦେଶ

୫. ରାଜ୍ୟ ଜନସଂଖ୍ୟା ତୁଳନାରେ ସବୁଠାରୁ ଅଧିକ ଶତକଡ଼ା ଉପଜାତି (SC) କେଉଁଠାରେ ଅଛନ୍ତି ?
(କ) ଝାଡ଼ଖଣ୍ଡ (ଖ) ଓଡ଼ିଶା (ଗ) ବିହାର(ଘ) ମଧ୍ୟପ୍ରଦେଶ

୬. ଏଭେରେଷ୍ଟ ଶୃଙ୍ଗ କେଉଁଠାରେ ଅବସ୍ଥିତ ?
(କ) ଭୁଟାନ୍ (ଖ) ଚୀନ୍ (ଗ) ଭାରତ (ଘ) ନେପାଳ

୭. ଭାରତରେ କେତୋଟି ରାଜ୍ୟ ଓ କେତୋଟି କେନ୍ଦ୍ରଶାସିତ ଅଂଚଳ ଅଛି ?
(କ) ୨୫, ୭ (ଖ) ୨୮, ୭
(ଗ) ୨୪, ୬ (ଘ) ୨୫, ୬

୮. କେଉଁ ଡେ଼ଲ୍‌ଟା ମଧ୍ୟରେ ଚିଲିକା ହ୍ରଦ ଅବସ୍ଥିତ ?
(କ) ଗଙ୍ଗା ଓ ମହାନଦୀ (ଖ) ଗୋଦାବରୀ ଓ କ୍ରିଷ୍ଣା
(ଗ) ମହାନଦୀ ଏବଂ ଗୋଦାବରୀ (ଘ) କ୍ରିଷ୍ଣା ଓ କାବେରୀ

୯. ହିମାଳୟର ନଦୀଗୁଡ଼ିକ କାହା ଉପରେ ପର୍ଯ୍ୟବେସିତ ?
(କ) ମୌସୁମୀ (ଖ) ବରଫ
(ଗ) କ୍ଷାରିକ (ଘ) ଋତୁ

୧୦. ଭାରତର କେଉଁଟି ସର୍ବବୃହତ ଜାହାଜନିର୍ମାଣ ସ୍ଥଳୀ ଅଟେ ?
(କ) କୋଲକାତା (ଖ) କୋଚିନ୍
(ଗ) ବିଶାଖାପାଟଣା (ଘ) ମୁମ୍ବାଇ

ଉତ୍ତର

୧.(ଖ) ଗୋପୀନାଥ ମହାନ୍ତି, ୨.(କ) ସୁମିତ୍ରାନନ୍ଦନ ପନ୍ତ, ୩.(ଘ) ତାରାଶଙ୍କର ବନ୍ଦୋପାଧ୍ୟାୟ,୪.(ଗ) ମାଲୟାଲମ୍ ,୫.(ଗ) କୋଲକାତା,୬.(ଘ) ସୁନନ୍ଦା ପଟନାୟକ, ୭.(କ)୨୦୦୮,୮.(ଗ) ଗୌତମ ବୁଦ୍ଧ,୯.(ଗ) ସାରନାଥ,୧୦.(ଖ) ଚନ୍ଦନ ଯାତ୍ରା

୧.(କ) ଗୋଆ, ୨.(ଘ) ମଧ୍ୟପ୍ରଦେଶ, ୩.(ଘ) ଏଲାମଲାଇ ପର୍ବତ, ୪.(ଗ) ସିକିମ, ୫.(କ) ଝାଡ଼ଖଣ୍ଡ, ୬. (ଘ) ନେପାଳ , ୭. (ଖ) ୨୮, ୭ , ୮. (ଗ) ମହାନଦୀ ଏବଂ ଗୋଦାବରୀ , ୯.(ଖ) ବରଫ , ୧୦.(ଗ) ବିଶାଖାପାଟଣା

(୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଅବିଭକ୍ତ ଭାରତର ପ୍ରଥମ କନ୍‌ଷ୍ଟିଚୁଏଣ୍ଟ ଆସେମ୍ବ୍ଲି କେବେ ଅନୁଷ୍ଠିତ ହୋଇଥିଲା ?
(କ) ୬ ଡ଼ିସେମ୍ବର, ୧୯୪୬ (ଖ) ୯ ଡ଼ିସେମ୍ବର, ୧୯୪୬
(ଗ) ୨୦ ଫେବୃୟାରୀ, ୧୯୪୭ (ଘ) ୨୦ ଜୁନ୍, ୧୯୪୭

୨. ଭାରତୀୟ ସମ୍ବିଧାନ କାହାଦ୍ୱାରା ଅନୁମୋଦିତ ହୋଇଥିଲା ?
(କ) ଗଭର୍ଣ୍ଣର ଜେନେରାଲ (ଖ) ବ୍ରିଟିଶ ପାର୍ଲାମେଣ୍ଟ
(ଗ) କନଷ୍ଟିଚୁଏଣ୍ଟ ଆସେମ୍ବ୍ଲି (ଘ) ଭାରତୀୟ ପାର୍ଲାମେଣ୍ଟ

୩. ଭାରତର କନଷ୍ଟିଚୁଏଣ୍ଟ ଆସେମ୍ବ୍ଲିର ସର୍ବପ୍ରଥମ ମିଟିଙ୍ଗ୍‌ରେ କିଏ ଅଧ୍ୟକ୍ଷତା କରିଥିଲେ ?
(କ) ଶଚ୍ଚିଦାନନ୍ଦ ସିହ୍ନା (ଖ) ବି.ଆର୍.ଆମ୍ବେଦକର
(ଗ) ଡ.ରାଜେନ୍ଦ୍ର ପ୍ରସାଦ (ଘ) ପି.ଉପେନ୍ଦ୍ର

୪. ସଂବିଧାନର ଅଷ୍ଟମ ସିଡୁଲ୍‌ରେ କେଉଁ ଭାଷାକୁ ଅନୁମୋଦନ କରାଯାଇ ନାହିଁ ?
(କ) ଇଂରାଜୀ (ଖ) ଓଡ଼ିଆ
(ଗ) ସଂସ୍କୃତ (ଘ) କାଶ୍ମୀର

୫. ଭାରତୀୟ ସମ୍ବିଧାନର କେଉଁ ଆର୍ଟିକ୍‌ଲ୍ ଅନୁସାରେ ଦେବନଗରୀ ସ୍କ୍ରିପ୍ଟ୍‌କୁ ହିନ୍ଦୀରେ ଲେଖିବାକୁ ଅନୁମୋଦନ କରାଯାଇଛି ?
(କ) ୩୪୧ (ଖ) ୩୪୨ (ଗ) ୩୪୩ (ଘ) ୩୪୬

୬. କେବେ ଅର୍ଥନୈତିକ ଅସ୍ଥିରତା ଲାଗି ରାଷ୍ଟ୍ରପତି ଭାରତର ଜରୁରୀକାଳିନ ସ୍ଥିତି ଘୋଷଣା କରିଥିଲେ ?
(କ) କେବେ ନୁହେଁ (ଖ) ୧୯୬୨
(ଗ) ୧୯୭୨ (ଘ) ୧୯୯୧

୭. ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ କିଏ କରାଇଥାଆନ୍ତି ?
(କ)ଭାରତର ମୁଖ୍ୟ ବିଚାରପତି (ଖ)ଲୋକସଭାର ବାଚସ୍ପତି
(ଗ) ପ୍ରଧାନମନ୍ତ୍ରୀ (ଘ) ଉପରାଷ୍ଟ୍ରପତି

୮. ଭାରତରେ ପ୍ରଧାନମନ୍ତ୍ରୀ ହେବାପାଇଁ ସର୍ବନିମ୍ନ ବୟସସୀମା କେତେ ?
(କ) ୨୫ (ଖ) ୩୦
(ଗ) ୩୫ (ଘ) ୪୦

୯. ନିମ୍ନଲିଖିତ ମଧ୍ୟରୁ କିଏ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତି ପାଇନଥାନ୍ତି ?
(କ) ଲୋକସଭାର ବାଚସ୍ପତି (ଖ) ଭାରତର ମୁଖ୍ୟ ନ୍ୟାୟାଧୀଶ
(ଗ) ବିମାନବାହିନୀର ମୁଖ୍ୟ (ଘ) ସ୍ଥଳବାହିନୀର ମୁଖ୍ୟ

୧୦. ଭାରତର ଉପରାଷ୍ଟ୍ରପତି ଯେତେବେଳେ ଭାରତର ରାଷ୍ଟ୍ରପତି ହିସାବରେ ଦାୟିତ୍ୱ ତୁଲାଇଥାନ୍ତି ସେତେବେଳେ ସେ କାହାର ବେତନ ପାଇଥାନ୍ତି ?
(କ) ରାଷ୍ଟ୍ରପତି (ଖ) ପାର୍ଲାମେଣ୍ଟ ସଦସ୍ୟ
(ଗ) ରାଜ୍ୟସଭା ଅଧ୍ୟକ୍ଷ (ଘ) କୌଣସିଟି ନୁହେଁ

(୧୭) କମ୍ପ୍ୟୁଟର୍ ଶିକ୍ଷା

୧. ୧୦୨୪ ବାଇଟସ୍ କାହା ସହ ସମାନ ଅଟେ ?
(କ) ୧ ଟିବି (ଖ) ୧ ଜିବି
(ଗ) ୧କେବି (ଘ) କୌଣସିଟି ନୁହେଁ

୨. କମ୍ପ୍ୟୁଟରର ସ୍ପିଡ୍‌କୁ ମାପିବାପାଇଁ କେଉଁଟି ଆବଶ୍ୟକ ଅଟେ ?
(କ) ବି ପି ଏସ୍ (ଖ) ଏମ୍ ଆଇ ପି ଏସ୍
(ଗ) ବାଉର୍ଡ୍ (ଘ) ହର୍ଷ୍ଟର

୩. କମ୍ପ୍ୟୁଟରର ଆଇସି କ'ଣ ବୁଝାଏ ?
(କ) ଇଣ୍ଟିଗ୍ରେଟେଡ୍ ଚାର୍ଜ (ଖ) ଇଣ୍ଟିଗ୍ରେଟେଡ୍ କରେଣ୍ଟ
(ଗ) ଇଣ୍ଟିଗ୍ରେଟେଡ୍ ସରକିଟ୍ (ଘ) ଇଣ୍ଟରନାଲ ସରକିଟ୍

୪. କମ୍ପ୍ୟୁଟରର ପ୍ରଥମ ଲାଙ୍ଗୁଏଜ କ'ଣ ?
(କ) କୋବୋଲ (ଖ) ବେସିକ୍
(ଗ) ଫରଟ୍ରାନ୍ (ଘ) ପାସକାଲ

୫. ପି.ସି ର ପୂରା ଟର୍ମ କ'ଣ ?
(କ) ପ୍ରାଇଭେଟ କମ୍ପ୍ୟୁଟର (ଖ) ପ୍ରୋଫେସନାଲ କମ୍ପ୍ୟୁଟର
(ଗ)ପରସନାଲ୍ କମ୍ପ୍ୟୁଟର (ଘ)ପରସନାଲ କାଲ୍‌କୁଲେଟର

୬. ଆସେମ୍ବ୍ଲି ଲାଙ୍ଗୁଏଜ୍‌ରେ ଯେଉଁ ସିମ୍ବଲସ୍ ବ୍ୟବହାର ହୁଏ , ତାହା କ'ଣ ?
(କ) କୋଡ଼ସ୍ (ଖ) ମିନୋମିକସ୍
(ଗ) ଆସେମ୍ବିଲର (ଘ) ମେସିନ କୋଡ଼ସ୍

୭. ଏଲ୍ ଏ ଏନ୍ କାହାକୁ ବୁଝାଏ ?
(କ) ଲ୍ୟାଣ୍ଡ ଏରିଆ ନେଟ୍‌ୱର୍କ (ଖ)ଲୋକାଲ ଏରିଆ ନେଟ୍‌ୱର୍କ
(ଗ)ଲୋକାଲ ଆସେସ୍ ନେଟ୍‌ୱର୍କ (ଘ)ଲୋକାଲ ଏରିଆ ନେଟ୍‌ୱର୍କ

୮. କୌଣସି ସଂସ୍ଥାର ୱେବ୍ ପେଜ୍‌କୁ କ'ଣ କୁହାଯାଏ ?
(କ) ପୋର୍ଟାଲ (ଖ) ଭେରଟାଲ
(ଗ) ହୋମପେଜ୍ (ଘ) ୱେବ୍‌ସାଇଟ୍

୯. କମ୍ପ୍ୟୁଟରର ଫାଦର କିଏ ?
(କ) ଚାର୍ଲସ ବାବେଜ (ଖ) ଡବ୍ଲୁ.ଜି.ଗ୍ରେସ୍
(ଗ) ଜୋନ୍ ଲେଲନ୍ (ଘ) ଷ୍ଟେପିନ୍‌ସ୍ ହକିଙ୍ଗସ୍

୧୦. କେଉଁଟି କମ୍ପ୍ୟୁଟରର ହାର୍ଡ୍‌ୱେର ନୁହେଁ ?
(କ) ପ୍ରୋସେସର ଚିପ୍ (ଖ) ପ୍ରିଣ୍ଟର (ଗ) ମାଉସ୍ (ଘ) ଜାଭା

ଉତ୍ତର

୧.(ଖ)୯ଡ଼ିସେମ୍ବର,୧୯୪୬, ୨.(ଗ)କନଷ୍ଟିଚୁଏଣ୍ଟ ଆସେମ୍ବ୍ଲି, ୩.(କ)ଶଚ୍ଚିଦାନନ୍ଦ ସିହ୍ନା, ୪.(କ)ଇଂରାଜୀ, ୫.(ଗ)୩୪୩, ୬.(କ)କେବେ ନୁହେଁ, ୭.(କ)ଭାରତର ମୁଖ୍ୟ ବିଚାରପତି, ୮.(କ)୨୫, ୯.(କ) ଲୋକସଭାର ବାଚସ୍ପତି, ୧୦.(କ) ରାଷ୍ଟ୍ରପତି।

୧.(ଗ)୧କେବି, ୨.(ଖ)ଏମ୍ ଆଇ ପି ଏସ୍, ୩.(ଗ)ଇଣ୍ଟିଗ୍ରେଟେଡ୍ ସରକିଟ୍, ୪.(ଗ)ଫରଟ୍ରାନ୍, ୫.(ଗ)ପରସନାଲ୍ କମ୍ପ୍ୟୁଟର, ୬.(ଖ)ମିନୋମିକସ୍, ୭(ଘ)ଲୋକାଲ ଏରିଆ ନେଟ୍‌ୱର୍କ, ୮.(ଘ)ୱେବ୍‌ସାଇଟ୍, ୯.(କ)ଚାର୍ଲସ ବାବେଜ, ୧୦.(ଘ)ଜାଭା।

(୧୮) ଗାଣିତିକ ପ୍ରଶ୍ନାବଳୀ

୧. ସମାନ୍ତର ପ୍ରଗତିରେ ଥିବା ଗୋଟିଏ ଅନୁକ୍ରମ'ର ପ୍ରଥମପଦ ୪ ଏବଂ ଶେଷ ପଦ ୭୬, ଏଥିରେ ତିନୋଟି ମଧ୍ୟାଙ୍କ ଥିଲେ ଦ୍ୱିତୀୟ ମଧ୍ୟଙ୍କଟି କେତେ ?
(କ) ୧୮ (ଖ) ୨୨ (ଗ) ୩୬ (ଘ) ୪୦

୨. ଦୁଇଅଙ୍କ ବିଶିଷ୍ଟ ଏକ ସଂଖ୍ୟା ଓ ଏହାକୁ ଓଲଟାଇ ଲେଖିଲେ ଯେଉଁ ସଂଖ୍ୟା ଉତ୍ପନ୍ନ ହେବ - ସେହି ଦୁହିଁଙ୍କର ଅନ୍ତର, ମୂଳ ସଂଖ୍ୟାର ଅଙ୍କ ଦ୍ୱୟର ଅନ୍ତରର କେତେ ଗୁଣ ?
(କ) ୧୧ (ଖ) ୩ (ଗ) ୬ (ଘ) ୯

୩. ପ୍ରଥମ ୫୦ଟି ଅଯୁଗ୍ମ ଗଣନ ସଂଖ୍ୟାର ସମଷ୍ଟି କେତେ ?
(କ) ୨୪୭୫ (ଖ) ୨୫୦୦(ଗ) ୨୫୨୫(ଘ) ୨୪୫୦

୪. ଦୁଇଟି ବୃତ୍ତର ବ୍ୟାସ ଯଥାକ୍ରମେ ୩୮ ସେ.ମି ଓ ୧୮ ସେ.ମି। ବୃତ୍ତ ଦ୍ୱୟର ପରିଧି ସହ ସମାନ ପରିଧି ଥିବା ବୃତ୍ତର ବ୍ୟାସ କେତେ ସେ.ମି ?
(କ) ୫୬ (ଖ) ୫୨ (ଗ) ୪୮(ଘ) ୫୦

୫. ପ୍ରିଜମ୍‌ର ଭୂମି ଏକ ସମବାହୁ ତ୍ରିଭୁଜ - ଯାହାର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ୧୬ ସେ.ମି, ଏବଂ ଉଚ୍ଚତା ୨୫ ସେ.ମି ହେଲେ ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ କେତେ ବର୍ଗ ସେ.ମି ହେବ ?
(କ) ୬୦୦ (ଖ) ୮୦୦ (ଗ) ୧୦୦୦(ଘ) ୧୨୦୦

୬. ଗୋଟିଏ ସିଲିଣ୍ଡରର ବକ୍ରପୃଷ୍ଠତଳର କ୍ଷେତ୍ରଫଳ ୭୪୮ ବର୍ଗ ସେ.ମି ଏବଂ ଉଚ୍ଚତା ୧୦ ସେ.ମି ହେଲେ ବୃତ୍ତାକାର ଭୂମିର ବ୍ୟାସ କେତେ ?
(କ) ୭ ସେ.ମି (ଖ)୧.୪ ସେ.ମି
(ଗ) ୧୪ ସେ.ମି (ଘ) ୨.୮ ସେ.ମି

୭. ଦୁଇଟି କୋନ୍‌ର ବ୍ୟାସାର୍ଦ୍ଧର ଅନୁପାତ ୨:୭ ଓ ବକ୍ର ଉଚ୍ଚତାର ଅନୁପାତ ୩:୮ ହେଲେ ଉକ୍ତ କୋନ୍ ଦ୍ୱୟର ବକ୍ରତଳର କ୍ଷେତ୍ରଫଳର ଅନୁପାତ କେତେ ?
(କ) ୩:୨୮ (ଖ) ୨:୨୭
(ଗ) ୪.୨୮ (ଘ) ୫.୨୮

୮. ଏକ ଗୋଲକର ପୃଷ୍ଠତଳର କ୍ଷେତ୍ରଫଳ ୬୧୬ ବର୍ଗ ସେ.ମି ହେଲେ ବ୍ୟାସାର୍ଦ୍ଧ କେତେ ସେ.ମି ?
(କ) ୬ (ଖ) ୭ (ଗ) ୮ (ଘ) ୯

୯. ଗୋଟିଏ ତଥ୍ୟାବଳୀର ମଧ୍ୟମା ୮ ଓ ମାଧ୍ୟମାନ ୬ ହେଲେ ଗରିଷ୍ଠକ କେତେ ?
(କ) ୬ (ଖ) ୮ (ଗ) ୧୨ (ଘ) ୧୪

୧୦. ଦୁଇଟି ଅନ୍ତଃସ୍ପର୍ଶୀ ବୃତ୍ତର ବ୍ୟାସଦ୍ୱୟ ୧୮ ସେ.ମି, ୧୨ ସେ.ମି ହେଲେ ସେମାନଙ୍କ କେନ୍ଦ୍ର ଦ୍ୱୟ ମଧ୍ୟରେ ଥିବା ଦୂରତା କେତେ ?
(କ) ୩ ସେ.ମି (ଖ) ୬ ସେ.ମି
(ଗ) ୯ ସେ.ମି (ଘ) ୧୦ ସେ.ମି

(୧୯) ସାଧାରଣ ବିଜ୍ଞାନ

୧. ଜଳରେ କେଉଁ ଆଇରନ୍ ରହିଥିବାରୁ ସେଥିରେ ଲୁଗାସଫା କରିବା ପାଇଁ ଅଧିକ ସାବୁନର ଆବଶ୍ୟକତା ପଡ଼େ ?
(କ) ସୋଡ଼ିଅମ୍ ଆଇରନ୍ (ଖ) ମାଗ୍ନେସିଅମ୍ ଆଇରନ୍
(ଗ) କ୍ଲୋରାଇଡ୍ (ଘ) ଲିଥିଅମ୍

୨. ଏକ ଏଙ୍ଗଷ୍ଟ୍ରମ୍ ମାନେ କେତେ ?
(କ) ୧୦^{୩}c.m (ଖ) ୧୦^{୬}c.m
(ଗ) ୧୦^{୮}c.m (ଘ) ୧୦^{୧୪}c.m

୩. ପରମାଣୁର ନିଉକ୍ଲିଅସ୍‌ରେ ରହିଥିବା ନିଉଟ୍ରନ୍ କେବେ ଆବିଷ୍କୃତ ହେଲା ?
(କ) ୧୯୧୧ (ଖ) ୧୯୩୨ (ଗ) ୧୯୪୮(ଘ) ୧୯୫୭

୪. ଦୁଇ ସମଭାରିକ (ଆଇସୋବାର) ମୌଳିକରେ କ'ଣ ସମାନ ଥାଏ ?
(କ)ପରମାଣୁ କ୍ରମାଙ୍କ (ଖ) ନିଉଟ୍ରନ୍ ସଂଖ୍ୟା
(ଗ) ପ୍ରୋଟନ୍ ସଂଖ୍ୟା (ଘ) ବସ୍ତୁତ୍ୱ କ୍ରମାଙ୍କ

୫. ସବୁଠାରୁ ହାଲୁକା ଧାତୁ କେଉଁଟା ?
(କ) ସୋଡ଼ିଅମ୍ (ଖ) ଲିଥିଅମ୍
(ଗ) ବେରିଲିଅମ୍ (ଘ) ମାଗ୍ନେସିଅମ୍

୬. କୁଇକ୍ ସିଲଭର କାହାକୁ କୁହାଯାଏ ?
(କ) ସିଲଭର (ଖ) ଉତ୍ତପ୍ତ ସିଲଭର
(ଗ) ପାରଦ (ଘ) କ୍ରୋମିଅମ୍

୭. ମଧ୍ୟମ ତାପମାତ୍ରା ସଂପର୍ଣ୍ଣ ତାରକାଗୁଡ଼ିକର ରଂଗ କିଭଳି ?
(କ) ନୀଳ(ଖ)ଧଳା (ଗ) ହଳଦିଆ (ଘ) ଲାଲ

୮. ସୌରଜଗତରେ କେଉଁ ଗ୍ରହଟି ନଟୁପରି ଗଡ଼ି ଗଡ଼ି ଗତି କରୁଥାଏ ?
(କ) ଶୁକ୍ର(ଖ) ଶନି (ଗ) ଇଉରେନ୍‌ସ (ଘ) ପ୍ଲୁଟୋ

୯. ରଂଜନ ରଶ୍ମୀ ତରଙ୍ଗର ଦୈର୍ଘ୍ୟ କେଉଁ ଏକକରେ ମପାଯାଏ ?
(କ) ସେଣ୍ଟିମିଟର (ଖ) ମିଟର
(ଗ) ୟାଙ୍ଗଷ୍ଟନ୍ (ଘ) କିଲୋମିଟର

୧୦. ହୀରାର ସଂକଟ କୋଣ (କ୍ରିଟିକାଲ ଆଙ୍ଗଲ୍) କେତେ ?
(କ) ୫°୨୦° (ଖ) ୧୦°୩୬°
(ଗ) ୨୩°୩୬° (ଘ) ୩୫°୪୭°

ଉତ୍ତର

୧.(ଘ)୪୦, ୨.(ଘ)୯, ୩.(ଖ)୨୫୦୦, ୪.(କ)୫୬, ୫.(ଘ)୧୨୦୦, ୬.(ଗ)୧୪ସେ.ମି, ୭.(କ)୩:୨୮, ୮.(ଖ)୭, ୯.(ଗ)୧୨, ୧୦.(କ) ୩ ସେ.ମି ।

୧.(ଖ)ମାଗ୍ନେସିଅମ୍ ଆଇରନ,୨.(ଗ)୧୦^{୮}c.m,୩.,(ଖ) ୧୯୩୨, ୪.(ଘ)ବସ୍ତୁତ୍ୱ କ୍ରମାଙ୍କ,୫.(ଖ)ଲିଥିଅମ୍, ୬.(ଗ)ପାରଦ, ୭.(ଗ)ହଳଦିଆ,୮.(ଗ)ଇଉରେନ୍‌ସ, ୯.(ଗ)ୟାଙ୍ଗଷ୍ଟନ୍, ୧୦.(ଗ)୨୩°୩୬°।

(୨୦) ଗଜପତି ଜିଲ୍ଲା

୧. ଜିଲ୍ଲାର ନାମ - ଗଜପତି
୨. ଗଠନ - ୨ ଅକ୍ଟୋବର, ୧୯୯୨
୩. କ୍ଷେତ୍ରଫଳ - ୪୩୨୫ ବର୍ଗ.କି.ମି
୪. ଜନସଂଖ୍ୟା - ୫୭୫୮୮୦
(କ) ପୁରୁଷ - ୨୮୨୦୪୧
(ଖ) ମହିଳା - ୨୯୩୮୩୯
୫. ଉପଖଣ୍ଡ - ୦୧
୬. ତହସିଲ - ୦୭
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୦୭
୮. ଗ୍ରାମ ପଞ୍ଚାୟତ - ୧୨୯
୯. ଗ୍ରାମ - ୧୬୧୨
୧୦. ଥାନା - ୧୧
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି)- ୦୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) - ୦୧
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ -
୧୩୬. ମୋହନା, ୧୩୭. ପାରଳାଖେମୁଣ୍ଡି
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୮୨୭୭୭(୯୬୪)
୧୫. ସାକ୍ଷରତା ହାର - ୫୪.୨୯%
୧୬.ପୁରୁଷ ସାକ୍ଷରତା ହାର - ୬୫.୫୮%
୧୭. ମହିଳା ସାକ୍ଷରତା ହାର - ୪୩.୫୯%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୦.୯୯%
୧୯.ଜନସଂଖ୍ୟା ଘନତ୍ୱ - ୧୩୩ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୧୦୪୨
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୨୬
୨୨. ନିଆଁଲିଭା କେନ୍ଦ୍ର - ୦୪
୨୩.ଲୋକସଭା ଆସନ ସଂଖ୍ୟା - ୦୦
୨୪ ଜଙ୍ଗଲ ଜମି - ୨୨୮୭.୫୯ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା - ସର୍ବନିମ୍ନ ୪.୬୦- ସର୍ବୋଚ୍ଚ ୪୪.୪୦
୨୬. ସାଧାରଣ ବୃଷ୍ଟିପାତ - ୧୪୦୩.୩ ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି. - ୦୭
୨୮.ପର୍ଯ୍ୟଟନସ୍ଥଳୀ - ପାରଳାଖେମୁଣ୍ଡି, ଗଣ୍ଡାହାତୀ, ଗରଭାଙ୍ଗୀ, ଜିରାଙ୍ଗୋ।

ପର୍ବପର୍ବାଣୀ

ମଇ,୨୦୨୦

ତା.୧
ନିଳାଦ୍ରୀ ମହୋତ୍ସବ
ତା.୨ ସୀତା ନବମୀ ଓ ଶନିଶ୍ଚର ଯଜ୍ଞ
ତା.୪ ମୋହିନୀ ଏକାଦଶୀ ଓ ହଳ ନିଷେଧ
ତା.୬ ନୃସିଂହ ଜନ୍ମ, ଶିବଚତୁର୍ଦ୍ଦଶୀ ଉପବାସ ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା.୭ ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧ ଜୟନ୍ତୀ ଓ ବୈଶାଖ ବ୍ରତ ସମାପନ
ତା.୧୨ ଶରଣ ଆରମ୍ଭ
ତା.୧୩ ମାସାନ୍ତ
ତା.୧୪ ବୃଷ ସଂକ୍ରାନ୍ତି ଓ ହଳ ନିଷେଧ
ତା.୧୫ ଶ୍ରୀକ୍ଷେତ୍ରେ ଭଉଁରୀ
ତା.୧୬ ଉତ୍କଳେ ଭଉଁରୀ
ତା.୧୭ ଶରଣ ଶେଷ
ତା.୧୮ ଜଳକ୍ରୀଡ଼ା ଏକାଦଶୀ ଓ ହଳ ନିଷେଧ
ତା.୨୧ ସବେ-କଦର (ପୂର୍ବରାତ୍ରି), ଶିବଚତୁର୍ଦ୍ଦଶୀ, ଉପବାସ ଓ ବେଢ଼ା
ତା.୨୨ ସାବିତ୍ରୀ ଅମାବାସ୍ୟା, ଚନ୍ଦ୍ରକ୍ଷୟ ଓ ନିଶିପାଳନ
ତା.୨୪ ଦ୍ୱିତୀୟାର ଚନ୍ଦ୍ରଦର୍ଶନ ଓ ପୂଜା
ତା.୨୫ ଇଦୁଲ ଫିତର ଓ ରମ୍ଭା ତୃତୀୟା
ତା.୨୬ ଉମା ଚତୁର୍ଥୀ
ତା.୨୭ ଶିବ ବିବାହ ଉତ୍ସବ
ତା.୨୮ ଶୀତଳ ଷଷ୍ଠୀ
ବିବାହ : ତା. ୨,୯,୧୭,୧୮,୧୯,୨୦,୨୩,୨୪ ରିଖ।
ବ୍ରତ : ତା. ୮, ୨୪,୨୭ ରିଖ।

ଜୁନ,୨୦୨୦

ତା.୧ ଗଙ୍ଗା ଦଶହରା
ତା.୨ ନିର୍ଜଳା ଏକାଦଶୀ, ଉପବାସ ଓ ହଳ ନିଷେଧ
ତା.୩ ଚମ୍ପକ ଦ୍ୱାଦଶୀ
ତା.୫ ଦେବସ୍ନାନ ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା
ତା.୮ ଶରଣ ଆରମ୍ଭ
ତା.୧୩ ଶରଣ ଶେଷ
ତା.୧୪ ପହିଲି ରଜ, ମାସାନ୍ତ ଓ ହଳ ନିଷେଧ
ତା.୧୬ ଭୂ-ଦାହ
ତା.୧୭ ବସୁମତୀ ସ୍ନାନ, ଖଳିଲାଗି ଏକାଦଶୀ ଓ ହଳନିଷେଧ
ତା.୧୯ ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା.୨୦ ନେତ୍ରୋତ୍ସବ, ଚନ୍ଦ୍ରକ୍ଷୟ ଓ ନିଶିପାଳନ
ତା.୨୧ ସୂର୍ଯ୍ୟୋପରାଗ, ଅମାବାସ୍ୟା ଓ ନବଯୌବନ ଦର୍ଶନ
ତା.୨୨ ଚନ୍ଦ୍ର ଦର୍ଶନ ଓ ଉଭା ଯାତ୍ରା
ତା.୨୩ ଶ୍ରୀଗୁଣ୍ଡିଚ୍ଚା (ରଥଯାତ୍ରା)
ତା.୨୭ ହେରା ପଞ୍ଚମୀ
ତା.୨୮ ପର୍ଶୁରାମାଷ୍ଟମୀ
ତା.୨୯ ନବମୀର ସନ୍ଧ୍ୟା ଦର୍ଶନ
ତା.୩୦ ବିପତ୍ତାରିଣୀ ବ୍ରତ
ବିବାହ : ତା. ୧୩,୨୫,୨୮,୨୯,୩୦ ରିଖ ।

ବିଭିନ୍ନ ଦିବସ ପାଳନ

ମଇ,୨୦୨୦

ତା ୦୧- ଶ୍ରମିକ ଦିବସ
ତା୦୧ - ରାମାନୁଜାଚାର୍ଯ୍ୟଙ୍କ ଜୟନ୍ତୀ
ତା୦୩ - ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ
ତା୦୪ - ଅନ୍ତର୍ଜାତିକ ଅଗ୍ନି ସେବା ଦିବସ
ତା୧୦ - ଗୌତମ ବୁଦ୍ଧଙ୍କ ଜୟନ୍ତୀ
ତା ୦୫ - ଆନ୍ତର୍ଜାତିକ ଧାତ୍ରୀ ଦିବସ
ତା ୮ - ବିଶ୍ୱ ରେଡ଼କ୍ରସ ଦିବସ
ତା ୧୩ - ଜାତୀୟ ସଂହତି ଦିବସ
ତା ୧୦ - ବିଶ୍ୱ ମାତୃ ଦିବସ (ଦ୍ୱିତୀୟ ରବିବାର, ମଇ ମାସ)
ତା ୨୪ - ରାଜ୍ୟଗୋଷ୍ଠୀ ଦିବସ
ତା ୩୧ - ବିଶ୍ୱ ତମାଖୁ ବର୍ଜନ ଦିବସ

ଜୁନ,୨୦୨୦

ତା ୦୧ - ଅନ୍ତର୍ଜାତୀୟ ଶିଶୁ ଦିବସ
- ବିଶ୍ୱ ଅଭିଭାବକ ଦିବସ
- ବିଶ୍ୱ ଦୁଗ୍ଧ ଦିବସ
ତା ୦୩ - ବିଶ୍ୱ ସାଇକଲ ଦିବସ
ତା ୦୫ - ବିଶ୍ୱ ପରିବେଶ ଦିବସ
ତା ୦୮ - ବିଶ୍ୱ ସାଗର ଦିବସ
- ବିଶ୍ୱ ବ୍ରେନ ଟ୍ୟୁମର ଦିବସ
ତା ୧୪ - ବିଶ୍ୱ ରକ୍ତଦାତା ଦିବସ
ତା ୨୧ - ବିଶ୍ୱ ଯୋଗ ଦିବସ
- ଅନ୍ତର୍ଜାତୀୟ ସଙ୍ଗୀତ ଦିବସ
ତା ୨୩ - ଅନ୍ତର୍ଜାତୀୟ ଅଲମ୍ପିକ୍ ଦିବସ
- ଅନ୍ତର୍ଜାତୀୟ ବିଧବା ଦିବସ
ତା ୨୪ - ପଠାଣୀ ସାମନ୍ତ ତିରୋଧାନ ଦିବସ
ତା ୨୬ - ନିଶା ନିବାରଣ ଦିବସ
ତା ୨୧ -ତୃତୀୟ ରବିବାର- ପିତୃ ଦିବସ

ଆଜୀବନ ସଦସ୍ୟ

ଡକ୍ଟର ଅନ୍ତର୍ଯ୍ୟାମୀ ପ୍ରଧାନ
ଜଟଣୀ

ଡକ୍ଟର ସ୍ନିଗ୍ଧା ସ୍ୱାଇଁ
ଜଟଣୀ

ଶ୍ରୀମତୀ ଇତୀଶ୍ରୀ ସାହୁ
ଶ୍ରୀରାମ ନଗର,ଖୋରଧା

ଶ୍ରଦ୍ଧାଞ୍ଜଳି

ପ୍ରମୋଦ କୁମାର ସାହୁ

ଜନ୍ମ-୨୧.୦୪.୧୯୫୬ ଦେହାନ୍ତ-୦୨.୦୫.୨୦୨୦

ଜନ୍ମ ସ୍ଥାନ- ଦେଉଳୀ, ବାସସ୍ଥାନ- ମୁକୁନ୍ଦ ପ୍ରସାଦ, ଖୋରଧା

ପୂର୍ବତନ ବ୍ୟାଙ୍କ ଅଧିକାରୀ, ପୂର୍ବତନ ସଭାପତି, ରୋଟାରୀ କ୍ଲବ୍ ଓ ବରିଷ୍ଠ ସମାଜସେବୀ
ରଚନା- ଷ୍ଟ୍ରିକ୍ ଅଫ୍ ଲାଇଫ୍, ବ୍ରେନ୍ ବଡ୍, ଇଟରନାଲ୍ ଫ୍ଲେମ୍, ରିଫୁଲଜେଟ୍ ଡ୍ରିମ୍ ।
ପ୍ରତିଷ୍ଠାତା- ରାଧାଦାମୋଦର ମନ୍ଦିର ,ଦେଉଳି ।

ଆମରି ସତ୍ୟର ଜଣେ ପୂର୍ବତନ ଆଜୀବନ ସଦସ୍ୟ । ଅମର ଆତ୍ମାର ସଦ୍‌ଗତି ହେଉ ।

ଆମରି ସତ୍ୟ ,ପରିବାର





ରସିତା ନାୟକ, +୨ ବିଜ୍ଞାନ ଦ୍ୱିତୀୟ ବର୍ଷ,ରମାଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ,ଭୁବନେଶ୍ୱର

Postal Regd. No. : PURI-33/2019-21
Volume-10 I Issue No.-10,11 & 12 I Monthly I April, May & June-2020 I RNI Regn. No. 107608/2010 I Page-52

ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ ସେବାରେ ଶେଷ)

SAHAJOG HOSPITAL
(ସେବାରୁ ଆରମ୍ଭ, ସେବାରେ ଶେଷ)
An ISO 9001 : 2015 Certified Hospital

ଆଡ୍ଭାନ୍ସଡ୍ ଲାପ୍ରାସ୍କୋପିକ୍ ଅପରେସନ୍ ସେଣ୍ଟର

ଏଠାରେ ଅତ୍ୟାଧୁନିକ ଲାପ୍ରାସ୍କୋପିକ୍ ପଦ୍ଧତିରେ ଅପରେସନ୍ କରାଯାଏ

- ଲାପ୍ରାସ୍କୋପିକ୍ ଗଲ୍ବ୍ଲାଡର୍ ଷ୍ଟୋନ୍ ଅପରେସନ୍
- ଲାପ୍ରାସ୍କୋପିକ୍ ଆପେଣ୍ଡିକ୍ସ ଅପରେସନ୍
- ଲାପ୍ରାସ୍କୋପିକ୍ ଗର୍ଭାଶୟ (L.A.V.H.,T.L.H.) ଅପରେସନ୍
- ଲାପ୍ରାସ୍କୋପିକ୍ ଅଣ୍ଡକୋଷ (ଓଭାରି) ଅପରେସନ୍
- ଲାପ୍ରାସ୍କୋପିକ୍ ଟ୍ୟୁମର ଅପରେସନ୍
- ଲାପ୍ରାସ୍କୋପିକ୍ ହାର୍ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ଭେଣ୍ଟ୍ରାଲ୍ ହାର୍ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ପରିଶ୍ରା ଥଳି ଅପରେସନ୍
- ଲାପ୍ରାସ୍କୋପିକ୍ ପରିଶ୍ରା ନଳୀ ଅପରେସନ୍
- ଲାପ୍ରାସ୍କୋପିକ୍ ପ୍ରୋଷ୍ଟେଟ୍ ଅପରେସନ୍
- ଲାପ୍ରାସ୍କୋପିକ୍ କିଡ୍ନି ପଥର ଅପରେସନ୍

ସମ୍ପର୍କ : ୦୬୭୫୫-୨୨୧୩୨୧/୨୨୨୨୭୭, ୯୯୩୮୪୪୬୩୦୯
୮୫୯୮୦୮୦୫୨୯, ୯୯୩୭୦୫୪୩୨୬, ୯୯୩୭୨୩୨୭୦୦

Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057
Editor : Dr. Prasanna Kumar Jena
Founder : Dr. Pramod Chandra Dash

From To.
ଅମରିସତ୍ୟ AMARISATYA
M-1/5, M.P.H.B. Colony
Post- P.N. College,
Dist-Khurda, Pin-752057